# ଧରିତ୍ରୀ
# DHARITRI


ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୦/୨୦୨୫ (୧୬ ପୃଷ୍ଠା) | Bhubaneswar, Monday, October 20/2025 Page 16 | ₹ 7.00 | BALASORE


୫୧ଶ ଭାଗ ୩୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 324 | ମୂଲ୍ୟ ₹୭/-






KP GROUP Quality Since 1965
Safal
ଜଣାଏ ଆପଣ ସମସ୍ତଙ୍କୁ
ହାପି
ଦିୱାଲୀ
KP GROUP Quality Since 1965
CELEBRATING 60 YEARS
Safal
TM
PAN MASALA
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ 51 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୦/୨୦୨୫ | Bhubaneswar, Monday, October 20/2025 | ପୃଷ୍ଠା-୧




### ଦୀପାବଳି ଶୁଭେଚ୍ଛା

ପବିତ୍ର ଦୀପାବଳି ଅବସରରେ ଧରିତ୍ରୀର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।

### ଧରିତ୍ରୀର ଛୁଟି

ଦୀପାବଳି ପାଇଁ ଧରିତ୍ରୀ କାର୍ଯ୍ୟାଳୟ ତା ୨୦।୧୦।୨୦୨୫ ରିଖ ସୋମବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ତା ୨୨।୧୦।୨୦୨୫ ରିଖ ବୁଧବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

## ରାଜାଙ୍କ ପୋଷାକ

### ଆମେରିକାରେ ଟ୍ରମ୍ପ୍ ବିରୋଧୀ ବିକ୍ଷୋଭ

ପୃଷ୍ଠା-୧୧

## ଲୁଭର୍ ମ୍ୟୁଜିୟମ୍‌ରେ ଚୋରି

ପ୍ୟାରିସ୍, ୧୯।୧୦

ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ସ୍ଥିତ ବିଶ୍ୱପ୍ରସିଦ୍ଧ ଲୁଭର୍ ମ୍ୟୁଜିୟମ୍‌ରେ ରବିବାର ଚୋରି ହୋଇଛି। କେତେଜଣ ଚୋର ମ୍ୟୁଜିୟମ୍ ମଧ୍ୟରେ ପଶି ମୂଲ୍ୟବାନ ଅଳଙ୍କାରଗୁଡ଼ିକୁ ନେଇ ଫେରାର ହୋଇଯାଇଛନ୍ତି। ଫ୍ରାନ୍ସର ସଂସ୍କୃତି ମନ୍ତ୍ରୀ ରଚିଦା ଦାତୀ ସାମାଜିକ ଗଣମାଧ୍ୟମ 'X'ରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରବିବାର ଲୁଭର୍ ମ୍ୟୁଜିୟମ୍‌କୁ ଖୋଲାଯିବା ସମୟରେ ଚୋରି ହୋଇଥିବା ନେଇ ଜଣାପଡ଼ିଥିଲା। ☞ପୃଷ୍ଠା-୨

## ଝିଅକୁ ଅସଦାଚରଣ କରିବାରୁ ହତ୍ୟା

### ନାଳରେ ମୃତଦେହ ପୋତି ଆତ୍ମସମର୍ପଣ କଲେ ବାପା

ନାବାଳିକା ଝିଅକୁ ଜଣେ ଯୁବକ ଅସଦାଚରଣ କରିବାରୁ କ୍ରୋଧ ସମ୍ବରଣ କରିପାରିଲେନି ବାପା। ନିଜର ହିତାହିତ ଜ୍ଞାନ ଭୁଲି ଯାଇ ନାଳରେ ପଡ଼ିଥିବା ଯୁବକଙ୍କୁ ପଥର ଫୋପାଡ଼ି ହତ୍ୟା କଲେ। ଏପରି କି ମୃତଦେହକୁ ନାଳ ପଙ୍କରେ ପୋତି ଦେଇ ଚାଲିଆସିଲେ। ଶନିବାର ଏଭଳି ଏକ ଅଭାବନୀୟ ଘଟଣା ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅନ୍ତର୍ଗତ ଆଖୁଆପାଳ ପଞ୍ଚାୟତ ମୋହନପଶି ମୁଣ୍ଡାସାହି ଅଞ୍ଚଳରେ ଘଟିଥିବାବେଳେ ରବିବାର ଅଭିଯୁକ୍ତ ବାପା ରୂପା ପିଙ୍ଗୁଆ ଦଦରାଘାଟି ଫାଣ୍ଡିରେ ଆତ୍ମସମର୍ପଣ କରିଛନ୍ତି। ଅପରପକ୍ଷରେ ମୃତ ଯୁବକ କରୁଣାକର ବେହେରାଙ୍କ ବାପା କାଶୀନାଥଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ରୂପାଙ୍କୁ ଗିରଫ କରିଛି।

ପରଜଙ୍ଗ, ୧୯।୧୦
(ନିଗମାନନ୍ଦ ଦଳବେହେରା)

ଦଦରାଘାଟି ଫାଣ୍ଡି ଅଧୀନ ୧ନଂ. କଲୋନୀ ଅଞ୍ଚଳର କରୁଣାକର ବେହେରା ଜେସିବି ହେଲ୍‌ପର ଭାବେ କାର୍ଯ୍ୟ କରନ୍ତି। ସେ ବିବାହିତ ହୋଇଥିବାବେଳେ କୌଣସି କାରଣରୁ ତାଙ୍କ ସ୍ତ୍ରୀ ଛାଡ଼ି ପଳାଇଛନ୍ତି। କରୁଣାକର ଶନିବାର ମୁଣ୍ଡାସାହି ନିକଟ ଗମ୍ଭାରିଆ ନାଳ ଆଡ଼କୁ ଯାଇଥିବାବେଳେ ରୂପା ପିଙ୍ଗୁଆଙ୍କ ନାବାଳିକା ଝିଅ(୧୨)ଙ୍କୁ ଦେଖି ଅସଦାଚରଣ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ନାବାଳିକା ଜଣକ ପାଟି କରିବାରୁ ମୁଣ୍ଡାସାହିର କେତେଜଣ ବ୍ୟକ୍ତିଙ୍କ ସହ ନାବାଳିକାଙ୍କ ବାପା ସେଠାକୁ ଯାଇଥିଲେ। ସେହି ସମୟରେ


ରୂପା ପିଙ୍ଗୁଆ

କରୁଣାକର ଜୀବନ ବଞ୍ଚାଇବାକୁ ଗମ୍ଭାରିଆନାଳକୁ ଡେଇଁ ପଡ଼ିଥିଲେ। ଏହାଦେଖି କ୍ରୋଧରେ ଜର୍ଜରିତ ରୂପା ଏକ ପଥର ଫିଙ୍ଗିବାରୁ କରୁଣାକରଙ୍କ କାନରେ ବାଜିଥିଲା। ପରେ ରୂପା ନାଳ ଭିତରେ ପଶି କରୁଣାକର କାଳେ ବଞ୍ଚିଥିବ ଭାବି ପଙ୍କରେ ମାଡ଼ିଦେଇ ଘରକୁ ଆସିଥିଲେ। ତେବେ ଅଭିଯୁକ୍ତ ବାପା ରୂପା ନାବାଳିକା ଝିଅପ୍ରତି ଅସଦାଚରଣ ସହି ନପାରି ଏଭଳି ଘଟଣା ଘଟାଇଛନ୍ତି ବୋଲି ରବିବାର ଦଦରାଘାଟି ଫାଣ୍ଡିରେ ଆତ୍ମସମର୍ପଣ କରି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖିବା ସହିତ ଅଧିକ ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରେ ଜିଲା ସାଇଣ୍ଟିଫିକ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଛି। ଘଟଣାସ୍ଥଳରେ ପରଜଙ୍ଗ ଥାନା ଅଧିକାରୀ ଧୀରେନ କୁମାର ବେହେରା, ଏଏସ୍‌ଆଇ ଅଜୟ ସାମଲ ଓ ଦଦରାଘାଟି ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରା ପହଞ୍ଚି ତଦନ୍ତ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏ ସଂକ୍ରାନ୍ତରେ ☞ପୃଷ୍ଠା-୨

## ସେବା ହିଁ ମୂଳମନ୍ତ୍ର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୧୦
(ରବିନାରାୟଣ ଜେନା)

ଶାସନ ନୁହେଁ, ସେବା ହିଁ ଆମ ସରକାରଙ୍କ ମୂଳମନ୍ତ୍ର ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଦୀପାବଳିର ଅବ୍ୟବହିତ ପୂର୍ବରୁ ଲୋକସେବା ଭବନରେ ରାଜ୍ୟର ୪୭୧ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭୂମିପୂଜନ ଏବଂ ଅନ୍ତ୍ୟୋଦୟ


ଭୂମି ପୂଜନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ୪୭୧ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭୂମିପୂଜନ


ଗୃହ ଯୋଜନାର ପ୍ରଥମ କିସ୍ତି ବଣ୍ଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନରେ ଆମ ସରକାର ଗ୍ରାମପଞ୍ଚାୟତଗୁଡ଼ିକୁ ଜନକଲ୍ୟାଣ ଓ ଲୋକସେବାର କେନ୍ଦ୍ର ଭାବେ ବିକଶିତ କରୁଛି । ଏଥିପାଇଁ ପ୍ରତ୍ୟେକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ☞ପୃଷ୍ଠା-୨

## ଅବପାତ ପ୍ରଭାବରେ ଓଡ଼ିଶାରେ କେବଳ ବର୍ଷା

ଭୁବନେଶ୍ୱର, ୧୯।୧୦
(ବନ୍ଦନା ସେଠୀ)

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହା ପ୍ରଭାବରେ ୨୧ ତାରିଖ ସୁଦ୍ଧା ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ପରବର୍ତ୍ତୀ ୪୮ଘଣ୍ଟା ମଧ୍ୟରେ ଏହା ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହିତ ଘନୀଭୂତ ହୋଇ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଭାଗ ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ପାଖରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ତେଣୁ ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ ନାହିଁ। ସେଥିପାଇଁ ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ତେବେ ଅବପାତ ପ୍ରଭାବରେ ରାଜ୍ୟର କାଁ ଭାଁ ସ୍ଥାନରେ ବିଜୁଳି ଘଡଘଡି ସହିତ ବର୍ଷା ହୋଇପାରେ। ଏହି ସମୟରେ ଉତ୍ତର-ପୂର୍ବ ଦିଗରୁ ପବନ ଆସିବା ଫଳରେ ରାଜ୍ୟ ମଧ୍ୟକୁ ଆର୍ଦ୍ରତା ପ୍ରବେଶ କରିବ। ବିଶେଷକରି ଉପକୂଳବର୍ତ୍ତୀ ଅଞ୍ଚଳ ଓ ଦକ୍ଷିଣ ଓଡ଼ିଶାର କିଛି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଏବେ ଫେରନ୍ତା ମୌସୁମୀ ପ୍ରଭାବରେ ରାଜ୍ୟରେ ଖରା ଓ ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟାରେ ରାଜଧାନୀ ଭୁବନେଶ୍ୱର ସମେତ କିଛି ସ୍ଥାନରେ ବର୍ଷା ହୋଇଥିବାବେଳେ ଗଞ୍ଜାମ ଜିଲାରେ ସର୍ବାଧିକ ୬୧.୨ମି.ମି. ☞ପୃଷ୍ଠା-୨






# ଆଜି କ'ଣ କେଉଁଠି

**ବାଲେଶ୍ୱର**
• ୫୮ତମ ମା' ଶ୍ୟାମାକାଳୀ ପୂଜା,ସ୍ଥାନ:ପୋଡ଼ାଶୁଳ ବଜାର, ନାଇରିଗି,ସମୟ: ସନ୍ଧ୍ୟା ୭ଟା।
• କାଳୀ ପୂଜା,ସ୍ଥାନ: କାଳୀମନ୍ଦିର, ସୂତାକଳ ପରିସର, ବାଲିଆପାଳ, ସମୟ-ସନ୍ଧ୍ୟା ୭ଟା।
• କାଳୀ ପୂଜା,ସ୍ଥାନ:କାଳୀ ମନ୍ଦିର, କାଳିପଦା ବଜାର, ବାଲିଆପାଳ,ସମୟ:ରାତି ୮ଟା।

**ଭଦ୍ରକ**
• ଭଦ୍ରକାଳୀଙ୍କ ବେଦମାତା ବେଶ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ଭୋର ୪ଟା।
• ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
• କାଳୀପୂଜା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଚରମ୍ପା ପୂଜା ମଣ୍ଡପ, ଭଦ୍ରକ, ସମୟ: ରାତି ୯ଟା।

**ମୟୂରଭଞ୍ଜ**
• ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
• ସବୁଜ ବାଜିମା ପକ୍ଷରୁ ବାଣ ଫୁଟେଇ ହସ ଫୁଟାଇବା, ସ୍ଥାନ: ଓମ ଜରା ନିବାସ,ସମୟ: ପୂର୍ବାହ୍ନ ୧୧ଟା।

**ଗଞ୍ଜାମ**
• ଶ୍ୟାମାକାଳୀ ପୂଜା ଆରମ୍ଭ, ସ୍ଥାନ: ଚିନିଶୁ ନୂଆଗାଁ, ଆସିକା ବ୍ଲକ, ସମୟ: ସକାଳ ୮ଟା।

**ଅନୁଗୋଳ**
• ଶ୍ୟାମାକାଳୀ ପୂଜା ଆରମ୍ଭ, ସ୍ଥାନ: ଖୁଣ୍ଡା, ଅନୁଗୋଳ, ସମୟ: ସକାଳ ୮ଟା ୩୦।
• ଦୀପାବଳି ଅମାବାସ୍ୟାର ସ୍ୱତନ୍ତ୍ର ପୂଜା, ସ୍ଥାନ : ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀ ମନ୍ଦିର, ସମୟ : ରାତି ୧୧ଟା।

**ଜଗତସିଂହପୁର**
• ତାରିଣୀ ମନ୍ଦିର କମିଟି ପକ୍ଷରୁ ମହାଯଜ୍ଞ ପୂର୍ଣ୍ଣାହୁତି ଓ ସମୂହ ଦୀପାବଳି ପାଳନ କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

**କେନ୍ଦ୍ରାପଡ଼ା**
• ମା' ଶ୍ୟାମାକାଳୀଙ୍କ ପୂଜାରମ୍ଭ, ସ୍ଥାନ: ଅଲାବାଙ୍କ, ଡେରାବିଶ, ଉଗିରିଜୋର ପୀଠ, ଛପାଲି, ପ୍ରଭାକରପୁର, ରାମନଗର, ବଡ଼ିରି, ତନ୍ତିଆପାଳ, ପଙ୍କପାଳ, ଚିକରପଙ୍ଗା, ମହାକାଳପଡ଼ା, ନୂଆପଡ଼ା, ଖରିଖଣ, ସଦଲା, ମଙ୍ଗଳପୁର, ଚନ୍ଦ୍ରଭ, ଗରଦପୁର, ପଞ୍ଚପଲ୍ଲୀ, ରାଧାନଗର ପଡ଼ିଆ, ଆଳି, ଗରାପୁର ପୀଠ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

**ଯାଜପୁର**
• ଯାଜପୁର ରୋଡ ସହରରେ କାଳୀପୂଜା ଆରମ୍ଭ, ସ୍ଥାନ : ଚୋର୍ଦା ଛକ, ଆର୍ଏନ୍ କ୍ଲବ, ବ୍ୟାଙ୍କ ଷ୍ଟ୍ରିଟ, ବସଷ୍ଟାଣ୍ଡ, ରାଧାନାଥ ମାର୍ଗ, ଗୋପବନ୍ଧୁ ନଗର, ନହକା ଛକ, ଷ୍ଟିଲ ସିଟି, ନ୍ୟୁ ମାର୍କେଟ, କୋଫସ୍, ରେଳବାଇ, ବିଏନଆର, ଦଳା, ଧବଳଗିରି, କଚ୍ଛେରୀପୁର, ଥାନା ଛକ, ପାଲ୍ଲିକା ଓ ଷ୍ଟାଡିୟମ ରୋଡ, ସମୟ : ସନ୍ଧ୍ୟା ୭ଟା।

**ନୟାଗଡ଼**
• ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଭାପୁର ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା ।
• ତ୍ରିଦିବସୀୟ ଆନ୍ତଃ ଜିଲ୍ଲାସ୍ତରୀୟ ଜାତୀୟ ସେବା ପ୍ରଶିକ୍ଷଣ ଶିବିରର ଅନ୍ତିମ ଦିବସ, ସ୍ଥାନ: ଖଣ୍ଡପଡ଼ା ପଠାଣୀ ସାମନ୍ତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା ।
• ଶ୍ୟାମାକାଳୀ ପୂଜା, ସ୍ଥାନ: କଣ୍ଟିଲୋ କାଳୀ ମନ୍ଦିର, ସମୟ:ସକାଳ ୭ଟା ।
• ଶ୍ୟାମାକାଳୀ ପୂଜା, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ:ମଧ୍ୟ ରାତ୍ରୀ ୧୨ଟା ।
• ଶ୍ୟାମାକାଳୀ ପୂଜା, ସ୍ଥାନ: ନୟାଗଡ ଟାଉନ ଓ ଇଟାମାଟ ବସଷ୍ଟାଣ୍ଡ, ସମୟ:ମଧ ରାତ୍ର ୧୨ଟା
• ଶ୍ୟାମାକାଳୀ ପୂଜା, ସ୍ଥାନ: ନୟାଗଡ ବ୍ଲକ ଗୋଡିପଡା ଶ୍ୟାମାକାଳି ବଜାର, ସମୟ:ମଧ ରାତ୍ର ୧୨ଟା ।

**କୋରାପୁଟ**
• ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ପଟ୍ଟାଙ୍ଗି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
• ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
• ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ମିସ ଟିନ ଓ ମାଷ୍ଟର ଟିନ -୨୦୨୫ର ଚୟନ କାର୍ଯ୍ୟକ୍ରମ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
• ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ, ସ୍ଥାନ : କମିସନର କଲୋନୀ ସ୍ଥିତ ଶ୍ରୀଶ୍ରୀ ଝାଳ କ୍ଷେତ୍ର, ସମୟ : ଅପରାହ୍ନ ୫ଟା।

**ରାଉରକେଲା**
• ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ପୂଜା ଆରମ୍ଭ, ସ୍ଥାନ: ମାଲଗୋଦାମ, ସମୟ: ସକାଳ ୫ଟା ୩୦।
• ମାଉଣ୍ଟ ସ୍କାର୍କ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତା ପାଇଁ ବୈଠକ, ସ୍ଥାନ: ସେକ୍ଟର-୧୪ ଡିପିଏସ୍ ସ୍କୁଲ, ସମୟ: ଅପରାହ୍ନ ୫ଟା।
• ତ୍ରିବେଣୀ କଳା ସଙ୍ଗମର ବାର୍ଷିକ ଉତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ଅପରାହ୍ନ ୫. ୩୦।
• ଶ୍ରୀ ଶ୍ରୀ ଦକ୍ଷିଣ କାଳୀଙ୍କ ଜନ୍ମ ଉତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧, ସମୟ: ସନ୍ଧ୍ୟା ୬ଟା।
• କାଳୀପୂଜା ଆରମ୍ଭ, ସ୍ଥାନ: ସେକ୍ଟର-୨ ଦ୍ୱିତୀୟ ମାର୍କେଟ, ସମୟ: ମଧ୍ୟରାତ୍ରି ୧୨ଟା।

**ବରଗଡ଼**
• ମାଁ ଧନଲକ୍ଷ୍ମୀ ଦେବୀଙ୍କ ପୂଜନୋତ୍ସବ, ସ୍ଥାନ:ଗୋବିନ୍ଦପାଲି, ବରଗଡ଼,ସମୟ: ସକାଳ ୭ଟା।
• ମାଁ ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ମାଁ ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ: ସକାଳ ୯ଟା ୧୦ମି।

**କଳାହାଣ୍ଡି**
• ଶ୍ୟାମାକାଳୀ ଜନ୍ମ ଉପଲକ୍ଷେ ଚଣ୍ଡୀପାଠ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ଦକ୍ଷିଣକାଳୀ ମନ୍ଦିର, ସମୟ: ସକାଳ ୮ଟା।
• ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟସ୍ତରୀୟ ସମ୍ମିଳନୀ, ସ୍ଥାନ: ଜୁନାଗଡ଼ ଟାଉନହଲ, ସମୟ: ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
• ମା' କାଳୀଙ୍କ ପୂଜା କାର୍ଯ୍ୟକ୍ରମ, ସ୍ଥାନ: କରଞ୍ଜକଟା ତ୍ରିନାଥ ସାଂସ୍କୃତିକ ଯୁବ ପରିଷଦ, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
• ଉପୁଲା ୪୨ତମ କାଳିପୂଜା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ମରାଇ ବନ୍ଧ, ସମୟ: ସକାଳ ୯ଟା।
• କାଳୀପୂଜାର ସୁବର୍ଣ୍ଣଜୟନ୍ତୀ ଉତ୍ସବ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ବିନିକା ଗଉଣ୍ଡିତର, ସମୟ: ପୂର୍ବାହ୍ନ ୧୦ଟା।
• ତରଭା ବ୍ଲକ ବୁଢ଼ୁଲା ଛକ ଗିରିଗୋବର୍ଦ୍ଧନ ମନ୍ଦିରରେ ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ମନ୍ଦିର ସମ୍ମୁଖ ନାମ ମଣ୍ଡପ, ସମୟ: ଅପରାହ୍ନ ୩ଟା।
• ମେହେର ସମ୍ପ୍ରଦାୟର ସ୍ୱତନ୍ତ୍ର ଦୀପାବଳି କାର୍ଯ୍ୟକ୍ରମ, ସ୍ଥାନ : କେନ୍ଦୁପାଲି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ଆଜି ସରିବ ନାମାଙ୍କନପତ୍ର ଦାଖଲ ଅବଧି
## ନୂଆପଡ଼ାରେ ବଢୁଛି ତାରକାଙ୍କ ଭିଡ଼

ଭୁବନେଶ୍ୱର,୧୯।୧୦ (ରବିନାରାୟଣ ଜେନା)

ଦିନ ଯେତିକି ଗଡ଼ୁଛି, ନୂଆପଡ଼ା ଉପନିର୍ବାଚନ ସେତିକି ଉଷ୍ମ ହୋଇଚାଲିଛି। ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି(ସୋମବାର) ପ୍ରାର୍ଥୀପତ୍ର ଦାଖଲର ଶେଷଦିନ ରହିଛି। ଇତିମଧ୍ୟରେ ୫ ପ୍ରାର୍ଥୀ ୭ଟି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିମଧ୍ୟରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ ଏବଂ ଭାଜପାର ପ୍ରାର୍ଥୀ ଜୟ ଢୋଲକିଆ ରହିଥିବାବେଳେ ଦୁଇଜଣ ସ୍ୱାଧୀନ ଏବଂ ଜଣେ ଓଡ଼ିଶା ଜନତା ଦଳ ପ୍ରାର୍ଥୀ ରହିଛନ୍ତି। ହେଲେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଆସନ୍ତାକାଲି ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ତେବେ ରାଜ୍ୟର ପ୍ରମୁଖ ତିନି ଦଳର ତାରକା ପ୍ରଚାରକମାନଙ୍କ ଭିଡ଼ ଏବେ ନୂଆପଡ଼ାରେ ଧୀରେ ଧୀରେ ଦେଖିବାକୁ ମିଳୁଛି। ପରିସ୍ଥିତି ଏପରି ହେଲାଣି ଯେ, ପଡ଼ୋଶୀ ଜିଲା ଏବଂ ରାଜ୍ୟ ଛତିଶଗଡ଼ରେ ମଧ୍ୟ ରହଣି କରିବାକୁ ପ୍ରଚାରକଙ୍କୁ ପଡ଼ୁଛି। ସବୁଠାରୁ ବଡ଼କଥା ହେଲା, ନୂଆପଡ଼ା ସହରରେ ତେଲ ଟାଙ୍କିରେ ମଧ୍ୟ ପ୍ରବଳ ଭିଡ଼ ଅନୁଭୂତ ହେଉଛି। ଏପରି କି ସମୟେ ସମୟେ ଟାଙ୍କିରୁ ତେଲ ଶେଷ ହୋଇଯିବାରୁ ପ୍ରଚାରକ ଗାଡ଼ି ଏବଂ ଶୋଭାଯାତ୍ରା ଗାଡ଼ିକୁ ବିଳମ୍ବ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ୁଛି ଏହାସହିତ ତାରକା ପ୍ରଚାରକଙ୍କ ରହିବା ଖାଇବା ମଧ୍ୟ ଅସୁବିଧା ହେଉଥିବା ପ୍ରଚାରକମାନେ କହୁଛନ୍ତି। ସୂଚନାଯୋଗ୍ୟ, ଭାରତ ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ଅକ୍ଟୋବର ୨୨ (ବୁଧବାର)ରେ ନାମାଙ୍କନ ପତ୍ର ଯାଞ୍ଚ ହେବାକୁ ଥିବାବେଳେ ଅକ୍ଟୋବର ୨୪ (ଶୁକ୍ରବାର) ତାରିଖକୁ ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି ।

## ପିଏମ୍ଏୱାଇ: ରାୟଗଡ଼ା, ଗଜପତି, କଳାହାଣ୍ଡିକୁ ଗୁରୁତ୍ୱଦେବାକୁ କେନ୍ଦ୍ରର ପରାମର୍ଶ

ଭୁବନେଶ୍ୱର,୧୯।୧୦ (ରବିନାରାୟଣ ଜେନା)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଅନୁଦାନରେ ଓଡ଼ିଶା ସବୁଠାରୁ ଏକ ଅଗ୍ରଣୀ ରାଜ୍ୟ। ଏହାକୁ ନେଇ କେନ୍ଦ୍ର ସରକାର ପ୍ରଶଂସା କରୁଥିବାବେଳେ ବାସ୍ତବରେ ଏହାର କାର୍ଯ୍ୟକାରିତାକୁ ନେଇ ପୁନଶ୍ଚ ରାଜ୍ୟ ସରକାରଙ୍କୁ କେନ୍ଦ୍ର ସମାଲୋଚନା କରିଛି। କେନ୍ଦ୍ର ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅକ୍ଟୋବର ୧୪ରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ସଚିବ ବିଜ୍ଞ ନାୟାର ରାଜ୍ୟ ସରକାରଙ୍କ ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ର କାର୍ଯ୍ୟକାରୀ କାର୍ଯ୍ୟରେ ଓଡ଼ିଶାର ପ୍ରଦର୍ଶନ ଉତ୍ତମ ରହିଛି। ଏପରି କି ୯୮%ଠାରୁ ଅଧିକ ପ୍ରତିଶତ ଆବାସ ଅନୁଦାନ ମଧ୍ୟ ହୋଇସାରିଲାଣି। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହୋଇନାହିଁ। ମାତ୍ର କାର୍ଯ୍ୟକାରିତାରେ ୪୮%ରେ ଖୁଣ୍ଟି ରହିଛି। ସବୁଠାରୁ ବଡ଼କଥା ହେଲା, ୧୧% ଆବାସ ଛାତ ପଡ଼ନ ତଳେ ରହିଥିବାବେଳେ ୨୧ ପ୍ରତିଶତ ଆବାସ ଲିନ୍‌ଟେଲ ଅବସ୍ଥାରେ ଅଛି। ୧୫% ହିତାଧିକାରୀ ଏପର୍ଯ୍ୟନ୍ତ ଦ୍ୱିତୀୟ କିସ୍ତି ପାଇପାରି ନାହାନ୍ତି। ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣରେ ଏବେ ଏକ ପ୍ରକାର ଅସାମଞ୍ଜସ୍ୟ ପରିସ୍ଥିତି ଦେଖାଦେଇଛି। ଏକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉଠାଇବାକୁ ପଡ଼ିବ ବୋଲି ନାୟାର ପତ୍ରରେ ଦର୍ଶାଇଛନ୍ତି। ସେ ଆହୁରି କହିଛନ୍ତି, ରାୟଗଡ଼ା, ଗଜପତି ଓ କଳାହାଣ୍ଡି ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରିତା ପଛରେ ରହିଛି। ଏହି ତିନୋଟି ଜିଲାରେ ଅଧିକ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ ବୋଲି ମୁଖ୍ୟଶାସନ ସଚିବଙ୍କୁ ପତ୍ରରେ ଦର୍ଶାଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାବୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ବହୁ ପ୍ରତିଷ୍ଠିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଅଫିସ କାମରେ କେତେକ ଦିଗରୁ ଚାପର ସମ୍ମୁଖୀନ ହେବାର ସୂଚନା ରହିଛି। କୌଣସି ଆତ୍ମୀୟ ବନ୍ଧୁଠାରୁ ଯଥେଷ୍ଟ ବାଚନିକ ସହାୟତା ପାଇବେ। ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ, ଅବଶ୍ୟ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ବୃଷ** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିରକ୍ତିବୋଧ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ବାହାରେ ଅଧିକାଂଶ ସମୟ କଟାଇବା କାରଣରୁ ସାମୟିକ ନିଃସଙ୍ଗତାବୋଧ କରିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ମିଥୁନ** ସହକର୍ମୀମାନଙ୍କ ଅସହଯୋଗ ହେତୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ସାଧାରଣ କଥାରେ ଖଳଲୋକମାନଙ୍କ ଦ୍ୱାରା କଳହ ଘେରରେ ଆକ୍ରାନ୍ତ ହୋଇପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ। ଜମିଜମା, ନିର୍ମାଣ, କଳକାରଖାନା କ୍ଷେତ୍ରରେ ସମସ୍ୟା ଲାଗିରହିବ।

**କର୍କଟ** ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ସାମାଜିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ପାରିବାରିକ କଳହ କାରଣରୁ ସାୟାହ୍ନେ ଟେନ୍‌ସନ ବଢ଼ିପାରେ। ବନ୍ଧୁମାନଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ । ପୁରୁଣା ରୋଗର ପୀଡ଼ା ଅସହ୍ୟ ହେବ।

**ସିଂହ** କାର୍ଯ୍ୟବ୍ୟସ୍ତତା ଯୋଗୁ ପରିବାରର କେତେକ ଅତ୍ୟାବଶ୍ୟକ କାମକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ନିର୍ମାଣ, କଳା, ସାହିତ୍ୟ, ଲେଖାପଢ଼ା ପ୍ରଭୃତି କ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ପୁଞ୍ଜି କାରବାର, ଏଜେନ୍ସି, ସାମଗ୍ରିକରେ ଆଶାନୁରୂପ ଫଳ ପାଇବେ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ଯୋଗୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମଗୁଡ଼ିକ ଅଟକି ରହିଯାଇପାରେ। ପାଉଣାରୁ ଥିବା ଟଙ୍କା ପଇସା ମଧ୍ୟ ଠିକ୍ ସମୟରେ ପାଇ ପାରିବେ ନାହିଁ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା** କୌଣସି କଥା ଠିକ୍ ଭାବରେ ବିଚାର ନ କରି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ କରିବେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାନ୍ତିବିଚାର ଦେଖାଦେଇ ପାରେ। ଅପେକ୍ଷା କରିଥିବା କାମଟି ଶୀଘ୍ର ହୋଇଯିବାର ଶୁଭ ସୂଚନା ପାଇବେ। ବ୍ୟବସାୟ, ପରିବହନ, ମାଲିମକଦ୍ଦମା, ସଭାସମିତି କ୍ଷେତ୍ରରେ ସାଧାରଣ ସମସ୍ୟା ଦେଖା ଦେବ।

**ବିଛା** ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ। ଯେତେ ପ୍ରକାର ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଆଜି ସନ୍ଧ୍ୟା ସୁଦ୍ଧା ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହେବ। ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ** ମାନସିକ ସ୍ଥିତି ସୁଦୃଢ଼ ରହିବ ଓ ହାତକୁ ନେଉଥିବା କାମ ହାସଲରେ କିଛି ଅସୁବିଧା ହେବନାହିଁ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବା ସହଜ ହେବ । ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ସମ୍ମାନିତ ହେବେ। ପ୍ରଭୁଷ ଯାତ୍ରାରେ ସଫଳତା ପାଇବେ ଏବଂ ବାଦବିବାଦର ଆପୋସ ସମାଧାନ ଘଟିବ।

**ମକର** ପରିବାରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ପରିହାସ ଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ସଞ୍ଚତ ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିବେ। ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତିତ ରହିବେ।

**କୁମ୍ଭ** ଆଜି ସକାଳୁ ସକାଳୁ ସର୍ମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ** ଭୁଲ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବନ୍ଧୁ ଦେଉଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି ବିଭିନ୍ନ ସମସ୍ୟାକୁ ଡାକି ଆଣିବ। ପରିବାରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ଆଜିର ଦିନଟି ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ।

ଅକ୍ଟୋବର ୨୦ ତାରିଖ, ଅନ୍ତର୍ଜାତୀୟ ଶିଷ୍ଟ ଦିବସ, କାର୍ତ୍ତିକ କୃଷ୍ଣପକ୍ଷର ନରକ ଚତୁର୍ଦ୍ଦଶୀ, ସୋମବାର। କାଳୀପୂଜା, ଯମତର୍ପଣ, ଅମାବାସ୍ୟାର ନିଶାପାଳନ, ରାଶିନକ୍ଷତ୍ର-ହସ୍ତା/କନ୍ୟା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୬ ଗତେ ଘ.୦୭.୧୨ ମଧ୍ୟେ, ଘ.୦୮.୪୦ ଗତେ ଘ.୧୧.୦୮ ମଧ୍ୟେ ଶୁଭ ଶୁଭ ବେଳା। ସକାଳ ଘ.୦୭.୧୨ ଗତେ ଘ.୦୮.୩୮ ମଧ୍ୟେ ରାହୁ କାଳ ।

## ଜାତୀୟ ସଂହତି ଦିବସ



୧୯୬୨ ମସିହାର ଚୀନ-ଭାରତ ଯୁଦ୍ଧ ସମୟରେ ଭାରତୀୟ ସୈନିକଙ୍କ ବଳିଦାନକୁ ସମ୍ମାନ ଜଣାଇବା ଏବଂ ଜାତୀୟ ଏକତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଅକ୍ଟୋବର ୨୦ରେ ପାଳିତ ହୋଇଥାଏ ଜାତୀୟ ସଂହତି ଦିବସ। ୧୯୬୨ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଚୀନର ଅଚାନକ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଏହି ଦିବସକୁ ପ୍ରଥମେ ପାଳନ କରାଯାଇଥିଲା। ଯାହାକି ଆକ୍ରମଣର ସାମ୍ନାରେ ଦେଶର ଏକତାର ପ୍ରତୀକ ଥିଲା। ଏହା ସଂଘର୍ଷ ସମୟରେ ଭାରତୀୟ ଜନତା ଏବଂ ସଶସ୍ତ୍ର ବାହିନୀ ଦ୍ୱାରା ଦେଖାଯାଇଥିବା ସାହସ ଏବଂ ଏକତାର ସ୍ମରଣକାରୀ ଭାବରେ କାର୍ଯ୍ୟ କରେ।

## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଊଣା ଲୋକ ପଦ ପାଏ**
**ହଗି ଗଲେ ଗୀତ ଗାଏ ।**

ସାଧାରଣତଃ ନୀଚସ୍ତରର ଲୋକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡ଼ନ୍ତି। ସ୍ଥାନ, କାଳ ଓ ପାତ୍ରକୁ ସେମାନେ ଆଦୌ ଖାତିର କରନ୍ତି ନାହିଁ ବୋଲି ଏଠାରେ ଦର୍ଶାଯାଇଛି।

**ଉତ୍ତର ମଣିଷ ପେଟରେ ବୁଦ୍ଧି**
**ଦକ୍ଷିଣା ମଣିଷ ସାଧା**
**ପୂର୍ବର ମଣିଷ ଛନ୍ଦ ସୌହାଗର**
**ପଶ୍ଚିମା ମଣିଷ ଗଧା ।**

ସାଧାରଣତଃ ଉତ୍ତର ପ୍ରାନ୍ତରେ ରହୁଥିବା ମଣିଷ ବୁଦ୍ଧିମାନ ହେଉଥିବାବେଳେ ଦକ୍ଷିଣ ପ୍ରାନ୍ତର ଥିବା ମଣିଷ ସାଦାସିଧା ବା ନିଷ୍କପଟ ହୋଇଥାନ୍ତି। ଠିକ୍ ସେହିପରି ପୂର୍ବ ପ୍ରାନ୍ତରେ ରହୁଥିବା ମଣିଷ ବେପାର ବଣିଜରେ ଆଗ୍ରହ ରଖୁଥିବାବେଳେ ପଶ୍ଚିମ ପ୍ରାନ୍ତରେ ଥିବା ମଣିଷ ନିର୍ବୁଦ୍ଧିଆ ହୋଇଥାନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ ରହୁଥିବା ମଣିଷଙ୍କ ଜୀବନଶୈଳୀକୁ ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପଲ୍ଲିଶର୍ସ ପ୍ରାଃଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...



ଲୁଟେରାମାନେ ଫ୍ରାନ୍ସର ପ୍ୟାରିସ୍ଥିତ ଲୁଭ୍ ମ୍ୟୁଜିୟମ୍‌ରୁ ଚୋରି କରିବା ପାଇଁ ବ୍ୟବହାର କରିଥିବା ବାସ୍କେଟ ଲିଫ୍ଟ ।

### ଲୁଭର୍ ମ୍ୟୁଜିୟମ୍‌ରେ ...

ଚୋରିର ତଦନ୍ତ ପାଇଁ ଏବଂ ସୁରକ୍ଷାଗତ ଓ ପରିଚାଳନାଗତ କାରଣରୁ ମ୍ୟୁଜିୟମକୁ ଦିନକ ପାଇଁ ବନ୍ଦ କରାଯାଇଥିବା ସେ କହିଛନ୍ତି। ସେ ଘଟଣାସ୍ଥଳରେ ରହିଛନ୍ତି ଏବଂ ଚୋରିର ତଦନ୍ତ ଜାରି ରହିଥିବା ନେଇ ଜଣାଇଥିବା କହିଛନ୍ତି। ତେବେ ଏହି ଚୋରି ନେଇ ସେ କୌଣସି ଅଧିକ ସୂଚନା ଦେଇନାହାନ୍ତି। ସ୍ଥାନୀୟ ଗଣମାଧ୍ୟମର ସୂଚନା ମୁତାବକ, ଚୋରମାନେ ମ୍ୟୁଜିୟମ୍‌ର ଝରକା ଭାଙ୍ଗିବା ପରେ ମ୍ୟୁଜିୟମ୍‌ରେ ଥିବା ନେପୋଲିଅନଙ୍କ ସଂଗ୍ରହରୁ ୯ ଖଣ୍ଡ ମୂଲ୍ୟବାନ ଅଳଙ୍କାର ଚୋରି କରିଛନ୍ତି। ଚୋରି ପରେ ଏହି ବିଶ୍ୱ ବିଖ୍ୟାତ ସଂଗ୍ରହାଳୟକୁ ଦିନକ ପାଇଁ ବନ୍ଦ କରାଯାଇଛି। ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଥିବା ସହ ଚୋରି ହୋଇଥିବା ଅଳଙ୍କାରକୁ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି। ଲୁଭ୍ ସଂଗ୍ରହାଳୟରେ ବିଶ୍ୱର ଅନେକ ପ୍ରସିଦ୍ଧ କଳାକୃତି ଏବଂ ଚିତ୍ର ରହିଛି, ଯେଉଁଥିରେ ଲିଓନାର୍ଦୋ ଡା ଭିନ୍‌ସିଙ୍କ ପ୍ରସିଦ୍ଧ ମୋନାଲିସା ଚିତ୍ର ଅନ୍ତର୍ଭୁକ୍ତ। ପ୍ରକାଶ ଯେ, ପୂର୍ବରୁ ଏହି ବିଶ୍ୱପ୍ରସିଦ୍ଧ ମ୍ୟୁଜିୟମ୍‌ରେ ଅନେକ ବାର ଚୋରି କିମ୍ବା ଚୋରି ଉଦ୍ୟମ ହୋଇଛି। ୧୯୧୧ରେ ପ୍ରସିଦ୍ଧ ମୋନାଲିସା ଚିତ୍ରକୁ ଏହାର ଫ୍ରେମ୍‌ରୁ ଚୋରି କରାଯାଇଥିଲା। ଭିନ୍‌ସେଞ୍ଜୋ ପେରୁଗିଆ ନାମକ ସଂଗ୍ରହାଳୟର ଜଣେ ପୂର୍ବତନ କର୍ମଚାରୀ ଏହାକୁ ଚୋରି କରିଥିଲେ ଏବଂ ନିଜ କୋଟ୍ ମଧ୍ୟରେ ଚିତ୍ରଟିକୁ ଲୁଚାଇ ରଖି ମ୍ୟୁଜିୟମ୍ ବାହାରକୁ ଚାଲିଯାଇ ଫେରାର୍ ହୋଇଯାଇଥିଲେ। ୨ ବର୍ଷ ପରେ ଉକ୍ତ ଚିତ୍ରକୁ ଉଦ୍ଧାର କରାଯାଇଥିଲା।

### ସେବା ହିଁ ମୂଳମନ୍ତ୍ର...

ସହଭାଗିତାରେ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ, ନୂଆପଡ଼ା ଓ କଳାହାଣ୍ଡି ବ୍ୟତୀତ ରାଜ୍ୟର ୨୮ଟି ଜିଲାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହି ଅବସରରେ ୪୮,୬୯୩ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି। ଏବାବଦକୁ ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ ହଜାର ଟଙ୍କା ବଣ୍ଟନ କରାଯାଇଛି। ଗରିବ ଲୋକଙ୍କ ବାସଗୃହ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୩୦ ତାରିଖରେ ଆମ ସରକାର ରାଜ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ୨୦୨୪-୨୫ରୁ ୨୦୨୭-୨୮ ଆର୍ଥିକବର୍ଷ ମଧ୍ୟରେ ୭,୫୫୦ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଛି। ଏଥିରେ ୫ ଲକ୍ଷ ଘର ନିର୍ମାଣ କରାଯିବ। ହିତାଧିକାରୀମାନଙ୍କୁ ଦ୍ୱିତୀୟ କିସ୍ତିରେ ୬୫ ହଜାର ଏବଂ ତୃତୀୟ କିସ୍ତିରେ ୧୫ ହଜାର ଟଙ୍କା ଏହିପରି ସମୁଦାୟ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଯେଉଁ ହିତାଧିକାରୀମାନେ ୪ ମାସ ମଧ୍ୟରେ ଘର ଶେଷ କରିବେ ସେମାନଙ୍କୁ ୨୦ ହଜାର ଟଙ୍କା ଏବଂ ଯେଉଁମାନେ ୬ ମାସରେ ଘର ଶେଷ କରିବେ ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯିବ। ସମସ୍ତ ହିତାଧିକାରୀଙ୍କୁ ଆଇଏପି ବା ସମନ୍ୱିତ କାର୍ଯ୍ୟ ଯୋଜନା ଜିଲାରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟକ୍ରମରେ ୯୫ ଦିନର ମଜୁରି ଏବଂ ଅଣ-ଆଇଏପି ଜିଲାରେ ୯୦ ଦିନର ମଜୁରି ମଧ୍ୟ ଦିଆଯାଉଛି। ଏହାସହିତ ହିତାଧିକାରୀଙ୍କୁ ଶୌଚାଳୟ, ପାଇପ ପାଣି ଆଦି ଅନ୍ୟାନ୍ୟ ମୌଳିକ ସୁବିଧା ମଧ୍ୟ ଦିଆଯାଉଛି । ଏହି ଅନ୍ତ୍ୟୋଦୟ ଗୃହ ଯୋଜନା ଗରିବ, ଅନଗ୍ରସର ତଥା ଅସହାୟ ପରିବାରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣ କରିବାରେ ସହାୟକ ହେବ। ଏହାଦ୍ୱାରା ଗରିବ ଓ ଅସହାୟ ହେଲେ ମଧ୍ୟ, ପ୍ରତ୍ୟେକ ନାଗରିକ ଏକ ସମ୍ମାନିତ୍ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିପାରିବେ। ଏହି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ସରପଞ୍ଚ, ପଞ୍ଚାୟତ ଏକ୍ସିକ୍ୟୁଟିଭ୍ ଅଫିସର, ଜୁନିୟର ଇଞ୍ଜିନିୟର, ଗ୍ରାମ ରୋଜଗାର ସେବକ ଓ ଆଇଟିଆଣ୍ଡ୍‌ଏଣ୍ଡ୍ କମ୍ ଡାଟା ଏଣ୍ଟ୍ରି ଅପରେଟରମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ଏହି କାର୍ଯ୍ୟାଳୟଗୁଡ଼ିକ 'ଏକକ ସେବା କେନ୍ଦ୍ର' ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲାର ହିତାଧିକାରୀ ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ସହ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ । ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ ନିଜର ଖୁସି ବ୍ୟକ୍ତ କରିଥିଲେ। ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେ, ଗ୍ରାମପଞ୍ଚାୟତ ଭବନ ହେଉଛି ଗ୍ରାମୀଣ ଶାସନର ମୂଳ କେନ୍ଦ୍ର। ଏଠାରୁ ଲୋକଙ୍କ ସମସ୍ୟାର ସମାଧାନ ହୁଏ, ବୃନ୍ଦମୂଳ ସ୍ତରରେ ବିକାଶର ନକ୍ସା ତିଆରି ହୁଏ ଓ ଗାଁର ପ୍ରତ୍ୟେକ ଲୋକଙ୍କ ଜୀବନ ସୁଧାରିବାର ପ୍ରୟାସ ଆରମ୍ଭ ହୁଏ। ତେଣୁ ପ୍ରତ୍ୟେକ ଗ୍ରାମପଞ୍ଚାୟତ ପାଇଁ ଲୋକଙ୍କ ଆଶା-ଆକାଂକ୍ଷାକୁ ପୂରଣ କରିପାରୁଥିବା ତଥା ସମସ୍ତ ସେବା ଯୋଗାଇ ପାରୁଥିବା ଭଳି ଆଧୁନିକ ଭବନ ଦରକାର। ଏହି ଭବନଗୁଡ଼ିକ ଲୋକସେବା, ଗାଁର ଉନ୍ନତି ଓ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଏକ ନୂଆ ମାଇଲ ଖୁଣ୍ଟ ହେବ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ଝିଅକୁ ଅସଦାଚରଣ ...

କାଶୀନାଥଙ୍କ ଅଭିଯୋଗକୁ ଭିତ୍ତି କରି ପରଜଙ୍ଗ ଥାନାରେ ଏକ ହତ୍ୟା ମାମଲା(ନଂ. ୪୮୬/୨୫) ରୁଜୁ ହୋଇଛି। ତେବେ ଏହି ଘଟଣା କେବଳ ଗୁପ୍ତ ପ୍ରତିଶୋଧ ନା ଏଥିରେ ଅନ୍ୟ କାହାରି ସମ୍ପୃକ୍ତି ରହିଛି ପୋଲିସ ତାକୁ ନେଇ ତଦନ୍ତ କରୁଛି।

### ଅବପାତ ପ୍ରଭାବରେ ...

ବର୍ଷା ରେକର୍ଡ କରାଯାଇଛି। ସୋମବାର ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କଲା ରହିବ। ମାତ୍ର ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ହାଲୁକାରୁ ମଧ୍ୟ ଧରଣର ବର୍ଷା ହେବା ନେଇ ଆକଳନ କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, ରାୟଗଡ଼ା ଏବଂ କୋରାପୁଟ ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୧ ତାରିଖରେ ମଧ୍ୟ ସ୍ଥିତି ସମାନ ରହିବ। ଲଘୁଚାପ ସୃଷ୍ଟି ହେବା ପରେ ହିଁ ସେସଂକ୍ରାନ୍ତ ସତର୍କତା ଜାରି କରାଯିବ ବୋଲି ନିର୍ଦ୍ଦେଶକ ଡ. ମହାନ୍ତି ସୂଚନା ଦେଇଛନ୍ତି।

# ମାଓବାଦୀଙ୍କୁ ଧରାଇଦେଲେ ପୁରସ୍କାର

କଲ୍ୟାଣସିଂହପୁର/ରାୟଗଡ଼ା, ୧୯।୧୦ (ଦୀପକ କୁମାର ପରିଡ଼ା/ଆଶିଷ ରଞ୍ଜନ ପଣ୍ଡା)

## ନିୟମଗିରିରେ ଲାଗିଲା ପୋଷ୍ଟର



ପାର୍ଶାଲିରେ ମାଓବାଦୀଙ୍କ ବିରୋଧରେ ଲାଗିଥିବା ପୋଷ୍ଟର।

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ନିୟମଗିରି ପାହାଡ଼ ଅଞ୍ଚଳ, ମୁନିଗୁଡ଼ା ବ୍ଲକ ଓ ଚନ୍ଦ୍ରପୁର ବ୍ଲକର ବିଭିନ୍ନ ସ୍ଥାନରେ ରବିବାର 'ମାଓବାଦୀ ଧରାନ୍ତୁ, ପୁରସ୍କାର ପାଆନ୍ତୁ' ଉଲ୍ଲେଖ ଥିବା ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। କଲ୍ୟାଣସିଂହପୁର ବ୍ଲକର ପାର୍ଶାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସଦର ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଏଭଳି ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଏହି ପୋଷ୍ଟରରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେ, ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟ ନିଖିଲ ଓରଫ ଶିବାଜୀ, ସୁଦର୍ଶନ ଓରଫ ବିକାଶ, ଅଙ୍କିତା ଓରଫ ଇନ୍ଦୁ, ଶୁକ୍ରୁ ଓରଫ କ୍ରିଷ୍ଣା, ନିତ୍ତୁ, ମିଲିଟାରୀ ପ୍ଲାଟୁନ କମାଣ୍ଡର ଶିଲା ଓରଫ ନାଗମଣି, ଅନ୍ୱେଷ ଓରଫ ରେଣ୍ଟୁ, ଡିଭିଜନାଲ କମିଟି ସଦସ୍ୟ ମମତା ଓରଫ ସାଇତେ ଓ ନକୁଲ ଓରଫ ଚନ୍ଦ୍ରାଙ୍କ ନାମରେ ପୁରସ୍କାର ରାଶି ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଛି। ଅନ୍ୟ ସମସ୍ତ ମାଓବାଦୀଙ୍କ ଉପରେ ମଧ୍ୟ ପୁରସ୍କାର ରାଶି ଉପଲବ୍ଧ ରହିଛି। ଯେଉଁ ବ୍ୟକ୍ତିବିଶେଷ ମାଓବାଦୀଙ୍କ ସମ୍ପର୍କରେ ମୋବାଇଲ ନମ୍ବର ୯୪୩୭୬୪୩୮୩୯ରେ ସୂଚନା ଦେବେ ସୂଚନାଦାତାଙ୍କ ପରିଚୟ ଗୋପନ ରଖି ପୁରସ୍କୃତ କରାଯିବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ପୂର୍ବରୁ ମୁନିଗୁଡା, ବିଷମକଟକ ଓ କଲ୍ୟାଣସିଂହପୁର ଅଞ୍ଚଳର ନିୟମଗିରି ପାହାଡ଼ରେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ମାଓବାଦୀମାନେ ଆଡ୍ଡା ଜମାଇ ବହୁ ହିଂସାତ୍ମକ କାଣ୍ଡ ଘଟାଇଛନ୍ତି। ରାୟଗଡ଼ା ଜିଲା ଚନ୍ଦ୍ରପୁର ଓ ମୁନିଗୁଡ଼ା ବ୍ଲକ ପଡୋଶୀ ଫୁଲବାଣୀ ଓ କଳାହାଣ୍ଡି ଜିଲା ସୀମାବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ପୋଲିସ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ସେହି ଅଞ୍ଚଳରେ ସିଆରପିଏଫ୍ ମୁତୟନ ହୋଇଛନ୍ତି। ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ଏନ୍କାଉଣ୍ଟରରେ ବହୁ ବଡ଼ ବଡ଼ କ୍ୟାଡର ମାଓବାଦୀ ମୃତ୍ୟୁବରଣ କରିଥିବାବେଳେ ବହୁ ମାଓବାଦୀ ପୋଲିସ ନିକଟରେ ଆତ୍ମ ସମର୍ପଣ କରୁଛନ୍ତି। ପଡ଼ୋଶୀ ରାଜ୍ୟର ଦୃଢ଼ ମାଓବାଦୀ ଦମନ କାର୍ଯ୍ୟାନୁଷ୍ଠାନକୁ ଦେଖି କିଛି ମାଓବାଦୀ ରାୟଗଡ଼ା ଓ ଏହାର ସୀମାବର୍ତ୍ତୀ ଜିଲାରେ ଆତ୍ମଗୋପନ କରିଥିବା ପୋଲିସ ସନ୍ଦେହ କରୁଛି। ଏଭଳି ପରିସ୍ଥିତିରେ ରାୟଗଡ଼ା ଜିଲାରେ କାର୍ଯ୍ୟ କରୁଥିବା ବଂଶଧାରା ନାଗାବଳୀ ଘୁମୁସର (ବାଘୁନା )ମାଓବାଦୀ ସଂଗଠନରେ ଏବେ ବି ବହୁ ସକ୍ରିୟ ମାଓବାଦୀ କାର୍ଯ୍ୟ କରୁଥିବାରୁ ଏହି ପୋଷ୍ଟର ଲାଗିଥିବା ଅନୁମାନ କରାଯାଇଛି।

# ଏସ୍‌ସିବି ପ୍ଲାଷ୍ଟିକ ସର୍ଜରି ବିଭାଗରେ ଯୋଡ଼ିହେଲା କଟାହାତ

କଟକ,୧୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)

## ନୂଆ ଜୀବନ ପାଇଲେ ଢେଙ୍କାନାଳର ରାହୁଲ


ରାହୁଲ ନାଏକ

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ପ୍ଲାଷ୍ଟିକ ସର୍ଜରି ବିଭାଗରେ ଆର୍ମ ରିଇମ୍ପ୍ଲିମେଣ୍ଟେଶନ ସର୍ଜରି ଭଳି ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି। ଢେଙ୍କାନାଳ ଜିଲାର ୨୦ ବର୍ଷୀୟ ରାହୁଲ ନାଏକଙ୍କ ବାମହାତ ଖୁଆ ନିକଟରୁ କଟିଯାଇଥିବାବେଳେ ସେ ଗୁରୁତର ଅବସ୍ଥାରେ ଏସ୍‌ସିବିରେ ପହଞ୍ଚିଥିଲେ। ମେଡିକାଲର ଉକ୍ତ ବିଭାଗର ବରିଷ୍ଠ ଡାକ୍ତର ପ୍ରଫେସର ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଏହି ଅସ୍ତ୍ରୋପଚାର କରିଥିବାବେଳେ ତାହା ସଫଳ ହୋଇଛି। ରାହୁଲଙ୍କ କଟାହାତର ସ୍ଥିତି ଦେଖି ଅସ୍ତ୍ରୋପଚାର କରାଯିବା ପରେ ୩୦ ପ୍ରତିଶତ ସାଧାରଣ ମଣିଷଙ୍କ ହାତ ପରି ସେ କାର୍ଯ୍ୟ କରିପାରିବେ ବୋଲି ଏସ୍‌ସିବି ପକ୍ଷରୁ ସୂଚନା ଦିଆଯାଇଛି।

ଗତ ଅଗଷ୍ଟ ୨୮ରେ ରାହୁଲ ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ସମୟରେ ମେଶିନ ବାଜି ତାଙ୍କ ବାମପଟ ହାତର ଖୁଆ ନିକଟ କଟି ଶରୀରରୁ ଅଲଗା ହୋଇଯାଇଥିଲା। ରାହୁଲଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଥମେ ତାଙ୍କୁ କାଜୁଆଲଟିରେ ଭର୍ତ୍ତି କରାଯାଇଥିଲା। ପରେ ପ୍ଲାଷ୍ଟିକ ସର୍ଜରି ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ରାହୁଲଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଉକ୍ତ ବିଭାଗର ଡା. ନାୟକଙ୍କ ନେତୃତ୍ୱରେ ଡାକ୍ତରୀ ଟିମ୍ ଏହି ଅସ୍ତ୍ରୋପଚାର ଆରମ୍ଭ କରିଥିଲେ। ପ୍ରାୟ ସାଢ଼େ ୩ ଘଣ୍ଟା ଧରି ଅସ୍ତ୍ରୋପଚାର କରାଯାଇଥିଲା ଏବଂ ତାହା ସଫଳ ହୋଇଥିଲା। ଏନେଇ ଡା. ନାୟକ କହିଛନ୍ତି, ଏହା ଏକ ଜଟିଳ ଅସ୍ତ୍ରୋପଚାର ଥିଲା। ହାତ କଟିବାର ୪ ଘଣ୍ଟା ମଧ୍ୟରେ ଯଦି ଅସ୍ତ୍ରୋପଚାର କରା ନ ଯାଏ, ତେବେ ତାହା ସଫଳ ହୋଇ ନ ଥାଏ। ରାହୁଲଙ୍କ ହାତ କଟିବାର ଦୁଇରୁ ଅଢ଼େଇ ଘଣ୍ଟା ମଧ୍ୟରେ ସେ ମେଡିକାରେ ପହଞ୍ଚିଲେ ଏବଂ ଅସ୍ତ୍ରୋପଚାର କରାଯାଇଥିଲା। ସେହିପରି ହାତର ମୁଖ୍ୟତଃ ୩ଟି ସ୍ନାୟୁରୁ ୨ଟି କଟିଯାଇଥିବାରୁ ଅସ୍ତ୍ରୋପଚାର ବହୁ ଜଟିଳ ହୋଇଥିଲା। ବହୁ ଚେଷ୍ଟାରେ ଗୋଟିଏ ସ୍ନାୟୁକୁ ଯୋଡ଼ାଯାଇଛି। ଫଳରେ ସାଧାରଣ ମଣିଷ ପରି ସମ୍ପୂର୍ଣ୍ଣ ନୁହେଁ, ବରଂ ୩୦ ପ୍ରତିଶତ ହାତ କାମ କରିବ। ରାହୁଲର ସ୍ୱାସ୍ଥ୍ୟବସ୍ଥା ଏବେ ସମ୍ପୂର୍ଣ୍ଣ ଭାବେ ସ୍ଥିର ରହିଛି ଏବଂ ଆଉ ଦୁଇରୁ ତିନିଦିନ ମଧ୍ୟରେ ତାଙ୍କୁ ମେଡିକାଲରୁ ଡିସ୍‌ଚାର୍ଜ କରାଯିବ ବୋଲି ଏସ୍‌ସିବି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଶର୍ଟସର୍କିଟ୍‌ରୁ ନିଆଁ, ଜଳିଗଲା ୩ ବାଣ ଦୋକାନ

ରମ୍ଭା /ଗଞ୍ଜାମ,୧୯।୧୦ (ବନବାସୀ ସେଠୀ/ଅଖିଳ ତରାଇ)


ନିଆଁକୁ ଆୟତ୍ତ କରୁଛନ୍ତି ଅଗ୍ନିଶମ ବିଭାଗ କର୍ମଚାରୀ।

ଦୀପାବଳି ଅବ୍ୟବହିତ ପୂର୍ବରୁ ରମ୍ଭା ସହରରେ ଏକ ବଡ଼ ଅଘଟଣ ଘଟିଛି। ରବିବାର ଅପରାହ୍ନ ୩ଟାରେ ଧୋବାସୀ ପୋଖରୀ ନିକଟରେ ଥିବା ଏକ ଲାଇସେନ୍ସପ୍ରାପ୍ତ ବାଣ ଦୋକାନ ନିଆଁ ଲାଗି ଜଳିଯାଇଛି। ଶର୍ଟ ସର୍କିଟରୁ ଏପରି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ପ୍ରଥମେ ଗୋଟିଏ ବାଣ ଦୋକାନରେ ନିଆଁ ଲାଗି ପରେ ୩ଟି ବାଣ ଦୋକାନ ଜଳିଯାଇଛି। ଫଳରେ ଲକ୍ଷାଧିକ ଟଙ୍କାର ବାଣ ପୋଡ଼ି ପାଉଁଶ ହୋଇଯାଇଛି। ଏହି ଘଟଣା ପରେ ସହରରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବାଣ ଦୋକାନରେ ନିଆଁ ଲାଗିଥିବା ସୂଚନା ପାଇ ରମ୍ଭା ଅଗ୍ନିଶମ କର୍ମଚାରୀ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ସମୟରେ ବର୍ଷା ହେବାରୁ ମଧ୍ୟ ନିଆଁ ନିୟନ୍ତ୍ରଣ ସହଜ ହୋଇଥିଲା। ରମ୍ଭା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଶର୍ଟସର୍କିଟ୍‌ରୁ ଏପରି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଅନ୍ୟପକ୍ଷରେ ଏହି ଅଗ୍ନିକାଣ୍ଡ ପରେ ଅନ୍ୟ ଲାଇସେନ୍ସପ୍ରାପ୍ତ ଦୋକାନଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବାକୁ ସହରବାସୀ ଦାବି କରିଛନ୍ତି।

# ରେଳପଥରେ ପଥର ଖସି ମାଲବାହୀ ଲାଇନଚ୍ୟୁତ

ନନ୍ଦପୁର,୧୯।୧୦(ତୁଷାର କାନ୍ତ ମହାନ୍ତି)



କେକେ ରେଳପଥରେ ପଥର ପଡ଼ିଥିବାବେଳେ ରେଳ କର୍ତ୍ତୃପକ୍ଷ ପଥର ହଟାଇବା କାର୍ଯ୍ୟ ଜାରି ରଖିଛନ୍ତି।

ଆନ୍ଧ୍ର ପ୍ରଦେଶ-ଓଡ଼ିଶା-ଛତିଶଗଡ଼କୁ ସଂଯୋଗ କରୁଥିବା କେକେ ରେଳପଥରେ ଶନିବାର ରାତିରେ ପଥର ଖସି ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ଟାୟାଡା ଏବଂ ଚିମିଡିପାଲି ସେକ୍ସନ ମଧ୍ୟରେ କେଏମ୍ ନମ୍ବର ୫୫ରେ ପଥର ଖସିପଡ଼ିଥିବାରୁ ଭୋର ୪ଟାରେ ବାଚେଲିରୁ ବିଶାଖାପାଟଣା ଆସୁଥିବା ଏକ ମାଲବାହୀ ଟ୍ରେନ (ନଂ.୪୧୨୦୪) ଧକ୍କା ହୋଇ ଏହାର ୨ ଆକ୍ସଲ ଲାଇନଚ୍ୟୁତ ହୋଇଥିଲା। ରେଲୱେ କର୍ତ୍ତୃପକ୍ଷ ତୁରନ୍ତ ଘଟଣାସ୍ଥଳକୁ ଯାଇ ଡିଆରଏମ ୱାଲଟେୟାର ଲଳିତ ବୋହରାଙ୍କ ତତ୍ତ୍ୱାବଧାନରେ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କାର୍ଯ୍ୟ କରିଥିଲେ। ରବିବାର ୧ଟା ୩୦ ରେକର୍ଡ ସମୟରେ ରେଳ ସେବା ପୁନଃସ୍ଥାପିତ ହୋଇଥିଲା। ଏଥିଯୋଗୁ ବିଶାଖାପାଟଣା-କିରାଣ୍ଡୁଲ ପାସେଞ୍ଜର(୫୮୫୦୧) ଓ କିରାଣ୍ଡୁଲ-ବିଶାଖାପାଟଣା ପାସେଞ୍ଜର (୫୮୫୦୨)କୁ ରବିବାର ଉଭୟ ପାର୍ଶ୍ୱରୁ ବାତିଲ କରାଯାଇଛି। ରେକ୍ ଅଭାବରୁ

## ଏକାଧିକ ଯାତ୍ରୀବାହୀ ଟ୍ରେନ ବାତିଲ

କିରାଣ୍ଡୁଲ-ବିଶାଖାପାଟଣା ପାସେଞ୍ଜରକୁ ସୋମବାର ପାଇଁ ବାତିଲ କରାଯାଇଛି। ଲାଇନଚ୍ୟୁତ ମାଲବାହୀ ଟ୍ରେନ୍‌ର ସମସ୍ତ ବଗି ଓ ଇଞ୍ଜିନକୁ ରେଳପଥରୁ ନ ହଟାଇବା ଯାଏ ବିଭାଗ ଏକାଧିକ ଟ୍ରେନ୍ ବାତିଲ କରିଥିଲା। କିରାଣ୍ଡୁଲ-ବିଶାଖାପାଟଣା ଟ୍ରେନ୍ ୫୮୫୦୨କୁ କୋରାପୁଟରୁ କିରାଣ୍ଡୁଲ ଫେରି ଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିଶାଖାପାଟଣା ରେଳ ଡିଭିଜନ (କୋରାପୁଟ) ଚିଫ ଟ୍ରାନ୍ସପୋର୍ଟ ନିରୀକ୍ଷକ ପି.ନାରାୟଣ ରାଓ ସୂଚନା ଦେଇଛନ୍ତି। ଏହି ସ୍ଥିତିରେ ରେଳଯାତ୍ରୀଙ୍କ ଅସୁବିଧା ପାଇଁ ରେଳ ବିଭାଗ ପକ୍ଷରୁ ଦୁଃଖ ପ୍ରକାଶ କରି ସହଯୋଗ କାମନା କରାଯାଇଛି।




MARUTI SUZUKI
NEXA

CELEBRATIONS JUST GOT BIGGER.
WITH GST BENEFITS + LIMITED PERIOD FESTIVE OFFERS*

| | PRICE REDUCTION OF UP TO# | NOW STARTING AT# | ADDITIONAL FESTIVE OFFERS OF UP TO* |
|---|---|---|---|
| FRONX | ₹1 12 600 | ₹6 84 900 | ₹75 000 |
| GRAND VITARA | ₹1 07 000 | ₹10 76 500 | ₹2 10 000 + 5 Year Extended Warranty |
| BALENO | ₹86 100 | ₹5 98 900 | ₹52 500 |
| IGNIS | ₹71 300 | ₹5 35 100 | ₹65 000 |
| INVICTO | ₹61 700 | ₹24 97 400 | ₹1 55 000 |
| XL6 | ₹52 000 | ₹11 52 300 | ₹55 000 |
| JIMNY | ₹51 900 | ₹12 31 500 | ₹85 000 |



SCAN TO CONNECT
TO A SHOWROOM
NEAR YOU

NEXA SAFETY SHIELD

*FESTIVE OFFERS VALID TILL 23RD OCT ONLY

UP TO 100% WAIVER ON CAR LOAN PROCESSING FEE (ONLY TILL 31ST OCT)##

E-BOOK TODAY @
WWW.NEXAEXPERIENCE.COM

Contact us at
1800-200-[6392]
1800-102-[6392]

For detailed T&C kindly visit your nearest dealership. Features and accessories shown may not be a part of the standard fitment. Black glass shade on the vehicle is due to the lighting effect. Images used are for illustration purposes only. All offers are brought to you by NEXA dealers only. Offers and features may vary subject to the model and variant purchased. *The mentioned offers include "Consumer Offer + Booking offer + Exchange Bonus + Rural offer", and may vary from city to city. Please contact nearby dealership for more details. Maruti Suzuki reserves the right to withdraw offers at any point in time without any advance notice. All offers are applicable till 23rd October '25 or till stocks last. Maruti Suzuki Smart Finance is now available pan India. Maruti Suzuki Subscribe is available only in selected cities. ##Offers include consumer offer, exchange bonus and institutional or rural offers (wherever applicable) on select models/variants. Finance is at the sole discretion of the financer by selected finance partners. #Prices and savings mentioned above are for select variants and may vary across cities/ variants.

# ରାଜାଙ୍କ ପୋଷାକ

ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ହେବା ପରେ ଡୋନାଲ୍ଡ ଟ୍ରମ୍ପ୍ ନେଉଥିବା ନିଷ୍ପତ୍ତି ଅନ୍ତର୍ଜାତୀୟ ସ୍ତରରେ ସମାଲୋଚନାର ଶିକାର ହେଉଥିବା ବେଳେ ଏବେ ନିଜ ଦେଶର ନାଗରିକଙ୍କ ଦ୍ୱାରା ପ୍ରତିବାଦର ସମ୍ମୁଖୀନ ହେଲେଣି। ୧୮ ଅକ୍ଟୋବରରେ ଆମେରିକାର ସମସ୍ତ ୫୦ ରାଜ୍ୟରେ ୨,୭୦୦ ସହରରେ ପ୍ରାୟ ୭ ନିୟୁତ ଲୋକ 'ନୋ କିଙ୍ଗ୍ସ' ବିକ୍ଷୋଭରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ନ୍ୟୁୟର୍କ ସିଟି, ୱାଶିଂଟନ, ଶିକାଗୋ, ଲସ୍ ଏଞ୍ଜେଲ୍ସ ଓ ଆଟ୍‌ଲାଣ୍ଟାରେ ବଡ଼ ସମାବେଶ ହେବା ସହ ଛୋଟ ସହରରେ ମଧ୍ୟ ବିକ୍ଷୋଭ ହୋଇଛି। ବିକ୍ଷୋଭକାରୀମାନେ ପ୍ଲାକାର୍ଡ ଧରି କହୁଛନ୍ତି ଯେ, ସେମାନେ ଆମେରିକାକୁ ଭଲ ପାଉଥିବାରୁ ତାହାକୁ ପୂର୍ବ ଭଳି ଦେଖିବାକୁ ଚାହାନ୍ତି। ଟ୍ରମ୍ପ୍‌ଙ୍କ ମନମୁଖି ଶାସନକୁ ହଟାଇ ଅତି ବିଳମ୍ବ ହେବା ପୂର୍ବରୁ ଗଣତନ୍ତ୍ର ପ୍ରତିଷ୍ଠା କରିବାକୁ ଚାହାନ୍ତି ବୋଲି ବିକ୍ଷୋଭକାରୀମାନେ କହିଛନ୍ତି। ସୂଚନା ଦିଆଯାଇପାରେ ଯେ, ଜୁନ୍‌ରେ ଟ୍ରମ୍ପ୍‌ଙ୍କ ୭୯ ତମ ଜନ୍ମଦିନରେ ହୋଇଥିବା ବିକ୍ଷୋଭ ତୁଳନାରେ ଏବର ପ୍ରତିବାଦ ବିଶାଳ ରୂପ ଧାରଣ କରିଛି। ଏଠାରେ ମନେପଡ଼େ ଟ୍ରମ୍ପ୍‌ଙ୍କ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍ ବା ମାଗା' ସ୍ଲୋଗାନ କଥା। 'ଆମେରିକା ଆଗ' ଚିନ୍ତାଧାରା ରଖି ନିଜ ଦେଶକୁ ସୁଦୃଢ଼ କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ହେଲେ ବର୍ତ୍ତମାନ ସେ ଆପ୍ରବାସନ ନୀତିରେ ବ୍ୟାପକ ପରିବର୍ତ୍ତନ କରିବା ସହ ସ୍ୱାସ୍ଥ୍ୟସେବାରେ ମିଳୁଥିବା ସୁବିଧାକୁ ହ୍ରାସ କରିବାରୁ ଆମେରିକୀୟ କ୍ଷୁବ୍ଧ। ଏପରିକି ସେଠାରେ ଆର୍ଥିକ ସମସ୍ୟା ଦେଖାଦେଇଥିବାରୁ ଅସଂଖ୍ୟ କର୍ମଚାରୀ ଦରମା ନ ପାଇ ଅସନ୍ତୋଷ ବ୍ୟକ୍ତ କରିବାରୁ ଅନେକ ସ୍ଥାନରେ ଶଟ୍‌ଡାଉନ ସ୍ଥିତି ଉପୁଜିଛି। ୱାଶିଂଟନରେ ଥିବା ସରକାରୀ କାର୍ଯ୍ୟ ୧୮ ଦିନ ହେବ ବନ୍ଦ ହୋଇଥିବାରୁ ଫେଡେରାଲ କର୍ମଚାରୀମାନେ ବିକ୍ଷୋଭରେ ଯୋଗଦେବା ସେଠାରେ ସ୍ଥିତି କେଉଁସ୍ତରକୁ ଗଲାଣି ତାହା ବୁଝାପଡ଼ିଯାଉଛି। ହେଲେ ଟ୍ରମ୍ପ୍ ଏଭଳି ବିକ୍ଷୋଭକୁ ପ୍ରତ୍ୟାଖ୍ୟାନ କରି ସେମାନଙ୍କୁ ଉପହାସ କରିଛନ୍ତି। ତାଙ୍କ ଟ୍ରୁଥ୍ ସୋସିଆଲ ମିଡିଆରେ ଏଆଇ ଭିଡିଓ ପୋଷ୍ଟ କରି ସେଥିରେ ସେ ରାଜା ପୋଷାକରେ ଏକ ଜେଟ୍ ଉଡ଼ାଉଥିବା ଓ 'ନୋ କିଙ୍ଗ୍ସ' ବିକ୍ଷୋଭକାରୀଙ୍କ ଉପରେ ମଳ ଫୋପାଡୁଥିବା ଦେଖିବାକୁ ମିଳିଛି।

> **ନିଜ ଖିଆଲିକୁ ପୂରଣ କରିବାକୁ ଯାଇ ଯାଚ୍ଛାତା ନିଷ୍ପତ୍ତି ନେଉଥିବାରୁ ତାହା ନାଗରିକ ଓ ଦେଶ ପାଇଁ କ୍ଷତି ପହଞ୍ଚୁଛି। ଆମେରିକାରେ ଟ୍ରମ୍ପ୍ ବିରୋଧୀ ପ୍ରତିବାଦ ଏହାର ସଙ୍କେତ ବହନ କରୁଛି। ତେଣୁ ପ୍ରଶଂସକଙ୍କ ମହଲରେ ରହି ନିଜକୁ ରାଜା ଭାବୁଥିବା ଟ୍ରମ୍ପ୍ ବାସ୍ତବରେ କେଉଁ ପୋଷାକ ପିନ୍ଧିଛନ୍ତି, ତାହାକୁ ଥରେ ନିଜ ଆଖିରେ ଦେଖିନେବାର ସମୟ ଆସିଲାଣି।**

ବର୍ତ୍ତମାନ କେବଳ ଟ୍ରମ୍ପ୍ ନୁହନ୍ତି, ବିଶ୍ୱର ଅନେକ ଦେଶରେ ତାଙ୍କ ଭଳି ମାନସିକତା ବହନ କରୁଥିବା ଶାସକମାନେ ନିଜକୁ ରାଜା ବା ସର୍ବେସର୍ବା ବୋଲାଇ ହେଉଛନ୍ତି। ଥରେ କ୍ଷମତାକୁ ଆସିବା ପରେ ସେମାନେ ଏଭଳି ବ୍ୟବହାର ପ୍ରଦର୍ଶନ କରୁଛନ୍ତି ଯେ, ଯେପରି ସେମାନଙ୍କୁ କେହି ପ୍ରଶ୍ନ ପଚାରିପାରିବେ ନାହିଁ। ଏପରି ଶାସକଙ୍କୁ ବିରୋଧ ହେଲେ ପ୍ରତିବାଦକାରୀଙ୍କୁ କିଭଳି ଦମନ କରିହେବ ସେହି ଦିଗରେ ଚତୁରତାର ସହ ପଦକ୍ଷେପ ନିଆଯାଉଛି। କୁହାଯାଇପାରେ ଯେ, ଦୀର୍ଘ ବର୍ଷ ଶାସନରେ ରହିଯାଉଥିବା ବ୍ୟକ୍ତିମାନେ କେବେ ନା କେବେ ହାରିବେ। ଭୋଟ୍‌ରେ ନ ହେଲେ ମଧ୍ୟ ଯମଙ୍କ ନିକଟରେ ହାରିବେ। ଦୀର୍ଘ ଶାସନ ଅନେକ ନେତାଙ୍କ ପାଇଁ କାଳ ହୋଇଥିବା ଇତିହାସ ପ୍ରମାଣ ଦେଇଛି। ଏଭଳି ସ୍ଥିତିରେ ଯେଉଁମାନେ ଧରି ନେଉଛନ୍ତି ଯେ, ସେମାନଙ୍କୁ ଡରି କେହି କିଛି କହିବେ ନାହିଁ ତାହା ଭୁଲ୍। ସମୟକ୍ରମେ ସେମାନଙ୍କୁ ଚେତେଇ ଦେବା ପାଇଁ ସାହସ କୁଳାଇପାରୁଥିବା ପିଲାଟିଏ ମଧ୍ୟ ଯଥେଷ୍ଟ ହୋଇପାରେ। ଅନେକେ ଜାଣିଥିବା ଏକ କାହାଣୀ ମନେପଡ଼େ–'ସମ୍ରାଟଙ୍କ ନୂଆ ପୋଷାକ'। ଜଣେ ସମ୍ରାଟ ଅତ୍ୟନ୍ତ ପୋଷାକ ପ୍ରିୟ ଥିଲେ। ତାଙ୍କ ଦେଶରେ ଥିବା ସବୁ ବୁଣାକାରଙ୍କୁ ରାଜନଅରକୁ ଡକାଇ ପଠାଇଲେ। ତାଙ୍କ ପାଇଁ ଏଭଳି ପୋଷାକ ପ୍ରସ୍ତୁତ କରାଯିବା ଦରକାର, ଯାହା ପୂର୍ବରୁ କେହି ପିନ୍ଧି ନ ଥିବେ ବୋଲି କହିଥିଲେ। ଏହା ଶୁଣି ବୁଣାକାରଙ୍କ ମଧ୍ୟରେ ଭାଳେଣି ପଡ଼ିଗଲା। ହେଲେ ଜଣେ ଯୁବ ବୁଣାକାର ସମ୍ରାଟଙ୍କ ପାଇଁ ପୋଷାକ ପ୍ରସ୍ତୁତ ହୋଇସାରିଥିବା କହି ରାଜନଅରକୁ ଗଲେ ଓ ସେଠାରେ ରାଜାଙ୍କୁ ଏକ କୋଠରିକୁ ଡାକି ପିନ୍ଧିଥିବା ପୋଷାକ ଖୋଲିଦେବାକୁ କହିଲେ। ସମ୍ରାଟ ତାହା ହିଁ କଲେ। ଏହା ପରେ ଯୁବ ବୁଣାକାର କହିଲେ 'ସମ୍ରାଟ ଏବେ ଏହି ପୋଷାକରେ ସୁନ୍ଦର ଦେଖାଯାଉଛନ୍ତି ଓ ସେ ଶୋଭାଯାତ୍ରାରେ ଯାଇପାରନ୍ତି'। ଶୋଭାଯାତ୍ରାରେ ଗଲା ବେଳେ ସମସ୍ତେ ସମ୍ରାଟ ସୁନ୍ଦର ଦିଶୁଥିବା ନେଇ ପ୍ରଶଂସା ମଧ୍ୟ କଲେ। ହେଲେ ଭିଡ଼ ଭିତରୁ କୁନି ପିଲାଟିଏ କହିଦେଲା ଯେ ସମ୍ରାଟ ଲଙ୍ଗଳା ହୋଇଛନ୍ତି। ତେଣୁ ଯେଉଁମାନେ ଏବେ ନିଜ ଚେଲା ଚାମୁଣ୍ଡାଙ୍କ ଖୋସାମତିରେ ନିଜକୁ ଦିଗ୍‌ବିଜୟୀ ରାଜା ଭାବି ପଦକ୍ଷେପ ନେଉଛନ୍ତି ସମୟ କ୍ରମେ ସେମାନେ ଗାଦିଚ୍ୟୁତ ହେବା ଅବଶ୍ୟମ୍ଭାବୀ। କାରଣ ସେମାନେ ମଣିଷ।

ଆମେରିକା ଭଳି ଗଣତାନ୍ତ୍ରିକ ଦେଶରେ ଟ୍ରମ୍ପ୍ ଯେଭଳି ଭାବେ ଏକଛତ୍ରବାଦର ଲକ୍ଷଣ ପ୍ରଦର୍ଶନ କଲେଣି ତାହା ତାଙ୍କ ପାଇଁ ଆଗକୁ ଅସ୍ୱାଭାବିକତା ଆଣିବା ସ୍ପଷ୍ଟ ଦିଶିଯାଉଛି। ନିଜ ଖିଆଲିକୁ ପୂରଣ କରିବାକୁ ଯାଇ ଯାଚ୍ଛାତା ନିଷ୍ପତ୍ତି ନେଉଥିବାରୁ ତାହା ନାଗରିକ ଓ ଦେଶ ପାଇଁ କ୍ଷତି ପହଞ୍ଚୁଛି। ଆମେରିକାରେ ଟ୍ରମ୍ପ୍ ବିରୋଧୀ ପ୍ରତିବାଦ ଏହାର ସଙ୍କେତ ବହନ କରୁଛି। ତେଣୁ ପ୍ରଶଂସକ ମହଲରେ ରହି ନିଜକୁ ରାଜା ଭାବୁଥିବା ଟ୍ରମ୍ପ୍ ବାସ୍ତବରେ କେଉଁ ପୋଷାକ ପିନ୍ଧିଛନ୍ତି, ତାହାକୁ ଥରେ ନିଜ ଆଖିରେ ଦେଖି ନେବାର ସମୟ ଆସିଲାଣି।

# ନିଖୋଜ ଶିଶୁ



ରବୀନ୍ଦ୍ରନାଥ ଯୋଷୀ

ଆମ ଦେଶରେ ଶିଶୁମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ଅନେକ ଆଇନକାନୁନ ପ୍ରଣୟନ ହୋଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ପାଇଁ ମଧ୍ୟ ବିଭିନ୍ନ ଯୋଜନା କରାଯାଇଛି। ଏହା ସତ୍ତ୍ୱେ ଶିଶୁ ତା'ର ପ୍ରକୃତ ଅଧିକାର ପାଇବାରେ ବଞ୍ଚିତ ହେଉଛି। ଅନେକ ଶିଶୁ ଏବେ ବି ଶିକ୍ଷାର ସ୍ୱାଦ ପାଇବାରୁ ବଞ୍ଚିତ ହେଉଥିବାବେଳେ ପୁଷ୍ଟିକର ଖାଦ୍ୟ, ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରୁ ନାହାନ୍ତି। ବିଭିନ୍ନ ସମସ୍ୟା ଭିତରେ ଥାଇ ବଞ୍ଚିବା ପାଇଁ ପ୍ରୟାସ କରୁକରୁ ଅନେକ ଶିଶୁ ପଥଭ୍ରଷ୍ଟ ହୋଇ ବିପଥଗାମୀ ହେଉଛନ୍ତି। ଶୈଶବ ଅବସ୍ଥାରେ ପାରିବାରିକ ବୋଝ ମାନସିକ ଅବସ୍ଥାକୁ ଦୋହଲାଇ ଦେଇଥାଏ। ଯାହାଫଳରେ ସେ ନୀତି ନୈତିକତା, ଭଲ ମନ୍ଦ ବିଚାର କରିବା ଅପେକ୍ଷା ନିଜ ଜୀବନକୁ ବଞ୍ଚାଇବା ଓ ପରିବାରକୁ ବଞ୍ଚାଇବା କଥାକୁ ପ୍ରାଥମିକତା ଦେଉଛି। ଅପରିପକ୍ୱ ବୟସରେ ଆତ୍ମସମ୍ମାନ ଓ ଆତ୍ମମର୍ଯ୍ୟାଦା ପ୍ରତି ବିଶେଷ ଧ୍ୟାନ ଦେବା ଅପେକ୍ଷା ସେ ଲଢେଇକରି ବଞ୍ଚିବା ପାଇଁ ସଚେତନ ହେଉଛି। ଏହି ପରିସ୍ଥିତି ଦେଇ ଗତି କରୁକରୁ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ହଜାର ହଜାର ଶିଶୁ ସହରର ଗଳିକନ୍ଦିରେ ବା ଅନ୍ୟ କେଉଁ ଭିଡ଼ ଭିତରେ ହଜି ଯାଉଛନ୍ତି। ଏହି ନିଖୋଜ ଶିଶୁମାନଙ୍କ ମଧ୍ୟରୁ କିଛି ଉଦ୍ଧାର ହୋଇ ଘରକୁ ଫେରୁଛନ୍ତି, ଆଉ କିଛିଙ୍କ ପତ୍ତା ମିଳୁନାହିଁ। ସେହି ନିରୁଦ୍ଦିଷ୍ଟ ଶିଶୁଗଣ କେତେବେଳେ ଶିଶୁଶ୍ରମିକ ପାଲଟିଯାଉଛନ୍ତି ତ କେତେବେଳେ ଭିକ୍ଷାଥାଳ ଧରି ରାଜରାସ୍ତାରେ ଜୀବନକୁ ନଷ୍ଟ କରିବାପାଇଁ ବାଧ୍ୟ ହେଉଛନ୍ତି। ଆଉ କିଛି ନିରୁଦ୍ଦିଷ୍ଟ ପଥଭ୍ରଷ୍ଟ ହୋଇ ପର ମୁହୂର୍ତ୍ତରେ ସମାଜର ଏକ କଳଙ୍କିତ ଓ ଆତଙ୍କ ସୃଷ୍ଟି କରୁଥିବା ଚରିତ୍ର ହୋଇ ଉଭା ହେଉଛନ୍ତି। ସେମାନେ ସମାଜ ଓ ରାଷ୍ଟ୍ର ପାଇଁ ବୋଝ ହେଉଛନ୍ତି। ଅନନ୍ତ ସମ୍ଭାବନାର ପ୍ରତୀକ ବୋଲି ଆମେ କହୁଥିବା ଶିଶୁଟି ଅନନ୍ତ ବିନାଶର କାରକ ସାଜୁଛି। ଆମ ଅବହେଳାର ଶିକାର ହେଉଥିବା ଏହି ନିଖୋଜ ଶିଶୁମାନଙ୍କ ସଂଖ୍ୟା ସମାଜରେ ଦିନକୁ ଦିନ ବଢିବଢି ଚାଲିଛି। ଆଜି ସମଗ୍ର ବିଶ୍ୱରେ ହେଉ କି ଆମ ଦେଶରେ ତଥା ଆମ ରାଜ୍ୟ ଓଡ଼ିଶାରେ ହେଉ ନିଖୋଜ ଶିଶୁର ପରିସଂଖ୍ୟାନ ଆମକୁ ଯେତିକି ଚକିତ କରୁଛି ସେତିକି ଚିନ୍ତାଗ୍ରସ୍ତ ମଧ୍ୟ କରୁଛି। ଅଠର ବର୍ଷରୁ କମ୍ ଏହି ନିରୁଦ୍ଦିଷ୍ଟ ଶିଶୁଗଣଙ୍କ ମଧ୍ୟରୁ ଅନେକ ନାବାଳିକା ଅଛନ୍ତି। ଏହି ନାବାଳିକା ତା'ର ପରିପକ୍ୱତା ଆସିବା ପୂର୍ବରୁ ସହରର କେଉଁ ଅନ୍ଧକାର ଗଳି ଭିତରେ ନିଜ ପେଟର କ୍ଷୁଧା ମେଣ୍ଟାଇବା ପାଇଁ ବାଧ୍ୟ ହେଉଛି। ଏଭଳି ସଙ୍ଗିନ ଜୀବନ ଜିଉଁଥିବା ଶିଶୁମାନଙ୍କ ସଂଖ୍ୟା କମ୍ ନୁହେଁ। ବିଗତ ଦିନର କିଛି ତଥ୍ୟ ଉପସ୍ଥାପନ କଲେ ନିଖୋଜ ହେଉଥିବା ଶିଶୁମାନଙ୍କ ସମ୍ପର୍କରେ ଅନେକ ଭୟଙ୍କର କଥା ଆମେ ଜାଣିପାରିବା। ସରକାରଙ୍କ ଗୃହ ବିଭାଗର ତଥ୍ୟ ମୁତାବକ ଭାରତରେ ୨୦୧୮ମସିହାରେ



୬୭,୧୩୪ ଜଣ ଶିଶୁ ନିଖୋଜ ହୋଇଥିଲେ। ଏହା ପୂର୍ବରୁ ନିଖୋଜ ଶିଶୁ ସଂଖ୍ୟା ଥିଲେ ୪୮,୫୨୨। ମୋଟ ୧,୧୫,୬୫୬ ନିଖୋଜ ଶିଶୁଙ୍କ ମଧ୍ୟରୁ ମାତ୍ର ୭୧,୧୭୬ଜଣ ଶିଶୁ ସେହି ବର୍ଷ ଉଦ୍ଧାର ହୋଇଥିଲେ। ୨୦୧୯ ମସିହାରେ ୭୩ହଜାର ୮ ଶହ ୮୫ଜଣ ଶିଶୁ ନିଖୋଜ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୬୯ ହଜାର ୫ଶହ ୭୪ ଜଣ ଉଦ୍ଧାର ହୋଇଥିଲେ। ୨୦୨୦ମସିହାରେ ୫୯ହଜାର ୨ଶହ ୬୨ଜଣ ଶିଶୁ ନିଖୋଜ ହୋଇଥିବାବେଳେ ୬୪ହଜାର ୫ଶହ ୧୩ଜଣ ଶିଶୁ ଉଦ୍ଧାର ହୋଇଛନ୍ତି। ୨୦୨୧ ମସିହାରେ ୭୭ହଜାର ୫ଶହ ୩୫ଜଣ ଶିଶୁ ନିଖୋଜ ହୋଇଥିବାବେଳେ ୭୬ହଜାର ୮ଶହ ୨୭ଜଣ ଶିଶୁ ଉଦ୍ଧାର ହୋଇଛନ୍ତି। ୨୦୨୨ମସିହାରେ ୮୩,୩୫୦ଜଣ ଶିଶୁ ନିଖୋଜ ହୋଇଥିବାବେଳେ ୮୦,୫୬୧ ଶିଶୁ ଉଦ୍ଧାର ହୋଇଥିଲେ। ୨୦୨୨ମସିହା ଶେଷ ସୁଦ୍ଧା ମୋଟ ୪୭,୩୧୩ଜଣ ଶିଶୁଙ୍କ ପତ୍ତା ମିଳି ନ ଥିଲା। ଏହି ନିଖୋଜ ଶିଶୁମାନଙ୍କ ମଧ୍ୟରୁ ପ୍ରାୟ ୭୧ପ୍ରତିଶତ ହେଉଛନ୍ତି ବାଳିକା। ୨୦୨୦ରୁ ୨୦୨୪ ଫେବୃଆରୀ ମାସ ମଧ୍ୟରେ ପ୍ରାୟ ତିନି ଲକ୍ଷ ଶିଶୁ ନିଖୋଜ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୩୬ହଜାର ଶିଶୁ ଉଦ୍ଧାର ହୋଇପାରିନାହାନ୍ତି। ଓଡ଼ିଶାରେ ମଧ୍ୟ ଏହି ଶିଶୁ ନିଖୋଜଙ୍କ ପରିସଂଖ୍ୟାନ ଉଦ୍‌ବେଗଜନକ ଅଟେ। ୨୦୧୮ମସିହା ସୁଦ୍ଧା ୧୧୫୬ ନିରୁଦ୍ଦିଷ୍ଟ ଶିଶୁଙ୍କ ସମେତ ଏହି ବର୍ଷ ୨୩୨୬ଜଣ ଶିଶୁ ନିଖୋଜ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୧୩୯ଜଣ ଶିଶୁ ଉଦ୍ଧାର ହୋଇଥିବାବେଳେ ମୋଟ ୨୩୫୨ଜଣ ଶିଶୁ ନିରୁଦ୍ଦିଷ୍ଟ ରହିଥିଲେ। ୨୦୧୯ରେ ୩୧୫୧ଜଣ ନିଖୋଜ ହୋଇଥିଲେ ଓ ୧୪୯୦ଜଣ ଶିଶୁ ଉଦ୍ଧାର ହୋଇଥିଲେ। ୨୦୨୦ରେ ୨୮୯୯ଜଣ ନିଖୋଜ ହୋଇଥିଲେ ଓ ୩୬୪୧ଜଣ ଉଦ୍ଧାର ହୋଇଥିଲେ। ୨୦୨୧ରେ ୪୧୩୩ ଜଣ ନିଖୋଜ ହୋଇଥିଲେ ଓ ୪୫୯୬ଜଣ ଉଦ୍ଧାର ହୋଇଥିବାବେଳେ ୨୦୨୨ ମସିହାରେ ୪୭୫୭ଜଣ ଶିଶୁ ନିଖୋଜ ହୋଇଥିଲେ ଓ ୪୫୯୬ ଜଣ ଉଦ୍ଧାର ହୋଇଥିଲେ। ୨୦୨୨ମସିହା ଶେଷ ସୁଦ୍ଧା ୪୮୩୭ଜଣ ଶିଶୁ ନିରୁଦ୍ଦିଷ୍ଟ ରହିଥିଲେ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ରିପୋର୍ଟ ଅନୁସାରେ ଉକ୍ତ ବର୍ଷ ଦେଶରେ ପ୍ରତିଦିନ ୧୭୨ଜଣ ନାବାଳିକା ନିଖୋଜ ହୋଇଥିବାବେଳେ ୧୭୦ଜଣ ନାବାଳିକା ଅପହରଣ ହୋଇଥିଲେ। ପ୍ରତ୍ୟହ ୩ଜଣ ନାବାଳିକା ଚାଲାଣ ହୋଇଥିଲେ। ଏତେସଂଖ୍ୟକ ଶିଶୁ ନିଖୋଜ ହେବା ପଛରେ ଅନେକ ସ୍ପର୍ଶକାତର କାରଣ ରହିଛି। ଅନେକ ଶିଶୁ ବିଶେଷତଃ ନାବାଳିକାମାନେ ନିଜ ଅଜାଣତରେ ଅନ୍ୟତ୍ର କର୍ମସଂସ୍ଥାନ ବାହାନାରେ ନିଖୋଜ ହୋଇ ଯୌନକର୍ମୀ ଭଳି ଘୃଣ୍ୟ କାର୍ଯ୍ୟକୁ ମଧ୍ୟ ଆଦରି ନେଇଥାନ୍ତି। ବିଶେଷକରି ଗରିବ, ଅଭାବୀ ଓ ପିତୃମାତୃ ହୀନ ସନ୍ତାନମାନେ ନିଖୋଜ ହେବାର ଅନେକ ଉଦାହରଣ ରହିଛି। ଦୁର୍ବଳ ଆଇନ ବ୍ୟବସ୍ଥା, ଉପଯୁକ୍ତ ଶିକ୍ଷାର ଅଭାବ, ବେକାରି ସମସ୍ୟା ଭଳି ଜଟିଳ ସମସ୍ୟା ହିଁ ଶିଶୁ ନିଖୋଜ ହେଉଥିବାର ମୁଖ୍ୟ କାରଣ ପାଲଟିଛି। ବହି ବସ୍ତାନି ଧରି ପାଠ ପଢିବା ବୟସରେ ଅନେକ ଶିଶୁ ପରିବାରର ଭରଣପୋଷଣ କରିଥାନ୍ତି। ହସ ଖୁସି ଖେଳ କୁଦରେ ଶୈଶବକୁ ଅତିବାହିତ କରିବା ବଦଳରେ ଅଭାବ ଓ ଅନଟନ ତାକୁ ପଥଚ୍ୟୁତ କରୁଛି। ସମାଜ ତାକୁ ସ୍ନେହ ମମତା ଦେଇ ଭଲ ମଣିଷଟିଏ କରି ଗଢିତୋଳିବା ପାଇଁ ଉଦ୍ୟମ କରିବା ପରିବର୍ତ୍ତେ ତାକୁ ନିଜଘରେ ଚାକରବାକର କରି ରଖୁଛି। ରେଳଷ୍ଟେଶନ, ବସ୍ ଷ୍ଟାଣ୍ଡ, ମନ୍ଦିର ସାମ୍ନାରେ ଆଜି ଶିଶୁ ଜୀବନ ବଞ୍ଚାଇବା ପାଇଁ ଭିକ୍ଷା ବୃତ୍ତିକୁ ଆଦରି ନେଇଛି। ହୋଟେଲ,ବଜାର, ଶିଳ୍ପ କଳକାରଖାନାରେ ବାଳ ଶ୍ରମିକ ଭାବରେ କାମକରି ଗୁଜରାଣ ମେଣ୍ଟାଉଛି। ଦିଲ୍ଲୀ,ମୁମ୍ବାଇ, କଲିକତା ଭଳି ମହାନଗରୀରେ ଶହ ଶହ ନାବାଳିକା ଯୌନକର୍ମୀ ଭଳି ବୃତ୍ତିକୁ ଆପଣାଇ ନେବା ପାଇଁ ବାଧ୍ୟ ହୋଇଛନ୍ତି। ଅଳ୍ପ ବୟସରେ ଏଡ୍‌ସ ଭଳି ବିଭିନ୍ନ ଦୁରାରୋଗ୍ୟର ଶିକାର ହୋଇ ଜୀବନ ହରାଉଛନ୍ତି।

ସଭା ସମିତିରେ ଏହି ଶିଶୁଙ୍କୁ ବିଭିନ୍ନ ବିଶେଷଣରେ ସମ୍ବୋଧନ କରାଯାଏ, ସେମାନଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଅନେକ ଭାଷଣ ହୁଏ। କିନ୍ତୁ ଏହି ନିଷ୍ପାପ ଶିଶୁମାନଙ୍କ ଅନ୍ତର୍ବେଦନାକୁ ବୁଝିବା ପାଇଁ କେତେ ଲୋକଙ୍କ ଆନ୍ତରିକତା ଅଛି? ସେମାନଙ୍କୁ ରାସ୍ତାକଡ଼ରୁ ସାଉଁଟି ଆଣି ସେମାନଙ୍କ ନ୍ୟାଯ୍ୟ ଅଧିକାର ପ୍ରଦାନ କରିବା ପାଇଁ କେତେ ଲୋକ ଆଗେଇ ଆସନ୍ତି? ସେମାନଙ୍କ ଶିକ୍ଷା ,ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ଅନେକ ଯୋଜନା ଓ ଆଇନ ହୋଇଛି ସତ, ହେଲେ ତାହା କେତେଦୂର ସଫଳତାର ସହିତ କାର୍ଯ୍ୟକାରୀ ହେଉଛି? ଏ ସମସ୍ତ ବିଷୟ ପ୍ରତି ଆମକୁ ଦୃଷ୍ଟି ଦେବାକୁ ହେବ। ସମାଜର ତଥାକଥିତ ବୁଦ୍ଧିଜୀବୀ, ସମାଜସେବୀ, ଚିନ୍ତାନାୟକମାନେ ନିର୍ଭୀକ ଭାବରେ ଆଗେଇ ଆସି ଏହି ଶିଶୁମାନଙ୍କ ଅଧିକାର ଓ ନିରାପତ୍ତା ପାଇଁ ସ୍ୱର ଶାଣିତ କଲେ ହିଁ ସେମାନଙ୍କୁ ଆମେ ଉଚିତ ନ୍ୟାୟ ପ୍ରଦାନ କରିପାରିବୁ। ନଚେତ୍ ହଜାର ହଜାର ଶିଶୁ ଆଶ୍ରୟ ନ ପାଇ ଏମିତି ଭାସି ଯାଉଥିବେ ଓ ଆମେ ନୀରବ ଦର୍ଶକ ସାଜିଥିବା।

**ସିନାପାଲି (ଗୋଡ଼ାଲ) ନୂଆପଡ଼ା**
**ମୋ: ୮୦୧୮୧୮୦୩୮୧**

# କାଳୀପୂଜା ରକେଟ୍ ଓ ଚନ୍ଦ୍ର ଅଭିଯାନ



ଡ. କମଳାକାନ୍ତ ଜେନା

ରାମାୟଣ ଅନୁସାରେ, ରାବଣଙ୍କୁ ବଧ ସହ ୧୪ ବର୍ଷ ବନବାସ ଶେଷ କରି ଯେତେବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ର ଦେବୀ ସୀତା ଓ ଭାଇ ଲକ୍ଷ୍ମଣଙ୍କୁ ଧରି ଅଯୋଧ୍ୟାକୁ ଫେରିଲେ, ରାଜ୍ୟବାସୀ ପ୍ରଦୀପ ଜାଳି ତାଙ୍କୁ ସ୍ୱାଗତ କରିଥିଲେ। ବିଜୟୀଙ୍କୁ ପ୍ରଦୀପ ଜାଳି ସ୍ୱାଗତ କରିବା ପ୍ରଥା ପରେ ପରେ ଆଲୋକର ପର୍ବ ହିସାବରେ ପାଳିତ ହେଲା। ଦୀପାବଳିରେ ପ୍ରଦୀପ ଜାଳି ବିଜୟ ପର୍ବ ପାଳନ କରାଯାଏ। ପ୍ରକୃତରେ ଏହା ହେଉଛି ଅନ୍ଧକାର ବିପକ୍ଷରେ ଆଲୋକର ବିଜୟ ଏବଂ ଅଜ୍ଞାନ ବିପକ୍ଷରେ ଜ୍ଞାନର ବିଜୟ। ପ୍ରଦୀପ ଜାଳିବା ପ୍ରଥାରୁ ଏହାର ନାମ ଦୀପାବଳି ରଖାଯାଇଛି। କିନ୍ତୁ ଆମ ପିଲାମାନେ ଆଜି ଦୀପ ଜାଳିବା ବଦଳରେ ବାଣ ଫୁଟେଇବାକୁ ଗୁରୁତ୍ୱ ଦେଉଛନ୍ତି। କାରଣ, ବାଣର ଶବ୍ଦ ଓ ରଙ୍ଗିନ ଆଲୋକ ସେମାନଙ୍କୁ ଆନନ୍ଦ ଦିଏ । କିନ୍ତୁ ଦୁଃଖର କଥା, ବାରୁଦ ତିଆରି କରିବାଠାରୁ ବାଣ ଫୁଟିଲା ପର୍ଯ୍ୟନ୍ତ ଜୀବନ ପ୍ରତି ବିପଦ ରହିଥାଏ। ନିକଟରେ ସାରା ଦେଶରେ ବାଣ ତିଆରି ବେଳେ ଅନେକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବାଣ ଫୁଟିଲା ପରେ ପରିବେଶ ଖରାପ ହୁଏ । ବାରୁଦରୁ ବାହାରୁଥିବା ରାସାୟନିକ ଧୂଆଁ ବାୟୁମଣ୍ଡଳରେ ବିଷ ଭରିଦିଏ । ବାରୁଦ ଆଖିରେ ପଡିଲେ କିମ୍ବା ପେଟ ଭିତରକୁ ଗଲେ ରୋଗ ସୃଷ୍ଟି କରେ। ଅଧିକାଂଶ ରାସାୟନିକ ବାଣର ଧ୍ୱନିସ୍ତର ୧୪୦ ଡେସିବଲ୍‌ରୁ ଅଧିକ। ତେଣୁ ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା କ୍ଷେତ୍ରରେ ରାସାୟନିକ ବାଣର ଅନେକ ଭୂମିକା ରହିଛି । ଅତଏବ, ବାଣ ବାବଦରେ ଆମେ ଖର୍ଚ୍ଚ କରୁଥିବା ଟଙ୍କା ଆମ ପାଇଁ ସମସ୍ୟା ସୃଷ୍ଟି କରେ। ପରିବେଶ କହିଲେ ଆମେ ବା–ପା–ମା–ଆ (ବାୟୁ–ପାଣି–ମାଟି–ଆକାଶ) ବୁଝୁ। ତେଣୁ ବାଣ ଫୁଟେଇ ବା–ପା–ମା–ଆ ପ୍ରତି ବିପଦ ସୃଷ୍ଟି କରିବା ଉଚିତ ନୁହେଁ।

ପ୍ରତିବର୍ଷ ଭାରତରେ ବାଣ ଫୁଟେଇବାରେ ଅନେକ ଟଙ୍କା ଖର୍ଚ୍ଚ ହୁଏ । ଗତ ୧୦ ବର୍ଷର ଖର୍ଚ୍ଚକୁ ଦେଖିଲେ ୨୦୧୫ ମସିହାରେ ପାଖାପାଖି ୪୦୦୦–୫୫୦୦ କୋଟି, ୨୦୧୬ରେ ୪୫୦୦–୬୦୦୦ କୋଟି, ୨୦୧୭ରେ ୪୫୦୦–୬୦୦ କୋଟି, ୨୦୧୮ରେ ୪୦୦୦–୭୦୦୦ କୋଟି ଓ ୨୦୧୯ରେ ୪୫୦୦–୬୦୦୦ କୋଟି ଟଙ୍କା ବାଣ ଫୁଟେଇବାରେ ଯାଇଛ। ୨୦୨୦ ଓ ୨୦୨୧ ମସିହାରେ କରୋନା ମହାମାରୀ ସକାଶେ ବେଶି ଖର୍ଚ୍ଚ ହୋଇ ନ ଥିଲା। ତଥାପି



କରୋନା ସମୟରେ ଅତି କମ୍‌ରେ ୧୫୦୦କୋଟି ଟଙ୍କାର ବାଣ ଫୁଟିଥିଲା। ୨୦୨୨ରେ ଅନ୍ୟୂନ ପ୍ରାୟ ୬୦୦୦ କୋଟି, ୨୦୨୩ରେ ୮୦୦୦ କୋଟି ଓ ଗତବର୍ଷ ୫୦୦୦ କୋଟି ଟଙ୍କାର ବାଣ କାରବାର ହୋଇଛ। ଗୋଟିଏ ଭାରତୀୟ ପରିବାର ବାଣ ବାବଦରେ ହାରାହାରି ୫୦୦୦ ଟଙ୍କା ଖର୍ଚ୍ଚ କରିଥାଏ। କୋଟି କୋଟି ଟଙ୍କାର ବାଣ ଫୁଟିବା କଥା କହିଲେ, ଆମର ଚନ୍ଦ୍ରଯାନ କଥା ମନେପଡ଼େ । ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ' ସହାୟତାରେ ଭାରତ ୩ ଥର ଚନ୍ଦ୍ରକୁ ମହାକାଶଯାନ ପଠେଇ ସାରିଛି। ବୈଜ୍ଞାନିକମାନେ ପ୍ରଥମ ଅଭିଯାନରୁ ସଫଳତାର ସ୍ୱାଦ ଚାଖିଥିଲେ ଓ ଦେଶର ଗୌରବ ବଢେଇଥିଲେ ଏବଂ ତୃତୀୟ ଅଭିଯାନର ସଫଳତା ଭାରତକୁ ଶ୍ରେଷ୍ଠ ଆସନରେ ବସେଇଥିଲା। କିନ୍ତୁ ଦିନେ ଭାରତକୁ ଗରିବ ବୋଲି କହି ଚନ୍ଦ୍ରଯାତ୍ରାକୁ ବିଭିନ୍ନ ମହଲରେ ଅଗ୍ରାହ୍ୟ କରାଯାଉଥିଲା। ହେଲେ ସେଇ ଦେଶରେ ଗୋଟିଏ ରାତିର ବାଣ ପୋଡିବା ବଜେଟ ଚନ୍ଦ୍ରଯାନ ପଠେଇବା ଖର୍ଚ୍ଚଠାରୁ ମଧ୍ୟ ଅଧିକ ।

ଭାରତ ଅତି ଅଳ୍ପ ଖର୍ଚ୍ଚରେ ଚନ୍ଦ୍ରକୁ ମହାକାଶଯାନ ପଠେଇପାରେ। ୨୦୦୮ମସିହାରେ ଭାରତର ପ୍ରଥମ ଚନ୍ଦ୍ରଯାନ ସକାଶେ ଖର୍ଚ୍ଚ ହେଇଥିଲା ୩୮୬ କୋଟି ଟଙ୍କା । ଏହା ଥିଲା ମୁଣ୍ଡପିଛା ୩ ଟଙ୍କା ୨୦ ପଇସା । ୨୦୧୯ମସିହାରେ ଦ୍ୱିତୀୟ ଚନ୍ଦ୍ରଯାନ ପାଇଁ ଖର୍ଚ୍ଚ ଥିଲା ୯୭୮ କୋଟି ଟଙ୍କା, ଯାହାକି ମୁଣ୍ଡପିଛା ୭ ଟଙ୍କା ୧୦ ପଇସା । ୨୦୨୩ରେ ତୃତୀୟ ଚନ୍ଦ୍ରଯାନ ପାଇଁ ଖର୍ଚ୍ଚ ଥିଲା ୬୧୫ କୋଟି ଟଙ୍କା, ଯାହାକି ମୁଣ୍ଡପିଛା ୪ ଟଙ୍କା ୩୦ପଇସା । ଏତେ କମ୍ ଟଙ୍କାରେ ବି ଭାରତର ଚନ୍ଦ୍ରଯାତ୍ରା ମହାକାଶ ଗବେଷଣାରେ ବିପ୍ଲବ ସୃଷ୍ଟି କରିପାରିଛ। ଆଜି ଦେଶର ଅର୍ଥନୈତିକ ବିକାଶରେ ମହାକାଶ ଗବେଷଣା ସହାୟତା କରୁଛ। ଆମେ ମହାକାଶ ବିଜ୍ଞାନୀଙ୍କ ଉପରେ ବିଶ୍ୱାସ ନ କରିବା ପାଇଁ କେଇଟା ମାତ୍ର କାରଣ ଥାଇପାରେ, କିନ୍ତୁ ସେମାନଙ୍କ ଦକ୍ଷତା ଉପରେ ପୂରା ଭରସା କରିବା ପାଇଁ ଯଥେଷ୍ଟ କାରଣ ରହିଛି । ଯଦି ଆମ ପିଲାମାନେ ରକେଟ୍ ବାଣ ଫୁଟେଇ ପରିବେଶକୁ ଦୂଷିତ ନ କରି ସେଇ ଟଙ୍କାରେ ବର୍ଷକୁ ଥରେ ମହାକାଶଯାନ ପଠେଇବା କାମରେ ସହାୟତା କରନ୍ତେ ତେବେ ଭାରତ ମହାକାଶ ଗବେଷଣାରେ ସାରା ପୃଥିବୀରେ ଅଧିକରୁ ଅଧିକ ଗୌରବ ଅର୍ଜନ କରିପାରନ୍ତା । ଏବେ ପିଲାମାନେ ଭାବନ୍ତୁ, ହାବେଳି ବାଣରେ ନିଆଁ ଲଗେଇ ପରିବେଶକୁ ନଷ୍ଟ କରିବେ ନା ଚନ୍ଦ୍ରକୁ ମହାକାଶଯାନ ପଠେଇବା ପାଇଁ ଅଗ୍ନି ସଂଯୋଗ କରିବେ।

**ମୁଖ୍ୟ ପ୍ରାଧ୍ୟାପକ (ଫିଜିକ୍ସ), ବିଜ୍ଞାନ ଏକାଡେମୀ ସଦସ୍ୟ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ମୋ: ୯୪୩୯୫୦୧୬୫୧**

## ଏଇ ଭାରତରେ

ଛତିଶଗଡ଼ର ସମୀକ୍ଷା ଚନ୍ଦ୍ରକର ଟମାଟୋ ଓ ଅନ୍ୟାନ୍ୟ ପରିବା ଚାଷକରି ସେଥିରୁ ୨୦୨୩–୨୪ ବର୍ଷରେ ୧.୫ କୋଟି ଟଙ୍କା ରୋଜଗାର କରିଛନ୍ତି। ବିଶେଷକରି ସେ ଟମାଟୋ ଚାଷ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଉତ୍ପାଦିତ ଟମାଟୋକୁ ସେ ନୂଆଦିଲ୍ଲୀ, ବେଙ୍ଗାଲୁରୁ, ରାୟପୁର, ପାଟନା, କୋଲକାତା ଆଦି ସହର ମଣ୍ଡିକୁ ପଠାଉଛନ୍ତି। ଏହା ବ୍ୟତୀତ ସେ ବାଇଗଣ, କାକୁଡ଼ି, ଲାଉ ଚାଷକରି ମାର୍କେଟକୁ ଯୋଗାଉଛନ୍ତି। ସମୀକ୍ଷା ଏବେ ୨୦ ଏକରରେ ଟମାଟୋ ଚାଷ କରିଛନ୍ତି। ଆଗକୁ ଅଧିକ ୧୫ ଏକର ଚାଷ କରିବାକୁ ଯୋଜନା କରିଛନ୍ତି। ସମୀକ୍ଷା ଏମ୍‌ବିଏ ପାସ୍ କରିବା ପରେ ପୁଣେର ଏକ କମ୍ପାନୀରେ ଚାକିରି କରିଥିଲେ। ୨୦୨୧ରେ ସେ ଚାକିରି ଛାଡ଼ି ଛତିଶଗଡ଼ ରାୟପୁରର ଚାରୁମୁଦିଆ ଗାଁକୁ ଫେରି ଆସି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସମୀକ୍ଷାଙ୍କ ବାପା ଓ ଭାଇ ତାଙ୍କୁ ଚାଷରେ ସାହାଯ୍ୟ କରୁଛନ୍ତି। ସମୀକ୍ଷା ପ୍ରଥମେ ଏକର ପିଛା ୫୦ ଟନ୍ ଟମାଟୋ ଉତ୍ପାଦନ କରୁଥିଲେ, କିନ୍ତୁ ବର୍ତ୍ତମାନ ୫୫ ଟନ୍ ଉତ୍ପାଦନ କରୁଛନ୍ତି। ବଡ଼ କଥା ହେଉଛି ସମୀକ୍ଷା ଚାଷ କାର୍ଯ୍ୟ ପାଇଁ ୧୨୦ ଲୋକଙ୍କୁ ନିଯୁକ୍ତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୦ ଅକ୍ଟୋବର ୧୯୭୬

- ବିଶିଷ୍ଟ ତେଲୁଗୁ କବି ବି. ସତ୍ୟନାରାୟଣଙ୍କର ଗୁଣ୍ଟୁରଠାରେ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ଅବସ୍ଥାରେ ପରଲୋକ।
- ଭାରତୀୟ ଟେଲିଫୋନ କାରଖାନାରେ ଗ୍ରାମାଞ୍ଚଳରେ ଟେଲିଫୋନ ଯୋଗାଯୋଗକୁ ଆହୁରି ସହଜ କରିଦେବା ନିମନ୍ତେ 'ଗ୍ରାମ୍ୟଫୋନ' ନାମରେ ଏକ ରେଡିଓ ଯନ୍ତ୍ରପାତି ନିର୍ମାଣ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ସର୍ବସମ୍ମତ ପନ୍ଥା ଜରୁରୀ

ମହାଶୟ,

ଭାଜପା ସରକାରକୁ ଆସିବା ପରେ ପ୍ରାୟ ପ୍ରତିଦିନ ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ଭିଜିଲାନ୍ସବାଲା ଧରୁଛନ୍ତି। ସେମାନଙ୍କଠାରୁ ଅଜସ୍ର ସମ୍ପତ୍ତି ଜବତ କରାଯାଉଛି। ସେମାନଙ୍କୁ କୋର୍ଟକୁ ପଠାଯାଉଛି। ସେମାନେ ଜେଲରେ ରହୁଛନ୍ତି। ଜେଲରେ ଖାଦ୍ୟପେୟର ଅଭାବ ନାହିଁ। ଅସାଧୁ କର୍ମଚାରୀଙ୍କ ଜରିଆରେ ମାଦକ ଦ୍ରବ୍ୟ ମଧ୍ୟ ପଠାଉଛନ୍ତି। ଲାଭ କ'ଣ ହେଉଛି। ସେମାନଙ୍କ ଦୁର୍ନୀତିକୁ ଦେଖି ହୁଏତ ଅନ୍ୟମାନେ ନିଜର ମାନସମ୍ମାନକୁ ବଜାୟ ରଖିବା ଲାଗି ଲାଞ୍ଚ ନେବା ଛାଡ଼ି ଦିଅନ୍ତେ, କିନ୍ତୁ ସେମାନେ ଲାଞ୍ଚ ନେବା ଛାଡୁନାହାନ୍ତି। ବରଂ ଭିଜିଲାନ୍ସ ହାତରେ ଧରାପଡ଼ି ନିର୍ଲଜଙ୍କ ଭଳି ମୁହଁ ଘୋଡ଼ାଇ କୋର୍ଟକୁ ଯାଉଛନ୍ତି ଏବଂ ଜେଲକୁ ଯାଉଛନ୍ତି। ମୋଟା ଅଙ୍କର ଅର୍ଥ ଓକିଲଙ୍କୁ ଦେଇ କାରସାଦି କରୁଛନ୍ତି, ପୁଣି ଜେଲରୁ ଆସି ନିଜ ଚାକିରିରେ ଯୋଗ ଦେଇ କାମ କରୁଛନ୍ତି। ଏମାନେ ତ କଂସାରି ଘରର ପାରା। ଯେତେ ଯାହା କଲେ ବି ପୁଣି ସେହି କାମ କରିବେ। ଭିଜିଲାନ୍ସ ଦ୍ୱାରା ଧରା ହେବା ପରେ ତୁରନ୍ତ ବିଚାର ପ୍ରକ୍ରିୟା ଶେଷ କରି ଯଦି କାର୍ଯ୍ୟରୁ ବହିଷ୍କାର କରାଯାଆନ୍ତା, ତେବେ ଅନ୍ୟମାନଙ୍କ ଉପରେ ତା'ର ତ୍ୱରିତ ପ୍ରଭାବ ପଡ଼ନ୍ତା। ଲାଞ୍ଚ ନେବା ପୂର୍ବରୁ ସେମାନେ କମ୍‌ସେକମ୍ ଦଶଥର ଚିନ୍ତା କରନ୍ତେ। କିରାଣି, ଅମିନ, ଯନ୍ତ୍ରୀ, ଅଫିସର ଏବଂ ପୋଲିସମାନଙ୍କ କ୍ଷେତ୍ରରେ ଏହି ଲାଞ୍ଚ ନେବାଟା ସାଧାରଣ ପ୍ରକ୍ରିୟାରେ ପରିଣତ ହୋଇଗଲାଣି। ସରକାର ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କଲେ ଦୁର୍ନୀତି ଓ ଲାଞ୍ଚ କାରବାର ହୁଏତ କମିଯାଆନ୍ତା। ଅନେକ ଶିକ୍ଷିତ ଯୁବକଯୁବତୀ ଚାକିରି ଅପେକ୍ଷାରେ। ସେମାନଙ୍କୁ ଚାକିରି ମିଳିଯାନ୍ତା ଏବଂ ଶାସନରେ ସ୍ୱଚ୍ଛତା ଆସନ୍ତା।

**–ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚଳିଯାଏ ଯାନ, ଜନ କରି ନାନା ଶବଦ
ପଥ ପୂରି ଉଚ୍ଛୁଳଇ କେତେ ହସ ଆମୋଦ
ଗତିର ଆଘାତେ ଚଳେ ଅବିରାମ ଜଗତ
ଏ ଘରେ ଲୁଚଇ ମୋର ମରମର ଦରଦ !
–(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | 2 | 3 | | |
| | | 2 | | | 9 | | | 6 |
| 9 | | | | 1 | 3 | 2 | 8 | |
| 3 | | | | | | | | |
| 4 | | | | | | 9 | | 8 |
| | | | | 3 | 5 | | | |
| | 7 | 4 | | | 8 | | | |
| | | | 5 | | | | | |
| | 8 | | 9 | | | 6 | 5 | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 3 | 5 | 4 | 6 | 9 | 7 | 1 |
| 6 | 1 | 4 | 2 | 7 | 9 | 3 | 5 | 8 |
| 5 | 9 | 7 | 1 | 3 | 8 | 2 | 4 | 6 |
| 9 | 8 | 6 | 4 | 5 | 7 | 1 | 2 | 3 |
| 7 | 4 | 1 | 8 | 2 | 3 | 6 | 9 | 5 |
| 3 | 5 | 2 | 9 | 6 | 1 | 4 | 8 | 7 |
| 1 | 6 | 5 | 7 | 9 | 2 | 8 | 3 | 4 |
| 4 | 3 | 9 | 6 | 8 | 5 | 7 | 1 | 2 |
| 2 | 7 | 8 | 3 | 1 | 4 | 5 | 6 | 9 |

ଗତକାଲିର ଉତ୍ତର

## କାଳୀପୂଜା ପ୍ରସ୍ତୁତି ବୈଠକ

କାଳିପଦା,୧୯।୧୦
(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଅଧୀନ କାଳିପଦା ବଜାରଠାରେ ଥିବା କାଳୀ ମନ୍ଦିରରେ ଆସନ୍ତା ସୋମବାର ମହାମାୟାଙ୍କ ପୂଜା ପାଇଁ ରବିବାର ପୂର୍ବାହ୍ନରେ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଜାର କମିଟିର ସଭାପତି ନିତ୍ୟାନନ୍ଦ ଦାସଙ୍କ ପୌରୋହିତ୍ୟରେ ବରିଷ୍ଠ ସଦସ୍ୟ ସୁଧୀର ବିଶ୍ୱାଳଙ୍କ ସମେତ ଅମୂଲ୍ୟ ଦାସ, କାର୍ତ୍ତିକ ଜେନା, ରଞ୍ଜନ ବେହେରା, ମନ୍ମଥ ଧଳ, ପାଞ୍ଚୁ ଦାସ, ଅମିୟ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

୬୫ ବର୍ଷରେ ପଦାର୍ପଣ କରିଥିବା ମା'ଙ୍କ ପୂଜା ଚଳିତ ବର୍ଷ ୫ ଦିନ ଧରି ଅନୁଷ୍ଠିତ ହେବ। ସୋମବାର ରାତି ୮ଟାରେ ଘଟୋତ୍ତୋଳନ ସହିତ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ, କୀର୍ତ୍ତନ, ହୋମ ଯଜ୍ଞ, ଆରତୀ, ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ବୋଲି କମିଟି ସଭାପତି ଦାସ କହିଛନ୍ତି। ଶାନ୍ତି ଶୃଙ୍ଖଳା ସହିତ ଭକ୍ତମାନେ ମା'ଙ୍କ ଦର୍ଶନ ସୁରୁଖୁରୁରେ କରିପାରିବେ ସେଥିପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି।

# ୧୦୫ ବର୍ଷରେ ତୁଡ଼ିଗଡ଼ିଆ କାଳୀପୂଜା

## ମନୋରମ ଓ ଆକର୍ଷଣୀୟ କରିବାକୁ ଜୋରଦାର ପ୍ରସ୍ତୁତି

ଖଇରା,୧୯।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରକ୍ତତୀର୍ଥ ତୁଡ଼ିଗଡ଼ିଆର କାଳୀପୂଜା ଜିଲାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ଆସିଛି। ଚଳିତ ବର୍ଷ କାଳୀପୂଜା ୧୦୫ବର୍ଷରେ ପଦାର୍ପଣ କରିଥିବା ବେଳେ ପୂଜାକୁ ମନୋରମ ଓ ତୋରଣ, ଆଲୋକସଜ୍ଜାକୁ ଆକର୍ଷଣୀୟ କରିବା ପାଇଁ ଜୋରଦାର ପ୍ରୟାସ ଚାଲିଛି। କାଳୀ ଉନ୍ନୟନ କମିଟିର ସମ୍ପାଦକ ବସନ୍ତ କୁମାର ସାହୁ, ଉପସଭାପତି ରତ୍ନାକର ମାଝୀ, ସୁଦାମ ଚରଣ ସାହୁ, ପର୍ଶୁରାମ ସାହୁ, ପୂଜା କମିଟିର ସମ୍ପାଦକ ଉଦୟ କୁମାର ପୃଷ୍ଟି, ସ୍ଥାନୀୟ ସରପଞ୍ଚ ମଦନ ମୋହନ ସାନ୍ତରା, ଅଜୟ କୁମାର ନାୟକ, ଦାମୋଦର ଦାସ, ପଦ୍ମଲୋଚନ ସେଠୀ, ଜୟନ୍ତ ବେହେରା, ଟୁକୁନା ବେଜ, ସୁଦର୍ଶନ ବେହେରା, ଅନୁଭବ ମଲ୍ଲିକ, ଶଶି ଜେନା, ବିନୋଦ ଘଡାଇ, ଟୁଟୁ ପାଣିଗ୍ରାହୀ, ଅଜୟ ପଣ୍ଡା, ଲକ୍ଷ୍ମୀଧର ବେହେରା, ଉପଦେଷ୍ଟା ଲୋକନାଥ ପଣ୍ଡା, ଉପେନ୍ଦ୍ର ପାଣିଗ୍ରାହୀଙ୍କ ଉପସ୍ଥିତିରେ ବୈଠକ ବସି ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯାଇଛି।

୧୯୨୦ରେ ସ୍ୱାଧୀନତା ଆନ୍ଦୋଳନ ବ୍ୟାପକ ରୂପ ଧାରଣ କରିଥିବା ବେଳେ ଏହି ପୂଜା ଆରମ୍ଭ ହୋଇଥିଲା। ତୁଡ଼ିଗଡ଼ିଆ ଅଞ୍ଚଳରେ ଆନ୍ଦୋଳନର ସଫଳତା ଏବଂ ସଂଗ୍ରାମୀମାନଙ୍କର ମନୋବଳ ବଢ଼ାଇବା ତଥା ବ୍ରିଟିଶ ଫୌଜଙ୍କୁ ତୁଡ଼ିଗଡ଼ିଆରୁ ହଟାଇବା ଲକ୍ଷ୍ୟରେ ସେତେବେଳେ ଆନ୍ଦୋଳନକାରୀଙ୍କ ଦ୍ୱାରା ପ୍ରଥମେ ଏକ ଝାଟିମାଟି ଛପର ଘରେ ପୂଜା ଛୋଟ ଆକାରରେ ଆରମ୍ଭ ହୋଇଥିଲା। କିଛି ବର୍ଷ ଧରି ଅଭାବ ଓ ସଂଘର୍ଷ ମଧ୍ୟରେ ପଲଥିନ ତଳେ ମା' ଖର୍ପରଧାରିଣୀଙ୍କୁ ଆରାଧନା କରାଯାଇଥିଲା। ସ୍ୱାଧୀନତା ପରେ ଗ୍ରାମବାସୀଙ୍କ ସହଯୋଗରେ ପୂଜା କାୟା ବିସ୍ତାର କରିଥିଲା। ଏବେ ପୂଜା ଶହୀଦ ମଣ୍ଡପରେ ଚାଲିଥିବା ବେଳେ ଚଳିତ ବର୍ଷ ୯ ଦିନ ଧରି ପୂଜା ପାଳନ ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଲୋଡି, ଭଜନ ସନ୍ଧ୍ୟା ସାଙ୍ଗକୁ ସଭା , ସମ୍ବର୍ଦ୍ଧନା ଆୟୋଜନ ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।



ଶିଳ୍ପୀ ମୁରଲୀଧର ମହାରଣା ମା'ଙ୍କ ମୃଣ୍ମୟୀ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି।

# ପ୍ଲାଟଫର୍ମରୁ ୧୫କେଜି ଗଞ୍ଜେଇ ଜବତ



ଜବତ ଗଞ୍ଜେଇ।

ବାଲେଶ୍ୱର,୧୯।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଆରପିଏଫ୍ ଥାନା ପୋଲିସ ଶନିବାର ରେଳ ଷ୍ଟେଶନରେ ଚଢ଼ାଉ କରି ୧୫କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଜିଆର୍‌ପି ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଖଡ଼ଗପୁର ଡିଭିଜନ୍ ସିଆଇବି, ଆରପିଏଫ୍ କମାଣ୍ଡରଙ୍କ ସମେତ ଆରପିଏଫ୍ ଥାନା ପୋଲିସ ପକ୍ଷରୁ ଷ୍ଟେଶନରେ ନୀରିକ୍ଷଣ ସମୟରେ ୨ନଂ. ପ୍ଲାଟଫର୍ମରେ ଏକ ଲାଲ ଓ ନୀଳରଙ୍ଗର ଦୁଇଟି ବ୍ୟାଗ୍ ଥିବା ଦେଖିବାକୁ ପାଇଥିଲେ। ବାଲେଶ୍ୱର ଅତିରିକ୍ତ ତହସିଲଦାର ଦୀନବନ୍ଧୁ କିସ୍କୁ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଭାବେ ଘଟଣାସ୍ଥଳରେ ପହଞ୍ଚିବା ପରେ ବ୍ୟାଗ୍ ଦୁଇଟିକୁ ଖୋଲାଯାଇଥିଲା। ସେଥିରେ ୧୫କେଜି ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡ଼ିଛି। କେହି ଗଞ୍ଜେଇ ବ୍ୟବସାୟୀ ଟ୍ରେନ୍ ଯୋଗେ ଗଞ୍ଜେଇ ଆଣି ଚୋରା ଚାଲାଣ କରୁଥିବା ଜିଆର୍‌ପି ଥାନା ପୋଲିସ କହିଛି।

## ସାମାଜିକ କର୍ମୀଙ୍କ ପରଲୋକ

ଔପଦା,୧୯।୧୦(ଧରିତ୍ରୀ ପଣ୍ଡା)

ଔପଦା ବ୍ଲକ୍ ତଳକିଆ ପଞ୍ଚାୟତ ପ୍ରତାପପୁର ଗ୍ରାମ ଭଗବାନପୁର ଶାସନର ସାମାଜିକ କର୍ମୀ ରାମଚନ୍ଦ୍ର ଦାଶ(୮୮)ଙ୍କର ରବିବାର ସକାଳେ ପରଲୋକ ଘଟିଛି। ସେ ମିଷ୍ଟ ଭାଷୀ, ସ୍ନେହି ଓ ପରୋପକାରୀ ବ୍ୟକ୍ତି ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ହରିହର ଦାଶ, ଜୟକୃଷ୍ଣ ଦାଶ, ପୁତ୍ର ବଧୂ, ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଖବରପାଇ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସାନ୍ତ୍ୱନା ଦେଇଥିଲେ।

# ମେଗା ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା

## ଅଭିଯୋଗ କଲେ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ

ନୀଳଗିରି,୧୯।୧୦(ପ୍ରଶାନ୍ତ ବିଶ୍ୱାଳ)

ସରକାର ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଲକ୍ଷ୍ୟରେ ନୀଳଗିରିରେ ମେଗା ପ୍ରକଳ୍ପର ପରିକଳ୍ପନା କରିବା ସହିତ ଏଥି ପାଇଁ ସ୍ୱତନ୍ତ୍ର ଅର୍ଥର ବ୍ୟବସ୍ଥା ମଧ୍ୟ ହୋଇଥିଲା। ତେବେ କାମ କରୁଥିବା ଠିକା ସଂସ୍ଥା କାର୍ଯ୍ୟରେ ଅନିୟମିତତା କରିଛି। ଠିକା ସଂସ୍ଥା ପକ୍ଷରୁ ଯେଉଁ ପାଣି ପାଇପ୍ ବିଛାଯାଇଛି, ତାହା ୩ ଫୁଟ ମାଟି ତଳେ ଯିବା କଥା ମାତ୍ର ୧ ଫୁଟ୍ ମାଟି ତଳେ ଯାଇଥିବା ଭଳି ବିଭିନ୍ନ ଅନିୟମିତତା ନେଇ ପୂର୍ବତନ ବିଧାୟକ ଚିତରଞ୍ଜନ ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି। ଶୁକ୍ରବାର ନୀଳଗିରି ବାସଭବନରେ ଏକ ଖବରଦାତା ସମ୍ମିଳନୀ କରିବା ସହ ରାଜ୍ୟ ସରକାର ମେଗା ପ୍ରକଳ୍ପ କାର୍ଯ୍ୟର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ଏବଂ ସମ୍ପୃକ୍ତ ଠିକାଦାରଙ୍କ ଧିରୋଧରେ କେବଳ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନୁହେଁ ବରଂ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପଞ୍ଚାୟତିରାଜ ଏବଂ ଗ୍ରାମୀଣ ଜଳ ଯୋଗାଣ ବିଭାଗ ମନ୍ତ୍ରୀ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟ ସାସନ ସଚିବ, ଭିଜିଲାନ୍ସ ମହାନିର୍ଦ୍ଦେଶକ, ବାଲେଶ୍ୱର ଜିଲାପାଳଙ୍କୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଥିବା ଷଡଙ୍ଗୀ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ନୀଳଗିରି ବ୍ଲକ ଅଧୀନ ଅଯୋଧ୍ୟା ପଞ୍ଚାୟତଠାରେ ପ୍ରବାହିତ ସୋନ ନଦୀରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ୧୭୨ କୋଟି ଟଙ୍କା ବିନିଯୋଗରେ ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି।

# ସୁସ୍ଥ ଓ ସୁରକ୍ଷିତ ପରିବେଶ ପାଇଁ ଆହ୍ୱାନ



ଗ୍ରାମରେ ପିଲାମାନଙ୍କୁ ସଚେତନ କରାଯାଉଛି।

## ଏଫ୍‌ଏମ୍‌ୟୁରେ ଦୀପାବଳି ଉତ୍ସବ

ବାଲେଶ୍ୱର,୧୯।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଦୀପାବଳି ଉତ୍ସବ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ପ୍ରଫେସର ସୁପ୍ରିତୀ ମିଶ୍ର, ପ୍ରଫେସର ଭାସ୍କର ବେହେରା ଓ କୁଳସଚିବ କୁକୁମୀନା ଦାସ ସମସ୍ତଙ୍କୁ ଦୀପାବଳି ଶୁଭେଚ୍ଛା ଜ୍ଞାପନ କରିଥିଲେ। ପରସ୍ପରକୁ ମିଷ୍ଟାନ୍ନ ଖୁଆଇ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ସ୍ନାତକୋତ୍ତର ବିଭାଗ ସାମାଜିକ କାର୍ଯ୍ୟ ଓ ଜନସଂଖ୍ୟା ଅଧ୍ୟୟନ ବିଭାଗର ମିଳିତ ଉଦ୍ୟମରେ ବିଶ୍ୱବିଦ୍ୟାଳୟର ପୋଷ୍ୟ ଗ୍ରାମ ମର୍ଦ୍ଦରାଜପୁର ଠାରେ 'ଦୀପାବଳି ପାଇଁ ସୁରକ୍ଷା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ' ଆୟୋଜିତ ହୋଇଥିଲା। ଗ୍ରାମୀଣ ଲୋକଙ୍କ ମଧ୍ୟରେ ସୁସ୍ଥ ଓ ସୁରକ୍ଷିତ ପରିବେଶ ମଧ୍ୟରେ ଉତ୍ସବ ପାଳନ କରିବା ପାଇଁ ସଚେତନତା ବାର୍ତ୍ତା ବଣ୍ଟାଯାଇଥିଲା।

କୁଳପତି ପ୍ରଫେସର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଣ ଫୁଟାଇବାର କୁପ୍ରଭାବ, ସେଥିରୁ ସୃଷ୍ଟ ଧ୍ୱନି ଓ ବାୟୁ ପ୍ରଦୂଷଣ, ଶ୍ୱାସକୋଷ ଜନିତ ସମସ୍ୟା ଓ ପରିବେଶକ୍ଷୟ ଉପରେ ଆଲୋଚନା ହୋଇଥିଲା। ଜନସଂଖ୍ୟା ଅଧ୍ୟୟନ ବିଭାଗର ସଂଯୋଜକ ଡ. ଗ୍ରେସ୍ ବି ମୁଣ୍ଡୁ, ସହାୟକ ଅଧ୍ୟାପକ ଡ. ଜଗନ୍ନାଥ ବେହେରା, ସହାୟକ ଅଧ୍ୟାପିକା ରଶ୍ମିରେଖା ରାଉତ, ଜନ ସମ୍ପର୍କ ଅଧିକାରୀ ଶର୍ମିଷ୍ଠା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଦୀପାବଳି ସମୟରେ ବାଣ ଫୁଟାଇବାର ଅପକାରିତା ଏବଂ ପରିବେଶ, ପ୍ରାଣୀ ଓ ମାନବ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ଇତ୍ୟାଦି ବିଷୟରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଏଥିସହ ଦୀପ, ବତି ଓ ବିଦ୍ୟୁତ୍ ଆଲୋକର ବ୍ୟବହାର ସମୟରେ ଅଗ୍ନି ସୁରକ୍ଷା ବିଧି ଅନୁସରଣ ଉପରେ ମଧ୍ୟ ଛାତ୍ରୀଛାତ୍ରମାନେ ସମସ୍ତଙ୍କୁ ଅବଗତ କରାଇଥିଲେ। ଆନନ୍ଦ ଉଲ୍ଲାସରେ ସବୁଜ ଓ ସୁରକ୍ଷିତ ଦୀପାବଳି ପାଳନ ପାଇଁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା।

# ପୂରଣ ହେଉନି ବିର୍ଲା ଟାୟାର୍ସ ଶ୍ରମିକଙ୍କ ଦାବି

## ୨୨ରୁ ଭୁବନେଶ୍ୱରରେ ଗଣଧାରଣା

ବାଲେଶ୍ୱର,୧୯।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ବିର୍ଲା ଟାୟାର୍ସ ଶ୍ରମିକମାନେ ସପରିବାର ସହ ଆସନ୍ତା ୨୨ରୁ ଭୁବନେଶ୍ୱର ସ୍ଥିତ ଶ୍ରମ କମିଶନରଙ୍କ ଦପ୍ତର ସମ୍ମୁଖରେ ଗଣଧାରଣାରେ ବସିବେ। ଶୁକ୍ରବାର ସନ୍ଧ୍ୟାରେ ଉଠାଜଳସେଚନ କର୍ମଚାରୀ ଭବନରେ ବିର୍ଲାଟାୟାର୍ସ ଶ୍ରମିକ ଓ ସେମାନଙ୍କ ପରିବାରବର୍ଗଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବିର୍ଲା ଟାୟାର୍ସ ମିଳିତ ଶ୍ରମିକ ସଂଘ ଆବାହକ ସତ୍ୟନାରାୟଣ ଆଚାର୍ଯ୍ୟ ଶ୍ରମିକମାନଙ୍କ ଆଇନଗତ ନ୍ୟାୟ ପାଇବା ପାଇଁ ଦୀର୍ଘଦିନର ଆନ୍ଦୋଳନର ବିବରଣୀ ସମ୍ପର୍କରେ ଆଲୋକପାତ କରିଥିଲେ। ବିର୍ଲା ଟାୟାର୍ସ ଉତ୍ପାଦନର ଉତ୍କର୍ଷତାକୁ ରାଜ୍ୟ ଓ ଜାତୀୟସ୍ତରରେ ପହଞ୍ଚାଇଥିବା ପୁରୁଣା ଶ୍ରମିକ ଓ କର୍ମଚାରୀଙ୍କ ଆଇନଗତ ପ୍ରାପ୍ୟ ଓ ପୁନଃନିଯୁକ୍ତିକୁ ନୂତନ ପରିଚାଳନା କର୍ତ୍ତୃପକ୍ଷ ମାନୁନାହାନ୍ତି। ରାଜ୍ୟସରକାରଙ୍କ ପକ୍ଷରୁ ଉଚ୍ଚସ୍ତରୀୟ ଆଲୋଚନାର ବିବରଣୀକୁ ବାଲେଶ୍ୱର ଜିଲାପାଳ ନୋଡାଲ୍ ଅଫିସର ଭାବେ କାର୍ଯ୍ୟକାରୀ କରାଇ ନ ଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। କମ୍ପାନୀ କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରଶାସନ ଅସହାୟ ହୋଇଯାଇଛି। ତେଣୁ ଶ୍ରମିକ ଓ ସେମାନଙ୍କ ପରିବାରବର୍ଗ ଭୁବନେଶ୍ୱରରେ ଅନିର୍ଦ୍ଦିଷ୍ଟ କାଳପାଇଁ ଗଣଧାରଣାରେ ବସିରହିବେ ବୋଲି ଚେତାବନୀ ଦିଆଯାଇଛି।

ଶ୍ରମିକ କର୍ମଚାରୀଙ୍କ ମିଳିତ ମଞ୍ଚ ଟିୟୁଏସିସିର ଅଧକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଶାନ୍ତନୁ ଦାସ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଶ୍ରମିକମାନଙ୍କୁ ସରକାରଙ୍କ ଶ୍ରମବିଭାଗ ନ୍ୟାୟ ପ୍ରଦାନ ପାଇଁ ଦୃଢ଼ ଦାବି କରିଥିଲେ। ବିର୍ଲା ଟାୟାର୍ସ ଶ୍ରମିକ ସଂଗଠନମାନଙ୍କ ପକ୍ଷରୁ ଦୁକୁଲ ଚନ୍ଦ୍ର ଘଡ଼ାଇ, ହରିହର ଭୋଇ, ରାଜେନ୍ଦ୍ର ନନ୍ଦୀ, ଗଦାଧର ବାରିକ ଓ ସରୋଜିନୀ ବିଶ୍ୱାଳ ପ୍ରମୁଖ ଶ୍ରମିକମାନଙ୍କ ପରିବାରର ଦୁର୍ଦ୍ଦଶା ସଂପର୍କରେ ଆଲୋଚନା କରିଥିଲେ। ରାଜ୍ୟସ୍ତରରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନେ ଏହି ଆନ୍ଦୋଳନକୁ ସମର୍ଥନ କରିବା ପାଇଁ ବୈଠକରେ ନିବେଦନ କରାଯାଇଛି। ଚନ୍ଦନ ମିଶ୍ର ଧନ୍ୟବାଦ ଦେଇଥିଲେ।


DSPL-323

Dr. Hari Babu Kambhampati
Governor, Odisha

RAJ BHAVAN
Bhubaneswar - 751 008



October 18, 2025

**MESSAGE**

On this occasion of the 66th Police Commemoration Day, I pay my heartfelt homage to the brave police personnel who made the supreme sacrifice in the line of duty. Their courage, sense of duty and unwavering commitment to the nation's security and integrity will always remain a source of inspiration for generations to come.

The Odisha Police, through its dedicated service, has always stood as a steadfast guardian of peace, harmony and public safety. Their contribution in upholding the rule of law and protecting the lives and rights of citizens is commendable. ,

Let us collectively reaffirm our gratitude to these selfless warriors who serve without fear or favor, often at great personal risk. I also extend my best wishes to all members of the police force and their families for their continued strength, good health and well being.

(Hari Babu Kambhampati)

OIPR-12029/13/0114/2526



DSPL-323



ପୋଲିସ ଶହୀଦ ସ୍ମୃତି ଦିବସ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ମାତୃଭୂମିର ସେବା ପାଇଁ ପ୍ରାଣବଳି ଦେଇଥିବା ବୀର ପୋଲିସ ମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖକୁ "ପୋଲିସ ଶହୀଦ ଦିବସ" ରୂପେ ପାଳନ କରିଆସୁଛି।

ରାଜ୍ୟବାସୀଙ୍କୁ ସୁରକ୍ଷା ପ୍ରଦାନ, ରାଜ୍ୟରେ ଆଇନ୍ ଶୃଙ୍ଖଳା ରକ୍ଷା ସର୍ବୋପରି ଓଡ଼ିଶାରେ ମାଓ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସ ଦକ୍ଷତାର ସହ କାମ କରି ଆସୁଛି। 'ସବୁ ପଛ କର୍ତ୍ତବ୍ୟ ଆଗ' ଏହି ଉକ୍ତିକୁ ଆଧାର କରି ଖରା, ବର୍ଷା, ଦିନ, ରାତି ଖାତିର ନକରି ସେବା ପ୍ରଦାନ କରିବା ମନୋବୃତ୍ତି ସର୍ବଦା ଓଡ଼ିଶା ପୋଲିସ୍‌ର ମୂଳମନ୍ତ୍ର ହୋଇଆସିଛି। କର୍ତ୍ତବ୍ୟ ସମ୍ପାଦନ ସମୟରେ ଅନେକ ପୋଲିସ ଅଧିକାରୀ ଓ କର୍ମଚାରୀ ସର୍ବୋଚ୍ଚ ବଳିଦାନ ମଧ୍ୟ ଦେଇଛନ୍ତି। ଏହି ବୀର ଶହୀଦ ପୋଲିସମାନଙ୍କର ନିକଟରେ ରାଜ୍ୟ ସର୍ବଦା କୃତଜ୍ଞ ରହିବ।

ଆଜିର ଏହି ସ୍ମୃତି ଦିବସ ଅବସରରେ ମୁଁ ସେହି ବୀର ଶହୀଦ ମାନଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସେମାନଙ୍କ ପରିବାରର ମଙ୍ଗଳ କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12029/13/0115/2526

# ସ୍ଥାନାନ୍ତର ହେବ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

- ଅତ୍ୟାଧୁନିକ ଶୈଳୀରେ ନିର୍ମାଣ କରାଯିବ
- ବିନିଯୋଗ ହେବ ୧୬.୪୪ କୋଟି

ତିହିଡ଼ି,୧୯।୧୦ (ସଞ୍ଜିତ ବଳ)



ବିପଦସଙ୍କୁଳ ହୋଇପଡ଼ିଥିବା ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୁରାତନ ଗୃହ ବିପଦସଙ୍କୁଳ ହୋଇପଡୁଥିବାରୁ ଡାକ୍ତରଖାନା ସ୍ଥାନାନ୍ତର ହେବ। ଅତ୍ୟାଧୁନିକ ଶୈଳୀରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ୨ଟି ସ୍ଥାନ ନିରୂପଣ କରାଯାଇଛି। ତିହିଡ଼ି ପ୍ରାଣୀ ଚିକିତ୍ସାଳୟ ନିକଟରେ ଥିବା ସରକାରୀ ଜାଗା ଉପଯୁକ୍ତ ହୋଇଥିବାରୁ ସେଠାରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଦାବି ହୋଇଛି। ଅପରପକ୍ଷେ ସିନ୍ଦୋଳଠାରେ ଅନ୍ୟ ଏକ ସରକାରୀ ଜାଗାରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ମାପଚୁପ ହୋଇଥିଲେ ମଧ୍ୟ ସେହି ସ୍ଥାନ ଅନୁପଯୋଗୀ ହେବ ବୋଲି ମତପ୍ରକାଶ ପାଇଛି।

ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନୂତନ ଶୈଳୀରେ ନିର୍ମାଣ କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ୧୬କୋଟି ୪୪ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ୨ବର୍ଷ ପୂର୍ବେ ଏହି ଅନୁଦାନ ମିଳିଥିଲେ ମଧ୍ୟ ଏହା ବିନିଯୋଗ ହୋଇ ନ ପାରି ପଡ଼ିରହିଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଉପଯୁକ୍ତ ସରକାରୀ ଜାଗା ଚିହ୍ନଟ ହୋଇପାରି ନ ଥିବାରୁ ଏହି ଅର୍ଥ ବିନିଯୋଗ ହୋଇପାରି ନାହିଁ। ଅପରପକ୍ଷେ ନୂତନ ଶୈଳୀରେ ଡାକ୍ତରଖାନା ନିର୍ମାଣ ଲାଗି ମିଳିଥିବା ଅନୁଦାନ ଯଥେଷ୍ଟ ହେବ ନାହିଁ। ଅଧିକ ଅନୁଦାନ ଯୋଗାଇ ଦେବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶୁଭକାନ୍ତ ଓଝା ଗତ ରୋଗୀ କଲ୍ୟାଣ ସମିତି ବୈଠକରେ ଆଲୋଚନା କରିବା ସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧିକ ଅନୁଦାନକୁ ଅପେକ୍ଷା କରି ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭରେ ମଧ୍ୟ ବିଳମ୍ବ ହୋଇଛି। ତେବେ ଯେଉଁ ଅନୁଦାନ ମିଳିଛି, ସେଥିରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାଯାଇଛି। ତିହିଡ଼ି ପ୍ରାଣୀ ଚିକିତ୍ସାଳୟ ନିକଟରେ ଗତ ଚକବନ୍ଦୀ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୧ ଏକର ୫୨ଡିସିମିଲ ଜାଗା ସଂରକ୍ଷିତ ରଖାଯାଇଛି। ଏହାବ୍ୟତୀତ ୪୮ ଡିସିମିଲ ସରକାରୀ ଜାଗା ମଧ୍ୟ ସେଠାରେ ରହିଛି। ଏଣୁ ସେହି ସ୍ଥାନ ଅତ୍ୟାଧୁନିକ ଶୈଳୀରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଉପଯୁକ୍ତ ହେବ ବୋଲି କୁହାଯାଇଛି। ଏହାମଧ୍ୟରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସେହି ଜାଗାକୁ ମାପଚୁପ କରାଯାଇଛି। କିଛିଦିନ ପୂର୍ବେ ଜିଲାପାଳ ଦିଲୀପ ରାଉତରାଏ ସେହି ସ୍ଥାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ୪ ତାଲା ବିଶିଷ୍ଟ ହେବ। ରୋଗୀଙ୍କ ବିଶ୍ରାମ କକ୍ଷ ସହ ଏକ କ୍ୟାଣ୍ଟିନ ନିର୍ମାଣର ଯୋଜନା ରହିଛି। ଲିଫ୍ଟ ବ୍ୟବସ୍ଥା ଏବଂ ଆମ୍ବୁଲାନ୍ସ ପ୍ରବେଶ କରି ବାହାରିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ବିତ୍ତୀୟ ଅଧିକାରୀ ବିପ୍ଳବ ରଞ୍ଜନ ପତି ସୂଚନା ଦେଇଛନ୍ତି। ତେବେ ଯେଉଁ ଶୈଳୀରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ସ୍ଥିର ହୋଇଛି, ଆବଶ୍ୟକ ପଡ଼ିଲେ ସେଥିରେ କିଛି ପରିବର୍ତ୍ତନ ମଧ୍ୟ କରାଯିବ ବୋଲି ଜଣାପଡ଼ିଛି। ସୂଚନାଥାଉ କି, ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ପୁରାତନ ହୋଇଥିବାରୁ ଛାତରୁ ପ୍ଲାଷ୍ଟର ଖସିବା ସହ ବର୍ଷା ହେଲେ ପାଣି ମଧ୍ୟ ଗଳୁଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଆବଶ୍ୟକ ଚିକିତ୍ସା ସେବା ଯୋଗାଇଦେବା ସମ୍ଭବ ହୋଇପାରୁ ନାହିଁ। ଏପରିସ୍ଥଳେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଜରୁରୀ ହୋଇପଡ଼ିଛି। ତେବେ ସିନ୍ଦୋଳଠାରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଉଦ୍ୟମ କରାଗଲେ ସ୍ଥାନୀୟ ଅଧିବାସୀ ଆନ୍ଦୋଳନ କରିବେ ବୋଲି ଆଲୋଚନା ହେଉଛି। କାରଣ ତିହିଡ଼ିଠାରୁ ୫କି.ମି. ଦୂରକୁ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର ହେଲେ ବହୁ ରୋଗୀ ଚିକିତ୍ସା ସେବାରୁ ବଞ୍ଚିତ ହେବେ ବୋଲି କୁହାଯାଉଛି।

# ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର



ଅତିଥିମାନଙ୍କ ଦ୍ୱାରା କବିତା ସଙ୍କଳନ ଉନ୍ମୋଚନ କରାଯାଉଛି।

ଭଦ୍ରକ,୧୯।୧୦(ସନାତନ ରାଉତ)

ଭଦ୍ରକ ପୌରପାଳିକାର ସାମରାଇପୁର କଲ୍ୟାଣୀନଗରସ୍ଥିତ ଗୁରୁକୃପା ଭବନରେ ଶନିବାର ଆମ ମାତୃଭାଷା ପରିଷଦର ଗର୍ଭଣା ସଂକ୍ରାନ୍ତି ଆସର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ ଆସରକୁ ଅଧ୍ୟାପକ ସୁରଞ୍ଜନ ପଣ୍ଡା ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଡା. ଅନୀଲ କୁମାର ଦାଶ ସମ୍ପାଦକୀୟ ପାଠ କରିଥିଲେ। କବି ଉମେଶ ଚନ୍ଦ୍ର ମହାପାତ୍ରଙ୍କ ଲିଖିତ 'ସୁକର୍ମ ସୁପଥ' କବିତା ସଙ୍କଳନ ଉନ୍ମୋଚିତ ହୋଇଥିଲା। କବୟିତ୍ରୀ ମମତାରାଣୀ ଦାଶ ମିଶ୍ର ପୁସ୍ତକକୁ ସମୀକ୍ଷା କରିଥିଲେ। 'ଆମ ସାହିତ୍ୟ ଓ ସଂସ୍କୃତିରେ ଦୀପାବଳି' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ରାମନାରାୟଣ ନାୟକ, ମୁଖ୍ୟବକ୍ତା କବୟିତ୍ରୀ ମନୋରମା ଆଚାର୍ଯ୍ୟ ଏବଂ ଅନ୍ୟତମ ଅତିଥି ଭାବେ ଅଧ୍ୟକ୍ଷ ନୀହାର ରଞ୍ଜନ କର, ଡ. ନିତ୍ୟାନନ୍ଦ ମିଶ୍ର, ଶିକ୍ଷାବିତ୍ ଜଗନ୍ନାଥ ନାୟକ, ପୂର୍ବତନ ଅଧ୍ୟାପକ କମଳାକାନ୍ତ ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ଲକ୍ଷ୍ମଣ ମହାନ୍ତି, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ପରେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ପ୍ରମୋଦା କୁମାରୀ ପଣ୍ଡା ଓ ବିଜୟଶ୍ରୀ ଗୋକୁଳାନନ୍ଦ ରାଉତଙ୍କ ସଂଯୋଜନାରେ କବିତା ଆସରରେ ବହୁ କବି ସ୍ୱରଚିତ କବିତାପାଠ କରିଥିଲେ। କବୟିତ୍ରୀ ସରୋଜିନୀ ନାୟକ ଧନ୍ୟବାଦ ଦେଇଥିଲେ।

## ରକ୍ତଦାନ ଶିବିର

ବାସୁଦେବପୁର,୧୯।୧୦ (କାଳିପଦ ରାୟ)

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାହାଡ଼ା ପଞ୍ଚାୟତର କଲ୍ୟାଣ ମଣ୍ଡପଠାରେ ରବିବାର ପ୍ରମୋଦ ସେବା ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ପୂର୍ବତନ ସାମାଜିକ କର୍ମୀ ପ୍ରମୋଦ ବେହେରାଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ଶିବିରରେ ୬୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସଙ୍ଗଠନର ସଭାପତି ପ୍ରମିଳା ବେହେରା, ସମ୍ପାଦକ ହୀରାଲାଲ ଘୁଘୁଲି, ସଭ୍ୟ ପ୍ରତ୍ୟୁଷ ବେହେରା, ପ୍ରିୟରଞ୍ଜନ ମହାନ୍ତି, ପ୍ରଦୀପ ଦାସ, କାମଦେବ ମଲିକ, ଶୈଳେନ୍ଦ୍ର ବାରିକ, ବିଜୟ କୁମାର ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷାବିତ୍ ବାଦଲ କିଶୋର ମହାପାତ୍ରଙ୍କ ସଭାପତିତ୍ୱରେ ପ୍ରମୋଦଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ବୁଦ୍ଧିଜୀବୀମାନେ ସ୍ମୃତିଚାରଣ କରିଥିଲେ।


**ଭାରତ ସରକାର**
**ପେଟ୍ରୋଲିୟମ ଏବଂ ବିସ୍ଫୋରକ ସାମଗ୍ରୀ ନିରାପତ୍ତା ସଂଗଠନ (ପିଇଏସ୍‌ଓ)**
**(ପୂର୍ବରୁ ବିସ୍ଫୋରକ ସାମଗ୍ରୀ ବିଭାଗ)**

**ଚେତାବନୀ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଭାରତ ସରକାର ଅଧିସୂଚନା ସଂ. ଜି.ଏସ୍.ଆର୍.୬୮୨ (ଇ), ତାରିଖ: ୦୫।୧୦।୧୯୯୯ ମାଧ୍ୟମରେ ବାଣର ମାଳା ସମେତ ୧୨୫ ଡିବି(ଏ୧) ରୁ ଅଧିକ ଧ୍ୱନି ସ୍ୱରର ଆତସବାଜିର ବିନିର୍ମାଣ, ବିକ୍ରୟ କିମ୍ବା ବ୍ୟବହାର ଉପରେ କଟକଣା ଲାଗୁ କରିଛନ୍ତି । ଏଭଳି ବାଣଗୁଡ଼ିକର ବିନିର୍ମାଣ, ବିକ୍ରୟ ତଥା ବ୍ୟବହାର ବେଆଇନ ଅଟେ ଏବଂ ଏହାର ଉଲ୍ଲଂଘନ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ବୈଧାନିକ ନିୟମାବଳୀ ଅଧୀନରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଦୀପାବଳି ପର୍ବ ସମୟରେ ନିରାପତ୍ତା ପାଇଁ ନିମ୍ନଲିଖିତ ପ୍ରାକ୍-ସତର୍କତା ଅବଲମ୍ବନ କରନ୍ତୁ:

**କ'ଣ କରିବେ**

* କେବଳ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରି ତିଆରି ହୋଇଥିବା ବାଣଗୁଡ଼ିକୁ ବିଶ୍ୱସନୀୟ ଲାଇସେନ୍ସଧାରୀ ବିକ୍ରେତାଙ୍କଠାରୁ କିଣନ୍ତୁ ।
* ସର୍ବଦା ଜଣେ ପ୍ରୌଢ଼ଙ୍କ ତତ୍ତ୍ୱାବଧାନ ଅଧୀନରେ ବାଣ ବ୍ୟବହାର କରନ୍ତୁ ।
* ବାଣରେ ଦର୍ଶାଯାଇଥିବା ନିରାପତ୍ତା ସତର୍କତାକୁ କଡ଼ାକଡ଼ି ଭାବେ ଅନୁସରଣ କରନ୍ତୁ ।
* ବାଣରେ ନିଆଁ ଲଗାଇବା ପାଇଁ ମହମବତି କିମ୍ବା ଧୂପକାଠି ବ୍ୟବହାର କରନ୍ତୁ ।
* ପ୍ରାରମ୍ଭିକ ଅଗ୍ନିକୁ ଲିଭାଇବା ପାଇଁ ସର୍ବଦା ହାତପାହାନ୍ତାରେ ଏକ ପାଣି ବାଲ୍‌ଟି ରଖନ୍ତୁ ।
* ଆକାଶୀ ବାଣଗୁଡ଼ିକୁ କେବଳ ସୁରକ୍ଷିତ ଅବତରଣ ଅଞ୍ଚଳରେ ବ୍ୟବହାର କରନ୍ତୁ ।
* ବ୍ୟବହୃତ ବାଣଗୁଡ଼ିକୁ ପାଣିରେ ଭିଜାଇବା ପରେ ହିଁ ଫୋପାଡ଼ନ୍ତୁ ।

**କ'ଣ କରିବେ ନାହିଁ**

* ୧୨୫ ଡିବି(ଏ୧) ଅଥବା ଫୁଟାଇବା ଜାଗାରୁ ୪ ମିଟର ଦୂରତାରେ ୧୪୫ ପିକେରୁ ଅଧିକ ଧ୍ୱନି ସୃଷ୍ଟି କରୁଥିବା ବାଣଗୁଡ଼ିକର ବିନିର୍ମାଣ, ବିକ୍ରୟ କିମ୍ବା ବ୍ୟବହାର ପ୍ରତିବନ୍ଧିତ ଅଟେ । ସିରିଜ୍ (ବାଣର ମାଳା) ଗଠିତ କରୁଥିବା ପୃଥକ୍ ବାଣଗୁଡ଼ିକ ପାଇଁ ଉପରଦର୍ଶିତ ସୀମାକୁ ୫ ଲଗ୍ ୧୦ (ଏନ୍) ଡିବିରେ ହ୍ରାସିତ କରାଯିବ, ଯେଉଁଠି 'ଏନ୍'ର ଅର୍ଥ ହେଉଛି ଏକାଠି ଯୋଡ଼ି ଗଢ଼ାଯାଇଥିବା ବାଣଗୁଡ଼ିକର ସମାନ ସଂଖ୍ୟା ।
* ରାତି ୧୦ଟାରୁ ସକାଳ ୬ଟା ମଧ୍ୟରେ ଧ୍ୱନି ସୃଷ୍ଟି କରୁଥିବା ବାଣ ଫୁଟାନ୍ତୁ ନାହିଁ ।
* ବାଣଗୁଡ଼ିକୁ କଦାପି ହାତରେ ଧରି ଫୁଟାନ୍ତୁ ନାହିଁ । ବାଣକୁ ଭୂ-ସ୍ତରରେ ରଖନ୍ତୁ, ସେଥିରେ ନିଆଁ ଲଗାନ୍ତୁ ଓ ଦୂରେଇ ଯାଆନ୍ତୁ ।
* ବାଣଗୁଡ଼ିକୁ କୌଣସି ପାତ୍ର ଭିତରେ ରଖି ଫୁଟାନ୍ତୁ ନାହିଁ ।
* ଉପରେ ଗଛପତ୍ର, ତାର ଆଦି ବାଧା ଥିବା ସ୍ଥାନରେ ଆକାଶୀ ବାଣ ଫୁଟାନ୍ତୁ ନାହିଁ କାରଣ ସେଗୁଡ଼ିକ ହୁଏତ ବାଣକୁ ଖୋଲା ଆକାଶକୁ ଯିବାରୁ ବାଧା ପହଞ୍ଚାଇପାରେ ।
* ବିଲ୍‌ଡିଂ ନିକଟରେ ଆକାଶୀ ବାଣ ଫୁଟାନ୍ତୁ ନାହିଁ । ଏଭଳି କ୍ଷେତ୍ରରେ ବାଣ କବାଟ, ଝରକା ଆଦି ଦେଇ ବିଲ୍‌ଡିଂ ମଧ୍ୟକୁ ପଶିବା ଓ ବିଲ୍‌ଡିଂରେ ଅଗ୍ନିକାଣ୍ଡ ଘଟିବାର ଆଶଙ୍କା ରହିଥାଏ ।
* ଘର ଭିତରେ କଦାପି ବାଣ ଫୁଟାନ୍ତୁ ନାହିଁ ।
* ସର୍ବସାଧାରଣ ରାସ୍ତାରେ ବାଣ ଫୁଟାନ୍ତୁ ନାହିଁ ।
* କଦାପି ନିଜେ ନିଜେ ବାଣ ତିଆରି କରିବା ପାଇଁ ଚେଷ୍ଟା କରନ୍ତୁ ନାହିଁ ।
* ନିଆଁ ଲଗାଇବା ପରେ ମଧ୍ୟ ଫୁଟି ନ ଥିବା ବାଣକୁ ପୁଣିଥରେ ଫୁଟାଇବାକୁ ଚେଷ୍ଟା କରନ୍ତୁ ନାହିଁ (୧୫ରୁ ୨୦ ମିନିଟ୍ ଅପେକ୍ଷା କରନ୍ତୁ ଓ ତାହାକୁ ଏକ ପାଣି ବାଲ୍‌ଟିରେ ଭିଜାଇଦିଅନ୍ତୁ) ।
* ନକଲି / ବେଆଇନ ବାଣ ବ୍ୟବହାର କରନ୍ତୁ ନାହିଁ ।
* ପିଲାମାନଙ୍କୁ ଏକାକୀ ବାଣ ଫୁଟାଇବା ପାଇଁ ଅନୁମତି ଦିଅନ୍ତୁ ନାହିଁ ।

CBC 05209/12/0004/2526

**ପେଟ୍ରୋଲିୟମ ଏବଂ ବିସ୍ଫୋରକ ସାମଗ୍ରୀ ନିରାପତ୍ତା ସଂଗଠନ (ପିଇଏସ୍‌ଓ)**
**(ପୂର୍ବରୁ ବିସ୍ଫୋରକ ସାମଗ୍ରୀ ବିଭାଗ)**



Odisha Coal and Power Limited OCPL

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, 4th Floor, Fortune Towers, Chandrasekharpur, Bhubaneswar - 751023, Odisha,
Ph. No. : 0674-2300654 / 2300664

**NOTICE INVITING TENDER**

Date : 20/10/2025

Sealed bids in the prescribed format for the following tender are invited from reputed Companies/ Firms/Agencies for execution of the following work :


| Sl. No. | Name of the work | Cost of Tender Paper (inclusive of GST) | Last date of Sale/ download of Tender document | Date of submission/ Opening |
|---|---|---|---|---|
| 1 | Widening of Road from Jhardeswar Temple Gate to Mega water line stock yard, Hemgir, Sundargarh. Tender No.: OCPL/MCMP/SER-159/2025 | NIL | 10/11/2025 | 11:00 AM / 11:30 AM on 17/11/2025 |
| 2 | Construction of School Building at village Ostali, Hemgir, Sundargarh. Tender No. OCPL/MCMP/SER-160/2025 | NIL | 10/11/2025 | 3:00 PM / 3:30 PM on 17/11/2025 |
| 3 | Balance work of construction of Twin Cottage, Sarafgarh Nature Camp, Sundargarh, Odisha. Tender No.: OCPL/MCMP/SER-165/2025 | Rs 1000/- (Rs One Thousand Only) | 11/11/2025 | 11:00 AM / 11:30 AM on 18/11/2025 |
| 4 | Renovation of Pond at Village Kiripsira, Hemgir, Sundargarh. Tender No. OCPL/MCMP/SER-167/2025 | NIL | 11/11/2025 | 3.00 PM / 3:30 PM on 18/11/2025 |

Any further clarifications may please be addressed to the undersigned at the above address or by email to: Contracts@ocpl.org.in.

Sd./- Sr. Manager (Commercial & Contracts)


# ଅଳଙ୍କାରରେ ସଜେଇ ହେଲେ ମା'

## ଦକ୍ଷିଣେଶ୍ୱରୀ କାଳୀମନ୍ଦିରରେ ୩ୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ



ବାସୁଦେବପୁର,୧୯।୧୦(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ସହରର ବାଲିନଗର ତାରିଣୀଛକଠାରେ ଥିବା ମା' ଦକ୍ଷିଣେଶ୍ୱରୀ କାଳୀଙ୍କ ପଥର ମୂର୍ତ୍ତି ପ୍ରତିଷ୍ଠାର ୩ୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ମା'ଙ୍କ ବିଗ୍ରହକୁ ସ୍ୱତନ୍ତ୍ର ଭାବେ ସୁସଜ୍ଜିତ କରାଯିବା ସହ ରୁପା ମୁକୁଟ ଓ ଅଳଙ୍କାରରେ ସୁସଜ୍ଜିତ କରାଯାଇଥିଲା। ମନ୍ଦିର ପୂଜକ ଯଦୁନାଥ ଷଡ଼ଙ୍ଗୀ, ଯାଜ୍ଞିକ ପଣ୍ଡିତ ମନୋରଞ୍ଜନ ପାଢ଼ୀ, ନାରାୟଣ ପଣ୍ଡା, ଅନନ୍ତ ନାରାୟଣ ଶତପଥୀ ପ୍ରମୁଖ ଯଜ୍ଞ କାର୍ଯ୍ୟ ତୁଲାଇଥିବା ବେଳେ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା। କର୍ତ୍ତାକର୍ତ୍ତା ଭାବେ ପବିତ୍ରମଣି ପଳିତା ଓ ନିତ୍ୟାନନ୍ଦ ପଳିତା ଦାୟିତ୍ୱ ତୁଲାଇଥିଲେ। ପୂଜକ ନିରଞ୍ଜନ ବାରିକ୍ ପୂଜାବିଧି ଦାୟିତ୍ୱ ନିର୍ବାହ କରିଥିଲେ। ମା'ଙ୍କର ବାର୍ଷିକ ପୂଜା ଉତ୍ସବରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବସ୍ୱାଣ୍ଡ କାଳୀ କମିଟିର ସଭାପତି ଦେବରୂପ ଧନୀ ଓ ସମ୍ପାଦକ ଲମ୍ବୋଦର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି।

## ଯାଦବ ନେତାଙ୍କ ବିୟୋଗରେ ସ୍ମୃତିସଭା

ଭଦ୍ରକ,୧୯।୧୦(ରବିନାରାୟଣ ଖିଲାର)

ଯାଦବ ନେତା ଗୋଲକ ବାରିକଙ୍କ ବିୟୋଗରେ ଭଦ୍ରକ ବ୍ଲକର ତୁନିଦାସ୍ଥିତ ଯାଦବ ଭବନଠାରେ ରବିବାର ଅପରାହ୍ନ ୫ଟାରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରାକ୍ତନ ସମିତିସଭ୍ୟ ନିତ୍ୟାନନ୍ଦ ବେହେରା, ବରିଷ୍ଠ ନାଗରିକ ସନାତନ ମହାକୁଡ଼, ବୀରେନ୍ଦ୍ର ପରିଡ଼ା, ଶିକ୍ଷାବିତ୍ ବାଦଲ ଦାସ, ପୁଅ ସରୋଜ କୁମାର ବାରିକ, ଦେବେନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଯାଦବ ମହାସଭାର ଆବାହକ କୃଷ୍ଣଚନ୍ଦ୍ର ବେହେରା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# କୁଣ୍ଡି ନଦୀରୁ ଆବିର୍ଭାବ ମା' କୁଣ୍ଡିକାଳୀ

ଭଦ୍ରକ, ୧୯।୧୦(ସନାତନ ରାଉତ)


ମା' କୁଣ୍ଡିକାଳୀ।

ଭଦ୍ରକ ସହରଠାରୁ ମାତ୍ର ୩ କି.ମି. ଦୂର ସାଳନ୍ଦୀର ଶାଖା ନଦୀ କୁଣ୍ଡି ନଦୀ କୂଳରେ ବ୍ରହ୍ମପୁର ମୌଜାର ମାଳିଅରୁଆ ଗ୍ରାମରେ ରହିଛି ମା' କୁଣ୍ଡିକାଳୀଙ୍କ ପୀଠ। କାଳୀପୂଜା ପାଇଁ ଏଠାରେ ୩ଦିନ ଧରି ଯଜ୍ଞ, ଚଣ୍ଡୀ ପୂଜା ହେବ। ଏଥିପାଇଁ ପୀଠ ଉତ୍ସବମୁଖର ହୋଇଛି। କିମ୍ବଦନ୍ତୀ ଅନୁଯାୟୀ ପ୍ରାୟ ୭୮ ବର୍ଷ ତଳେ କୁଣ୍ଡି ନଦୀରୁ ମା'ଙ୍କ ଆବିର୍ଭାବ ହୋଇଥିଲା। ଏଥିଯୋଗୁ ମା'ଙ୍କର ନାମକରଣ କରାଯାଇଥିଲା କୁଣ୍ଡିକାଳୀ। ନଈ ପାଖ ଜଙ୍ଗଲରେ ଗୋଟିଏ ସ୍ଥାନରେ ଥିବା ବିରାଟ ବଟ, ବେଲ ଓ ନିମ୍ବ ବୃକ୍ଷ ନିକଟରେ ମା'ଙ୍କୁ ସ୍ଥାପନା କରିବା ପାଇଁ ମାଳିଅରୁଆ ଗ୍ରାମର ପୂଜକ ଉପେନ୍ଦ୍ର ପ୍ରସାଦ ବହଳୀଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ପରେ ସେଠାରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଆରମ୍ଭ କରାଯାଇଥିଲା। ସେହି ପୌରାଣିକ ପୀଠରେ ଏବେ ମା'ଙ୍କ ମନ୍ଦିର ନିର୍ମାଣ କରାଯାଇଛି। ପୌରାଣିକ କଥା ଅନୁଯାୟୀ ସତ୍ୟଯୁଗରେ ମା' ଦୁର୍ଗା, ଦ୍ୱାପରରେ ରୁକ୍ମିଣୀ, ତ୍ରେତୟାରେ ସୀତା ଓ କଳିଯୁଗରେ ମା' କୁଣ୍ଡିକାଳୀ ରୂପେ ବିରାଜିତ ଅଛନ୍ତି। କଳିଯୁଗର ପ୍ରତ୍ୟକ୍ଷ ଠାକୁରାଣୀ ମା' କୁଣ୍ଡିକାଳୀ। କାଳୀପୂଜା ବ୍ୟତୀତ ପ୍ରତ୍ୟେକ ଚତୁର୍ଦ୍ଦଶୀ ଓ ଅମାବାସ୍ୟା ତିଥିରେ ଏହି ପୀଠରେ ନାମ ସଂକୀର୍ତ୍ତନ ସହ ମାନସିକଧାରୀ ଶ୍ରଦ୍ଧାଳୁମାନେ ରାତି ଉଜାଗର ହୋଇ ଦୀପ ଜାଳନ୍ତି। ଚୈତ୍ର ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ମା'ଙ୍କ ପୀଠରେ ବାରୁଣୀ ଯଜ୍ଞ ଅନୁଷ୍ଠିତ ହୋଇଥାଏ। ପୀଠରେ ଏହା ହେଉଛି ପ୍ରମୁଖ ପର୍ବ। ଏହି ଯଜ୍ଞରେ ବେଢ଼ା ପରିକ୍ରମା କଲେ ପୂର୍ବପୁରୁଷମାନେ ଉଦ୍ଧାର ପାଇବା ସହ ପାପ କ୍ଷୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି କାରଣରୁ ପ୍ରତିବର୍ଷ ଯଜ୍ଞ ସମୟରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।

# ପୌରାଣିକ ଉପନ୍ୟାସ ପୁସ୍ତକ 'ଉର୍ମିଳା' ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଧାମନଗର,୧୯।୧୦ (ଦେବେନ୍ଦ୍ର ଆଦିଆ/ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ଦେହୁଡ଼ି ଆନନ୍ଦପୁରସ୍ଥିତ ହରିହର ମହାଦେବ ମନ୍ଦିର ପ୍ରାଙ୍ଗଣରେ ରବିବାର ସାହିତ୍ୟିକ ତଥା ସାରସ୍ୱତ ସାଧକ ପ୍ରମୋଦ କୁମାର ମିଶ୍ରଙ୍କ ସାମାଜିକ ଚେତନାଧର୍ମୀ ଓ ପୌରାଣିକ କଥାବସ୍ତୁକୁ ନେଇ ରଚିତ ପୁସ୍ତକ 'ଉର୍ମିଳା' ଉନ୍ମୋଚିତ ହୋଇଯାଇଛି। ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଞ୍ଚାଳନରେ ଆନନ୍ଦପୁରସ୍ଥିତ ରାମଚନ୍ଦ୍ର ଦାଶ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଦ୍ରକ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଓ ବରେଣ୍ୟ ଅତିଥି ଭାବେ ଇଂ. ଅଭୟ ସୂତାର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. କ୍ଷୀରୋଦ ସାମଲ, ସମୀକ୍ଷକ ଅଧ୍ୟକ୍ଷ ଡ.ଦାମୋଦର ବେହେରା, ସାମାଜିକ କର୍ମୀ ଅଞ୍ଚଳ ଦାସ, ଜାନକୀ ପାଢ଼ୀ, ସେବାନିବୃତ୍ତ ପ୍ରଧାନଶିକ୍ଷକ ନାରାୟଣ ଦାଶ, ଔପନ୍ୟାସିକ ଜଗନ୍ନାଥ ଧଳ, ଉର୍ମିଳା ଉପନ୍ୟାସର ଲେଖକ ମିଶ୍ର, ସାରସ୍ୱତ ସାଧକ ଅରୁଣ ପାତ୍ର, ପ୍ରକାଶକ ମୀନକେତନ ବେହୁରିଆ, ପୂର୍ବତନ ସରପଞ୍ଚ ବିଜୟ ଦାସ, ପ୍ରାଧ୍ୟାପକ ଅଜୟ କୁମାର ଓଝା ପ୍ରମୁଖ ଯୋଗଦାନ କରିଥିଲେ। ଅତିଥିମାନେ ପୁସ୍ତକ ଉନ୍ମୋଚନ କରିଥିଲେ। ରାମାୟଣର ଚରିତ୍ର ଲକ୍ଷ୍ମଣ ଯେତେବେଳେ ପ୍ରଭୁ ଶ୍ରୀରାମ ଓ ମାତା ସୀତାଙ୍କ ସହ ୧୪ବର୍ଷ ଧରି ବନଗମନ କରିଥିଲେ। ସ୍ୱାମୀଙ୍କଠାରୁ ଦୂରରେ ଦୀର୍ଘଦିନର ସାଧନାମଗ୍ନ ଜୀବନ ଅତିବାହିତ କରିଥିଲେ ଲକ୍ଷ୍ମଣଙ୍କ ଧର୍ମପତ୍ନୀ ଦେବୀ ଉର୍ମିଳା। ଲେଖକ ମିଶ୍ର ଏହି ପୁସ୍ତକ ମାଧ୍ୟମରେ ଉର୍ମିଳାଙ୍କ ଜୀବନ ସମ୍ପର୍କରେ ଦର୍ଶାଇଛନ୍ତି। ପୁସ୍ତକ ଉନ୍ମୋଚନ ଉତ୍ସବରେ କୁଳମଣି ବେହେରା ମଞ୍ଚ ଆହ୍ୱାନ କରିଥିବା ବେଳେ ଗୌରୀଶଙ୍କର ମିଶ୍ର ଅତିଥି ପରିଚୟ ଦେଇଥିଲେ। ସିତାଂଶୁ ଦାଶ, ବୃନ୍ଦାବନ ମହାନ୍ତି, ବିଜୟ କୁମାର ଦାସ, ମାନଗୋବିନ୍ଦ ଦାସ, ବିଶ୍ୱମ୍ଭର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟ ରାଜପଥରେ ଉଡୁଛି ଧୂଳି, ଲୋକେ ଅତିଷ୍ଠ

ଧୁଷୁରୀ,୧୯।୧୦ (ଦୀପ୍ତିରଞ୍ଜନ ନାୟକ)



ଧାମନଗର ବ୍ଲକ ପାଳସାହି ପଞ୍ଚାୟତର ସାହୁସାହି ନିକଟରେ ବସ୍ ଯାଉଥିବା ବେଳେ ରାସ୍ତାରେ ଧୂଳି ଉଡୁଛି।

ଭଦ୍ରକ-ଆରଡ଼ି ୩୫ ନମ୍ବର ରାଜ୍ୟ ରାଜପଥ ଏବେ ଡେଞ୍ଜର ଜୋନ୍ ପାଲଟିଛି। ରାସ୍ତାର ଉଭୟପାର୍ଶ୍ୱରେ ମୂଲ୍ୟବାନ ଗଛ କଟାଯାଇ ୫ବର୍ଷ ହେଲା ମରାମତି କାର୍ଯ୍ୟ ଚାଲିଛି। ରାସ୍ତାର ଉଭୟପାର୍ଶ୍ୱ ୩ ଫୁଟ୍ ଲେଖାଏ ସମ୍ପ୍ରସାରଣ କରିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଏହି କାର୍ଯ୍ୟ ସରି ନ ଥିବାବେଳେ ସମ୍ପ୍ରସାରଣ ଆରମ୍ଭ ସ୍ଥାନରୁ ପିଚୁ ଉଠିଗଲାଣି। ନୂତନ ଭାବେ ପଡ଼ିଥିବା ପିଚୁ ମଧ୍ୟ ଉଠିବାକୁ ଲାଗିଲାଣି। କେତେକ ସ୍ଥାନରେ ରାସ୍ତା ଯାକ ଛୋଟ ଛୋଟ ଗୋଡ଼ି ପଡ଼ିରହିଛି। ଏହି ସ୍ଥାନରେ ବାଇକ୍ ଆରୋହୀ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଏବେ ରାସ୍ତାରେ ଯାନବାହନ ଚଳାଚଳ ବେଳେ ପ୍ରବଳ ମାତ୍ରାରେ ଧୂଳି ଉଡୁଛି। ପଥଚାରୀ ଓ ସାଧାରଣ ଲୋକେ ଏଥିରେ ଅତିଷ୍ଠ ହୋଇପଡ଼ିଛନ୍ତି।

ଧୁଷୁରୀରୁ ମଠଡିହ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଖୋଳାଯାଇ ଡଷ୍ଟ ପକାଯାଇଛି। ସପ୍ତାହେ ହେଲା ବର୍ଷା ନାହିଁ। ଆରଡ଼ି ଆଖଣ୍ଡଳମଣି ପୀଠକୁ ଦୈନନ୍ଦିନ ଶତାଧିକ ଗାଡ଼ି ଆସୁଛି। ବଡ଼ ବଡ଼ ଯାନ ଗଲା ବେଳେ ଏତେ ମାତ୍ରାରେ ଧୂଳି ଉଡୁଛି ଯେ ପଛରେ ଯାଉଥିବା ଛୋଟ ଛୋଟ ଗାଡ଼ି ଚାଳକ, ବାଇକ୍ ଚାଳକ ଓ ରାସ୍ତାପାର୍ଶ୍ୱରେ ବସବାସ କରୁଥିବା ଲୋକେ ଅଣନିଶ୍ୱାସୀ ହୋଇଯାଉଛନ୍ତି। ହେଲେ ଏଥିପ୍ରତି ଠିକାଦାର କିମ୍ବା ପ୍ରଶାସନର ଆନ୍ତରିକତା ନ ଥିବା ଅଭିଯୋଗ ହେଉଛି। ସେହିପରି ବିଭିନ୍ନ ସମୟରେ ନେତା, ମନ୍ତ୍ରୀ, ପ୍ରଶାସନିକ ଅଧିକାରୀମାନେ ଆଖଣ୍ଡଳମଣି ପୀଠକୁ ଆସୁଥିଲେ ବି ସେମାନଙ୍କ ନଜର କେମିତି ରାସ୍ତା ଉପରେ ନ ପଡ଼େ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଏସ୍‌ଡିଓ ମହେଶ୍ୱର ସାହୁ କହିଛନ୍ତି, ରାସ୍ତାରେ ଧୂଳି ନ ଉଡ଼ିଲେ ପିଚୁ କେମିତି ହେବ। ପାଣି ପକାଇ ଧୂଳି ଉଡ଼ିବା ବନ୍ଦ କଲେ ପିଚୁ ହେବାରେ ବାଧା ଉପୁଜିବ। ତେବେ କାଳୀପୂଜା ପରେ ପିଚୁ ପକାଯାଇ ସମସ୍ୟାର ସମାଧାନ କରାଯିବ। ଭାଜପାର ଚାନ୍ଦବାଲି ମଣ୍ଡଳ ସଭାପତି ସନ୍ଦୀପ କୁମାର ନାୟକ କହିଛନ୍ତି, ରାସ୍ତାରେ ପିଚୁ ପଡ଼ିବା ପୂର୍ବରୁ ମାସ ମାସ ଧରି ଧୂଳି ଉଡ଼ିବା ନିୟମ ନାହିଁ। ତେବେ ଠିକାଦାରଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରାଯିବ। ୮ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

## ସଂକ୍ଷେପରେ

### ସୋଲାର ପାଣିପମ୍ପ ଅଚଳ, ମରାମତି ଦାବି

ବଉଳା,୧୯।୧୦(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଆଦିବସୀ ବହୁଳ କେ.ବାଳିପାଳ ପଞ୍ଚାୟତର ରାଇଘାଟି(୨)ରେ ଥିବା ଶିବ ମନ୍ଦିରର ସୋଲାର ସିଷ୍ଟମ ପାଣିପମ୍ପଟି ଅଚଳ ହୋଇଯାଇଛି। ଅଭିଯୋଗ ପରେ ବି ମରାମତି କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପାଣି ପମ୍ପ ଉପରେ ଦୁଇଟି ସାହି ନିର୍ଭର କରିବା ସହିତ ଶିବ ମନ୍ଦିରର ରିତିନୀତି କାର୍ଯ୍ୟ କରାଯାଇଥାଏ। ଚାରିମାସ ଧରି ସୋଲାର ସିଷ୍ଟମ ପାଣିପମ୍ପଟି ଅଚଳ ହୋଇପଡ଼ିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ମରାମତି କରିବାକୁ ଶ୍ରୀରାମ ନାଇକ, ଦୁଃଖବନ୍ଧୁ ନାଇକ ଓ ଗ୍ରାମବାସୀ ଦାବି କରିଛନ୍ତି।

### ବୋଇତବନ୍ଦାଣ, ବାଲିଯାତ୍ରା ପ୍ରସ୍ତୁତି

ପାଟଣା,୧୯।୧୦(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗର ଗ୍ରାମ ପ୍ରସିଦ୍ଧ ରଘୁନାଥଜୀଉ ମଠ ପ୍ରାଙ୍ଗଣରେ ରବିବାର ବୋଇତବନ୍ଦାଣ କମିଟି ପକ୍ଷରୁ ବୋଇତ ବନ୍ଦାଣ ଓ ବାଲିଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ପ୍ରତାପ ଚନ୍ଦ୍ର ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରଥମେ ନୂତନ ସଭାପତି ଭାବେ ସର୍ବସମ୍ମତି କ୍ରମେ ଶିକ୍ଷାବିତ ଧରଣୀଧର ଦାସଙ୍କୁ ମନୋନୀତ କରାଯାଇଥିଲା। ସମ୍ପାଦକ ଦିଲୀପ କୁମାର ସିଂହ, କୋଷାଧକ୍ଷଭାବେ ଶଶୀରଂଜନ ମିଶ୍ର ପ୍ରମୁଖଙ୍କ ସହ ୬୦ରୁ ଉର୍ଦ୍ଧ୍ୱ ସଭ୍ୟଙ୍କ ଉପସ୍ଥିତିରେ ବୋଇତ ବନ୍ଦାଣକୁ ସରସ ସୁନ୍ଦର କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଆଲୋଚନାରେ ବରିଷ୍ଠ ନାଗରିକ କାଙ୍ଗାଳି ନାୟକ, ଅବସରପ୍ରାପ୍ତ ରେଞ୍ଜର ରଞ୍ଜନ କୁମାର ପାଣି, ସାମାଜିକକର୍ମୀ ବସନ୍ତ ମିଶ୍ର, ତୃପ୍ତି ରଞ୍ଜନ ସିଂହ,ଦିଲୀପ କୁମାର ସିଂହ(ବି), ରଞ୍ଜିତ ବେହେରା, ସୁଧାଂଶୁ ନାୟକ, ଶ୍ରଦ୍ଧାନନ୍ଦ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

### ଦାଦନ ଦୁଃଖ: ବିଦ୍ୟାପାଲମ ଷ୍ଟେଶନରୁ ଯୁବକ ନିଖୋଜ

କେନ୍ଦୁଝର,୧୯।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ବରଦାପାଳ ପଞ୍ଚାୟତ ଉପରକମ୍ପଡିହି ଗ୍ରାମରୁ ଦାଦନ ଦୁଃଖ ଖବର ଆସିଛି। ଗ୍ରାମର ଜିତେନ୍ଦ୍ର ପ୍ରଧାନ ସାଙ୍ଗଙ୍କ ସହିତ ଗତ ସୋମବାର ପଣ୍ଡିଚେରୀ କାମ କରିବା ପାଇଁ ଦାଦନ ଶ୍ରମିକ ଭାବେ ଯାଉଥିଲେ। ନେଲୋର ନିକଟ ବିଦ୍ୟାପାଲମ ଷ୍ଟେଶନଠାରେ ପାଣି ଆଣିବାକୁ ଓହ୍ଲାଇଥିଲେ। ସେ ସମୟରେ ଟ୍ରେନ୍ ଚାଲି ଯିବାରୁ ନିଖୋଜ ହୋଇଯାଇଥିବା ସୂଚନା ମିଳିଛି। ଜିତେନ୍ଦ୍ର ଜଣେ ଦୁର୍ଗମ ପାହାଡ଼ିଆ ଅଞ୍ଚଳର ପିଲା ହୋଇଥିବା ବେଳେ ପ୍ରଥମଥର ଟ୍ରେନ୍‌ରେ ଯାଉଥିଲେ। ମୋବାଇଲ ମଧ ନ ଥିବାରୁ ଯୋଗଯୋଗ ହୋଇପାରୁନାହିଁ। ତାଙ୍କ ନିକଟରେ ଥିବା ଆଧାର କାର୍ଡ ତଥା ଅନ୍ୟ ଜିନିଷ ଟ୍ରେନ୍‌ରେ ଅନ୍ୟ ସାଙ୍ଗଙ୍କ ନିକଟରେ ରହିଯାଇଛି। ସେ ଓଡ଼ିଆ ଛଡ଼ା ଅନ୍ୟ କିଛି ଭାଷା କହିପାରୁନାହାନ୍ତି କି ବୁଝି ପାରୁନାହାନ୍ତି। ଫଳରେ ସାଙ୍ଗମାନେ ତଥା ପରିବାର ଲୋକେ ଚିନ୍ତାରେ ପଡ଼ି ଯାଇଛନ୍ତି। ପରିବାର ପକ୍ଷରୁ ଶନିବାର ସଦର ଥାନାରେ ନିଖୋଜ ରିପୋର୍ଟ କରାଯାଇଛି। ଥାନା ଅଧିକାରୀ ଅମିତ୍ କୁମାର ଭୂୟାଁ କହିଛନ୍ତି, ନିଖୋଜ ମାମଲା ରୁଜୁ କରାଯାଇ ତାଙ୍କ ସମ୍ପର୍କରେ ଜିଲା ତଥା ରାଜ୍ୟକୁ ସୂଚନା ଦିଆଯାଇଛି।

# ରେଳ ସାଇଡିଂରୁ ବିପୁଳ ପରିମାଣର ଖଣିଜ ଠାବ



ଖଣି ବିଭାଗ ଓ ରାଜ୍ୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଠାବ କରିଥିବା ଖଣିଜର ଯାଞ୍ଚ କରୁଛି।

## ନମୁନା ସଂଗ୍ରହ କଲା ସ୍ୱତନ୍ତ୍ର ସ୍କ୍ୱାଡ୍

ଯୋଡ଼ା/ବଡ଼ବିଲ, ୧୯।୧୦ (ମାନସ ମହାନ୍ତି/ଜୟନ୍ତୀ ରଣା)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ବଡ଼ବିଲସ୍ଥିତ ୬ ନଂ. ରେଳ ସାଇଡିଂରେ ବିପୁଳ ପରିମାଣର ଖଣିଜକୁ ରାଜ୍ୟସ୍ତରୀୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ରବିବାର ଠାବ କରିଛି। ଯୋଡ଼ା ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଅଧିକାରୀଙ୍କ ସମେତ ସ୍କ୍ୱାଡ୍ ଗଚ୍ଛିତ ଖଣିଜର ନମୁନା ସଂଗ୍ରହ କରି ଯାଞ୍ଚ ଆରମ୍ଭ କରିଛନ୍ତି। ଠାବ ଖଣିଜ ରେଳବାଇ ଅଧୀନରେ ଥିବାରୁ ରେଲୱେ ପୋଲିସ ମଧ ଏହାର ଯାଞ୍ଚ କରୁଥିବା ଝାଡ଼ଖଣ୍ଡ ରାଜ୍ୟ ଡାଙ୍ଗୋଆପଶି ରେଲୱେ ପୋଲିସ ଇନ୍‌ସପେକ୍ଟର ବିଜେନ୍ଦ୍ର କୁମାର କହିଛନ୍ତି। ସୂଚନା ଅନୁଯାୟୀ, ବଡ଼ବିଲସ୍ଥିତ ୬ ନଂ. ରେଳ ସାଇଡିଂରେ ଖାଲଖମା ହୋଇଥିବାରୁ ରେଳଷ୍ଟେଶନ ମ୍ୟାନେଜରଙ୍କ ଅନୁମତିକ୍ରମେ ରେଳବାଇ ଠିକାଦାର ଏହାକୁ ସମତଳ କରୁଥିଲେ। ଯୋଡ଼ା ଖଣି ମଣ୍ଡଳର ଏକ ଖଣିରୁ ବିଶାଖାପାଟଣାକୁ ରେଳ ଯୋଗେ ପରିବହନ ହେବା ନିମନ୍ତେ ପ୍ରାୟ ୧୫ ଶହ ମେଟ୍ରିକ ଟନ୍ ଖଣିଜ ଏହି ସାଇଡିଂରେ ଗଚ୍ଛିତ କରାଯାଉଥିଲା। ସାଇଡିଂ ସମତଳ ସମୟରେ ବାହାରିଥିବା ଖଣିଜ ମଧ ଗଚ୍ଛିତ ଥିବାରୁ ଉକ୍ତ କମ୍ପାନୀ ସେହି ଖଣିଜକୁ ପରିବହନ କରୁଥିବା ସନ୍ଦେହଜାତ ହୋଇଥିଲା। ଫଳରେ ସୂଚନା ପାଇବା ମାତ୍ରେ ଯୋଡ଼ା ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ ରାଜ୍ୟସ୍ତରୀୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ସମତଳ ସମୟରେ ବାହାରିଥିବା ଖଣିଜ ଓ ପରିବହନ ହେବାକୁଥିବା ଖଣିଜର ମାନ ନିରୂପଣ ନିମନ୍ତେ ନମୁନା ସଂଗ୍ରହ କରାଯାଇଥିବା ଯୋଡ଼ା ଖଣି ଉପନିର୍ଦ୍ଦେଶକ ଦିନେଶ କୁମାର ଅଗ୍ରୱାଲ କହିଛନ୍ତି। ଯାଞ୍ଚରେ ଖଣିଜ କ୍ରୟ କରିଥିବା ଜେପି କଂକ୍ରିଟ୍ ନାମକ କମ୍ପାନୀର ଲାଇସେନ୍ସକୁ ମଧ ଯାଞ୍ଚ ପରିସରଭୁକ୍ତ କରାଯାଇଥିବା ଜଣାପଡ଼ିଛି। ପ୍ରାଥମିକ ତଦନ୍ତରେ କୌଣସି ଅନିୟମିତତା ହୋଇ ନ ଥିବା ରେଲୱେ ପୋଲିସ କହିଥିଲେ ହେଁ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

# ବୈତରଣୀ ରାଜଘାଟରେ ବାଲି ସତ୍ୟାଗ୍ରହ

ଆନନ୍ଦପୁର,୧୯।୧୦(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବୈତରଣୀ ରାଜଘାଟଠାରେ ରବିବାର ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ପକ୍ଷରୁ ବାଲି ସତ୍ୟାଗ୍ରହ ଅନୁଷ୍ଠିତ ହୋଇଛି। ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁଙ୍କ ନେତୃତ୍ୱରେ ମଞ୍ଚର ସଦସ୍ୟ ବାଲିରେ ନିଜକୁ ପୋତି ଅଭିନବ ଉପାରେ ପ୍ରତିବାଦ କରିଥିଲେ।

ଆବାହାକ ଯଜ୍ଞ ପ୍ରସାନ କହିଥିଲେ, ନଦୀ କୂଳରେ ହିଁ ଜନବସତି ଆରମ୍ଭ ହୋଇଛି। ନଦୀ ମରିଗଲେ ସଭ୍ୟତା ଆପେ ଆପେ ମରିଯାଏ। ନଦୀକୁ ସ୍ୱଚ୍ଛ, ସୁରକ୍ଷିତ ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ନଦୀ ବାଲିରେ ହିଁ ଏହାର ଜୀବନ। ବାଲି ସରିଗଲେ ନଦୀ ଆପଣ ଛାଏଁ ମରିଯାଏ। କେନ୍ଦୁଝର ଜିଲା ବିଶେଷକରି ଆନନ୍ଦପୁର ଉପଖଣ୍ଡରେ ବାଲି ଲୁଟ୍ ବେଧଡ଼କ ଭାବେ ଚାଲିଛି। ପ୍ରଶାସନ ଏଥିରେ ଅଙ୍କୁଶ ଲଗାଇବାରେ ଆଦୌ ଇଚ୍ଛା ପ୍ରକାଶ କରୁନାହିଁ। ବୈତରଣୀ ତଥା ଅନ୍ୟ ନଦୀ ଓ ନାଳର ସୁରକ୍ଷା ପାଇଁ ଏହି ବାଲି ସତ୍ୟାଗ୍ରହ ବୋଲି କହିଛନ୍ତି। ଯୁବ ସାମାଜିକ କର୍ମୀ ସତ୍ୟବ୍ରତ ଜେନା କହିଥିଲେ, ବୈତରଣୀ ଆମ ଜୀବନ ଧାରା। ଏଥିରୁ ବାଲି ଲୁଟ୍ ପାଇଁ ବିଭିନ୍ନ ସ୍ଥାନରେ ଅନେକ ଶହ ଗଛ କାଟି ଦିଆଯାଇଛି। ବରିଷ୍ଠ ନେତା କୈଳାଶ ସାମଲ କହିଥିଲେ, ପ୍ରକୃତି ଆମ ମା' ତା ଗର୍ଭରୁ ଚୋରି ଅପରାଧ ନୁହେଁ କି ବୋଲି କହିଥିଲେ। ବଞ୍ଚୋ ଗ୍ରାମର ମଧୁସୂଦନ ରାଉତ କହିଥିଲେ, ବୈତରଣୀ ଆମ ଆସ୍ଥା ଓ ବିଶ୍ୱାସର ପ୍ରତୀକ। କିଛି ଲୋକ ଏହାକୁ କଳା ଟଙ୍କା ପାଇଁ ହତ୍ୟା କରିବାକୁ ଯୋଜନା କରୁଥିବା କହିଥିଲେ। ଯୁବ ପରିବେଶବିତ୍ ନୀଳାଚଳ ବେହେରା, ଜଗବନ୍ଧୁ ଜେନା, ଦୈତାରୀ ମହାକୁଡ଼, ଉତ୍ସବ ଜେନା, କୈଳାସ ଜେନା, ଶୁଭକାନ୍ତ ଜେନା ପ୍ରମୁଖ ସତ୍ୟାଗ୍ରହରେ ସାମିଲ ହୋଇ ନିଜର ମତ ରଖିଥିଲେ। ପ୍ରଶାସନ ବାଲି ଚୋରି ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ନିହାତି ଜରୁରୀ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।



ସାମାଜିକକର୍ମୀମାନେ ପ୍ରତିବାଦ କରୁଛନ୍ତି।

# ସଡ଼କ ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ

ଡେଙ୍କିକୋଟ,୧୯।୧୦(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଡେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ବଡ଼ମସିଣାବିଲା ପଞ୍ଚାୟତ ସାନ ମସିଣାବିଲା ଗ୍ରାମ ଏସ୍‌ଆର୍‌ଏସ୍‌ସି ପିତୁ ପ୍ଲାଣ୍ଟ ସମ୍ମୁଖ ଜାତୀୟ ରାଜପଥ ଉପରେ ରବିବାର ଅପରାହ୍ନ ୪ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କାରେ ପ୍ଲାଣ୍ଟରେ ଠିକା ଶ୍ରମିକ ଭାବେ କାମ କରୁଥିବା ବିହାର ରାଜ୍ୟ କିସନଗଞ୍ଜ ଜିଲା ବାଉଁଶବାଡ଼ିର ଦିନେଶ ଟୁଡୁ(୨୫)ଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଅପରାହ୍ନରେ ଦିନେଶଙ୍କୁ ଅଜଣା ଗାଡ଼ି ଧକ୍କା ଦେଇ ଚାଲି ଯାଇଥିଲା। ଦୀର୍ଘ ସମୟ ଧରି ରାସ୍ତାରେ ମୃତଦେହ ପଡ଼ି ରହିଥିଲେ ମଧ କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ଠିକାଦାର ପାଖକୁ ଆସି ନ ଥିଲେ। ପରବର୍ତ୍ତୀ ସମୟରେ ଶ୍ରମିକ ଲଗାଇ ମୃତଦେହ ଉଠାଇବା ପାଇଁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକ ବିରୋଧ କରି ରାସ୍ତା ଅବରୋଧ କରିଥିଲେ। କମ୍ପାନୀ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ। ଡେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ, ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନା ଓ ଏସ୍‌ଡିପିଓ ବିଜୟ କୁମାର ମହାପାତ୍ର ପହଞ୍ଚି ବୁଝାଶୁଝା କରିଥିଲେ। ସାମାଜିକକର୍ମୀ ସେକ୍ ଇମ୍ରାନ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଡାକି ଘଟଗାଁ ଡାକ୍ତରଖାନାକୁ ନେଇଥିଲେ। ଘଟଗାଁ ପୋଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ତଦନ୍ତ କରୁଥିବା ଏଏସ୍‌ଆଇ ବ୍ୟାସଦେବ ମିର୍ଦ୍ଧା ପ୍ରକାଶ କରିଛନ୍ତି। ଠିକାଦାର କିମ୍ବା କମ୍ପାନୀ କର୍ତ୍ତୃପକ୍ଷଙ୍କମତାମତ ମିଳିପାରିନାହିଁ।

# ୨୭୬ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ

ପାଟଣା,୧୯।୧୦(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ର ୨୦ ପଞ୍ଚାୟତର ମୋଟ ୨୭୬ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ନିର୍ମାଣ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ବ୍ଲକ୍‌ର ଯମୁନାପଶି, କଣ୍ଟିଆପଡ଼ା ଓ ତୁରୁମୁଙ୍ଗା ପଞ୍ଚାୟତ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୩୫ ଲକ୍ଷ ବ୍ୟୟରେ ଅତ୍ୟାଧୁନିକ ପଞ୍ଚାୟତ ଗୃହ ନିର୍ମାଣ ହେବ। ବ୍ଲକ୍ ସଭା ଗୃହରେ ଆୟୋଜିତ ଆଭାସୀ କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ବ୍ଲକ୍ ଅଧକ୍ଷା ବୀଣାପାଣି ନାୟକ, କମଳାକାନ୍ତ ଦାଶ, ବିଶ୍ୱନାଥ ନାୟକ, ବିଡ଼ିଓ ମାନସ ଦଣ୍ଡପାଟ, ଏବିଡିଓ ବିଶ୍ୱନାଥ ମଲ୍ଲିକ, ସହକାରୀ ଯନ୍ତ୍ରୀ ସୁସ୍ମିତା ବେହେରା, ସୁଲେଖା ନାଏକ ପ୍ରମୁଖ ଯୋଡ଼ି ହୋଇଥିଲେ।

# ନିଖିଲ ଏକାଦଶ ଚାମ୍ପିୟନ୍

ଚକ୍ରଧର ମେମୋରିଆଲ ଆନ୍ତଃରାଜ୍ୟ ଫୁଟ୍‌ବଲ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ କ୍ରୀଡ଼ାବିତ୍।

ଚମ୍ପୁଆ,୧୯।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ରଜିଆ ମିନି ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ୧୫ତମ ଚକ୍ରଧର ମେମୋରିଆଲ ଆନ୍ତରାଜ୍ୟ ଫୁଟ୍‌ବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ନିଖିଲ ଆଣ୍ଡ୍ ନିଖିଲ ଏକାଦଶ ସହ ମାଆ ଦୁର୍ଗା ଏଫ୍‌ସି ସୁଆକାଟି ମଧରେ ଖେଳାଯାଇଥିଲା। ନିଖିଲ ଏକାଦଶ ଚାମ୍ପିୟନ ହୋଇଥିଲା। ଅତିଥିଭାବେ ସାମାଜିକକର୍ମୀ ଅଜୟ ଦାସ, ଆଦିବାସୀ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମକୃଷ୍ଣ ଗଣ୍ଡ, ପୂର୍ବତନ ଫୁଟ୍‌ବଲ ଖେଳାଳି ସଞ୍ଜୟ ନାଏକ, ସ୍ଥାନୀୟ ସରପଞ୍ଚ ସନ୍ତୋଷ ନାଏକ, ଘନଶ୍ୟାମ ନାଏକ ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ୨ ଲକ୍ଷ ଅର୍ଥରାଶି ସହିତ ଟ୍ରଫି, ରନର୍ସଅପ ଦଳକୁ ୧ ଲକ୍ଷ ୫୦ ହଜାର ସହିତ ଟ୍ରଫି ଓ ତୃତୀୟ ଦଳକୁ ୧ ଲକ୍ଷ ଟଙ୍କା ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ସଭାପତି ସୁବ୍ରତ ଗିରି ଓ ସମ୍ପାଦକ ବିବେକାନନ୍ଦ ପାତ୍ର ସହଯୋଗ କରିଥିଲେ। ରେଫରି ଭାବରେ ସୁବ୍ରତ ପୁରହିତ, ରାଜକୁମାର ପାଣିଗ୍ରାହୀ, ଟୁନୁ ସିଂ, ଏମ୍‌ଡି ସଫିକୁଲ୍, ଗଣପତି ମଣ୍ଡଳ ଓ ରିକି ଦତ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ବୁଲବୁଲ ଆପଟ ଓ ମନୋଜ ପାତ୍ର ଦାୟିତ୍ୱ ତୁଲାଇଥିଲେ। ରଜ କୁଇନ ସ୍ୱର୍ଣ୍ଣପ୍ରଭା ମହନ୍ତ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ଭାରତ ସରକାର
ପେଟ୍ରୋଲିୟମ ଏବଂ ବିସ୍ଫୋରକ ସାମଗ୍ରୀ ନିରାପତ୍ତା ସଂଗଠନ (ପିଇଏସ୍‌ଓ)
(ପୂର୍ବରୁ ବିସ୍ଫୋରକ ସାମଗ୍ରୀ ବିଭାଗ)

ଚେତାବନୀ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଭାରତ ସରକାର ଅଧିସୂଚନା ସଂ. ଜି.ଏସ୍.ଆର୍.୬୮୨ (ଇ), ତାରିଖ: ୦୫।୧୦।୧୯୯୯ ମାଧମରେ ବାଣର ମାଳା ସମେତ ୧୨୫ ଡିବି(ଏ୧)ରୁ ଅଧିକ ଧ୍ୱନି ସ୍ୱରର ଆତସବାଜିର ବିନିର୍ମାଣ, ବିକ୍ରୟ କିମ୍ବା ବ୍ୟବହାର ଉପରେ କଟକଣା ଲାଗୁ କରିଛନ୍ତି। ଏଭଳି ବାଣଗୁଡ଼ିକର ବିନିର୍ମାଣ, ବିକ୍ରୟ ତଥା ବ୍ୟବହାର ବେଆଇନ ଅଟେ ଏବଂ ଏହାର ଉଲ୍ଲଂଘନ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ବୈଧାନିକ ନିୟମାବଳୀ ଅଧୀନରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦୀପାବଳି ପର୍ବ ସମୟରେ ନିରାପତ୍ତା ପାଇଁ ନିମ୍ନଲିଖିତ ପ୍ରାକ୍-ସତର୍କତା ଅବଲମ୍ବନ କରନ୍ତୁ:

କ'ଣ କରିବେ

* କେବଳ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରି ତିଆରି ହୋଇଥିବା ବାଣଗୁଡ଼ିକୁ ବିଶ୍ୱସନୀୟ ଲାଇସେନ୍ସଧାରୀ ବିକ୍ରେତାଙ୍କଠାରୁ କିଣନ୍ତୁ।
* ସର୍ବଦା ଜଣେ ପ୍ରୌଢ଼ଙ୍କ ତତ୍ତ୍ୱାବଧାନ ଅଧୀନରେ ବାଣ ବ୍ୟବହାର କରନ୍ତୁ।
* ବାଣରେ ଦର୍ଶାଯାଇଥିବା ନିରାପତ୍ତା ସତର୍କତାକୁ କଡ଼ାକଡ଼ି ଭାବେ ଅନୁସରଣ କରନ୍ତୁ।
* ବାଣରେ ନିଆଁ ଲଗାଇବା ପାଇଁ ମହମବତି କିମ୍ବା ଧୂପକାଠି ବ୍ୟବହାର କରନ୍ତୁ।
* ପ୍ରାରମ୍ଭିକ ଅଗ୍ନିକୁ ଲିଭାଇବା ପାଇଁ ସର୍ବଦା ହାତପାହାନ୍ତାରେ ଏକ ପାଣି ବାଲ୍‌ଟି ରଖନ୍ତୁ।
* ଆକାଶୀ ବାଣଗୁଡ଼ିକୁ କେବଳ ସୁରକ୍ଷିତ ଅବତରଣ ଅଞ୍ଚଳରେ ବ୍ୟବହାର କରନ୍ତୁ।
* ବ୍ୟବହୃତ ବାଣଗୁଡ଼ିକୁ ପାଣିରେ ଭିଜାଇବା ପରେ ହିଁ ଫୋପାଡ଼ନ୍ତୁ।

କ'ଣ କରିବେ ନାହିଁ

* ୧୨୫ ଡିବି(ଏ୧) ଅଥବା ଫୁଟାଇବା ଜାଗାରୁ ୪ ମିଟର ଦୂରତାରେ ୧୪୫ ପିକେରୁ ଅଧିକ ଧ୍ୱନି ସୃଷ୍ଟି କରୁଥିବା ବାଣଗୁଡ଼ିକର ବିନିର୍ମାଣ, ବିକ୍ରୟ କିମ୍ବା ବ୍ୟବହାର ପ୍ରତିବନ୍ଧିତ ଅଟେ। ସିରିଜ୍ (ବାଣର ମାଳା) ଗଠିତ କରୁଥିବା ପୃଥକ୍ ବାଣଗୁଡ଼ିକ ପାଇଁ ଉପରଦର୍ଶିତ ସୀମାକୁ ୫ ଲଗ୍ ୧୦ (ଏନ୍) ଡିବିରେ ହ୍ରାସିତ କରାଯିବ, ଯେଉଁଠି 'ଏନ୍'ର ଅର୍ଥ ହେଉଛି ଏକାଠି ଯୋଡ଼ି ଗଢ଼ାଯାଇଥିବା ବାଣଗୁଡ଼ିକର ସମାନ ସଂଖ୍ୟା।
* ରାତି ୧୦ଟାରୁ ସକାଳ ୬ଟା ମଧରେ ଧ୍ୱନି ସୃଷ୍ଟି କରୁଥିବା ବାଣ ଫୁଟାନ୍ତୁ ନାହିଁ।
* ବାଣଗୁଡ଼ିକୁ କଦାପି ହାତରେ ଧରି ଫୁଟାନ୍ତୁ ନାହିଁ। ବାଣକୁ ଭୂ-ସ୍ତରରେ ରଖନ୍ତୁ, ସେଥିରେ ନିଆଁ ଲଗାନ୍ତୁ ଓ ଦୂରେଇ ଯାଆନ୍ତୁ।
* ବାଣଗୁଡ଼ିକୁ କୌଣସି ପାତ୍ର ଭିତରେ ରଖି ଫୁଟାନ୍ତୁ ନାହିଁ।
* ଉପରେ ଗଛପତ୍ର, ତାର ଆଦି ବାଧା ଥିବା ସ୍ଥାନରେ ଆକାଶୀ ବାଣ ଫୁଟାନ୍ତୁ ନାହିଁ କାରଣ ସେଗୁଡ଼ିକ ହୁଏତ ବାଣକୁ ଖୋଲା ଆକାଶକୁ ଯିବାରୁ ବାଧା ପହଞ୍ଚାଇପାରେ।
* ବିଲ୍‌ଡିଂ ନିକଟରେ ଆକାଶୀ ବାଣ ଫୁଟାନ୍ତୁ ନାହିଁ। ଏଭଳି କ୍ଷେତ୍ରରେ ବାଣ କବାଟ, ଝରକା ଆଦି ଦେଇ ବିଲ୍‌ଡିଂ ମଧକୁ ପଶିବା ଓ ବିଲ୍‌ଡିଂରେ ଅଗ୍ନିକାଣ୍ଡ ଘଟିବାର ଆଶଙ୍କା ରହିଥାଏ।
* ଘର ଭିତରେ କଦାପି ବାଣ ଫୁଟାନ୍ତୁ ନାହିଁ।
* ସର୍ବସାଧାରଣ ରାସ୍ତାରେ ବାଣ ଫୁଟାନ୍ତୁ ନାହିଁ।
* କଦାପି ନିଜେ ନିଜେ ବାଣ ତିଆରି କରିବା ପାଇଁ ଚେଷ୍ଟା କରନ୍ତୁ ନାହିଁ।
* ନିଆଁ ଲଗାଇବା ପରେ ମଧ ଫୁଟି ନ ଥିବା ବାଣକୁ ପୁଣିଥରେ ଫୁଟାଇବାକୁ ଚେଷ୍ଟା କରନ୍ତୁ ନାହିଁ (୧୫ରୁ ୨୦ ମିନିଟ୍ ଅପେକ୍ଷା କରନ୍ତୁ ଓ ତାହାକୁ ଏକ ପାଣି ବାଲ୍‌ଟିରେ ଭିଜାଇଦିଅନ୍ତୁ)।
* ନକଲି / ବେଆଇନ ବାଣ ବ୍ୟବହାର କରନ୍ତୁ ନାହିଁ।
* ପିଲାମାନଙ୍କୁ ଏକାକୀ ବାଣ ଫୁଟାଇବା ପାଇଁ ଅନୁମତି ଦିଅନ୍ତୁ ନାହିଁ।

CBC 05209/12/0004/2526

ପେଟ୍ରୋଲିୟମ ଏବଂ ବିସ୍ଫୋରକ ସାମଗ୍ରୀ ନିରାପତ୍ତା ସଂଗଠନ (ପିଇଏସ୍‌ଓ)
(ପୂର୍ବରୁ ବିସ୍ଫୋରକ ସାମଗ୍ରୀ ବିଭାଗ)

# କାଳୀପୂଜାରେ ନିଆରା ବାନ୍ଦନା ପରବ

## 'ହାତୀ ଲେଖେନ୍ ପରବ୍' ପାଳନ୍ତି କୁଡୁମୀ ସମ୍ପ୍ରଦାୟ

କେନ୍ଦୁଝର,୧୯।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କାଳୀପୂଜା ଓ ଆଲୋକର ପର୍ବ ଦୀପାବଳି ପାଇଁ ଗାଁଠାରୁ ସହ ସବୁଠି ଖୁସିର ମାହୋଲ। କାଳୀପୂଜାକୁ କୁଡୁମୀ ସମ୍ପ୍ରଦାୟ ନିଆରା ଢଙ୍ଗରେ ବାନ୍ଦନା ପରବ ପାଳନ କରିଥାନ୍ତି। ଏହାକୁ କୁର୍ମାଲୀ ଭାଷାରେ 'ହାତୀ ଲେଖେନ୍ ପରବ୍' ବା ହାତୀ ସଦୃଶ ସବୁଠାରୁ ବଡ଼ ପର୍ବ ବୋଲି କୁହାଯାଇଛି। ଏହା ବହୁତ ଧୁମ୍‌ଧାମରେ ପାଳନ କରୁଥିବା ବେଳେ ଏହି ଦିନରେ ଘରେ ଘରେ ପିଠାପଣା ଖାଇ ନାଚଗୀତ କରି ୩ ଦିନ ଧରି ଉତ୍ସବ ପାଳନ କରିଥାନ୍ତି।

ପ୍ରକାଶ ଯେ, ଏହାକୁ ଏକ କୃଷିଭିତ୍ତିକ ପର୍ବ କୁହାଯାଇଥାଏ। କୁଡୁମୀ ସମ୍ପ୍ରଦାୟର ଲୋକେ ଏହାକୁ ଗୋ ବନ୍ଦାଣ ବା ଗୋବର୍ଦ୍ଧନ ପର୍ବ ବୋଲି ମଧ କହିଥାନ୍ତି। ବିଶେଷକରି କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ବସବାସ କରୁଥିବା କୁଡୁମୀ ଓ ସାନ୍ତାଳ ସମ୍ପ୍ରଦାୟର ଲୋକେ ଏହି ନିଆରା ପର୍ବ ପାଳନ କରିଥାନ୍ତି। ପର୍ବ ପାଇଁ ଘର ଓ ଅଗଣାକୁ ଲିପାପୋଛା କରି ପରିଷ୍କାର ପରିଚ୍ଛନ୍ନ କରିଥାନ୍ତି। ବାହାରେ ରହୁଥିବା ପରିବାର ସଦସ୍ୟ ତଥା ବନ୍ଧୁବାନ୍ଧବ ଘରେ ଆସି ପହଞ୍ଚିଯାଆନ୍ତି। ପ୍ରଥମ ଦିନ ଗୋଠ ବା ଗୋଠାଣି ପୂଜା, ଦ୍ୱିତୀୟ ଦିନ ଗୁହାଳ ପୂଜା ଓ ଶେଷଦିନ ବୁଢ଼ୀ ବାନ୍ଦନା ବା ବୁଢୀବନ୍ଦାଣ କରାଯାଇଥାଏ। ଏହି ଦିନରେ ଗୋରୁଙ୍କୁ ବିଶ୍ରାମ ଦେବା ସହ ପୂଜା କରି ସୁସ୍ୱାଦ ଖାଦ୍ୟ ଖାଇବାକୁ ଦେଇଥାନ୍ତି। ସୃଷ୍ଟି ଚେତିନାର ପ୍ରତୀକ ଭାବରେ ଗୋଟିଏ କୁକୁଡ଼ା ଅଣ୍ଡାକୁ ପୂଜା କରାଯାଇଥାଏ। ଡିମ୍ବରୁ ବ୍ରହ୍ମାଣ୍ଡ ସୃଷ୍ଟି ହୋଇଥିବାର ବିଶ୍ୱାସ କରି ପ୍ରତି ପରିବାରରୁ ଆସିଥିବା ଗୋଟିଏ ଲେଖାଏ କୁକୁଡ଼ା ବଳି ଦିଆଯାଏ। ଗୃହପାଳିତଙ୍କ ସୁସ୍ଥ ନିରାମୟ ଜୀବନ କାମନା କରି ଏହି ପୂଜା କରାଯାଏ। ଗୋଠାଣିରେ ପୂଜା ଆସ୍ଥାନ ଉପରେ ସବୁ ବଳଦଙ୍କୁ ଏକାଠି ଚାଲିବାକୁ ଦିଆଯାଏ। ଯେଉଁ ବଳଦଟି ପ୍ରଥମେ ଅଣ୍ଡାକୁ ଗୋଡ଼ ବଜାଇଦିଏ ସେହି ବଳଦଟିକୁ ଧରି ଧାନକେଣ୍ଡାରେ ପ୍ରସ୍ତୁତ ସ୍ୱତନ୍ତ୍ର ପ୍ରକାର ମାଳା ପିନ୍ଧାଇ ଗୋଡ଼ଧୋଇ ଗାଁ ପ୍ରଧାନ ବନ୍ଦାପନା କରିଥାନ୍ତି। ବଳଦର ମାଲିକ ଭାଗବାନ ବୋଲି ମନେକରାଯାଏ। ସନ୍ଧ୍ୟାରେ ପ୍ରଧାନଙ୍କ ସହିତ ଗ୍ରାମବାସୀ ବଳଦର ମାଲିକଙ୍କ ଘରକୁ ମାଦଳ, ଢୋଲକି ଆଦି ପାରମ୍ପରିକ ବାଦ୍ୟ, ବାଣ ରୋଶଣି ସହିତ ଯାଇଥାନ୍ତି। ଘର ମାଲିକ ମଧ ସମସ୍ତଙ୍କୁ ଅଭ୍ୟର୍ଥନା କରି ଛେଳି ବା କୁକୁଡ଼ା ମାଂସ ରୋଷେଇ କରି, ପିଠାପଣା ଆଦି ଦେଇ ଆପ୍ୟାୟିତ କରିଥାନ୍ତି। ସେହିପରି ଦ୍ୱିତୀୟ ଦିନ ଗୁହାଳପୂଜା, ଶେଷଦିନ ବା ବୁଢ଼ୀ ବନ୍ଦାଣ ପର୍ବରେ କୁଳବଧୂମାନେ ନିର୍ଜଳା ଉପବାସ ରହି ଗୋ ବନ୍ଦାପନା କରି ସମସ୍ତ ଗୃହପାଳିତ ପଶୁ ତଥା ପରିବାର ପରିଜନଙ୍କର ମଙ୍ଗଳ କାମନା କରି ଆଶୀର୍ବାଦ ଭିକ୍ଷା କରନ୍ତି। ରାତିରେ ଗୁହାଳରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରି ପରିବାରର ସମସ୍ତ ସଦସ୍ୟଙ୍କୁ ଭୋଜନ କରାଇ କୁଳବଧୂମାନେ ଖାଦ୍ୟ ଗ୍ରହଣ କରିଥାନ୍ତି। ରାତିରେ ନିକଟସ୍ଥ ଗାଁରୁ ଧିଙ୍ଗଆନ୍ ଦଳ ଆସି ଘର ଘର ପରିକ୍ରମା କରି ଝୁମର ଗୀତ ପରିବେଷଣ କରି ସାଂସ୍କୃତିକ ଭାବଧାରାକୁ ଜାଗ୍ରତ କରିବା ସହ ବସୁଧା ଏକ କୁଟୁମ୍ବ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ବିଶ୍ୱ ଭାତୃତ୍ୱର ବାର୍ତ୍ତା ପ୍ରଦାନ କରିଥାନ୍ତି। ବହୁ ପୁରୁଣା ସଂସ୍କୃତି ଆଗଭଳି ଅନେକ ଗ୍ରାମରେ ଲୋପ ପାଇଗଲାଣି। ଯେଉଁଠି ପାଳନ ହେଉଛି ସେଭଳି ଆଗ୍ରହ ଓ ଉଦ୍ଦିପନା ଦେଖିବାକୁ ମିଳୁନାହିଁ ବୋଲି ବରିଷ୍ଠ ନାଗରିକ ତଥା ବୈଦ୍ୟ ବିଶାରଦ ହରେକୃଷ୍ଣ ମହାନ୍ତ କହିଛନ୍ତି।

ODISHA COAL AND POWER LTD.
(A GOVT. OF ODISHA COMPANY)
Odisha Coal and Power Limited (OCPL)
Zone-A, 4th Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

NOTICE INVITING TENDER

Date : 20/10/2025

Sealed bids in the prescribed format for the following tender are invited from reputed Companies/ Firms/Agencies for execution of the following work :

| Sl. No. | Name of the work | Cost of Tender Paper (inclusive of GST) | Last date of Sale/ download of Tender document | Date of submission/ Opening |
|---|---|---|---|---|
| 1 | Widening of Road from Jhardeswar Temple Gate to Mega water line stock yard, Hemgir, Sundargarh. Tender No.: OCPL/MCMP/SER-159/2025 | NIL | 10/11/2025 | 11:00 AM / 11:30 AM on 17/11/2025 |
| 2 | Construction of School Building at village Ostali, Hemgir, Sundargarh. Tender No. OCPL/MCMP/SER-160/2025 | NIL | 10/11/2025 | 3:00 PM / 3:30 PM on 17/11/2025 |
| 3 | Balance work of construction of Twin Cottage, Sarafgarh Nature Camp, Sundargarh, Odisha. Tender No.: OCPL/MCMP/SER-165/2025 | Rs 1000/- (Rs One Thousand Only) | 11/11/2025 | 11:00 AM / 11:30 AM on 18/11/2025 |
| 4 | Renovation of Pond at Village Kiripsira, Hemgir, Sundargarh. Tender No. OCPL/MCMP/SER-167/2025 | NIL | 11/11/2025 | 3.00 PM / 3:30 PM on 18/11/2025 |

Any further clarifications may please be addressed to the undersigned at the above address or by email to: Contracts@ocpl.org.in.

Sd./- Sr. Manager (Commercial & Contracts)

# ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ...

ଡା. ଉମେଶ ଚନ୍ଦ୍ର ପାତ୍ର

**ଆ**ଲୋକର ପର୍ବ ଦୀପାବଳି। ଏହି ଦିନଟିକୁ ସମସ୍ତେ ଦୀପ, ମହମବତି ଓ ବିଭିନ୍ନ ରଙ୍ଗବେରଙ୍ଗର ଲାଇଟ୍ ଜଳାଇ, ବାଣଫୁଟାଇ ବେଶ୍ ଧୁମ୍‌ଧାମରେ ପାଳନ କରିଥା'ନ୍ତି। ପିଠା, ମିଠା ବଣ୍ଟନର ଆନନ୍ଦରେ ବିଭୋର ହୋଇଥା'ନ୍ତି। ପ୍ରତିବର୍ଷ ଭାରତ ବର୍ଷରେ ଏହି ପର୍ବ ପାଳନ କରାଯାଇଥାଏ। ଏହା ପଛରେ ମଧ୍ୟ ରହିଛି ବିଭିନ୍ନ କିମ୍ବଦନ୍ତୀ। ଦୀପାବଳି ପର୍ବର ରହିଛି ସୁନ୍ଦର ଅର୍ଥ। ଦୀପ ଅର୍ଥ ଆଲୋକ ଓ ଆବଳି ଅର୍ଥ ଅନବରତ ଆଲୋକ। ଜଗତରୁ ଅନ୍ଧକାର ରୂପକ ଅନ୍ୟାୟ, ଭ୍ରଷ୍ଟାଚାର, ଦୁର୍ନୀତି ଦୂର ହୋଇ ଆଲୋକ ରୂପକ ଶାନ୍ତି ଛାୟା ବିଛେଇ ହୋଇ ରହୁ। ଏହାହିଁ ଦୀପାବଳି ପର୍ବର ମୁଖ୍ୟ ଲକ୍ଷ୍ୟ। ରାଷ୍ଟ୍ରଭକ୍ତ, ସମାଜସେବୀମାନେ ରାଷ୍ଟ୍ର ତଥା ଦେଶର ଉନ୍ନତି ପାଇଁ ଏବଂ ସମାଜରୁ ଶତ୍ରୁ, ଅସତ୍ୟ, ଅନ୍ୟାୟକୁ ପରାଜିତ କରି ସତ୍ୟର ଆଗମନ ନିମନ୍ତେ ଦୀପ ଜାଳି ଭଗବାନ୍‌ଙ୍କ ନିକଟରେ କାମନା କରିଥା'ନ୍ତି। ପରିବାରର ଲୋକମାନେ ମଧ୍ୟ ନିଜ ଆତ୍ମୀୟଙ୍କ ଶୁଭ ମନାସି ଜାଳିଥାନ୍ତି ଦୀପାଳି। ଏହି ଦିନକୁ ଆତ୍ମ ସାକ୍ଷାତ୍‌କାର ଦିନ ଭାବେ ମଧ୍ୟ ଗ୍ରହଣ କରାଯାଇଥାଏ। ମଣିଷ ଭିତରେ ଥିବା ସୁପ୍ତ ଚେତନାକୁ ଜାଗ୍ରତ କରିବାର ଏହା ଏକ ଅନୁପମ ପର୍ବ।

ଆମର ଆଭାମଣ୍ଡଳକୁ ବିଶୁଦ୍ଧ ଓ ପରିବେଶ ସ୍ୱଚ୍ଛତା ପ୍ରତି ସତର୍କ ହେବା ପାଇଁ ମଧ୍ୟ ସନ୍ଦେଶ ଦେଇଥାଏ ଏହି ପର୍ବ। ପୂର୍ବ ପୁରୁଷଙ୍କ ଆତ୍ମାକୁ ଶାନ୍ତି ଦେବା ନିମିତ୍ତ ଏହିଦିନ ପିଣ୍ଡଦାନ କରାଯାଇଥାଏ। ପିଣ୍ଡଦାନ ପରେ ସେମାନେ ପିତୃଲୋକ ଗମନ କରନ୍ତି ବୋଲି ବିଶ୍ୱାସ କରାଯାଏ। ଏଥିପାଇଁ ପିଣ୍ଡଦାନ ପରେ ପିପେଇ ଡକାଯାଏ। କାଉଁରିଆ କାଠି, ବେରୁଆ ଓ ଘିଅରେ ପ୍ରସ୍ତୁତ ହୋଇଥାଏ ପିପେଇ କାଠି। ଏଥିରେ ଅଗ୍ନି ସଂଯୋଗ କରାଯାଇ ବଡ଼ବଡୁଆଙ୍କୁ ଆହ୍ୱାନ କରାଯାଇଥାଏ। ସେମାନେ ଆଲୋକରେ ଦିବ୍ୟଲୋକ ଗମନ କରନ୍ତୁ ବୋଲି ଲୋକମାନେ ପିପେଇ ଡାକି କାମନା କରିଥା'ନ୍ତି। ପିପେଇ ଡାକରେ ମଧ୍ୟ ରହିଛି ଏକ ସୁନ୍ଦର ବନ୍ଦନା। ବନ୍ଦନାଟି ଏହିପରି– ବଡ଼ବଡୁଆ ହୋ ଅନ୍ଧାରରେ ଆସ, ଆଲୁଅରେ ଯାଅ। ଗଙ୍ଗା ଯାଅ, ଗୟା ଯାଅ, ବାଇଶି ପାହାଚରେ ଗଡ଼ଗଡ଼ଉଥାଅ। ରାମାୟଣ ପୃଷ୍ଠାରୁ ଜଣାପଡ଼େ ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ର ରାକ୍ଷସ ରାବଣକୁ ବଧ କରି ଜନକନନ୍ଦନୀ ସୀତାଙ୍କୁ ତା' କବଳରୁ ଉଦ୍ଧାର କରିଥିଲେ। ଏହି ଦିନ ତାଙ୍କ ବନବାସର ଚଉଦ ବର୍ଷ ପୂରିଯାଇଥିବାରୁ ସେ ଅଯୋଧ୍ୟା ଫେରି ଆସିଥିଲେ। ଅଯୋଧ୍ୟା ନଗରବାସୀ ବହୁ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ ରାଜକୁମାର ରାମଚନ୍ଦ୍ରଙ୍କୁ। ତାଙ୍କୁ ଫେରିବା ଦେଖି ନଗରବାସୀ ଆନନ୍ଦରେ ବିଭୋର ହୋଇ ପାଳନ କରିଥିଲେ ବିଜୟର ଦିବସ। ରଙ୍ଗବେରଙ୍ଗର ଆଲୋକରେ ଅଯୋଧ୍ୟା ନଗରୀ ନେଇଥିଲା ନୂଆ ରୂପ। ଏହା ସହ ନଗରବାସୀ ଦୀପ ଜାଳି, ବାଣ ଫୁଟାଇ ସ୍ୱାଗତ କରିଥିଲେ ରଘୁକୁଳ ତିଳକ ରାମଚନ୍ଦ୍ର, ଲକ୍ଷ୍ମଣ ଓ ଜନକନନ୍ଦନୀ ସୀତାଙ୍କୁ। ସେଦିନ ଏହି ଦିନଟିକୁ ଦୀପାବଳି ବୋଲି ନାମକରଣ କରାଯାଇଥିଲା। ସେହିଦିନଠାରୁ ହିଁ ଏହି ଦିନରେ ଦୀପାବଳି ପାଳନ କରିଆସୁଛନ୍ତି ଦେଶର କୋଣ ଅନୁକୋଣର ଲୋକମାନେ। ଦୀପାବଳିକୁ ନେଇ ମହାଭାରତରେ ମଧ୍ୟ ରହିଛି ଏକ ସୁନ୍ଦର କାହାଣୀ। ପାଣ୍ଡବ ପାଞ୍ଚ ଭାଇ ତାଙ୍କ ଆତ୍ମୀୟ କୌରବ ଶହେ ଭାଇଙ୍କ ଦ୍ୱାରା ଏକ ବାଜିରେ ପରାଜିତ ହୋଇଥିଲେ। ସର୍ତ୍ତ ଅନୁଯାୟୀ, ପଞ୍ଚ ପାଣ୍ଡବ ୧୩ ବର୍ଷ ପାଇଁ ନିଜ ଜନ୍ମସ୍ଥାନରୁ ନିର୍ବାସିତ ହୋଇଥିଲେ। ଯେଉଁଦିନ ୧୩ ବର୍ଷ ପୂରଣ ହୋଇଥିଲା, ପଞ୍ଚପାଣ୍ଡବ, ତାଙ୍କ ମା' ଓ ସ୍ତ୍ରୀଙ୍କ ସହ ଫେରିଥିଲେ ଜନ୍ମସ୍ଥାନ ହସ୍ତିନାପୁରକୁ। ଏହି ଦିନ ହିଁ ହୋଇଥିଲା କାର୍ତ୍ତିକ ଅମାବାସ୍ୟା। ସେଦିନ ହସ୍ତିନାପୁରବାସୀ ନଗରକୁ ଆଲୋକରେ ସଜାଇ, ଦୀପ ଜାଳି ଓ ବାଣ ଫୁଟାଇ ପଞ୍ଚପାଣ୍ଡବ, ତାଙ୍କ ମା' ଓ ପତ୍ନୀ ଦ୍ରୌପଦୀଙ୍କୁ ସ୍ୱାଗତ କରିଥିଲେ।

ଦୀପାବଳି ଦିନ ଲକ୍ଷ୍ମୀ ଓ ବିଷ୍ଣୁଙ୍କୁ ପୂଜା କରାଯାଇଥାଏ। ପୁରାଣ କିମ୍ବଦନ୍ତୀ ଅନୁଯାୟୀ, ଦେବତା ଓ ଅସୁରଙ୍କ ମଧ୍ୟରେ ମଣିଷଙ୍କ ପରି ମୃତ୍ୟୁ ଘଟୁଥିଲା। କିନ୍ତୁ ସେମାନେ ମୃତ୍ୟୁକୁ ଜୟ କରିବା ପାଇଁ ଚାହୁଁଥିଲେ। ଏଥିପାଇଁ ସେମାନଙ୍କୁ ଦରକାର ଥିଲା ସମୁଦ୍ରରେ ଥିବା ଅମୃତ। ଏହି ଅମୃତ ସେବନରେ ହିଁ ମୃତ୍ୟୁକୁ ଜୟ କରିହେବ। ଏଥିପାଇଁ ସେମାନେ ଆରମ୍ଭ କରିଥିଲେ ସମୁଦ୍ର ମନ୍ଥନ। ସମୁଦ୍ର ମନ୍ଥନରୁ ବହୁ ଦୈବିକ ବସ୍ତୁ ବାହାରିଥିଲା। ହେଲେ ଦେବତା ଓ ରାକ୍ଷସ ଯେଉଁ ଅମୃତ ପାଇଁ ସମୁଦ୍ର ମନ୍ଥନ କରୁଥିଲେ, ଉକ୍ତ ଅମୃତକୁ ସାଙ୍ଗରେ ଧରି ସମୁଦ୍ରଙ୍କ ଝିଅ ମହାଲକ୍ଷ୍ମୀ ଆସିଥିଲେ। ସତେ ଯେପରି କାର୍ତ୍ତିକ ଅମାବାସ୍ୟା ରାତିରେ ନୂଆ ଜହ୍ନର ରୂପ ନେଇ ଲକ୍ଷ୍ମୀ ଆବିର୍ଭାବ ହେଲେ। ଭଗବାନ୍ ବିଷ୍ଣୁ ତାଙ୍କୁ ବିବାହ କଲେ।



ଦୀପ୍ତିମାନ ଆଲୋକରେ ଆଲୋକମୟ ହୋଇଗଲା ସାରାଜଗତ। ଏହି ପବିତ୍ର ଦିନଟିକୁ ପ୍ରତିବର୍ଷ ଲୋକେ ଦୀପ, ଧୂପ, ପିଠା, ମିଠା ଓ ପଣା ଦେଇ ଲକ୍ଷ୍ମୀ ଓ ବିଷ୍ଣୁଙ୍କୁ ଆରାଧନା କରିଥା'ନ୍ତି। ଏହି ଦିନଟିକୁ କେତେକେ ମଧ୍ୟ ଲକ୍ଷ୍ମୀଙ୍କ ଜନ୍ମଦିନ ବୋଲି ମାନନ୍ତି। କାର୍ତ୍ତିକ ଅମାବାସ୍ୟା ଦିନ ଭଗବାନ୍ ବିଷ୍ଣୁ ବାମନ ଅବତାର ନେଇ ବଳିକୁ ପାତାଳକୁ ଚାପି ଦେଇଥିଲେ। ମହାବଳି ବିଷ୍ଣୁଙ୍କ ଦ୍ୱାରା ପରାଜିତ ହୋଇଥିବାରୁ ଲୋକମାନେ ଏହିଦିନକୁ ବେଶ୍ ଧୁମ୍‌ଧାମରେ ପାଳନ କରିଥିଲେ। ରାକ୍ଷସ ନରକାସୁରକୁ ମଧ୍ୟ ଭଗବାନ୍ ବିଷ୍ଣୁ ଦୀପାବଳି ପୂର୍ବଦିନ ବଧ କରିଥିଲେ। ନରକାସୁର ଦ୍ୱାରା ବନ୍ଦୀଥିବା ନାରୀମାନଙ୍କୁ ଦୀପାବଳି ଦିନ ମୁକ୍ତି ମିଳିଥିଲା। ଏହି ଖୁସିରେ ସେମାନେ ଏହିଦିନରେ ଦୀପ, ଧୂପ ଦେଇ ଭଗବାନ୍ ବିଷ୍ଣୁଙ୍କୁ ପୂଜା କରିଥିଲେ। ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାପଡ଼େ, ଏକ ଯୁଦ୍ଧରେ ଦେବତାମାନେ ରାକ୍ଷସଙ୍କଠୁ ପରାଜିତ ହୋଇଥିଲେ। ରାକ୍ଷସମାନଙ୍କ ପ୍ରାଦୁର୍ଭାବ ପୃଥିବୀପୃଷ୍ଠରେ ବୃଦ୍ଧି ପାଇଲା। ଲୋକମାନେ ତ୍ରାହି ତ୍ରାହି ଡାକ ଛାଡ଼ିଲେ। ସ୍ୱର୍ଗ ଓ ମର୍ତ୍ତ୍ୟକୁ ରାକ୍ଷସଙ୍କ କବଳରୁ ରକ୍ଷା କରିବା ପାଇଁ ମା'ଦୁର୍ଗା ସାଜିଲେ ମା'କାଳୀ। ମା'କାଳୀ ସମସ୍ତ ରାକ୍ଷସଙ୍କୁ ମାରି ସାରିବା ପରେ ନିଜର ନିୟନ୍ତ୍ରଣ ହରାଇଥିଲେ। ତାଙ୍କ ସାମ୍ନାରେ ଯିଏ ପଡ଼ିଲା, ତାଙ୍କ ଜୀବନ ଗଲା। ମା'କାଳୀଙ୍କ ରାଗ ଶାନ୍ତ କରିବା ପାଇଁ ସ୍ୱୟଂ ଭଗବାନ୍ ଶିବଶଙ୍କର ଦ୍ୱାରବନ୍ଧରେ ଶୋଇପଡ଼ିଲେ। ମା'ବାହାରି ଯିବା ସମୟରେ ତାଙ୍କ ପ୍ରଥମ ପାଦ ପଡ଼ିଥିଲା ତାଙ୍କ ସ୍ୱାମୀ ଶିବଶଙ୍କରଙ୍କ ଉପରେ। ସ୍ୱାମୀଙ୍କ ଉପରେ ପାଦ ପଡ଼ିଥିବା ଦେଖି ମା'ଜିଭ କାମୁଡ଼ି ଅଟକିଯାଇଥିଲେ। ଏହି ସୁନ୍ଦର ରୂପକୁ ଦେବଲୋକ ଓ ଭକ୍ତଗଣ ବିଭିନ୍ନ ନୈବେଦ୍ୟରେ ପୂଜା କରିଥିଲେ। ସେ ଦିନ ଥିଲା କାର୍ତ୍ତିକ ଅମାବାସ୍ୟା। ଏଣୁ ଦୀପାବଳିରେ ମା'କାଳୀଙ୍କୁ ପୂଜା କରାଯାଏ।

ଅତୀତର ମହାନ୍ ପରମ୍ପରାପୁଷ୍ଟ ଦୀପାବଳି ଓ ବର୍ତ୍ତମାନର ଆଭିଜାତ୍ୟପୂର୍ଣ୍ଣ ବାଣଫୁଟା ପର୍ବ ଦୀପାବଳି ପାଳନ ବ୍ୟବସ୍ଥାକୁ ତୁଳନା କଲେ ଆମେ କିପରି ଏହି ମହାନ୍ ପର୍ବର ଉଚ୍ଚ ସଂସ୍କୃତିଠାରୁ ଦୂରେଇ ଯାଉଛୁ, ତାହା ସ୍ପଷ୍ଟ ହୋଇଥାଏ । ପର୍ବ ପାଳନର ଆନନ୍ଦ ମଧ୍ୟରେ ଯଦି ଦୁଃଖ ଆସିଲା, ମଣିଷଙ୍କ ସମେତ ଧରାପୃଷ୍ଠରେ ବସବାସ କରୁଥିବା ଅସଂଖ୍ୟ ଜାତିର ଜୀବଜନ୍ତୁ ଭୟାତୁର ଓ କ୍ଷତିଗ୍ରସ୍ତ ହେଲେ, ପକ୍ଷୀ, କୀଟପତଙ୍ଗ ଆତଙ୍କିତ ହେଲେ, ତେବେ ଏଭଳି ଉତ୍ସବ ପାଳନ ମାଧ୍ୟମରେ ଆମେ ଲାଭ କରୁଛେ କି କ୍ଷତି ଆଣୁଛେ ତାହା ଏବର ପରିପ୍ରେକ୍ଷୀରେ ଗୁରୁତ୍ୱର ସହ ବିଚାର କରିବା କଥା। ଆଜିର ଏହି ପବିତ୍ର ଦିବସରେ ଆସନ୍ତୁ ସେହି ମହାନ୍ ଜ୍ୟୋତିକୁ ସ୍ୱାଗତ କରିବା ଓ ବିଶ୍ୱରୁ ଅଜ୍ଞାନର ଅମା ଅନ୍ଧକାର ଦୂରେଇଦେବା ପାଇଁ ପ୍ରାର୍ଥନା କରି କାହାକୁ କ୍ଷତି ପହଞ୍ଚାଇବାଠାରୁ ଦୂରେଇ ରହି ଦୀପାବଳି ଉତ୍ସବ ପାଳନ କରିବାକୁ ଶପଥ ନେବା। ଦୀପାବଳିର ପବିତ୍ର ସନ୍ଧ୍ୟାରେ ପ୍ରଜ୍ୱଳିତ ପ୍ରଦୀପକୁ ସ୍ୱାଗତ କରି କହିବା – 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେସନ୍ତୁ ନିରାମୟା...'।

– ପ୍ରତିରକ୍ଷିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ, ମେଡିକାଲ କଲେଜ, କଟକ, ମୋ: ୯୪୩୭୦୫୧୯୫୭

# ଖୁସିର ପର୍ବ ହେଉ ଦୀପାବଳି

ଆଲୋକର ପର୍ବ ଦୀପାବଳି। ଅସତ୍ୟ ଉପରେ ସତ୍ୟର ବିଜୟ, ଧର୍ମର ଗୌରବ ଗାଥା ବହନ କରିଥାଏ ଏହି ପର୍ବ। ହିନ୍ଦୁମାନଙ୍କର ଏହି ମହାନ ପର୍ବରେ ଆମେ ଆମ ପୂର୍ବପୁରୁଷଙ୍କୁ ମନେପକାଇବା ସହିତ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ବଡବଡୁଆ ଡାକିଥାଉ। ପିତୃପୁରୁଷଙ୍କ ଆଶୀର୍ବାଦ ଲାଭ କରିବା ଦ୍ୱାରା ଆମ ଜୀବନର ଅନ୍ଧକାରକୁ ଦୂରୀଭୂତ ହୋଇ ଆଲୋକର ଶିଖା ପ୍ରଜ୍ୱଳିତ ହୋଇଥାଏ। ତେବେ ଧୀରେ ଧୀରେ ଆଲୋକର ପର୍ବ ଏବେ ଆତସବାଜିର ପର୍ବ ଭାବେ ପରିଗଣିତ ହେବାରେ ଲାଗିଲାଣି। ଫଳରେ ମାଟି ଦୀପ ଜାଳିବା ବଦଳରେ ଲୋକେ ରଙ୍ଗବେରଙ୍ଗର ଲିଚୁ ଲାଇଟ୍, କ୍ୟାଣ୍ଡେଲ ଓ ଆତସବାଜିରେ ଦୀପାବଳି ପାଳନ କରୁଛନ୍ତି। ପରିବେଶ ପ୍ରଦୂଷଣ ହେବା ସହ ଆମ ପ୍ରକୃତ ପରମ୍ପରା ହଜିଯିବାକୁ ବସିଲାଣି। 'ଦୀପାବଳି' ଶବ୍ଦର ପ୍ରକୃତ ଅର୍ଥ ବାଣ ଫୁଟାଇବା ନୁହେଁ, ବରଂ ଦୀପ ଜାଳି ନିଜ ଭିତରେ ସତ୍ୟ, ଧର୍ମ, ନ୍ୟାୟକୁ ଜାଗ୍ରତ କରିବା। ଦୀପାବଳି ସହ ବହୁ ପୁରାଣ କଥା ଯୋଡି ହୋଇ ରହିଛି। କୁହାଯାଏ ରାମଚନ୍ଦ୍ର ୧୦ବର୍ଷ ବନବାସ ଯାଇଥିଲେ। ଲଙ୍କାପତି ରାବଣକୁ ସଂହାର କରି ସୀତା ଓ ଭାଇ ଲକ୍ଷ୍ମଣ ସହିତ ଅଯୋଧ୍ୟା ଫେରିବା ପରେ ଅଯୋଧ୍ୟାବାସୀ ଖୁସିରେ ତାଙ୍କୁ ଦୀପ ଜାଳି ସ୍ୱାଗତ କରିଥିଲେ। ସେହିପରି ଭଗବାନ୍ ଶ୍ରୀକୃଷ୍ଣ ପତ୍ନୀ ସତ୍ୟଭାମାଙ୍କ ସାହାଯ୍ୟରେ ନରକାସୁରକୁ ବଧ କରିଥିଲେ। ନରକାସୁରର ଆତଙ୍କ ଓ ଅତ୍ୟାଚାରରୁ ମୁକ୍ତି ମିଳିବା ଖୁସିରେ ଲୋକମାନେ ଦୀପ ଜଳାଇ ଖୁସି ପାଳିଥିଲେ। ତେଣୁ ଖୁସିର ଉତ୍ସବ ଦୀପାବଳିକୁ ଅନ୍ୟାୟ ଉପରେ ନ୍ୟାୟର ବିଜୟ ପର୍ବ ଭାବେ ବିବେଚନା କରାଯାଏ। ତେବେ ଏବର୍ଷ କିଏ କିଭଳି ଆଲୋକର ଏହି ପର୍ବକୁ ପାଳନ କରୁଛନ୍ତି ତାହାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା ।

## କିଏ କେମିତି ପାଳିବେ...

### ଦୀପ ଜାଳି ଆନନ୍ଦ ଉଲ୍ଲାସରେ ପର୍ବ ପାଳିବି



ଆମ ସଂସ୍କୃତି ଆଉ ପରମ୍ପରାକୁ ନେଇ ଆମେ ଗର୍ବ କରୁ। ସବୁ ପର୍ବ ଭିତରେ ଦୀପାବଳି ପାରମ୍ପରିକ ତଥା ସାଂସ୍କୃତିକ ଗୁରୁତ୍ୱ ବହନ କରେ। ହେଲେ ଏବେ ଆଧୁନିକତାର ବଶବର୍ତ୍ତୀ ହୋଇ ଆମେ ଆଉ ଆମ ପ୍ରଥା ଓ ପରମ୍ପରାକୁ ଭୁଲିବାରେ ଲାଗିଛୁ। ଏବେ ସାଧାରଣତଃ ଦୀପାବଳିରେ ସବୁଆଡେ ବାଣ ଓ ବୈଦ୍ୟୁତିକ ଆଲୋକମାଳା ଟ୍ରେଣ୍ଡ୍ ପାଲଟିଛି। ବିସ୍ଫୋରକ ବ୍ୟବହାର ଦ୍ୱାରା ବାୟୁ ଓ ଶବ୍ଦ ପ୍ରଦୂଷଣ ବଢୁଛି। ଫଳରେ ଆମେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛୁ। ତେଣୁ ବାଣ ଫୁଟାଇ ବିପଦକୁ ଆମନ୍ତ୍ରଣ ବଦଳରେ ମୁଁ ଦୀପ ଜାଳି ଆନନ୍ଦ ଉଲ୍ଲାସରେ ଦୀପାବଳି ପାଳନ କରିବି।

– ଆରାଧନା ନାୟକ, ଛାତ୍ରୀ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

### ଆମ ସଂସ୍କୃତି, ପରମ୍ପରା ଅନୁସାରେ ପାଳନ କରିବି



ଭାରତୀୟ ସଂସ୍କୃତିରେ ଆଲୋକର ପର୍ବ ଦୀପାବଳିର ସ୍ଥାନ ଅନନ୍ୟ ହୋଇଥିବାବେଳେ ଦୀପ ବଦଳରେ ବିସ୍ଫୋରକ ଏହାକୁ ଫିକା କରୁଛି। ଏହି କାରଣରୁ ବାୟୁ ପ୍ରଦୂଷଣ ହେବା ସହିତ ବିଭିନ୍ନ ଦୁର୍ଘଟଣା ହେବାର ଭୟ ରହୁଛି। ଏ ଦିଗରେ ସଚେତନ ହୋଇ ଦୀପ ଜାଳିବା ସହିତ ଆମ ସଂସ୍କୃତି ଓ ପରମ୍ପରା ଅନୁସାରେ ଦୀପାବଳି ପାଳନ କରାଗଲେ ପରିବେଶ ସୁରକ୍ଷା ହେବ ଓ ଦୁର୍ଘଟଣାରୁ ମୁକ୍ତି ମିଳିବ।

– ପ୍ରସନ୍ନଜିତ୍ ସାହୁ, ଜୟଦେବ ବିହାର, ଭୁବନେଶ୍ୱର

### ନିଜ ସହ ଅନ୍ୟର ଜୀବନକୁ ଆଲୋକିତ କରିବାକୁ ଚେଷ୍ଟା କରିବି



ଦୀପାବଳି କେଉଁ ଆବାହମାନ କାଳରୁ ମାନବତା, ସହଯୋଗ ଏବଂ ସାମ୍ପ୍ରଦାୟିକ ଏକତାର ପରିଚୟ ହୋଇ ରହିଆସିଛି। ପ୍ରତିବର୍ଷ ଦୀପାବଳି ଆସେ। ଭଳିକି ଭଳି ଆଲୁଅ, ତୋରଣ ଆଉ ଦୀପରେ ସୁନ୍ଦରୀ ଝିଅଟିଏ ପରି ସଜେଇ ହୁଏ ଗାଁଠାରୁ ସହର। ମାତ୍ର ସବୁବର୍ଷ ଆମେ କେବଳ ଘରେ, ଦୁଆରେ ଓ ବାଲକୋନୀରେ ଦୀପ ଜାଳିବାରେ ସୀମିତ ନ ରହି ପ୍ରେମର ଦୀପଟିଏ ହୃଦୟରେ ଜାଳିବା ଦରକାର। ଏଥର ଦୀପାବଳିରେ ଘର ସହ ଅନ୍ୟର ଜୀବନ ବି ଆଲୋକିତ କରିବାକୁ ଚେଷ୍ଟା କରିବି। ଏଥିସହ ସୁରକ୍ଷିତ ରହି ଦୀପାବଳି ପାଳିବା ଉପରେ ଗୁରୁତ୍ୱ ଦେବି।

– ଗୌରୀ ସାହୁ, ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ











# ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଭଦ୍ରକାଳୀ

**ପୁ**ରାଣ ପ୍ରସିଦ୍ଧ ଶକ୍ତିପୀଠ ଭଦ୍ରକାଳୀ ପୀଠ। ପ୍ରତିବର୍ଷ କାଳୀପୂଜା ଅବସରରେ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଭଦ୍ରକାଳୀଙ୍କ ପୀଠରେ ସପ୍ତଦିବସ ବ୍ୟାପୀ ମହାଯଜ୍ଞ ସହ ମା'ଙ୍କର ସପ୍ତମାତୃକା ବେଶ ହୋଇଥାଏ। ଚଳିତବର୍ଷ ସୋମବାରଠାରୁ ମା' ଭଦ୍ରକାଳୀ ସପ୍ତମାତୃକା ବେଶରେ ପୂଜା ପାଇବେ। ଏଥିସହ ପୀଠରେ ଆରମ୍ଭ ହେବ ବିଶ୍ୱଶାନ୍ତି ମହାଯଜ୍ଞ। ମା' ଭଦ୍ରକାଳୀ ସପ୍ତଦିବସ ମଧ୍ୟରେ ବେଦମାତା, ମହାକାଳୀ, ରାଜରାଜେଶ୍ୱରୀ, ସିଂହବାହିନୀ, ଜଗଦ୍ଧାତ୍ରୀ, ମହାସରସ୍ୱତୀ ଏବଂ ମହାଲକ୍ଷ୍ମୀ ବେଶ ଧାରଣ କରି ଭକ୍ତମାନଙ୍କୁ ଦର୍ଶନ ଦେବେ।

ଏଥିପାଇଁ ମନ୍ଦିରର ସିଂହଦ୍ୱାରଠାରୁ ଯଜ୍ଞମଣ୍ଡପ ଓ ମା'ଙ୍କର ପୂଜାମଣ୍ଡପ ସୁସଜ୍ଜିତ କରାଯାଇଥିବା ବେଳେ ଏହା ବେଶ୍ ଆକର୍ଷଣୀୟ ହୋଇଛି। ମହାଯଜ୍ଞ ନିମନ୍ତେ ଆଲୋକ ସଜ୍ଜା, ତୋରଣ, ପାନୀୟ ଜଳ, ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନତା, ପୂଜା ରୀତିନୀତି ଓ ସମୟ ନିର୍ଘଣ୍ଟ ତଥା ପୂର୍ଣ୍ଣାହୁତି ଅବସରରେ ଭକ୍ତମାନଙ୍କ ନିମନ୍ତେ ପହୁଡ଼ ଭୋଗ ସମ୍ପନ୍ନ କରିବା ପାଇଁ ମନ୍ଦିର ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଆସନ୍ତା ୨୦୨୬ରେ ମହାଯଜ୍ଞକୁ ୨୫ବର୍ଷ ପୂରଣ ହେଉଥିବାରୁ ମା'ଙ୍କର ସୁନାବେଶ ଅନୁଷ୍ଠିତ ହେବ। ଏବେଠାରୁ ଭକ୍ତମାନେ ଦାନ କରିପାରିବେ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଅନେକ ଜନଶ୍ରୁତି ଓ କିମ୍ବଦନ୍ତୀ ଏହି ପୀଠର ମହିମାକୁ ବହୁଗୁଣିତ କରିଛି। କିମ୍ବଦନ୍ତୀ ଅନୁଯାୟୀ ମୟୂରଭଞ୍ଜ ଜିଲାର ମେଘାସନ ପର୍ବତରେ ତାପସ ଋଷି ମା'ଙ୍କୁ ପୂଜାର୍ଚ୍ଚନା କରୁଥିଲେ। ତାଙ୍କର ଦେହାନ୍ତ ପରେ ତାଙ୍କ ଶିଷ୍ୟ ଭଦ୍ରନାଥଙ୍କୁ ମା' ଭଦ୍ରକାଳୀ ସ୍ୱପ୍ନାଦେଶ କରି କହିବା ପରେ ସେ ମା'ଙ୍କୁ ଏଠାରେ ପ୍ରତିଷ୍ଠା କରିଥିଲେ। ପରେ ସ୍ଥାନୀୟ ରାଜା ମନ୍ଦିର ନିର୍ମାଣ କରିବା ସହ ପୂଜାର୍ଚ୍ଚନା କରିବା ପାଇଁ ସେବାୟତମାନଙ୍କୁ ନିୟୋଜିତ କରିଥିଲେ।



ମା' ଭଦ୍ରକାଳୀ

– ସନାତନ ରାଉତ, ଭଦ୍ରକ









## ୪୫ କେଜି ଅଫିମ ଫଳ ଚୋପା ଜବତ, ଜଣେ ଗିରଫ

ବୈଶିଙ୍ଗା,୧୯।୧୦(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଗଡ଼ଗଡ଼ିଆ ଗ୍ରାମରେ ଜଣେ ଅଫିମ ବ୍ୟବସାୟୀଙ୍କ ଘରେ ପୋଲିସ ଚଢ଼ାଉ କରି ୪୫ କେଜି ଅଫିମ ଫଳର ଚୋପା ଜବତ କରିଛି। ବ୍ୟବସାୟୀଙ୍କୁ ଗିରଫ କରି ତଦନ୍ତ କରୁଛି। ସୂଚନା ମୁତାବକ, ଜିଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶ କ୍ରମେ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ପୋଲିସ ଟିମ୍ ଗଡ଼ଗଡ଼ିଆ ଗ୍ରାମର କମଳାକାନ୍ତ ନାୟକଙ୍କ ଘରେ ଚଢ଼ାଉ କରିଥିଲା। ଘରେ ଗଚ୍ଛିତ କରି ରଖାଯାଇଥିବା ୪୫ କେଜି ଅଫିମ ଫଳର ଚୋପା ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସୋମବାର ତାଙ୍କୁ ବାରିପଦା (ସ୍ୱତନ୍ତ୍ର ଅଦାଲତ) ଜିଲା ସେସନ୍ସ କୋର୍ଟରେ ହାଜର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଅପମିଶ୍ରିତ ତେଲକୁ ନେଇ ଅସନ୍ତୋଷ

## ବଢୁଛି ମାଟି ଦୀପର ଚାହିଦା

ବାରିପଦା,୧୯।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପାର୍ବଣରେ ମାଟି ଦୀପର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଆଲୋକର ପର୍ବ ଦୀପାବଳିରେ ମୟୂରଭଞ୍ଜ ଜିଲା ବାରିପଦା ସହରରେ ମାଟି ଦୀପର ପସରା ମେଲିଛି । ରଙ୍ଗବେରଙ୍ଗ ସହିତ ନୂତନ ଡିଜାଇନରେ ମାଟି ଦୀପ ପ୍ରସ୍ତୁତ ହୋଇ ବିକ୍ରି ଚାଲିଛି । ମାତ୍ର ଦୀପରେ ଲାଗୁଥିବା ତେଲ ଓ ଘିଅର ମାନ ଯାଞ୍ଚ କରାଯାଉ ନ ଥିବାରୁ ଲୋକେ ଅପମିଶ୍ରିତ ସାମଗ୍ରୀ ନକଲିକୁ ଅସଲି ଦାମରେ କିଣି ପର୍ବ ପାଳିବାକୁ ବାଧ ହେଉଛନ୍ତି। ଯାହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଦୀପାବଳିକୁ ନେଇ ଜିଲାବ୍ୟାପି ଉତ୍ସବର ମାହୋଲ ଲାଗିରହିଛି। ବାଣ ଦୋକାନଠାରୁ ଆରମ୍ଭ କରି ମାଟି ଦୀପ ବିକ୍ରି ଦୋକାନଗୁଡ଼ିକରେ ଭିଡ଼ ପରିଲକ୍ଷିତ ହେଉଛି। ଏପରିକି ଘରେ ଦୀପ ଜାଳିବା ପାଇଁ ମାଟି ଦୀପକୁ ଅଧିକାଂଶ ଲୋକେ ପସନ୍ଦ କରୁଥିବାରୁ ଏହାର ଚାହିଦା ବୃଦ୍ଧି ପାଇଛି। କୁମ୍ଭକାର ପରିବାରର ଲୋକେ ମାଟି ଦୀପ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ବିଭିନ୍ନ ସ୍ଥାନରେ ମାଟି ଦୀପ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ରଙ୍ଗବେରଙ୍ଗ ଓ ବିଭିନ୍ନ ଡିଜାଇନର ଦୀପର ଦାମ ଅଧିକ ରହିଥିବା ବେଳେ ୧ଟଙ୍କାଠାରୁ ଆରମ୍ଭ କରି ୧୦ଟଙ୍କା ପର୍ଯ୍ୟନ୍ତ ଏହାର ମୂଲ୍ୟ ରହିଛି। ପରିଶ୍ରମ ଅନୁସାରେ ଦୀପର ଦରଦାମ ଧାର୍ଯ୍ୟ କରାଯାଇଛି ବୋଲି କୁମ୍ଭକାର ରତ୍ନାକର ବେହେରା କହିଛନ୍ତି। ତେବେ ବଜାରରେ ଚାଇନା ଲାଇଟର ବହୁଳ ବିକ୍ରି ସତ୍ତ୍ୱେ ମାଟି ଦୀପର ସ୍ୱତନ୍ତ୍ର ଚାହିଦା ରହିଛି। ଅନ୍ୟପକ୍ଷରେ ଦୀପ ପାଇଁ ଆବଶ୍ୟକ ଘିଅ ଓ ତେଲ ଠିକ୍ ଭାବେ ଯାଞ୍ଚ କରାଯାଉ ନ ଥିବାରୁ ଅପମିଶ୍ରିତ ଦ୍ରବ୍ୟ ବଜାରରେ ବିକ୍ରିହେଉଥିବା ନେଇ ସହରରେ ଆଲୋଚନା ଜୋର ଧରିଛି। ବିଭାଗ ପକ୍ଷରୁ କୌଣସି ଚଢ଼ାଉ କରାଯାଉ ନ ଥିବାରୁ ଚାଇନା ଲାଇଟର ବହୁଳ ବିକ୍ରି ଯୋଗୁ ଯେଉଁ ପରିମାଣର ମାଟି ଦୀପ ବିକ୍ରି ହେବା କଥା ତାହା ହେଉନି। ଜିଲା ପ୍ରଶାସନ ଅପମିଶ୍ରିତ ଦ୍ରବ୍ୟ ବିକ୍ରି ଉପରେ ରୋକ୍ ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି।



ଗ୍ରାହକମାନେ ମାଟି ଦୀପ କିଣୁଛନ୍ତି।

## ଗାଁରେ ପଶିଲା ହାତୀ



ମାଳିହତା ଗାଁରେ ଉତ୍ପାତ କରୁଥିବା ଝାଡ଼ଖଣ୍ଡୀ ହାତୀ।

ମୋରଡ଼ା,୧୯।୧୦(ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ମୋରଡ଼ା ପଞ୍ଚାୟତର ମାଳିହତା ଗ୍ରାମରେ ସୋମବାର ସକାଳ ୭ଟା ୩୦ମିନିଟ ସମୟରେ ଏକ ଝାଡ଼ଖଣ୍ଡୀ ହାତୀ ପ୍ରବେଶ କରିଥିବା ଦେଖିବାକୁ ମିଳିଛି। ଶନିବାର ବିଳମ୍ବିତ ରାତିରେ ଏକ ୧୯ ଟିକିଆ ହାତୀପଲ ବେତନଟୀ ରେଞ୍ଜ ଅଧୀନ ବୈଶିଙ୍ଗାରୁ ବାହାରି ରାସଗୋବିନ୍ଦପୁର ରେଞ୍ଜ ଅଧୀନ ମୋରଡ଼ା ହୋଇ ଫୁଲଝରୀ ଗ୍ରାମରେ ପ୍ରବେଶ କରିଥିଲେ। ହାତୀପଲ ମୋରଡ଼ା ମାଳିହତା ଗ୍ରାମର ଅବିନାଶ ମହାନ୍ତି, ସତ୍ୟନାରାୟଣ ମହାନ୍ତି, ମୁରଲୀ ବେହେରାଙ୍କ ସହିତ ଅନ୍ୟ ଚାଷୀମାନଙ୍କର ଚାଷ ଜମି ନଷ୍ଟ କରିଛନ୍ତ। ତେବେ ୧୯ଟି ହାତୀ ମଧ୍ୟରୁ ଗୋଟିଏ ହାତୀ ଗୋଠଛଡ଼ା ହୋଇ ମାଳିହତା ଗ୍ରାମରେ ପ୍ରବେଶ କରିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି।

## ଏଥର ମାନ୍ଦା ପଡ଼ିଛି ବ୍ୟବସାୟ, ଚିନ୍ତାରେ ବାଣ ବ୍ୟବସାୟୀ

ବାରିପଦା,୧୯।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଦୀପାବଳି ପାଇଁ ବାଣ ବ୍ୟବସାୟ କରିବାକୁ ମୟୂରଭଞ୍ଜ ଜିଲାରେ ୧୫୬ ବ୍ୟବସାୟୀଙ୍କୁ ପ୍ରଶାସନ ପକ୍ଷରୁ ଅନୁମତି ମିଳିଛି। କିନ୍ତୁ ଏଥର ବାଣ ଦୋକାନଗୁଡ଼ିକରେ ବ୍ୟବସାୟ ମାନ୍ଦା ପଡ଼ିଛି। ମେଘୁଆ ପାଗ ସହ ବର୍ଷା ଏବଂ ବାୟୁ ପ୍ରଦୂଷଣ ପାଇଁ ରାଜ୍ୟ ସରକାରଙ୍କ ଅଙ୍କୁଶକୁ ନେଇ ବାଣ ବ୍ୟବସାୟୀଙ୍କ ମଧ୍ୟରେ ଭାଳେଣୀ ପଡ଼ିଛି। ଦୋକାନଗୁଡ଼ିକ ଫାଙ୍କା ପଡ଼ିଥିବାରୁ ଚଳିତବର୍ଷ ବ୍ୟବସାୟକୁ ନେଇ ବ୍ୟବସାୟୀମାନେ ଚିନ୍ତାରେ ପଡ଼ିଛନ୍ତି। ବିଗତ ବର୍ଷରେ ଦେଢ଼ କୋଟିର ବ୍ୟବସାୟ ହୋଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ଛୁଇଁବାକୁ ନେଇ ସନ୍ଦେହ ଜାତ ହୋଇଥିବା ବ୍ୟବସାୟୀମାନେ କହିଛନ୍ତି।

ବାରିପଦା। ସହରର ଛଉ ପଡ଼ିଆରେ ୨୧ ଓ ମଧୁବନ ପଡ଼ିଆରେ ୧୭ ବ୍ୟବସାୟୀଙ୍କୁ ବାଣ ବିକ୍ରି ପାଇଁ ଅନୁମତି ଦିଆଯାଇଛି। ସେହିପରି ସହରରେ ପ୍ରାୟ ୮ରୁ ଅଧିକ ଲାଇସେନ୍ସପ୍ରାପ୍ତ ହୋଲ୍‌ସେଲ୍ ବ୍ୟବସାୟୀ ରହିଛନ୍ତି। ଏମାନଙ୍କଠାରୁ ବାଣ କିଣି ଖୁଚୁରା ଦରରେ ବିକ୍ରି କରିବାକୁ ଅନୁମତି ପ୍ରଦାନ କରାଯାଇଛି। ଦୀପାବଳିର ତିନିମାସ ପୂର୍ବରୁ ହୋଲ୍‌ସେଲ୍ ବ୍ୟବସାୟୀମାନେ ବିଭିନ୍ନ ବାଣ ତିଆରି କାରଖାନାରୁ ବାଣ ଆଣି ନିଜ ଗୋଦାମରେ ରଖିଥାନ୍ତି। ଅଧିକାଂଶ ବ୍ୟବସାୟୀ ତାମିଲନାଡୁର ଶିବକାଶୀ ଅଞ୍ଚଳରୁ କୋଟି କୋଟି ଟଙ୍କାର ବାଣ ଆଣିଛନ୍ତି। ପ୍ରତିବର୍ଷ ଜଣେ ହୋଲ୍‌ସେଲ୍ ବ୍ୟବସାୟୀ ବର୍ଷକୁ ୫୦ରୁ ୮୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ କରିଥାନ୍ତି। ତେବେ ଗ୍ରୀନ ବାଣ ନିଷ୍ପତ୍ତିକୁ ପରିବେଶବିତ୍‌ଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସ୍ୱାଗତ କରିଥିବା ବେଳେ ବାଣ ବ୍ୟବସାୟୀଙ୍କ ମୁଣ୍ଡ ଉପରେ ଚଡ଼କ ପଡ଼ିଛି। ଚାଇନା ବାଣ ଓ ଦେଶୀ ବାଣ ବିକ୍ରି ଉପରେ ଅଙ୍କୁଶ ଲାଗିଥିବାରୁ ବ୍ୟବସାୟରେ ମାନ୍ଦା ପରିସ୍ଥିତି ଉପୁଜିବାର ଜଣାପଡ଼ିଛି। ଅନେକ ସ୍ଥାନରେ ବେଆଇନ ବାଣ ପ୍ରସ୍ତୁତି ଓ ବିକ୍ରି ଉପରେ ଚଢ଼ାଉ କରାଯାଉଥିଲେ ମଧ୍ୟ ଲୁଚାଛପାରେ ବାଣ ବିକ୍ରି ହେଉଥିବାରୁ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀମାନେ ଚିନ୍ତାରେ ପଡ଼ିଛନ୍ତି। ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କ ବ୍ୟତୀତ ଚୋରାରେ ବିକ୍ରି ହେଉଥିବା ବାଣ ଦୋକାନଗୁଡ଼ିକରେ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି। ତେବେ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଛି ବୋଲି ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ କହିଛନ୍ତି।

# ବାଛୁରିପଡ଼ା ବାଣ ବଜାର ଖୋଲିବାକୁ ମିଳିଲା ଅନୁମତି

ବୈଶିଙ୍ଗା,୧୯।୧୦(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବାଣ ଓ ଆତସବାଜି ପାଇଁ ପ୍ରସିଦ୍ଧ ବାଛୁରିପଡ଼ା ମେଳା ପଡ଼ିଆରେ ବହୁ ବାଦବିବାଦ ପରେ ଶନିବାରଠାରୁ ପ୍ରଶାସନର ଅନୁମତି କ୍ରମେ ବାଣ ବଜାର ଖୋଲିଛି। ଏଠାରୁ ବାଣ କଣିବା ପାଇଁ ଲୋକଙ୍କ ଭିଡ଼ ଜମୁଥିବା ମଧ୍ୟ ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ୧୦ ଦିନ ପୂର୍ବେ ଏହି ଗ୍ରାମରେ ବାଣ ପ୍ରସ୍ତୁତି ସମୟରେ ଅସାବଧାନତା ଯୋଗୁ ବିସ୍ଫୋରଣ ଘଟି ଜଣେ ଯୁବକଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା। ଏହାପରେ ପ୍ରଶାସନ ତତ୍ପରତା ପ୍ରକାଶ କରିବା ପୂର୍ବକ ବାଣ ବ୍ୟବସାୟ ପ୍ରତି କଡା ଆଭିମୁଖ୍ୟ ପ୍ରଦର୍ଶନ କରୁଛି। ବାଣ ପ୍ରସ୍ତୁତିରେ ସମ୍ପୂର୍ଣ୍ଣ ରୋକ ଲଗାଇବା ସହିତ ପ୍ରତ୍ୟେକ ଦିନ ଗାଁ ସାରା ଥିବା ବାଣ ଗୋଦାମ ଉପରେ ଘନ ଘନ ଚଢ଼ାଉ କରୁଛି । ଏନେଇ ବାଛୁରିପଡ଼ା ୧୦୦ ବର୍ଷର ପୁରୁଣା କୌଳିକ ବୃତ୍ତିରେ ରୋକ୍ ଲାଗିବା ଯୋଗୁଏକାଧିକ ପରିବାରକୁ ଶକ୍ତ ଧକ୍କା ଲାଗିଥିଲା । ଏମିତିକି ଅନେକ ବ୍ୟବସାୟୀ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଲାଇସେନ୍ସ ଆବେଦନ କରିବା ସହିତ ବାଣ ମଧ୍ୟ ପ୍ରସ୍ତୁତ କରିସାରିଥିଲେ। ସରକାର ଏଠାରେ ସବୁ ବର୍ଷ ଭଳି ଅସ୍ଥାୟୀ ଲାଇସେନ୍ସ ପ୍ରଦାନ କରି ୩ଦିନ ଧରି ବସିବାକୁ ଥିବା ବାଣ ବଜାରକୁ ଅନୁମତି ଦେଉ ନ ଥିଲେ। ଜୀବିକା ସଂକଟରେ ପଡ଼ିଥିବାବେଳେ ୩ଦିନ ପୂର୍ବରୁ ଏକାଧିକ ସ୍ଥାନୀୟ ବ୍ୟବସାୟୀ ଓ ପ୍ରଶାସନ ମଧ୍ୟରେ ବାରିପଦାଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ସେଠାରେ ବ୍ୟବସାୟୀମାନେ ପେଟ ପାଟଣାକୁ ନେଇ ସରକାରଙ୍କୁ ନେହୁରା ହୋଇଥିଲେ। ଯେଉଁଥିପାଇଁ ପ୍ରଶାସନ ମାତ୍ର ୨୧ ଜଣ ବ୍ୟବସାୟୀଙ୍କୁ ସତର୍କତା ଅବଲମ୍ବନ କରି ଦୋକାନ ଖୋଲିବାକୁ ଅନୁମତି ପ୍ରଦାନ କରଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ଖୋଲିଛି ଆତସବାଜୀ ଦୋକାନ , ମିଳୁଛି ବିଭିନ୍ନ ରକମର ବାଣ। ହେଲେ କେଉଁଟା ଫୁଟାଇବେ ଓ କେଉଁଟା ଉପରେ ସରକାରୀ କଟକଣା ଲାଗିଛି ତାହାକୁ ନେଇ ଦ୍ୱନ୍ଦରେ ଗ୍ରାହକ। ଝରାବତୀ, ତାଳ ପଟକା , ଚକ୍ରି, କୁମ୍ପି, ରକେଟ, ଟିଁକିଲି ବାଣ, କିଟକାଟ୍, ଦିଆସିଲି ବାଣ, ରସୁଣ ବାଣ, କାର୍ଗିଲ ବାଣ ଭଳି କମ୍ପାନୀ ତିଆରି ଗ୍ରୀନ କ୍ରାକରକୁ ବିକ୍ରି ପାଇଁ ଅନୁମତି ମିଳିଛି। ସେହିପରି ଦେଶୀ ବାଣ ଯେପରି ଟାଇଗର ବମ୍, ସୁତୁଲି ବମ୍ ଓ ଅଧିକ ଶବ୍ଦ କରୁଥିବା ବାଣ ଉପରେ କଟକଣା ଲାଗାଯାଇଛି। ଘାତକ ଓ ପରିବେଶ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣ ଉପରେ ଅଗ୍ନିଶମ ବାହିନୀ ପକ୍ଷରୁ କଡ଼ା କଟକଣା ଜାରି କରାଯାଇଛି।



ବାଛୁରିପଡ଼ାରେ ଖୋଲିଥିବା ବାଣ ଦୋକାନ।

## ଟ୍ୟୁଶନ ଶିକ୍ଷକଙ୍କୁ ଗୁଳି, ୪ ଅଟକ

ବାରିପଦା,୧୯।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଶିଳିଆଳିଘାଟୀ ପଞ୍ଚାୟତର ଶାକୁଆ ଗ୍ରାମରେ ଶନିବାର ରାତି ୧୦ଟା ବେଳେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଜଣେ ଟ୍ୟୁଶନ ଶିକ୍ଷକ ଗୁରୁତର ହୋଇଛନ୍ତି। ସେ ହେଲେ ମାଙ୍କଡ଼ାପାଳ ଗ୍ରାମର ସଞ୍ଜୟ ନାଏକ(୩୨)। ସେ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ବଡ଼ସାହି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ୪ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।

ପ୍ରକାଶ ଯେ, ରାତିରେ ସଞ୍ଜୟ ନିଜ ଗ୍ରାମ ମାଙ୍କଡ଼ାପାଳକୁ ଫେରୁଥିବା ସମୟରେ ଶାକୁଆ ଗ୍ରାମର ପୁରୁଣା ଇଟାଭାଟି ରାସ୍ତାରେ ଦୁର୍ବୃତ୍ତମାନେ ତାଙ୍କୁ ଗୁଳିମାଡ଼ କରିଥିଲେ। ତାଙ୍କ ପେଟରେ ଗୁଳି ବାଜିବା ପରେ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବାରିପଦାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୩୭୧/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଥାନାଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ କହିଛନ୍ତି, ଦୁର୍ବୃତ୍ତମାନେ ନିକଟରୁ ଗୁଳି କରିଥିବା ଅନୁମାନ କରାଯାଉଛି। ଗୋଟିଏ ଗୁଳି ସଞ୍ଜୟଙ୍କ ପେଟରେ ବାଜି ବାହାରକୁ ବାହାରି ଯାଇଛି। ପଚରାଉଚରା ଜାରି ରହିଥିବା ବେଳେ ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ସେ କହିଛନ୍ତି। ତେବେ ଶିକ୍ଷକଙ୍କ ସହ ପୂର୍ବ ଶତ୍ରୁତାରୁ ଏପରି ଗୁଳିମାଡ଼ ହୋଇଥିବା ନେଇ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ସହରରେ ଘଟୁଥିବା ଏଭଳି ଘଟଣା ଗାଁଗଣ୍ଡାରେ ହେଉଥିବାରୁ ଲୋକେ ଆଇନ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠାଇଛନ୍ତି। ପାଟ୍ରୋଲିଂ ବ୍ୟବସ୍ଥା ଓ କଡ଼ାକଡ଼ି ଯାଞ୍ଚ ଠିକ୍ ଭାବେ କରାଯାଉ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ସନ୍ଧ୍ୟା ପୂର୍ବରୁ ଗ୍ରାମବାସୀ ଘରୁ ବାହାରିବାକୁ ସୁରକ୍ଷିତ ମଣୁନାହାନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ୩୧ ବର୍ଷ ବୟସରେ ୩୨ଥର ରକ୍ତଦାନ



ଦାନ୍ତିଆମୁହାଁ ପଞ୍ଚାୟତର ରଞ୍ଜନ କୁମାର ମହାନ୍ତ ରକ୍ତଦାନ କରୁଛନ୍ତି।

ବାରିପଦା,୧୯।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍‌ସ୍ଥିତ ଗରୁଡ଼ ବସା ଗ୍ରାମ ଦାନ୍ତିଆମୁହାଁ ପଞ୍ଚାୟତର ନିବାସୀ ରଞ୍ଜନ କୁମାର ମହାନ୍ତ ୩୧ ବର୍ଷ ବୟସରେ ବାରିପଦାସ୍ଥିତ ଓଡ଼ିଶା ରକ୍ତ ଭଣ୍ଡାରରେ ସ୍ୱଇଚ୍ଛାରେ ରବିବାର ୩୨ତମ ରକ୍ତଦାନ କରିଛନ୍ତି। ସେ ସ୍ୱାମୀ ବିବେକାନନ୍ଦ ସ୍ୱୟଂ ସେବା ସଂଗଠନର ପ୍ରତିଷ୍ଠାତା ଓ ସଭାପତି ଭାବେ କାର୍ଯ୍ୟ କରୁଥିବା ବେଳେ ୨୦୧୩ରୁ ନିରବଚ୍ଛିନ୍ନ ଭାବରେ ରକ୍ତଦାନ କରୁଛନ୍ତି। ରକ୍ତଦାନ ସମୟରେ ସଂଘର ସାଧାରଣ ସମ୍ପାଦକ ରାଜକିଶୋର ସିଂ, ଅବିନାଶ ସିଂ ତଥା ବାରିପଦା ନାରାୟଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ଡା. ନିରୋଜ କୁମାର ପୋଥାଳ, ସର୍ଦ୍ଦାର ହରିଚରଣ ସିଂହ, ଉତ୍ତମ ରାଉତ, ହିମାଂଶୁ ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ରଞ୍ଜନଙ୍କ ଏଭଳି ସତକର୍ମରେ ଅନୁପ୍ରାଣିତ ହୋଇ ତାଙ୍କ ପିତା ବାସୁଦେବ ମହାନ୍ତ ମଧ୍ୟ ୫୬ ବର୍ଷ ବୟସରେ ୧୧ଥର ରକ୍ତଦାନ କରିଥିବା କହିଛନ୍ତି। ଏଥିସହ ସଂଘର ସମସ୍ତ ସଦସ୍ୟ ରକ୍ତଦାନ ସହ ରୋଗୀ ସେବାକୁ ପ୍ରାଧାନ୍ୟ ଦେଇଥାନ୍ତି। ନିଜସ୍ୱ ଅର୍ଥରେ ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିଙ୍କୁ ନେଇ କଟକ ବଡ଼ ଡାକ୍ତରଖାନାରେ ପହଞ୍ଚାଇଥାଆନ୍ତି। ଏହିଭଳି କାର୍ଯ୍ୟରେ ସମସ୍ତ ସଦସ୍ୟ ସଂଘବଦ୍ଧ ଭାବରେ ଅଂଶଗ୍ରହଣ କରୁଛନ୍ତି।




































# ବାସି ଭାତ ଖାଇ ୧୫ରୁ ଉର୍ଦ୍ଧ୍ୱ ଗାଈ ମୃତ

ନୂଆପଡ଼ା,୧୯।୧୦
(ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଆମସେନା ପଞ୍ଚାୟତ ଗୋତମା ଗାଁରେ ବାସି ଭାତ ଖାଇ ୧୫ରୁ ଉର୍ଦ୍ଧ୍ୱ ଗାଈଙ୍କ ମୃତ୍ୟୁ ହୋଇଥିବା ବେଳେ ୭୦ରୁ ଅଧିକ ଗୁରୁତର ଅଛନ୍ତି। ସୂଚନା ଅନୁଯାୟୀ, ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ଏହାପରେ ଖରିଆର ରୋଡ୍ ଗୋତମା ଏୟାରଷ୍ଟ୍ରିପ ପଡ଼ିଆରେ ସମାବେଶ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସିଥିବା ଲୋକଙ୍କ ଖାଇବା ଲାଗି ଗୋତମା ଓ ଜୁମେରପାଣି ଗାଁ ମଝି ପଡ଼ିଆରେ ବ୍ୟବସ୍ଥା ହୋଇଥିଲା। ଲୋକେ ଖାଇବା ପରେ ବଳକା ରହିଥିବା ଭାତକୁ ଗାତ କରି ପୋତିବା ବଦଳରେ ରାତି ହେବାରୁ ଏଣେତେଣେ ଫିଙ୍ଗିଦିଆଯାଇଥିଲା। ପରଦିନ ସକାଳେ ଗୋତମା ଗାଁର ଗାଈ ଚରିବାକୁ ଯିବା ସମୟରେ ଫିଙ୍ଗାଯାଇଥିବା ଭାତ ଖାଇ ଅସୁସ୍ଥ


ମରିପଡ଼ିଥିବା ଗାଈ।

ହୋଇ ପଡ଼ିଥିଲେ। ଛଟପଟ ହେଉଥିବା କିଛି ଗାଈଙ୍କୁ ମାଲିକମାନେ କୌଣସି ପ୍ରକାରେ ଘରକୁ ନେଇ ଚିକିତ୍ସା କରିଥିଲେ। ହେଲେ ଶନିବାରଠାରୁ ଗାଈ ମରିବା ଆରମ୍ଭ ହୋଇଛି। ଓ ଗାଁର ଅନ୍ୟ ଚାଷୀଙ୍କ ୭୦ରୁ ଅଧିକ ଗାଈ ଗୁରୁତର ଥିବାବେଳେ ସେମାନଙ୍କ ଚିକିତ୍ସା ଚାଲିଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଚାଷୀଙ୍କୁ ଭେଟିବା ସହ କ୍ଷତିପୂରଣ ପାଇଁ ଦାବି କରାଯିବ ବୋଲି କହିଛନ୍ତି। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ଏଥିରେ କ୍ଷୋଭ ପ୍ରକାଶ କରି ଜିଲାପାଳ ମଧୁସୂଦନ ଦାଶଙ୍କୁ ଫୋନରେ ଯୋଗାଯୋଗ କରିଥିଲେ।

## ନୂଆପଡ଼ାରେ ଗୋହତ୍ୟା ପାଇଁ ଭାଜପା ଦାୟୀ: ବିଜେଡି

ଭୁବନେଶ୍ୱର,୧୯।୧୦(ରବିନାରାୟଣ ଜେନା)

ନୂଆପଡ଼ାରେ ଗୋରୁ ମଡ଼କ ପାଇଁ ଭାଜପା ସରକାର ଦାୟୀ ବୋଲି ବିଜେଡି ଅଭିଯୋଗ କରିଛି। ରବିବାର ଶଙ୍ଖ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ପ୍ରାୟ ୧୦ ହଜାର ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୋଇଥିଲେ ମଧ୍ୟ କମ୍ ସଂଖ୍ୟକ ଲୋକଙ୍କ ଉପସ୍ଥିତି ଭାଜପା ଦଳକୁ ନିରାଶ କରିଥିଲା। ସଭାରୁ ଲୋକେ ଉଠି ଚାଲିଗଲେ। ଘଟଣାରୁ ସ୍ପଷ୍ଟ ଯେ ଭାଜପା ଉପରେ ନୂଆପଡ଼ାବାସୀଙ୍କ ଭରସା ନାହିଁ। ତେଣୁ ହତାଶ ହୋଇ ବଳକା ଖାଦ୍ୟକୁ ଫୋପାଡ଼ି ଦେଇଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ଗୃହପାଳିତ ପ୍ରାଣୀ ଏହାକୁ ଖାଇ ଅସୁସ୍ଥ ହୋଇପଡ଼ିଥିଲେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୨୦ଟି ଗୋରୁଙ୍କ ମୃତ୍ୟୁ ହୋଇଛି। ଏହିଭଳି ଘଟଣାର ପୁନରାବୃତ୍ତି ଯେଭଳି ନ ହେବ, ସେଥିପ୍ରତି ଭାଜପା ସମ୍ବେଦନଶୀଳ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

# ରାଜେନ୍ଦ୍ରଙ୍କ ଅଧୁରା ସ୍ୱପ୍ନ ପୂରଣ କରିବି: ସ୍ନେହାଙ୍ଗିନୀ

## ରୋଡ୍ ଶୋ' କରି ଶକ୍ତି ପ୍ରଦର୍ଶନ କଲା ବିଜେଡି

ନୂଆପଡ଼ା,୧୯।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଉତ୍ତାପ ସେତିକି ରୋଚକ ହେବାରେ ଲାଗିଛି। ଇତିମଧ୍ୟରେ ରାଜ୍ୟର ୩ ପ୍ରମୁଖ ଦଳ ପ୍ରାର୍ଥୀ ଘୋଷଣା କରିଥିବାବେଳେ ଭାଜପା ଓ କଂଗ୍ରେସ ପ୍ରାର୍ଥୀପତ୍ର ଦାଖଲ କରିସାରିଛନ୍ତି। ବିଜେଡି ସୋମବାର ପ୍ରାର୍ଥୀପତ୍ର ଦାଖଲ କରିବ। ବର୍ତ୍ତମାନ ଭୋଟ ପ୍ରଚାରରେ ପ୍ରମୁଖ ଦଳ ମଧ୍ୟରେ ଏକପ୍ରକାର ବଳ କଷାକଷି ଚାଲିଛି। କେଉଁ ଦଳ ଗାଁକୁ ଯାଇ ସଭା କରି ଭୋଟ ମାଗୁଛି ତ ଅନ୍ୟ କେଉଁ ଦଳ ରୋଡ୍ ଶୋ' କରି ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିଛି। ଏହି କ୍ରମରେ ରବିବାର ବିଜୁ ଜନତା ଦଳ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ସମର୍ଥକ ଓ କର୍ମୀଙ୍କ ସହ ରୋଡ ଶୋ' କରି ଶକ୍ତି ପ୍ରଦର୍ଶନ କରିଛନ୍ତି। ପ୍ରଥମେ ସେ ଟାନୱାଟସ୍ଥିତ କଣାଭୈରା ଗୁଡିକୁ ଯାଇ ବୋଦା ବଳି ଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ। ସେଠାରୁ ଫେରି ତେଲିପଡା ଛକଠାରୁ ସହସ୍ରାଧିକ ମହିଳା ଓ ପୁରୁଷ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏକତା ଛକରେ ଥିବା ସ୍ୱର୍ଗତ


ଦଳୀୟ ନେତୃବୃନ୍ଦଙ୍କ ସହ ପ୍ରଚାରରେ ବାହାରିଥିବା ସ୍ନେହାଙ୍ଗିନୀ।

ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ପ୍ରଚାରରେ ବାହାରିଥିବା ତୁଙ୍ଗ ନେତାମାନେ ୨୪ ବର୍ଷର ଶାସନ କାଳର ବିକାଶ ଉପରେ ଉପସ୍ଥିତ ଜନସାଧାରଣଙ୍କ ସମ୍ମୁଖରେ ବଖାଣିଥିଲେ। ଛୁରିଆ କହିଥିଲେ, ସେ ପଶ୍ଚିମ ଓଡ଼ିଶାର ବୋହୂ, ନୂଆପଡ଼ା ତାଙ୍କ ମାମୁଘର। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ବିଜେଡିରୁ ନିର୍ବାଚନ ଲଢ଼ି ବିଜୟୀ ହୋଇ ଜିଲାର ବିକାଶ ପାଇଁ କାର୍ଯ୍ୟ କରୁଥିଲେ। ଏହି ଉପନିର୍ବାଚନରେ ଜିଲାବାସୀ ଆଶୀର୍ବାଦ କଲେ ଢୋଲକିଆଙ୍କ ଅଧୁରା ସ୍ୱପ୍ନ ପୂରଣ କରିବେ ବୋଲି ସେ କହିଥିଲେ। ଏହି ସମୟରେ ଖଡ଼ିଆଲ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ସଭାପତି ଅବନୀ ରଞ୍ଜନ ଯୋଶୀ, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝି, ପୂର୍ବତନ ଜିଲା ସଭାପତି ମନୋଜ ମିଶ୍ର, ନାରାନେତ୍ରୀ ଶେଫାଳି ସମ୍ପାଙ୍କ ସମେତ ପୂର୍ବତନ ସାଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ଶୁଭାଶିଷ ଖୁଣ୍ଟିଆ, ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସ ବର୍ମା, ପ୍ରତାପ ଜେନା, ଅରୁଣ ସାହୁ, ପୁଷ୍ପେନ୍ଦ୍ର ସିଂଦେଓ, ଦେବୀ ରଞ୍ଜନ ତ୍ରିପାଠୀ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ନର୍ଲା ବିଧାୟକ ମନୋରମା ମହାନ୍ତି, ପଦ୍ମପୁର ବିଧାୟକ ବର୍ଷା ବରିହା, ନାରାନେତ୍ରୀ ପ୍ରମିଳା ମଲ୍ଲିକ, ଲେଖାଶ୍ରୀ ସାମନ୍ତ ସିଂହାର, ଇପ୍ସିତା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ଭାଜପାରେ ଯୋଗଦେଲେ ଶିଖା ଆଜାଦ

ଭୁବନେଶ୍ୱର,୧୯।୧୦
(ରବିନାରାୟଣ ଜେନା)

ନୂଆପଡ଼ାର ବରିଷ୍ଠ ଓ ପୁରୁଖା କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ସ୍ୱର୍ଗତ ପ୍ରେମ କୁମାର ଆଜାଦଙ୍କ ସୁକନ୍ୟା ଶିଖା ଆଜାଦ ରବିବାର ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦାନ କରିଛନ୍ତି। ଏନେଇ ଅନୁଷ୍ଠିତ ମିଶ୍ରଣ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ି ଚାଲିଛି। କଂଗ୍ରେସ ଓ ବିଜେଡି ନେତା ଏବଂ କର୍ମୀ ଭାଜପାରେ ଯୋଗଦେଉଛନ୍ତି। ଏହି ଅବସରରେ ସାମଲ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଶିଖାଙ୍କୁ ସ୍ୱାଗତ କରିଥିଲେ।


No.RR-25

**ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର**

ପ୍ଲଟ ନଂ-୧/ଏ, କାଲିୟର ଛକ, ଜୟଦେବ ବିହାର, ଭୁବନେଶ୍ୱର - ୭୫୧୦୧୩
Website : www.gkcmorc.org, Email:gkcmorc@gmail.com

**ବିଜ୍ଞାପନ**

'ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ମହୋତ୍ସବ-୨୦୨୫' ନିମନ୍ତେ ଆବେଦନ ପତ୍ର ତା.୧୯।୧୦।୨୦୨୫ ରିଖ ଠାରୁ ତା.୨।୧୧।୨୦୨୫ ରିଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ।

ଏହି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ନିଜସ୍ୱ Website-www.gkcmorc.org ରେ ଉପଲବ୍ଧ।

ଇଚ୍ଛୁକ ପ୍ରାର୍ଥୀମାନେ ଏହି Websiteକୁ ଯାଇ ନିଃଶୁଳ୍କ ଆବେଦନ କରିପାରିବେ। ଏଥିନିମନ୍ତେ କେବଳ online application ଗ୍ରହଣ କରାଯିବ।

ସ୍ୱା/–
ମୁଖ୍ୟ ନିର୍ବାହୀ

OIPR-03004/11/0007/2526


## ODISHA PUBLIC SERVICE COMMISSION CUTTACK

### NOTICE

No. 7335 / P.S.C., Dt. 18.10.2025
PF1-1E-04-2025/26 (DR-III)

**Partial Modification of Date of Document Verification & Viva Voce Test for Recruitment to the post of Assistant Conservator of Forests & Forest Ranger (Advertisement No.08 of 2023-24)**

**No.D-** : In partial modification to this Office Notice No. 6707/PSC, Dt-18.09.2025 & No.7062/PSC, Dt-09.10.2025, it is for information of concerned candidates that, consequent upon declaration of "HOLIDAY on 20.10.2025" by Government of Odisha, Document Verification & Personality Test for 'Recruitment to the posts of Assistant Conservator of Forests & Forest Ranger' in respect of 44 Candidates (Forenoon Session) & 19 Candidates (Afternoon Session) to be held on 20.10.2025 (Monday) is hereby postponed to 25.10.2025 (Saturday) as follows:

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Session | Time of Reporting | Roll No. of Candidates |
|---|---|---|---|
| 25.10.2025 (Saturday) | Forenoon | 08.00 A.M. | 400586, 400632, 400633, 400639, 400767, 400815, 400817, 400903, 400931, 400960, 400993, 401083, 401118, 401453, 401501, 401554, 401635, 401727, 401841, 401855, 401887, 401890, 401965, 401997, 402373, 402374, 402387, 402432, 402509, 402631, 402787, 402846, 402931, 402966, 403045, 403077, 403229, 403264, 403361, 403653, 500026, 500281, 500385 & 500402 **= 44 Candidates** |
| | Afternoon | 12.00 Noon | 306463, 500517, 500965, 501130, 501189, 501304, 501407, 501595, 501865, 502578, 502874, 503024, 503032, 503451, 503513, 503548, 503780, 503792 & 504047 **= 19 Candidates** |

Besides this, there will be no change in the terms and conditions enumerated in Notice No.6707/PSC, Dt-18.09.2025.

OIPR-12002/11/0329/2526 — Sd./- Secretary

## ODISHA SUB-ORDINATE STAFF SELECTION COMMISSION
## ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ

ବ୍ଲକ ନଂ. – ୩, ଏବଂ ୫, ୟୁନିଟ – ୧, ଭୁବନେଶ୍ୱର – ୭୫୧୦୦୯
ଦୂରଭାଷ: 0674-2597149, 2597152 (ଅଫିସ୍), ୱେବସାଇଟ୍: www.osssc.gov.in

### NOTICE

No. IIE-96/2025-2605/OSSSC — Dated: 15th October, 2025

**Publication of Provisional Results of the Preliminary Examination for the Posts of Sevak/Sevika & Tribal Language Teacher (TLT)**

No. T-: In pursuance of this Commission's Advertisement No. 2267/OSSSC Dt.27.12.2024, Corrigendum No. 112 Dt.22.01.2025, Notice No. 1632/OSSSC Dt.18.07.2025, Notice No. 1872/OSSSC Dt.14.08.2025 and Notice No. 2590/OSSSC Dt.15.10.2025 the Provisional Result of the Preliminary Examination held on 30.07.2025 & 31.07.2025 on CBRT mode for the posts of Sevak/Sevika & Tribal Language Teacher (TLT) is hereby published in the Commission's web portal. Candidates have been provisionally screened at least @ 5 times of the vacancies advertised for Main Examination on the basis of the performance in the Preliminary Examination. The following lists are published for information of candidates.

(1) Roll Numbers of the candidates provisionally screened and allowed to participate in the Main Examination for the posts of Sevak/Sevika & Tribal Language Teacher (TLT) at Annexure - I.
(2) Provisional Minimum Screening Cut Off Marks of Preliminary Examination for the posts of Sevak/Sevika & Tribal Language Teacher (TLT) at Annexure - II.

The candidates may see the details of their results by logging into the Commission's web portal **www.osssc.gov.in** with their registered User ID and Password. In the candidate's home page, click the menu "Result/Marks" to visit the link to view results. The aforesaid information is hereby made available as PROACTIVE DISCLOSURE under the provisions of Right to Information Act, 2005. This will remain available for a period of 60 days for the candidates in the portal. Candidates are advised not to seek this information through RTI.
The candidates are advised to visit the website of the Commission at regular intervals for updates.

By Order of the Commission
Sd./- Secretary

OIPR-09007/11/0107/2526

## ODISHA SUB-ORDINATE STAFF SELECTION COMMISSION
## ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ

ବ୍ଲକ ନଂ. – ୩, ଏବଂ ୫, ୟୁନିଟ – ୧, ଭୁବନେଶ୍ୱର – ୭୫୧୦୦୯, ୱେବସାଇଟ୍: www.osssc.gov.in

### NOTICE

No. IIE-88/2025-2614/OSSSC — Dated: 15th October, 2025

**Conduct of Main Examinations for the Posts of Sevak/Sevika & Tribal Language Teacher (TLT), Trained Graduate Teacher (TGT) - Arts, Trained Graduate Teacher (TGT) - Science (PCM) and Trained Graduate Teacher (TGT) - Science (CBZ) on CBRT Mode**

No. T-: In pursuance to the Advertisement No. 2267/OSSSC Dt. 27.12.2024, No. 2266/OSSSC Dt.27.12.2024, No. 2264/OSSSC Dt.27.12.2024, No. 2265/OSSSC Dt.27.12.2024, Corrigendum No. 112/OSSSC Dt.22.01.2025, No. 128/OSSSC Dt.22.01.2025, No. 136/OSSSC Dt.22.01.2025, No. 120/OSSSC Dt.22.01.2025, Notice No. 1333/OSSSC Dt.17.06.2025 and No. 1632/OSSSC Dt.18.07.2025 the Commission has been pleased to decide that the Main Examinations for the posts of Sevak/Sevika & Tribal Language Teacher (TLT), TGT Arts, TGT - Science (PCM) and TGT - Science (CBZ) shall be conducted on CBRT (Computer Based Recruitment Test) mode (Single shift each) on the following dates.

| Sl. No. | Name of the Post | Dates of Main Examinations | Timing |
|---|---|---|---|
| 1 | TGT - Science (CBZ) | 14th November, 2025 | 09.00 A.M. to 10.30 A.M. (One and half an hour duration) |
| 2 | Sevak/Sevika & Tribal Language Teacher (TLT) | 14th November, 2025 | 01.00 P.M. to 2.30 P.M. (One and half an hour duration) |
| 3 | TGT Arts | 15th November, 2025 | 09.00 A.M. to 10.30 A.M. (One and half an hour duration) |
| 4 | TGT - Science (PCM) | 15th November, 2025 | 01.00 P.M. to 2.30 P.M. (One and half an hour duration) |

Date, Venue, Timing & Centre details will be available in the Admission Letter to be uploaded online in due course.
The candidates are advised to visit the website of the Commission at regular intervals for updates.

By Order of the Commission
Sd./- Secretary

OIPR-09007/11/0105/2526

## ODISHA PUBLIC SERVICE COMMISSION CUTTACK

### NOTICE

No. 7256 / P.S.C., Dt. 15.10.2025
1E-24-2025/26 (DR-III)

**Recruitment to the post of Post Graduate Teacher in Discipline - CHEMISTRY (Advertisement No.25 of 2023-24)**

**No.D-** : In continuation to this Office Notice No. 5847/PSC, dtd. 14.08.2025, it is for information of all shortlisted candidates that the Document Verification and Interview/Personality Test for recruitment to the post of Post Graduate Teacher in Chemistry Discipline, pursuant to Advertisement No. 25 of 2023-24 will be held from 30.10.2025 to 01.11.2025 in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | Roll No. of Candidates |
|---|---|---|---|
| 30.10.2025 | 08.30 A.M. | 10.30 A.M. | 100907, 100922, 100926, 100941, 100943, 100944, 100946, 100957, 100959, 100965, 100977, 100982, 100985, 100994, 100998, 101003,/101005, 101008, 101021, 101044, 101055, 101075, 101077, 200239, 200256, 200291, 200292, 200295, 200296, 200309, 200331, 200359 & 200361 **= 33 Candidates** |
| | 12.30 P.M. | 02.30 P.M. | 200364, 200368, 200397, 200398, 200409, 300688, 300690, 300692, 300709, 300722, 300736, 300755, 300756, 300759, 300766, 300786, 300792, 300801, 300803, 300811 & 300843 **= 21 Candidates** |
| 31.10.2025 | 08.30 A.M. | 10.30 A.M. | 300851, 300873, 300882, 300893, 300952, 300960, 300965, 300966, 301002, 301003, 301020, 301021, 301023, 301046, 301048, 301098, 301099, 301109, 301117, 301131, 301148, 301149, 301159, 301164, 301166, 301195, 301198, 301200, 301202, 301226, 301239, 301244 & 301266 **= 33 Candidates** |
| | 12.30 P.M. | 02.30 P.M. | 301268, 301274, 301277, 301307, 301312, 400227, 400233, 400262, 400280, 400282, 400304, 400315, 400318, 400336, 400338, 400347, 400355, 400358, 400359, 400371, & 400373 **= 21 Candidates** |
| 01.11.2025 | 08.30 A.M. | 10.30 A.M. | 400374, 400397, 400402, 400409, 500349, 500360, 500362, 500374, 500381, 500398, 500407, 500415, 500430, 500437, 500440, 500441, 500448, 500452, 500479, 500487, 500510, 500515, 500524, 500558, 500571, 500576, 500579, 500583, 500585, 500596, 500602, 500608 & 500621 **= 33 Candidates** |

**N.B.** - The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'Scheduled Programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No** at the **Top Right-hand Corner**.
   (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in)
2. Four **(04)** passport size photographs (Unsigned & Unattested) which have been uploaded with application form.
3. **Matriculation Certificate** in support of declaration of age.
4. **Bachelor's Degree** Certificate.
5. **Post-Graduation Certificate/ Master's Degree** Certificate in the subject concerned in respect of Educational Qualification prescribed.
6. **B.Ed.** Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in **Computer Application** in respect of Educational Qualification prescribed.
9. **Caste Certificate by birth** in support of claim as **SEBC/ST/SC** whichever applicable.
   (which has been **uploaded** with online Application Form)
10. **Odia Test Pass** Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**), wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any civil post after retirement from military service, wherever applicable.
13. Identity Card for **Sports Persons** issued by the Director of Sports Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Biodata form duly filled in & affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0327/2526 — Sd./- Secretary

## ODISHA PUBLIC SERVICE COMMISSION CUTTACK

### NOTICE

No. 7260 / P.S.C., Dt. 15.10.2025
1E-22-2025/26 (DR-III)

**Recruitment to the post of Post Graduate Teacher in Discipline - SANSKRIT (Advertisement No.25 of 2023-24)**

**No.D-** : In continuation to this Office Notice No. 5610/PSC, dtd. 06.08.2025, it is for information of all shortlisted candidates that the Document Verification and Interview/Personality Test for recruitment to the post of Post Graduate Teacher in Sanskrit Discipline, pursuant to Advertisement No. 25 of 2023-24 will be held on 03.11.2025 & 04.11.2025 in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | Roll No. of Candidates |
|---|---|---|---|
| 03.11.2025 | 08.30 A.M. | 10.30 A.M. | 103602, 103640, 103769, 103772, 103786, 103800, 103825, 103829, 103851, 202541, 202560, 202563, 308602, 308605, 308668, 308704, 308718, 308733, 308783, 308873, 308922, 308941, 308958 & 308996 **= 24 Candidates** |
| | 12.30 P.M. | 02.30 P.M. | 309050, 309086, 309089, 309101, 309103, 309121, 309165, 309194, 309199, 309216, 309264, 309270, 309271 & 403869 **= 14 Candidates** |
| 04.11.2025 | 08.30 A.M. | 10.30 A.M. | 403874, 403880, 403892, 403918, 403954, 403975, 403985, 404009, 404010, 404031, 404046, 404049, 404081, 404084, 404088, 404130, 404150, 505657, 505660, 505684, 505687, 505690, 505745 & 505748 **= 24 Candidates** |
| | 12.30 P.M. | 02.30 P.M. | 505796, 505812, 505829, 505831, 505832, 505833, 505839, 505848, 505883, 505884, 505894, 505895, 505924, 505954 & 505964 **= 15 Candidates** |

**N.B.** - The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'Scheduled Programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No** at the **Top Right-hand Corner**.
   (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in)
2. Four **(04)** passport size photographs (Unsigned & Unattested) which have been uploaded with application form.
3. **Matriculation Certificate** in support of declaration of age.
4. **Bachelor's Degree** Certificate.
5. **Post-Graduation Certificate/ Master's Degree** Certificate in the subject concerned in respect of Educational Qualification prescribed.
6. **B.Ed.** Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in **Computer Application** in respect of Educational Qualification prescribed.
9. **Caste Certificate by birth** in support of claim as **SEBC/ST/SC** whichever applicable.
   (which has been **uploaded** with online Application Form)
10. **Odia Test Pass** Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**), wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service, wherever applicable.
13. Identity Card for **Sports Persons** issued by the Director of Sports Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Biodata form duly filled in & affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0325/2526 — Sd./- Secretary

## OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)

NIRMAN SOUDHA, BHUBANESWAR
E-mail: seec.bbsr2010@gmail.com

**Bid Identification No. S.E.E.C. (R&B) 16/2025-26**
**No. 3803** — **Date: 16.10.2025**

No. B-: The Superintending Engineer, Electrical Circel (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in **https://tendersorissa.gov.in**. The details of bid documents will be available in the above website from Dt.29.10.2025 at 05.00 P.M. to Dt.13.11.2025 upto 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened Dt.14.11.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum/Corrigendum, if required, will be available only in the website.

**Sd./- Superintending Engineer**
**Electrical Circle (R&B) Odisha, BBSR**

OIPR-34006/11/0054/2526

## ODISHA TOURISM DEVELOPMENT CORPORATION LIMITED

(A GOVT. OF ODISHA UNDERTAKING)
PANTHANIVAS (OLD BLOCK), LEWIS ROAD, BHUBANESWAR-14
No. CAD- INVITATIONS FOR BIDS (IFB)
Letter No. 2261 — Date: 18.10.2025

### NOTICE INVITATION FOR BIDS (NIFB)

E-Procurement Notice No. BP-I/21/2025-26 Dt.18.10.2025

1. Nature of Work : Civil, P.H. Electrical Works & Fairs and Festival
2. Total No. of Works : 03 Nos.
3. Value of Works : As per NIT
4. Bid Security : As per NIT
5. Class of Contractor : As per NIT
6. Period of Completion : 15 Days to 01 (One) Month
7. Other details as follows :

| Procurement Officer | Bid Identification No. | Availability of Bid Online | | Date, Time & Place of Opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar | BP-I/21/2025-26 Dt.18.10.2025 | From 22.10.2025 | To 31.10.2025 | 11.30 hours of Dt.01.11.2025 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website **www.etenderodisha.gov.in**.

**Sd./- Superintending Engineer**
**O.T.D.C. Ltd., BBSR**

OIPR-37002/11/0121/2526

# ନମୁନା ସଂଗ୍ରହ କଲା ସାଇଣ୍ଟିଫିକ୍ ଟିମ୍

**ଭୁବନେଶ୍ୱରରେ ନାବାଳିକାଙ୍କୁ ନେଇ ସେକ୍ସ ରାକେଟ ଘଟଣା**

- ଜେଲ ଗଲେ ୪ ଅଭିଯୁକ୍ତ
- ୬ ବର୍ଷ ଧରି ଚାଲିଥିଲା କାରବାର

ଭୁବନେଶ୍ୱର,୧୯।୧୦(ସତ୍ୟଜିତ ରାଉତ)



ସେକ୍ସ ରାକେଟ୍ ଚାଲିଥିବା ଲକ୍ଷ୍ମୀସାଗରସ୍ଥ ପ୍ଲଟ ନଂ ଇବି ୩୨୪ସ୍ଥିତ ଘରେ ପୋଲିସ ତଦନ୍ତ କରୁଛି।

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ନାବାଳିକାଙ୍କୁ ନେଇ ସେକ୍ସ ରାକେଟ ଚାଲିବା ଘଟଣାରେ କ୍ୟାପିଟାଲ ଥାନା ପୋଲିସ ଅଧିକ ଛାନ୍‌ଭିନ୍ ଚଳାଇଛି। ସେକ୍ସ ରାକେଟ ଚାଲିଥିବା ଲକ୍ଷ୍ମୀସାଗରସ୍ଥ ପ୍ଲଟ ନଂ ଇବି ୩୨୪ସ୍ଥିତ ଘର (ଯାଜ୍ଞସେନୀ ନିବାସ)କୁ ରବିବାର ପୋଲିସ ଯାଇ ପଚରାଉଚରା କରିଛି। ଏଥିସହ ସାଇଣ୍ଟିଫିକ୍ ଟିମ୍ ସେଠାରେ ଯାଞ୍ଚ କରି ବିଭିନ୍ନ ନମୁନା ସଂଗ୍ରହ କରିଛି। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଏଭଳି କାରବାର ବିରୋଧରେ ପ୍ରତିବାଦ କରି ସ୍ୱର ଉଠାଇଥିଲେ। ଏପରିକି ପୋଲିସ ଉପରେ ମଧ୍ୟ ସେମାନେ ଦୋଷ ଲଦିଥିଲେ। ପୋଲିସ ଉକ୍ତ ଘରକୁ ତାଲା ଭାଙ୍ଗି ଭିତରେ ପଶିବା ପରେ ପୁଣି ତାହାକୁ ସିଲ୍ କରିଦେଇଛି। ଅନ୍ୟପକ୍ଷରେ ଶନିବାର ଗିରଫ ହୋଇଥିବା ଦୁଇ ଦଲାଲ ମଞ୍ଜୁ ସେଠୀ, ମମତା ସାହୁ, ଘର ମାଲିକ ବାପି ଓରଫ ସଞ୍ଜୀବ କୁମାର ଦାସ ଓ ଗ୍ରାହକ ଅବିନାଶ ମୁଦୁଲିଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାପରେ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଦଲାଲ ମଞ୍ଜୁ ଓ ମମତାଙ୍କ ସହିତ ରାଜଧାନୀ ସମେତ ବାହାର ରାଜ୍ୟର କେତେକ ଦଲାଲଙ୍କ ଲିଙ୍କ୍ ରହିଛି। ମଞ୍ଜୁ ଏହାର କିଙ୍ଗପିନ୍ ହୋଇଥିବାବେଳେ ମମତା ତାଙ୍କ ପାର୍ଟନର୍ ଥିଲେ। ସେମାନେ ବିଭିନ୍ନ ସିଜିନ୍‌ରେ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ଯୁବତୀମାନଙ୍କୁ ଆଣି ଅନୈତିକ ଦେହ ବ୍ୟବସାୟରେ ଲଗାଉଥିଲେ। ତେବେ ଲକ୍ଷ୍ମୀସାଗରରେ ଉକ୍ତ ଘରେ ୬ ବର୍ଷ ଧରି ସେକ୍ସ ରାକେଟ୍ ଚାଲୁଥିବା ନେଇ ଜଣାପଡିଛି। ଏପରିକି ବ୍ୟବସାୟ ପ୍ରତିଷ୍ଠାନ ଭଳି ଉକ୍ତ ଘରେ କ୍ୟୁଆର୍ କୋଡ୍ ସ୍କାନର୍ ମଧ୍ୟ ଲଗାଯାଇଥିଲା। ଗ୍ରାହକମାନେ ଉକ୍ତ କ୍ୟୁଆର୍ କୋଡକୁ ସ୍କାନ କରି ଟଙ୍କା ପଠାଉଥିଲେ। ଲକ୍ଷ୍ମୀସାଗର ଥାନା ଠାରୁ ପ୍ରାୟ ୬୦୦ ମିଟର ଦୂରରେ ଏଭଳି କାରବାର ଚାଲୁଥିବାବେଳେ ପୋଲିସ କିଭଳି ନଜର ରଖୁ ନ ଥିଲା ବୋଲି ସ୍ଥାନୀୟ ଲୋକମାନେ ପ୍ରଶ୍ନ କରିଛନ୍ତି। କ୍ୟାପିଟାଲ ଥାନା ଏହି ଘଟଣାରେ ଅଧିକ ତଦନ୍ତ କରୁଥିବାବେଳେ ଗୁରୁତର ନାବାଳିକା ପୀଡ଼ିତା କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେ ସୁସ୍ଥ ହେଲେ ତାଙ୍କୁ ପଚରାଉଚରା କରାଯିବା ପରେ ଅଧିକ ତଥ୍ୟ ମିଳିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ଗ୍ରାହକ ଅବିନାଶ ଆସି ନାବାଳିକା ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ସେ ଗୁରୁତର ହୋଇପଡ଼ିଥିଲେ। ଦଲାଲଦ୍ୱୟ ଗୁରୁବାର ସନ୍ଧ୍ୟାରେ ଏକ ଅଟୋ ବୁକ୍ କରି ପୀଡ଼ିତାଙ୍କୁ ହସ୍ପିଟାଲ ପଠାଇ ଦେଇଥିଲେ। ଚିକିତ୍ସା ସମୟରେ ନାବାଳିକା ଜଣକ ଯୌନ ନିର୍ଯାତନାର ଶିକାର ହୋଇଥିବା ଡାକ୍ତର ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ତେବେ ପୀଡ଼ିତାଙ୍କୁ ଆଣିଥିବା ଅଟୋଚାଳକ ଜଣକୁ ଚିହ୍ନଟ କରି ପଚରାଉଚରା କରାଯିବା ପରେ ସେ ଦଲାଲଙ୍କ ଠିକଣା କହିଥିଲେ।

# ଯୁବକଙ୍କୁ ମଦରେ ବିଷ ଦେଇ ହତ୍ୟା ଅଭିଯୋଗ

**ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ**

ବରୀ,୧୯।୧୦(ମହେନ୍ଦ୍ର ସ୍ୱାଇଁ)



ମୃତକଙ୍କ ପରିବାର ଥାନା ଆଗରେ ଧାରଣା ଦେଇଛନ୍ତି।

ଯାଜପୁର ଜିଲା ବରୀ-ରାମଚନ୍ଦ୍ରପୁର ଥାନା ଅଧୀନ ଆନନ୍ଦପୁର ଗ୍ରାମର ଯୁବକ ସନ୍ତୋଷ ମଲ୍ଲିକଙ୍କୁ ମଦରେ ବିଷ ଦେଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କ ପରିବାର ଏହି ଅଭିଯୋଗ କରିବା ସହ ନ୍ୟାୟ ଦାବିରେ ରବିବାର ସନ୍ଧ୍ୟାରେ ଥାନା ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଛନ୍ତି। ଘଟଣାରେ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବା ସେମାନେ ଅଭିଯୋଗ କରିବା ସହ ଥାନା ଅଧିକାରୀଙ୍କ ବଦଳି ଦାବି କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଅଡ଼ି ବସିଛନ୍ତି। ଖବରପାଇ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଯାଜପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୀତିକଣ୍ଠ କାନୁନଗୋ ଓ ଏସ୍‌ଡିପିଓ ପ୍ରଶାନ୍ତ ମାଝୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଛନ୍ତି। ଖବର ଲେଖା ହେବାବେଳକୁ ଆନ୍ଦୋଳନ ଜାରି ରହିଥିଲା।

ସନ୍ତୋଷଙ୍କ ସ୍ତ୍ରୀ ବନ୍ଦନା ମଲ୍ଲିକ ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି, ୧୬।୧୦।୨୦୨୫ରେ ଗ୍ରାମର ଅଜିତ ଜେନା, ମୁନା ପଣ୍ଡା, ସରୋଜ ମଲ୍ଲିକ, ପ୍ରସନ୍ନ ମଲ୍ଲିକ, ଗଜେନ୍ଦ୍ର ମଲ୍ଲିକ, ବିକାଶ ଜେନା, କୈଳାସ ମଲ୍ଲିକ ଓ ସନାତନ ମଲ୍ଲିକ ଆସି ଭୋଜି କରିବାକୁ ତାଙ୍କ ସ୍ୱାମୀଙ୍କୁ ଡାକିନେଇଥିଲେ। ସେଠାରେ ଜୋର ଜବରଦସ୍ତ ମଦ ପିଆଇବାକୁ ଦେଇଥିଲେ। ମଦପିଇ ତାଙ୍କ ସ୍ୱାମୀ ଅସୁସ୍ଥ ହୋଇପଡ଼ିଥିଲେ। ଏହାପରେ ମଦରେ ବିଷ ମିଶାଯାଇଛି ବୋଲି ଡାକି ନେଇଥିବା ଯୁବକମାନେ କହି ପଳାଇଥିଲେ। ସନ୍ତୋଷ ଘର ନିକଟ ଛକକୁ ଆସି ମଦରେ ବିଷ ମିଶାଇ ତାଙ୍କୁ ଉପରୋକ୍ତ ବ୍ୟକ୍ତିମାନେ ଜୋର ଜବରଦସ୍ତ ପିଆଇଛନ୍ତି ବୋଲି ତାଙ୍କ ସମ୍ପର୍କୀୟଙ୍କୁ କହିଥିଲେ। ସନ୍ତୋଷଙ୍କ କଥା ଶୁଣିବା ପରେ ସମ୍ପର୍କୀୟମାନେ ଥାନାରେ ଏକଥା ଜଣାଇଥିଲେ। ହେଲେ ପୋଲିସ ତାଙ୍କ କଥା ଶୁଣି ନ ଥିଲା। ଏହାପରେ ପରିବାର ଲୋକେ ସନ୍ତୋଷଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଶେଷରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ହୋଇଥିଲା।

# ବିଳମ୍ବିତ ରାତିରେ ଆକ୍ରମଣ କରି ଲୁଟ୍, ୨ ଗିରଫ

ଭୁବନେଶ୍ୱର,୧୯।୧୦(ସତ୍ୟଜିତ ରାଉତ)



ବିଳମ୍ବିତ ରାତିରେ ଆକ୍ରମଣ କରି ଲୁଟ୍ ଘଟଣାରେ ମୈତ୍ରୀବିହାର ଥାନା ପୋଲିସ ରବିବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେହେଲେ ଚନ୍ଦ୍ରଶେଖରପୁର ବିଡିଏ କଲୋନୀରେ ରହୁଥିବା ନୟାଗଡ଼ ଥାନା କଣ୍ଟାବଣିଆ ଗ୍ରାମର ଦୀପକ କୁମାର ନାୟକ ଓରଫ ଦୀପୁ (୨୭) ଓ ଯାଜପୁରର ଶୁବାଶିଷ ଜେନା ଓରଫ ପପୁ (୨୪)। ଉଭୟଙ୍କଠାରୁ ଏକ ବୁଲେଟ୍ ଓ ୧୭୦୦ ଟଙ୍କା ଜବତ ହୋଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧ଟା ୩୦ ବେଳେ ଅଭିଯୋଗକାରୀ କୃତିବିଭବ ପାତ୍ର ତାଙ୍କ ସାଙ୍ଗ ଦିବ୍ୟଜ୍ୟୋତି ଶତପଥୀଙ୍କ ସହ ମହାରାଜା ସିନେମା ହଲ୍‌ରୁ ସିନେମା ଦେଖି ଘରକୁ ଫେରୁଥିବାବେଳେ ଆକ୍ରମଣର ଶିକାର ହୋଇଥିଲେ। ସୈନିକ ସ୍କୁଲ ନିକଟରେ ଗିରଫ ଦୁଇ ଅଭିଯୁକ୍ତ ଏବଂ ତାଙ୍କର ଜଣେ ସହଯୋଗୀ ଏକ ବୁଲେଟରେ ଆସି ଉଭୟଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ ସେମାନଙ୍କୁ ଆକ୍ରମଣ କରି ମୋବାଇଲ୍ ଏବଂ ନଗଦ ହଜାରେ ଟଙ୍କା ଛଡ଼ାଇ ନେଇଥିଲେ। ଏଥିସହ ଦିବ୍ୟଜ୍ୟୋତିଙ୍କ ଠାରୁ ଏକ ହାତଘଡ଼ି, ବିଭିନ୍ନ ଡକ୍ୟୁମେଣ୍ଟ ଓ ୩୦୦ ଟଙ୍କା ଥିବା ପର୍ସ ମଧ୍ୟ ଛଡ଼ାଇ ନେଇଥିଲେ। ଏନେଇ ଏତଲାକ୍ରମେ ପୋଲିସ ମାମଲା (ନଂ.୪୩୨/୨୦୨୫) ରୁଜୁ କରିଥିଲା।

# ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ

ଆନନ୍ଦପୁର,୧୯।୧୦(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଗୁଳାବନ୍ଧ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି ଦିଅର। ଗୁରୁତର ଅବସ୍ଥାରେ ମେଡିକାଲରେ ଭାଉଜଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ଅଭିଯୁକ୍ତ ଦିଅର ବୁଦ୍ଧିଆ ନାଏକ(୩୮)ଙ୍କୁ ପୋଲିସ କାବୁ କରିଛି। ରବିବାର ବୁଦ୍ଧିଆ ଓ ତାଙ୍କ ଭାଉଜ ବାସନ୍ତୀ ନାଏକ (୩୫)ଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ପାଟିତୁଣ୍ଡ ହୋଇଥିଲା। ବୁଦ୍ଧିଆ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ଭାଉଜଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପରିବାର ଲୋକେ ବାସନ୍ତୀଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କାବୁ କରି ପଚରାଉଚରା କରୁଛି।

# ପୀତବାସ ଓକିଲ ଜାଣିବା ପରେ ପଳାଇଥିଲେ ବିହାରୀ ଶୁଟର

**ପୀତବାସ ପଣ୍ଡା ହତ୍ୟା ମାମଲା**

**ଦିଗପହଣ୍ଡିର ୨ ଯୁବକ ହତ୍ୟା କରିଥିବା ଚର୍ଚ୍ଚା**

ବ୍ରହ୍ମପୁର,୧୯।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ପଛରେ ବିହାର ଲିଙ୍କ୍ ଥିବା ଯେଉଁ ଅନୁମାନ କରାଯାଉଥିଲା, ତାହାର ଗୁମର ଏବେ ଧୀରେ ଧୀରେ ଫିଟିବାରେ ଲାଗିଛି। ପୀତବାସଙ୍କୁ ହତ୍ୟା ପାଇଁ ବିହାରୀ ଶୁଟରଙ୍କ ସହ ୧୫ ଲକ୍ଷ ଟଙ୍କା ଡିଲ୍ ହୋଇଥିଲା। ବ୍ରହ୍ମପୁର ଉପକଣ୍ଠ ବାଲିପଡ଼ାରେ ରହୁଥିବା ଜଣେ ଯୁବକ ବିଏମ୍‌ସିର ଜଣେ କର୍ପୋରେଟରଙ୍କଠାରୁ ଟଙ୍କା ଆଣି ବିହାରୀ ଯୁବକଙ୍କ ସହ ଡିଲ୍ କରି ସେପ୍ଟେମ୍ବର ମାସରେ ସେମାନଙ୍କୁ ବ୍ରହ୍ମପୁର ଆଣିଥିଲେ। କର୍ପୋରେଟର ଜଣଙ୍କ ବିହାରୀ ଯୁବକଙ୍କୁ ଆଶ୍ରୟ ଦେବା ସହ ତାଙ୍କୁ ସମସ୍ତ ସୂଚନା ଦେଉଥିଲେ। ହେଲେ ପୀତବାସ ଜଣେ ଆଇନଜୀବୀ ବୋଲି ଜାଣିବା ପରେ ବିହାରୀ ଶୁଟର ତାଙ୍କୁ ହତ୍ୟା ନ କରିବାକୁ ସ୍ଥିର କରି ରାତାରାତି କୌଶଳକ୍ରମେ ଚାଲିଯାଇଥିଲେ। ଏହା ଜାଣିବା ପରେ କର୍ପୋରେଟର ଜଣଙ୍କ ହଡ଼ବଡ଼େଇ ଯାଇଥିଲେ। ତେଣୁ ସେ ଦିଗପହଣ୍ଡି ଅଞ୍ଚଳର ୨ ଅପରାଧୀଙ୍କ ସହାୟତା ନେଇଥିଲେ। ଗତ ୬ ତାରିଖ ରାତିରେ ଯୋଜନା ପ୍ରକାରେ ପୀତବାସଙ୍କୁ ହତ୍ୟା କରାଯାଇଥିଲା ବୋଲି ପୋଲିସର ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ହତ୍ୟାକାରୀ, ତାଙ୍କ ସହଯୋଗୀ ଓ ଷଡ଼ଯନ୍ତ୍ରକାରୀ ଧରାପଡିଲେ ପୂରା ଘଟଣାର ପର୍ଦ୍ଦାଫାସ ହେବ ବୋଲି ଚର୍ଚ୍ଚା ହେଉଛି। ପୋଲିସ ବ୍ରହ୍ମପୁର ସହର ସମେତ କେତେକ ବାହାର ରାଜ୍ୟର ମୋବାଇଲ ଟାୱାରରୁ ଡାଟା ସଂଗ୍ରହ କରି ଫେରାର ଅପରାଧୀଙ୍କୁ ଖୋଜୁଛି। ତେବେ ସେମାନେ ଫୋନ୍ ସୁଇଚ୍ ଅଫ୍ କରିଦେଇଥିବାରୁ ଟ୍ରାକିଂ କରିବା ସହଜ ହେଉନାହିଁ। ପୋଲିସ ଶତାଧିକ ସିସିଟିଭି ଓ ଡମ୍ପ ଡାଟା ଆନାଲିସିସ୍ କରି ଶୁଟରଙ୍କୁ ଚିହ୍ନଟ କରିବା ସହ ଘଟଣାର ମାଷ୍ଟରମାଇଣ୍ଡ ସମେତ ୬ଜଣଙ୍କୁ କାବୁ କରି ତନାଘନା ଚଳାଇଥିଲା। ସମସ୍ତଙ୍କୁ ବ୍ରହ୍ମପୁର ଆଣି ଜେରା କରାଯାଇଛି। ହତ୍ୟା ଘଟଣାରେ ପୋଲିସ ପୂର୍ବରୁ ବ୍ରହ୍ମପୁର ମହାନଗର ନିଗମର ସମ୍ପୃକ୍ତ କର୍ପୋରେଟରଙ୍କୁ ଆଣି ଜେରା କରିଥିଲା। ହତ୍ୟାକାଣ୍ଡ ପାଇଁ ମଧ୍ୟସ୍ଥ କାର୍ଯ୍ୟ କରୁଥିବା ଆଉ ଜଣେ କର୍ପୋରେଟରଙ୍କୁ ୩ ଦିନ ତଳେ ପୋଲିସ ନେଇ ପଚରାଉଚରା କରିଥିଲା।

## Business

# ଆର୍‌ବିଆଇର ନୂଆ ଚେକ୍ କ୍ଲିୟରିଂ ସିଷ୍ଟମରେ ସମସ୍ୟା

- ଚିନ୍ତାରେ ବ୍ୟବସାୟୀ
- ଟେକ୍ନିକାଲ ସମସ୍ୟା, କର୍ମଚାରୀଙ୍କୁ ତାଲିମ ଅଭାବ

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)




ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ୪ ଅକ୍ଟୋବରରେ ନୂଆ ଚେକ୍ କ୍ଲିୟରିଂ ସିଷ୍ଟମ ଆରମ୍ଭ କରିଥିଲା। ଏହି ସିଷ୍ଟମ ଅନୁସାରେ ହିଁ ଚେକ୍ ଜମା କରାଯାଇଥିବା ଦିନ କ୍ଲିୟର ହେବାର ଥିଲା। ମାତ୍ର ଏଥିରେ ଅନେକ ସମସ୍ୟା ଦେଖାଦେଇଛି। କେତେକ କ୍ଷେତ୍ରରେ ଚେକ୍ କ୍ଲିୟର ହେବାକୁ ୧୦ରୁ ୧୨ ଦିନ ପର୍ଯ୍ୟନ୍ତ ଲାଗୁଛି। ଏହା ଯୋଗୁ ବ୍ୟବସାୟୀ ଓ ସାଧାରଣ ଲୋକ ବହୁତ ଅସୁବିଧାରେ ପଡୁଛନ୍ତି। ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ) ଏହି ସମସ୍ୟା ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଜଣାଇଛି। ସିଟିଆଇ ଚେୟାରମ୍ୟାନ ବ୍ରିଜେଶ ଗୋୟଲଙ୍କ କହିବା ଅନୁସାରେ, ଏହି ନୂଆ ସିଷ୍ଟମ ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ଅସୁବିଧାରେ ପକାଇଛି। ପ୍ରଥମେ ଏହି ସିଷ୍ଟମର ଘୋଷଣା ହେବା ବେଳେ ବ୍ୟବସାୟୀମାନେ ଏହାକୁ ସ୍ୱାଗତ କରିଥିଲେ, ମାତ୍ର ଏବେ ଏହା ସେମାନଙ୍କ ପାଇଁ ବଡ଼ ସମସ୍ୟା ହୋଇଛି। ଟେକ୍ନିକାଲ ସମସ୍ୟା ଓ କର୍ମଚାରୀଙ୍କୁ ପୂରା ତାଲିମ ନମିଳିବା ଯୋଗୁ ଏପରି ସମସ୍ୟା ହେଉଥିବା ବ୍ୟାଙ୍କଗୁଡ଼ିକ ଦର୍ଶାଇଛନ୍ତି। ଦୀପାବଳି ପର୍ବ ସମୟରେ ଏହି ସମସ୍ୟା ବ୍ୟବସାୟୀଙ୍କୁ ଆହୁରି ଅଧିକ କ୍ଷତି ପହଞ୍ଚାଇଛି। ଅନେକ ବ୍ୟବସାୟୀଙ୍କ ପେମେଣ୍ଟ ଅଟକି ରହିଛି, ଯାହା ଯୋଗୁ ଅର୍ଡର ବାତିଲ ହେଉଛି ଓ ଆର୍ଥିକ କ୍ଷତି ହେଉଛି। ବ୍ୟବସାୟୀଙ୍କୁ ନିଜ କାମ ଛାଡ଼ି ବ୍ୟାଙ୍କ ଦୌଡ଼ିବାକୁ ପଡୁଛି। କେତେକ ବ୍ୟାଙ୍କରେ ଚେକ୍ କ୍ଲିୟର ହେବାକୁ ୧୫ ଦିନ ଲାଗୁଛି, ଆଉ କିଛି ବ୍ୟାଙ୍କ ଚେକ୍ ନେବାକୁ ମନା କରୁଛନ୍ତି। ଆର୍‌ବିଆଇ ଅନୁସାରେ, ଏହି ନୂଆ ସିଷ୍ଟମରେ ବ୍ୟାଙ୍କଗୁଡ଼ିକ ଚେକ୍ ଟ୍ରଙ୍କେସନ ସିଷ୍ଟମ (ସିଟିଏସ) ବ୍ୟବହାର କରୁଛନ୍ତି। ଏଥିରେ ଚେକ୍ ଜମା କଲେ ବ୍ୟାଙ୍କ ତା'ର ସ୍କାନ କପି ସମ୍ପୃକ୍ତ ବ୍ୟାଙ୍କକୁ ପଠାଇଦିଏ। ସେହି ବ୍ୟାଙ୍କ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଚେକ୍ ଆସେପ୍ଟ କିମ୍ବା ରିଜେକ୍ଟ କରିବାକୁ ପଡ଼ିଥାଏ। ଏହି ସିଷ୍ଟମ ଏମିତି ତିଆରି ହୋଇଛି ଯେ, ଚେକ୍ ଜମା ହେବା ଦିନ ହିଁ କ୍ଲିୟର ହେବ। ପୂର୍ବରୁ ଚେକ୍ ଫିଜିକାଲ ଭାବେ ଅନ୍ୟ ବ୍ୟାଙ୍କକୁ ପଠାଯାଉଥିଲା, ଯାହାକୁ କ୍ଲିୟର ହେବାରେ ୨ରୁ ୩ ଦିନ ଲାଗୁଥିଲା। ଏବେ ଏହି ସମସ୍ୟାର ସମାଧାନ ପାଇଁ ବ୍ୟବସାୟୀମାନେ ଅପେକ୍ଷାରେ ଅଛନ୍ତି।

# ଇଣ୍ଡିଆନ୍ ବ୍ୟାଙ୍କର ଶହେ ଦିନରେ ୧୦୦ ଦେୟ ଅଭିଯାନ

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)

ଇଣ୍ଡିଆନ୍ ବ୍ୟାଙ୍କ ଦେଶବ୍ୟାପୀ ପ୍ରତ୍ୟେକ ଜିଲାର ଦାବିହୀନ ଜମାକାରୀଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କ ଜମା ପୁନରୁଦ୍ଧାର କରିବା ପାଇଁ ଏକ ଅଭିଯାନ ଆରମ୍ଭ କରିଛି। ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ଏମ୍. ଅରୁଣା କଟକ କ୍ଷେତ୍ରର ଶାଖା ପ୍ରବନ୍ଧକମାନଙ୍କ ସମୀକ୍ଷା ବୈଠକରେ ଉଦ୍‌ବୋଧନ ଦେଇ କହିଛନ୍ତି, ଅନେକ ଉପଭୋକ୍ତାଙ୍କ ଖାତା ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାଲୁ ନ ରହିବା ଫଳରେ ଆର୍‌ବିଆଇ ଡିଫ୍‌କୁ ସ୍ଥାନାନ୍ତର ହୋଇଯାଇଛି। ଶାଖା ପ୍ରବନ୍ଧକମାନେ ନିଜ ଶାଖାର ଉପଭୋକ୍ତାମାନଙ୍କ ସହ ସମ୍ପର୍କକରି ସେମାନଙ୍କ ଜମା ରାଶି ଉପଲବ୍ଧ କରାଇବାରେ ସାହାଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଅଯୋଧ୍ୟାରେ ପ୍ରତୀକାତ୍ମକ ରାମାଭିଷେକ କଲେ ଯୋଗୀ

ଭୁବନେଶ୍ୱର,୧୯।୧୦



ଦୀପାବଳି ଅବସରରେ ଉତ୍ତରପ୍ରଦେଶରେ ୧.୫୧ କୋଟି ଦୀପ ପ୍ରଜ୍ୱଳନ କରାଯାଯାଇଥିବାବେଳେ ଅଯୋଧରେ ୨୬ ଲକ୍ଷ ଦୀପଦାନ କରାଯାଇଛି। ଏହି ଦୀପୋତ୍ସବ ନୂଆ ରେକର୍ଡ ସୃଷ୍ଟି କରିଛି। ଅଯୋଧ୍ୟାରେ ରାମକଥା ପାର୍କରେ ରବିବାର ଅନୁଷ୍ଠିତ ଏହି ଦୀପୋତ୍ସବ ସ୍ଥାନୀୟ ଅଞ୍ଚଳରେ ତ୍ରେତୟା ଯୁଗର ଭ୍ରମ ସୃଷ୍ଟି କରିଛି। ଲକ୍ଷାଧିକ ଦୀପାଲୋକରେ ସମଗ୍ର ଅଞ୍ଚଳ ଆଲୋକିତ ହୋଇଉଠିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସାଧୁମହାତ୍ମାମାନଙ୍କ ସହିତ ରାମାଭିଷେକ କାର୍ଯ୍ୟକ୍ରମରେ ସାମିଲ ହେବା ସହ ଶ୍ରୀରାମଙ୍କ ରଥ ଟାଣିଥିଲେ। ପୁଷ୍ପବର୍ଷା ଓ ବୈଦିକ ମନ୍ତ୍ରୋଚ୍ଚାରଣ ସହ ସମ୍ପୂର୍ଣ୍ଣ ପାର୍କ 'ଜୟ ଶ୍ରୀରାମ' ନାରାରେ ଗୁଞ୍ଜରିତ ହୋଇଥିଲା। ଯୋଗୀ ଶ୍ରୀରାମ, ମାତା ସୀତା, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଓ ହନୁମାନଙ୍କୁ ପୂଜା କରିଥିଲେ। ସୁନ୍ଦର ସୁନ୍ଦର ରଥ, ଘୋଡ଼ା, ସୁନ୍ଦର ରାଜସଭା ଓ ସୁନ୍ଦର ସିଂହାସନ ଦ୍ୱାରା ରାମରାଜ୍ୟର ମହିମା ପୁନର୍ଜୀବିତ ହୋଇଥିଲା। ପ୍ରଥମେ ସେ ଶ୍ରୀରାମ, ଲକ୍ଷ୍ମଣ, ମାତା ସୀତା ଓ ହନୁମାନଙ୍କୁ ମାଲ୍ୟାର୍ପଣ କରି ରଥଯାତ୍ରା ଆରମ୍ଭ କରିଥିଲେ। ପରେ ଆରତି ଓ ପ୍ରତୀକାତ୍ମକ ଅଭିଷେକ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ସାଧୁମହାତ୍ମାମାନଙ୍କ ଦ୍ୱାରା ରାମ ଦରବାରକୁ ଫୁଲ ବର୍ଷଣ କରାଯାଇଥିଲା। ଏହାସହ ଯୋଗୀ, ସାଧୁମାନଙ୍କୁ ଅଙ୍ଗବସ୍ତ୍ର ଓ ମାଲ୍ୟାର୍ପଣ କରି ସମ୍ମାନ ଦେଇଥିଲେ। ପୁଷ୍ପକ ବିମାନର ଆଗମନରେ ଭିଡ଼ ଉତ୍ସାହରେ ଚିତ୍କାର କରିଥିଲା। କ୍ୟାବିନେଟ ମନ୍ତ୍ରୀ ସୂର୍ଯ୍ୟ ପ୍ରତାପ ଶାହୀ, ଜୟବୀର ସିଂହ ଓ ରାକେଶ ସଚନ ମଧ୍ୟ ରାମଦରବାରରେ ପ୍ରାର୍ଥନା କରିଥିଲେ। ରାମମନ୍ଦିର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିଓବିର ସାମୂହିକ ସୁସ୍ଥତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୯।୧୦

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଭୁବନେଶ୍ୱର ଓ କଟକ ଶାଖା ମୁଖ୍ୟଙ୍କ ପାଇଁ ଭୁବନେଶ୍ୱରଠାରେ କର୍ମଚାରୀ ସହାୟତା ଅଭିଯାନ ଅନ୍ତର୍ଗତ ଏକ ସାମୂହିକ ସୁସ୍ଥତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧ୍ୟାନ ମାଧ୍ୟମରେ ଚାପ ପରିଚାଳନା ଉପରେ ଏକ କର୍ମଶାଳା କରାଯାଇଥିଲା। କାର୍ଯ୍ୟକ୍ରମରେ କର୍ମଚାରୀମାନଙ୍କ ବ୍ୟକ୍ତିଗତ ଏବଂ କର୍ମମୟ ଜୀବନ ମଧ୍ୟରେ କିପରି ସନ୍ତୁଳନ ବଜାୟ ରହିବ ସେ ବିଷୟରେ ଆଲୋକଚନା କରାଯାଇଥିଲା। ଏହି ଅବସରରେ ଏକ ଯୋଗ ଅଧିବେଶନ ରଖାଯାଇଥିଲା। ସମସ୍ତ ଶାଖା ମୁଖ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଆଇଡିବିଆଇର ତ୍ରୈମାସିକ ଆର୍ଥିକ ଫଳାଫଳ

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)

ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଶୁଦ୍ଧ ଲାଭ ୩୬୨୭ କୋଟି ଟଙ୍କା ରହିଛି, ଯାହା ବାର୍ଷିକ ଆଧାରରେ ୯୮%ର ଏକ ମଜଭୁତ ଅଭିବୃଦ୍ଧି ହାସଲ କରିଛି। ପରିଚାଳନାଗତ ଲାଭ ୩୫୨୩ କୋଟି ଟଙ୍କା ରହିଛି। ଏନ୍‌ଆଇଏମ୍ ୩.୭୧% ରହିଛି ଏବଂ ଶୁଦ୍ଧ ସୁଧ ଆୟ ୩୨୮୫ କୋଟି ଟଙ୍କା ରହିଛି। ୨୦୨୫-୨୬ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ପାଇଁ କଷ୍ଟ ଅଫ୍ ଡିପୋଜିଟ ୪.୬୯% ରହିଛି, ଯାହା ଗତବର୍ଷ ସମାନ ଅବଧିରେ ୪.୬୫% ଥିଲା। ସିଆର୍‌ଏଆର୍ ୩୪୧ ବିପିଏସ୍‌ର ବାର୍ଷିକ ଅଭିବୃଦ୍ଧି ସହିତ ୨୫.୩୯%କୁ ବୃଦ୍ଧି ହୋଇଛି। ରିଟର୍ନ ଅନ୍ ଆସେଟ୍‌ସ (ଆର୍‌ଓଏ) ୨୦୨୫-୨୬ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ୧୫୮ ବିପିଏସ୍ ବୃଦ୍ଧି ହୋଇ ୩.୫୫% ରହିଛି ଯାହା ୨୦୨୪-୨୫ର ୨ୟ ତ୍ରୈମାସିକରେ ୧.୯୭% ଥିଲା।

# ଚାହିଦାରେ ତନିସ୍କର 'ମୃଗାଙ୍କ' କଲେକ୍ସନ୍

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)




ପୌରାଣିକ ଜଗତ ଏବଂ କଳ୍ପନାତ୍ମକ କାରିଗରି ଦୁନିଆରୁ ଅନୁପ୍ରାଣିତ ହୋଇ ପ୍ରସ୍ତୁତ କରାଯାଇଥିବା ଟାଟାର ତନିସ୍କ ପକ୍ଷରୁ ଉତ୍ସବ ଅଳଙ୍କାର କଲେକ୍ସନ 'ମୃଗାଙ୍କ' ଚାହିଦା ବଢ଼ିବାରେ ଲାଗିଛି। ଅଭିନେତ୍ରୀ ମନୁଷୀ ଛିଲ୍ଲାର, ଯିଏ ମୃଗାଙ୍କ ଭାବନାକୁ ସାହସୀ, କଳ୍ପନାତ୍ମକ ଏବଂ ଆକର୍ଷଣୀୟ ଅଲୌକିକତାରେ ପରିପୂର୍ଣ୍ଣ ଭାବେ ଉପସ୍ଥାପିତ କରିଛନ୍ତି। ଷ୍ଟୋନ୍-ଅନ୍-ଷ୍ଟୋନ୍ ଜଡାଉ, ବ୍ୟାଡରୁମ୍, ଚନ୍ଦକ, ରାସ୍ ରବା ଏବଂ ଜଟିଳ ଜାଲି ସ୍ତର ବ୍ୟବହାର କରି ନିର୍ମିତ ଏହି ସଂଗ୍ରହରେ ରଙ୍ଗିନ କୁନ୍ଦନ, ଏନାମେଲ୍ ଏବଂ ୩ଡି କାରିଗରି ଦେଖିବାକୁ ମିଳିଛି। ମୃଗାଙ୍କ ଆଧୁନିକ ଭାରତୀୟ ମହିଳାଙ୍କ ପାଇଁ ପର୍ବପର୍ବାଣି ଅଳଙ୍କାରକୁ ପୁନଃକଳ୍ପନା କରି ଏକ ବିସ୍ମୟକର ଓ ଚମତ୍କାର ଅନୁଭୂତି ପ୍ରଦାନ କରୁଛି। ଏହି ସଂଗ୍ରହ ବିଷୟରେ ଟାଇଟାନ୍ କମ୍ପାନୀ ଲିମିଟେଡର ମୁଖ୍ୟ ଡିଜାଇନ୍ ଅଫିସର ରେବତୀ କାନ୍ତ କହିଛନ୍ତି ଯେ, ପର୍ବପର୍ବାଣି ଋତୁର ଆରମ୍ଭରେ ଆମେ 'ମୃଗାଙ୍କ' ଉପସ୍ଥାପନ କରି ଆନନ୍ଦିତ ଯାହା ଆମ ସ୍ୱପ୍ନର କଳ୍ପନାତ୍ମକ ଜଗତର ଏକ ଭବ୍ୟ ଉତ୍ସବ ଏବଂ ଆମର ଭାରତୀୟ କାହାଣୀ ଓ ପୁରାଣର ସମୃଦ୍ଧ ଐତିହ୍ୟରେ ପରିପୁଷ୍ଟ। ଏହି ସଂଗ୍ରହ ଏକ ଯାଦୁକରୀ ଭୂମିରେ ଆଧାରିତ, ଯେଉଁଠାରେ ମେଘମାଳା ମଧ୍ୟରୁ ଦେଖାଯାଉଥିବା ଭବ୍ୟ ପ୍ରାସାଦ, ଅତୁଳନୀୟ ସୌନ୍ଦର୍ଯ୍ୟର ରହସ୍ୟମୟ ଜୀବ ଏବଂ ବିରଳ ବିଦେଶୀ ଫୁଲ ସୁନାରେ ଜୀବନ୍ତ ହୋଇଛି।


# ପିଏନ୍‌ବିର ନେଟ୍ ଲାଭ ୧୪% ବୃଦ୍ଧି

ଭୁବନେଶ୍ୱର,୧୯।୧୦

ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ବିଶ୍ୱବ୍ୟାପୀ ବ୍ୟବସାୟ ୨୦୨୫ ସେପ୍ଟେମ୍ବର ୧୦.୬% ବୃଦ୍ଧି ପାଇ ୨୭,୮୬,୬୭୩ କୋଟି ଟଙ୍କାକୁ ପହଞ୍ଚିଛି। ଏହା ଗତ ବର୍ଷର ଏହି ସମୟ ତୁଳନାରେ ୨୫,୨୦,୨୪୬ କୋଟି ଟଙ୍କାରୁ ଅଧିକ। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି। ୨୦୨୫-୨୬ ଦ୍ୱିତୀୟ ତ୍ରୈମାସିକରେ ବ୍ୟାଙ୍କର ନେଟ ଲାଭ ୧୪% ବୃଦ୍ଧି ପାଇ ୪,୯୦୪ କୋଟି ଟଙ୍କା ହୋଇଛି। ଗତ ବର୍ଷର ଏହିତ୍ରୈମାସିକରେ ଏହା ୪,୩୦୩ କୋଟିଟଙ୍କା ଥିଲା। ଏହାହେଲେ ଅପରେଟିଂ ଲାଭ ୫.୫% ବୃଦ୍ଧି ପାଇ ୭,୨୨୭ କୋଟି ଟଙ୍କା ହୋଇଛି। ବିଶ୍ୱବ୍ୟାପୀ ଡେପୋଜିଟ ୧୦.୯% ବୃଦ୍ଧି ପାଇ ୧୬,୧୭,୦୮୦ କୋଟି ଟଙ୍କା ହୋଇଛି, ଯାହା ଗତ ବର୍ଷର ୧୪,୫୮,୩୪୨ କୋଟିରୁ ଅଧିକ। ଏହାହେଲେ ବିଶ୍ୱବ୍ୟାପୀ ଆଡଭାନ୍ସ ୧୦.୧% ବୃଦ୍ଧି ସହିତ ୧୧,୬୯,୫୯୨ କୋଟି ଟଙ୍କାରୁ ଅଧିକ ହୋଇଛି।

# ଦୀପାବଳିରେ ୧୫ ହଜାର ବିଦ୍ୟୁତ୍ କର୍ମଚାରୀ ନିୟୋଜିତ

ଭୁବନେଶ୍ୱର,୧୯।୧୦



ଦୀପାବଳି ଆଲୋକରେ ସାରା ଓଡ଼ିଶା ଆଲୋକିତ ହେଉଥିବାବେଳେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକରେ ୧୫,୦୦୦ରୁ ଅଧିକ ଗ୍ରାଉଣ୍ଡ ଷ୍ଟାଫ୍ ନିୟୋଜିତ ଅଛନ୍ତି। ଏହି ଲାଇନମ୍ୟାନ୍, ଇଞ୍ଜିନିୟର ଓ ସହାୟକ ଦଳମାନେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରୁଛନ୍ତି, ଯାହା ଫଳରେ ସାରା ରାଜ୍ୟର ପ୍ରତିଟି ଘରେ ଉତ୍ସବ ପାଳନ ସୁବିଧାଜନକ ହୋଇପାରୁଛି। ରାଜଧାନୀ ଭୁବନେଶ୍ୱର ସହ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଉତ୍ସବ ସମୟରେ ବିଦ୍ୟୁତ୍ ଚାହିଦା ସର୍ବାଧିକ ଥିବା ସମୟରେ, ଟାଟା ପାୱାର ଓଡ଼ିଶା ଡିସକମ୍‌ଗୁଡିକ (ଟିପିଏନ୍‌ଓଡିଏଲ୍, ଟିପିଏସ୍‌ଓଡିଏଲ୍, ଟିପିସିଓଡିଏଲ୍ ଓ ଟିପିଡବ୍ଲ୍ୟୁଓଡିଏଲ) ସମସ୍ତେ କିଭଳି ନିରବଚ୍ଛିନ୍ନ ସେବା ପାଇବେ ସେଥିପାଇଁ ପ୍ରୟାସ ଜାରି ରଖିଛନ୍ତି। ଉତ୍ସବ ପୂର୍ବରୁ ହିଁ ଡିସ୍‌କମ୍‌ଗୁଡିକ ନେଟୱର୍କ ଯାଞ୍ଚ, ଭିତ୍ତିଭୂମି ସୁଦୃଢ଼ୀକରଣ ଓ ପର୍ବପର୍ବାଣି ସମୟରେ ବିଦ୍ୟୁତ୍ ଚାହିଦାକୁ ନିୟନ୍ତ୍ରଣ କରିବା ପାଇଁ କଣ୍ଟ୍ରୋଲ୍ ସେଣ୍ଟରଗୁଡ଼ିକୁ ପ୍ରସ୍ତୁତ ରଖିଛନ୍ତି। ସ୍ଥାନୀୟ ତ୍ରୁଟି ସମାଧାନ କରୁଥିବା ଏକ ଲାଇନମ୍ୟାନ୍, ଲୋଡ୍ ଫ୍ଲୋ ନିରୀକ୍ଷଣ କରୁଥିବା କଣ୍ଟ୍ରୋଲ୍ ରୁମ୍ ଇଞ୍ଜିନିୟର ଏବଂ ଆପତକାଳୀନ ସେବା ପାଇଁ ପ୍ରସ୍ତୁତ ଦଳ ଏଭଳି ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି।

## ସଂକ୍ଷେପରେ

### ୮.୮୨ ଲକ୍ଷ ନିଷ୍ପାଦନ ଆବେଦନ ପଡ଼ିରହିବା ଦୁଃଖଦାୟକ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୯।୧୦(ପି.ଟି.)

ଦେଶର ବିଭିନ୍ନ ଅଦାଲତରେ ୮.୮୨ ଲକ୍ଷରୁ ଊର୍ଦ୍ଧ୍ୱ ନିଷ୍ପାଦନ ଆବେଦନ ବିଚାର ଅପେକ୍ଷାରେ ପଡ଼ିରହିଥିବାରୁ ସୁପ୍ରିମକୋର୍ଟ ଏହାକୁ ଅତ୍ୟନ୍ତ ଦୁଃଖଦାୟକ ଏବଂ ଭୟଙ୍କର ଘଟଣା ବୋଲି କହିଛନ୍ତି। ମକଦ୍ଦମାରେ ଡିକ୍ରି ହାସଲ କରିଥିବା ବ୍ୟକ୍ତି ଜମିଜମା ବିବାଦରେ କୋର୍ଟନିର୍ଦ୍ଦେଶନାମାର କାର୍ଯ୍ୟକାରିତା ପାଇଁ ନିଷ୍ପାଦନ ଆବେଦନ (ଏକ୍ଜିକ୍ୟୁଟିଭ୍ ପିଟିଶନ) ଦାଏର କରିଥାନ୍ତି। ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲ ଏବଂ ପଙ୍କଜ ମିଥାଲଙ୍କ ଖଣ୍ଡପୀଠ ଏହାର ମାର୍ଚ୍ଚ ୬ ନିର୍ଦ୍ଦେଶନାମାର ଅନୁପାଳନ ସମୀକ୍ଷା କରିବା ବେଳେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଏକ୍ଜିକ୍ୟୁଶନ ପିଟିଶନଗୁଡ଼ିକ ଉପରେ ୬ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ସିଭିଲ୍ କୋର୍ଟଗୁଡ଼ିକୁ ପରାମର୍ଶ ଦେବାକୁ ସେତେବେଳେ ଖଣ୍ଡପୀଠ ସମସ୍ତ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ନ ହେଲେ ପ୍ରିଜାଇଡିଂ ଅଫିସରମାନେ ଦାୟୀ ରହିବେ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ଆମକୁ ମିଳିଥିବା ପରିସଂଖ୍ୟାନ ଅତ୍ୟନ୍ତ ଦୁଃଖଦାୟକ। ଆଜିର ତାରିଖରେ ଦେଶର ବିଭିନ୍ନ ଅଦାଲତରେ ୮,୮୨,୫୭୮ ନିଷ୍ପାଦନ ଆବେଦନ ବିଚାର ଅପେକ୍ଷାରେ ପଡ଼ିରହିଥିବା ଖଣ୍ଡପୀଠ କହିଛନ୍ତି।

### ଦୀପାବଳି ପୂର୍ବରୁ ଦିଲ୍ଲୀରେ ଲାଗୁହେଲା ଜିଆର୍ଏପି-୨

ନୂଆଦିଲ୍ଲୀ, ୧୯।୧୦

ଦୀପାବଳିର ଦିନକ ପୂର୍ବରୁ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ବାୟୁ ଗୁଣବତ୍ତା ଅତି ନିକୃଷ୍ଟ ସ୍ତରକୁ ଖସିଯିବା ଫଳରେ ରବିବାର ପ୍ରଦୂଷଣ ନିରୋଧୀ କଟକଣା ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ର ଦ୍ୱିତୀୟ ପର୍ଯ୍ୟାୟ (ଜିଆର୍ଏପି)ଲାଗୁ ହୋଇଛି। ଗତ ମଙ୍ଗଳବାର ଦିଲ୍ଲୀ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୨୦୦ ଅତିକ୍ରମ କରିବା ପରେ ଜିଆର୍ଏପି-୧ ଲାଗୁ ହୋଇଥିଲା। ରବିବାର ଏକ୍ୟୁଆର୍ ବିଭିନ୍ନ ସ୍ଥାନରେ ୩୦୦ ଅତିକ୍ରମ କରିଛି, ଯାହାକି ଅତ୍ୟନ୍ତ ନିକୃଷ୍ଟ ବର୍ଗର। ଦୀପାବଳି ପରେ ସ୍ଥିତି ଆହୁରି ଗମ୍ଭୀର ହେବାକୁ ଥିବାରୁ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ ଜିଆର୍ଏପି-୨ ଲାଗୁ କରିଛନ୍ତି।



ନ୍ୟୁୟର୍କର ଟାଇମ୍ସ ସ୍କୋୟାରରେ ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଆୟୋଜିତ 'ନୋ କିଙ୍ଗସ୍' ବିକ୍ଷୋଭ ଶୋଭାଯାତ୍ରା।

## ଆମେରିକାରେ ଟ୍ରମ୍ପ୍ ବିରୋଧୀ ବିକ୍ଷୋଭ

ୱାଶିଂଟନ୍,୧୯।୧୦(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଦେଶବ୍ୟାପୀ ସହରଗୁଡ଼ିକରେ ଶନିବାର ଅନେକ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇ 'ନୋ କିଙ୍ଗସ' ବିକ୍ଷୋଭ ରାଲି ଓ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ଟ୍ରମ୍ପଙ୍କ ଶାସନ କାଳରେ ସରକାର ଏକଛତ୍ରବାଦ ଦିଗରେ ଦ୍ରୁତ ଅଗ୍ରସର ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଟ୍ରମ୍ପଙ୍କ କଠୋର ନୀତି, ଭୟ ଓ ଧମକ ଦେଖାଇ କାର୍ଯ୍ୟ ହାସଲ କରିବା କୌଶଳ, ଗଣମାଧ୍ୟମ, ରାଜନୈତିକ ବିରୋଧୀ ଏବଂ ବେଆଇନ ଆପ୍ରବାସୀଙ୍କ ଉପରେ ଆକ୍ରମଣକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅନ୍ୟପକ୍ଷରେ ସେ ରାଜା ନୁହନ୍ତି ବୋଲି ରିପବ୍ଲିକାନ୍ ନେତା କହିଛନ୍ତି। ଏଥିସହିତ ସେ କେତେକ ଏଆଇ-ପ୍ରସ୍ତୁତ ଭିଡିଓ ପୋଷ୍ଟ କରି ନିଜକୁ ରାଜା ଭଳି ଦେଖାଇଛନ୍ତି। ସେମାନେ ମୋତେ ରାଜା କହୁଛନ୍ତି। ହେଲେ ମୁଁ ରାଜା ନୁହେଁ ବୋଲି ଟ୍ରମ୍ପ୍ ଏକ ଗଣମାଧ୍ୟମକୁ କହିଛନ୍ତି।

ବିକ୍ଷୋଭକାରୀମାନେ ନ୍ୟୁୟର୍କ ସିଟିର ଟାଇମ୍ସ ସ୍କୋୟାରରେ ଏକତ୍ର ହୋଇ ସ୍ଲୋଗାନ ଦେଉଥିବା ଦେଖାଯାଇଛି। ସେହିପରି ବୋଷ୍ଟନ, ଆଟଲାଣ୍ଟା ଏବଂ ସିକାଗୋ ଆଦି ବିଭିନ୍ନ ସହରରେ ୨,୭୦୦ରୁ ଊର୍ଦ୍ଧ୍ୱ ରାଲି କରାଯାଇଛି। ୱାଶିଂଟନ୍ ଏବଂ ଲସ୍ ଏଞ୍ଜେଲ୍ସରେ ବିକ୍ଷୋଭକାରୀମାନେ ଶୋଭାଯାତ୍ରା କରିବା ସହ ଅନେକ ରିପବ୍ଲିକାନ୍ ଶାସିତ ରାଜ୍ୟର ରାଜଧାନୀ ବାହାରେ ପିକେଟିଂ କରିଥିଲେ। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟି ଉକ୍ତ ବିକ୍ଷୋଭକୁ 'ଘୃଣା ଆମେରିକା' ରାଲି କହି ସମାଲୋଚନା କରିଛି। ଟ୍ରମ୍ପ୍ ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଫେରିବା ପରଠାରୁ ଏହା ତୃତୀୟ ବିଶାଳ ବିକ୍ଷୋଭ ସମାବେଶ। ସରକାରରେ ଦୀର୍ଘଦିନ ଶର୍ଟଡାଉନ୍ ଯୋଗୁ ସଂଘୀୟ କାର୍ଯ୍ୟକ୍ରମ ଏବଂ ସେବା ବନ୍ଦ ହେବା ସହ କ୍ଷମତାର ମୁଖ୍ୟ ସନ୍ତୁଳନ ପରୀକ୍ଷାର ସମ୍ମୁଖୀନ ହୋଇଛି।

# ଗାଜା ଯୁଦ୍ଧବିରତି ଉଲ୍ଲଂଘନ

## ହମାସ୍ର ଆକ୍ରମଣ, ଇସ୍ରାଏଲର ଏୟାରଷ୍ଟ୍ରାଇକ୍

ରାଫାହ,୧୯।୧୦

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉଦ୍ୟମ କ୍ରମେ ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ରବିବାର ଆପାତତଃ ଭାଙ୍ଗିଯାଇଛି। ରାଫାହରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ସୈନ୍ୟଙ୍କ ଉପରେ ଆକ୍ରମଣ କରିଥିବାବେଳେ ଏହାର ଜବାବରେ ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଗାଜାରେ ଏୟାରଷ୍ଟ୍ରାଇକ୍ କରିଛି। ଯୁଦ୍ଧବିରତିର ଏହା ଗମ୍ଭୀର ଉଲ୍ଲଂଘନ ବୋଲି ଇସ୍ରାଏଲୀ ଅଧିକାରୀମାନେ କହିଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍ଜ ଏବଂ ଆଇଡିଏଫ୍ ଚିଫ୍ ଅଫ୍ ଷ୍ଟାଫ୍ ଲ୍ୟୁଟ୍ନାଣ୍ଟ ଜେନେରାଲ ଏୟାଲ ଜମିରଙ୍କ ସହ ଜରୁରୀ ସୁରକ୍ଷା ବୈଠକ କରିବାକୁ ଯାଉଛନ୍ତି।

ଇସ୍ରାଏଲ୍ରୁ ପ୍ରକାଶିତ ରିପୋର୍ଟଅନୁଯାୟୀ, ରାଫାହ ନିକଟରେ ଥିବା ଇସ୍ରାଏଲୀ ସାମରିକ ଇଞ୍ଜିନିୟରିଂ ଯାନ ଉପରେ ରବିବାର ଭୋର ସମୟରେ ହମାସ୍ ଆତଙ୍କବାଦୀ ଟ୍ୟାଙ୍କବିଧ୍ୱଂସୀ ମିଶାଇଲ୍ ମାଡ଼ କରିଥିଲେ। ଏହାର ଜବାବରେ ଆଇଡିଏଫ୍ ହମାସ୍ର ପୋଜିଶନଗୁଡ଼ିକ ଉପରେ ଏୟାରଷ୍ଟ୍ରାଇକ୍ କରିଥିଲା। ଏକ ଆଇଇଡି ବିସ୍ଫୋରଣରେ ଅନେକ ସୈନ୍ୟ ଆହତ ହୋଇଥିବା ଇସ୍ରାଏଲୀ ଗଣମାଧ୍ୟମ କହିଛି। ଦକ୍ଷିଣ ଗାଜାରେ ଆତଙ୍କବାଦୀମାନେ ଏକ ସୁଡ଼ଙ୍ଗରୁ ବାହାରି ଇସ୍ରାଏଲୀ ସେନା ଉପରେ ଆଖିବୁଜା ଗୁଳି ଚଳାଇବାରୁ ଆଇଡିଏଫ୍କୁ ପ୍ରତିଆକ୍ରମଣ କରିବାକୁ ପଡ଼ିଥିଲା। ଗତ କିଛିଦିନ ମଧ୍ୟରେ ରାଫାହରେ ଏହା ଦ୍ୱିତୀୟ ବୃହତ୍ ଘଟଣା ବୋଲି ଇସ୍ରାଏଲୀ ପ୍ରସାରଣ ଚ୍ୟାନେଲ କହିଛି।


ଗାଜାର ରାଫାହ ସହରରେ ଥିବା ଇସ୍ରାଏଲୀ ସାମରିକ ଇଞ୍ଜିନିୟରିଂ ଯାନ ଉପରେ ହମାସ୍ ଆକ୍ରମଣ କରିଛି।

ଅନ୍ୟପକ୍ଷରେ ଇସ୍ରାଏଲ୍ର ଅଭିଯୋଗକୁ ହମାସ୍ ଖଣ୍ଡନ କରିଛି। ଗତ ୧୦ ତାରିଖରୁ ଗାଜା ଯୁଦ୍ଧବିରତି କାର୍ଯ୍ୟକାରୀ ହୋଇଥିବାବେଳେ ଇତିମଧ୍ୟରେ ଇସ୍ରାଏଲ୍ ୪୭ ଥର ଏହାର ଉଲ୍ଲଂଘନ କରିଥିବା ହମାସ୍ ଅଭିଯୋଗ କରିଛି। ଇସ୍ରାଏଲୀ ସେନା ଆକ୍ରମଣରେ ଇତିମଧ୍ୟରେ ୩୮ ପାଲେଷ୍ଟିନୀୟ ନିହତ ହେବା ସହ ୧୪୩ ଜଣ ଆହତ ହୋଇଥିବା ଗାଜା ଗଣମାଧ୍ୟମ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଆଇଡିଏଫ୍ ଗାଜାର ନିରୀହ ଲୋକଙ୍କୁ ଟାର୍ଗେଟ କରି ଗୁଳି ଚଳାଇବା ସହ ଜାଣିଶୁଣି ସେଲ୍ ମାଡ଼ କରିଛି। ଏଥିସହିତ ଅନେକ ନାଗରିକଙ୍କୁ ଇସ୍ରାଏଲୀ ସେନା ଗିରଫ କରିଥିବାରୁ ଯୁଦ୍ଧ ବନ୍ଦ ଘୋଷଣା ସତ୍ତ୍ୱେ ଦଖଲ ନୀତି ଜାରି ରହିଥିବା ପ୍ରତିଫଳିତ ହେଉଛି ବୋଲି ଗାଜା ମିଡିଆ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଯୁଦ୍ଧବିରତି ଉଲ୍ଲଂଘନ ପାଇଁ ଆମେରିକା ହମାସ୍କୁ ଦୋଷ ଦେଇଛି। ହମାସ୍ ଗାଜାରେ ନିରୀହ ଲୋକଙ୍କ ଉପରେ ଆକ୍ରମଣ କରୁଥିବାରୁ ନିର୍ଭରଯୋଗ୍ୟ ରିପୋର୍ଟ ମିଳିଥିବା ଆମେରିକା ପରରାଷ୍ଟ୍ର ବିଭାଗ କହିଛି। ଏଭଳି ଆକ୍ରମଣ ଜାରି ରହିଲେ ଯୁଦ୍ଧବିରତି ଚୁକ୍ତିନାମାର ପ୍ରତ୍ୟକ୍ଷ ଏବଂ ଗମ୍ଭୀର ଉଲ୍ଲଂଘନ ଭାବେ ଗ୍ରହଣ କରାଯିବ ବୋଲି ଆମେରିକା ଚେତାବନୀ ଦେଇଛି। ଗାଜାର ଲୋକମାନଙ୍କ ସୁରକ୍ଷା ଏବଂ ଯୁଦ୍ଧବିରତିର ଅଖଣ୍ଡତା କାଏମ୍ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପରରାଷ୍ଟ୍ର ବିଭାଗ ଦୃଢ଼ୋକ୍ତି କରିଛି। ଯଦି ଗାଜାରେ ହମାସ୍ ନିରୀହ ଲୋକଙ୍କୁ ମାରିବା ଜାରି ରଖେ, ତେବେ ଆମେ ହସ୍ତକ୍ଷେପ କରି ସେମାନଙ୍କୁ ମାରିବୁ ବୋଲି ଟ୍ରମ୍ପ୍ ପୂର୍ବରୁ ସୋସିଆଲ ମିଡିଆରେ ଚେତାବନୀ ଦେଇଥିଲେ। ତେବେ ଆମେରିକା ସୈନ୍ୟ ଗାଜା ଯିବେନାହିଁ ବୋଲି ସେ ପରବର୍ତ୍ତୀ ସମୟରେ ସ୍ପଷ୍ଟ କରିଥିଲେ। ଗାଜାର ଅତି ପାଖରେ ରହୁଥିବା ଲୋକେ ସେଠାକୁ ଯାଇ ଅତି ସହଜରେ କୌଶଳ ଅବଲମ୍ବନ କରିବେ ବୋଲି ଟ୍ରମ୍ପ୍ କହିଥିଲେ।

## ଆମିଷ ବିରିୟାନୀ ଦେବାରୁ ରେଷ୍ଟୁରାଣ୍ଟ ମାଲିକଙ୍କୁ ଗୁଳିକରି ହତ୍ୟା

ରାଞ୍ଚି, ୧୯।୧୦

ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିର କାଙ୍କେ-ପିଠୋରିଆ ରୋଡ୍ସ୍ଥିତ ଏକ ରେଷ୍ଟୁରାଣ୍ଟରେ ଶନିବାର ରାତିରେ ଅଭିଷେକ କୁମାର ନାଗ ନାମକ ଜଣେ ନିରାମିଷାହାରୀ ଗ୍ରାହକଙ୍କୁ ଆମିଷ ବିରିୟାନୀ ଦିଆଯାଇଥିଲା। ଅଭିଷେକ ରେଷ୍ଟୁରାଣ୍ଟରୁ ତାଙ୍କ ପାର୍ସଲ ନେଇ ଘରକୁ ଚାଲିଯାଇଥିଲେ। ପରେ ସେ କିଛି ଲୋକଙ୍କୁ ଧରି ପୁଣିଥରେ ରେଷ୍ଟୁରାଣ୍ଟରେ ପହଞ୍ଚିଥିଲେ ଏବଂ ତାଙ୍କୁ ଆମିଷ ବିରିୟାନୀ ଦିଆଯାଇଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ଅଭିଷେକ ଓ ରେଷ୍ଟୁରାଣ୍ଟ ମାଲିକ ବିଜୟ କୁମାର ନାଗ (୪୭)ଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସା ବଢ଼ିବାରୁ ଅଭିଷେକ ଉତ୍ତେଜିତ ହୋଇ ନିଜ ପିସ୍ତଲ ବାହାର କରି ବିଜୟଙ୍କ ଛାତିକୁ ଗୁଳି କରିଥିଲେ। ଘଟଣାସ୍ଥଳରେ ବିଜୟ ଟଳିପଡ଼ିଥିଲେ ଓ ଅଭିଷେକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ହସ୍ପିଟାଲରେ ବିଜୟଙ୍କୁ ମୃତ ଘୋଷଣା କରାଯାଇଥିଲା। ଅଭିଷେକ ଏବେ ଫେରାର ଅଛନ୍ତି ଏବଂ ତାଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ରାଞ୍ଚି ଏସ୍ପି (ଗ୍ରାମୀଣ) ପ୍ରବୀଣ ପୁଷ୍କର କହିଛନ୍ତି।

## ଅସ୍ତ୍ରବିରତି ପାଇଁ ପାକ୍, ଆଫଗାନ୍ ରାଜି

ଇସ୍ଲାମାବାଦ,୧୯।୧୦(ପି.ଟି.)

### ସ୍ଥାୟୀ ଶାନ୍ତି ପାଇଁ ଉଦ୍ୟମ

ପାକିସ୍ତାନ ଓ ଆଫଗାନିସ୍ତାନ ସୀମାରେ ତୁରନ୍ତ ଅସ୍ତ୍ରବିରତି କରିବା ସହ ଦୀର୍ଘମିଆଦୀ ଶାନ୍ତି ସ୍ଥାପନ ସୁନିଶ୍ଚିତ କରିବା ଦିଗରେ ବ୍ୟବସ୍ଥା ସ୍ଥାପନ କରିବାକୁ ରାଜି ହୋଇଛନ୍ତି। ୨ ଦେଶର ସୀମାରେ କିଛିଦିନ ହେଲା ହିଂସାତ୍ମକ ସଂଘର୍ଷରେ ଉଭୟ ପକ୍ଷର ଅନେକ ସୈନ୍ୟ, ଆତଙ୍କବାଦୀ ଓ ସାଧାରଣ ନାଗରିକ ନିହତ ହେବା ପରେ ଦୋହାରେ ଅନୁଷ୍ଠିତ ବୈଠକରେ ତୁରନ୍ତ ଅସ୍ତ୍ରବିରତି ପାଇଁ ସହମତ ହୋଇଛନ୍ତି। କାତାର ଏବଂ ତୁର୍କୀ ସହଯୋଗରେ ଅନୁଷ୍ଠିତ ଉକ୍ତ ବୈଠକରେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏବଂ ଆଫଗାନିସ୍ତାନର କାମଚଳା ପ୍ରତିରକ୍ଷା ମନ୍ତ୍ରୀ ମୁଲ୍ଲା ୟାକୁବ୍ଙ୍କ ମଧ୍ୟରେ ବୁଝାମଣା ହୋଇଥିଲା ବୋଲି କାତାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଅସ୍ତ୍ରବିରତି କାର୍ଯ୍ୟକାରିତା ସୁନିଶ୍ଚିତ କରିବା ଏବଂ ଦୀର୍ଘଦିନ ବଜାୟ ରଖିବା ଲାଗି ଆଗାମୀ ଦିନରେ ୨ ପଡୋଶୀ ଦେଶ ମଧ୍ୟରେ ବୈଠକ ଜାରି ରହିବାକୁ ସହମତି ହୋଇଛି।

ପାକ୍-ଆଫଗାନ୍ ସୀମାରେ ଉତ୍ତେଜନା ଲାଗି ରହିଥିବାବେଳେ ଗତ ସପ୍ତାହରେ ପାକିସ୍ତାନ କାବୁଲ୍ରେ ଏୟାରଷ୍ଟ୍ରାଇକ୍ କରିବାରୁ ସୀମାପାର ସଂଘର୍ଷ ଜୋର୍ଦାର ହୋଇଥିଲା। ସଂଘର୍ଷ ବନ୍ଦ କରିବାକୁ ୨ ଦିନିଆ ଅସ୍ତ୍ରବିରତି ହୋଇଥିଲା ଏବଂ ଏହାକୁ ବଢ଼ାଇବା ପାଇଁ ଉଭୟ ପକ୍ଷ ରାଜି ହୋଇଥିଲେ ମଧ୍ୟ ପରେ ପାକିସ୍ତାନ ସୀମାରେ ଆକ୍ରମଣ କରିବାରୁ ଉତ୍ତେଜନା ବଢ଼ିଥିଲା। ଶନିବାର ଦୋହାରେ ଆରମ୍ଭ ହୋଇଥିବା ଆଲୋଚନାରେ ପାକିସ୍ତାନ ତେହରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିଟିପି) ବିରୋଧରେ ଯାଞ୍ଚଯୋଗ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଫଗାନିସ୍ତାନର ତାଲିବାନ୍ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲା। ଆଫଗାନ ମାଟିରୁ ଟିଟିପି ସୀମାପାର ଆତଙ୍କବାଦୀ ଆକ୍ରମଣ ଜାରି ରଖିଥିବା ଇସ୍ଲାମାବାଦ ଅଭିଯୋଗ କରିଆସୁଛି।

## ଗର୍ଭବତୀ ମହିଳାଙ୍କୁ ହତ୍ୟାକଲେ ପ୍ରେମିକ

ନୂଆଦିଲ୍ଲୀ, ୧୯।୧୦


ଆଶୁ ଶାଲିନୀ ଆକାଶ

### ପରକୀୟା ପ୍ରୀତିର କରୁଣ ପରିଣତି

### ପ୍ରେମିକଙ୍କୁ ହତ୍ୟାକଲେ ସ୍ୱାମୀ

ଦିଲ୍ଲୀର ନବିକରିମ ଅଞ୍ଚଳରୁ ପରକୀୟା ପ୍ରୀତିକୁ ନେଇ ୨ ଜଣଙ୍କର ହତ୍ୟା ହୋଇଥିବାର ମାମଲା ସାମ୍ନାକୁ ଆସିଛି। ଶନିବାର ରାତିରେ ଗର୍ଭବତୀ ଥିବା ଶାଲିନୀ (୨୨) ସ୍ୱାମୀ ଆକାଶଙ୍କ ସହ ମା' ଶୀଲାଙ୍କୁ ଭେଟିବାକୁ ଯାଉଥିଲେ। ଏହି ସମୟରେ ଶାଲିନୀଙ୍କ ପୂର୍ବତନ ଲିଭ୍ଇନ୍ ପାର୍ଟନର ଆଶୁ ହଠାତ୍ ଆସି ସେଠାରେ ପହଞ୍ଚିଥିଲେ। ଶାଲିନୀଙ୍କ ଗର୍ଭରେ ବଢୁଥିବା ପିଲା ତାଙ୍କର ହୋଇଥିବା ନେଇ ଆଶୁ ଦାବି କରିଥିଲେ, ଯାହାକୁ ଶାଲିନୀ ଖଣ୍ଡନ କରିଥିଲେ। ଏହି କାରଣରୁ ଦୁହିଙ୍କ ମଧ୍ୟରେ ବଚସା ହୋଇଥିଲା। ଉତ୍ତେଜିତ ହୋଇ ଆଶୁ ଶାଲିନୀଙ୍କୁ ଅନେକବାର ଛୁରିରେ ଭୁସିଥିଲେ। ସେ ଆକାଶଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ତେବେ ଆକାଶ ଆଶୁଙ୍କୁ କାବୁକରି ତାଙ୍କଠାରୁ ଛୁରି ଛଡ଼ାଇ ନେଇଥିଲେ ଏବଂ ସେ ନିଜ ଆତ୍ମରକ୍ଷା ପାଇଁ ଆଶୁଙ୍କୁ ପାଲଟା ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଆଶୁଙ୍କର ମୃତ୍ୟୁ ହୋଇଯାଇଥିଲା। ହସ୍ପିଟାଲରେ ଶାଲିନୀଙ୍କୁ ମୃତ ଘୋଷଣା କରାଯାଇଛି। ଗୁରୁତର ଅବସ୍ଥାରେ ଆକାଶଙ୍କର ଚିକିତ୍ସା ଜାରି ରହିଥିବା ନେଇ ରବିବାର ପୋଲିସ ସୂଚନା ଦେଇଛି। ପୋଲିସ ସୂଚନା ମୁତାବକ, ଶାଲିନୀ ଓ ଆକାଶ ୫ ବର୍ଷ ତଳେ ବିବାହ କରିଥିଲେ। ଉଭୟଙ୍କର ୨ ଜଣ ଝିଅ ରହିଛନ୍ତି। ତେବେ ବିବାହର କିଛି ବର୍ଷ ପରେ ଉଭୟେ ଆଶୁଙ୍କ ଘରେ ଭଡ଼ାରେ ରହୁଥିଲେ। ଏହି ସମୟରେ ଶାଲିନୀ ଓ ଆଶୁ ପରସ୍ପରର ନିକଟତର ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରେ ଅବୈଧ ସମ୍ପର୍କ ଗଢ଼ିଉଠିଥିଲା। ଶାଲିନୀ କିଛି ମାସ ପାଇଁ ପ୍ରେମିକ ଆଶୁଙ୍କ ସହ ଅମୃତସର ପଳାଇ ତାଙ୍କ ସହ ଲିଭ୍ଇନ୍ରେ ମଧ୍ୟ ରହିଥିଲେ। ତେବେ ଗତ ଜୁନ୍ରେ ଶାଲିନୀ ସ୍ୱାମୀ ଆକାଶଙ୍କ ନିକଟକୁ ଫେରିଆସିଥିଲେ। ଏହାପରେ ଶାଲିନୀ ଗର୍ଭବତୀ ହୋଇଥିଲେ, ଯାହାକୁ ନେଇ ଆଶୁ ଓ ଶାଲିନୀଙ୍କ ମଧ୍ୟରେ ବିବାଦ ରହିଥିଲା।

## ଫୁରସତ୍

## ଅଭିଶାପ ଭୟ: ଗାଁରେ ପାଳନ ହେଉନି ଦୀପାବଳି

ଶିମ୍ଲା

ଭାରତରେ ଆଲୋକର ପର୍ବ ଦୀପାବଳିକୁ ଧୁମଧାମରେ ପାଳନ କରାଯାଇଥାଏ। ତେବେ ହିମାଚଳ ପ୍ରଦେଶର ହମିରପୁର ଜିଲାସ୍ଥିତ ସମ୍ମୁ ଗାଁରେ ଅନେକ ଶହ ବର୍ଷ ଧରି ଦୀପାବଳି ପର୍ବକୁ ପାଳନ କରାଯାଉ ନାହିଁ। ଦୀପାବଳି ଦିନ ଗ୍ରାମବାସୀ ଦୀପ ଜାଳନ୍ତି ନାହିଁ, ବାଣ ଫୁଟାନ୍ତି ନାହିଁ ଏବଂ ନିରାଡମ୍ବର ଭାବେ ସାଧାରଣ ଦିନ ପରି ଏହି ଦିନକୁ ଅତିବାହିତ କରନ୍ତି। ସେହିପରି ଘରେ ମଧ୍ୟ କୌଣସି ସ୍ୱତନ୍ତ୍ର ଖାଦ୍ୟ ରନ୍ଧା ଯାଏ ନାହିଁ ଏବଂ ଲୋକେ କୌଣସି ସ୍ଥାନରେ ଏକତ୍ରିତ ହୁଅନ୍ତି ନାହିଁ। ଲୋକେ ନିଜ ଘରର ଦାଣ୍ଡକୁ ଅନ୍ଧାର କରି ରଖନ୍ତି। ଅନେକ ଶହ ବର୍ଷ ତଳେ ଗାଁକୁ ମିଳିଥିବା ଏକ ଅଭିଶାପ ଯୋଗୁ ସମ୍ମୁ ଗ୍ରାମରେ ଦୀପାବଳି ପାଳନ ହୁଏନାହିଁ ବୋଲି ଗ୍ରାମବାସୀ କହିଛନ୍ତି।



ସ୍ଥାନୀୟ ବାସିନ୍ଦା ବିଧି ଚାନ୍ଦ କହିଛନ୍ତି, ଅନେକ ଶହ ବର୍ଷ ପୂର୍ବେ ସମ୍ମୁ ଗ୍ରାମର ଜଣେ ଗର୍ଭବତୀ ମହିଳା ଦୀପାବଳି ପାଳନ କରିବା ପାଇଁ ତାଙ୍କ ବାପ ଘରକୁ ଯାଉଥିଲେ। ତାଙ୍କ ସ୍ୱାମୀ ରାଜାଙ୍କ ଦରବାରରେ ସୈନିକ ଥିଲେ। ଗାଁଠାରୁ ଅଳ୍ପ ଦୂରରେ ପହଞ୍ଚିଥିବା ବେଳେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ସେ ଜାଣିବାକୁ ପାଇଥିଲେ। ସ୍ୱାମୀଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ସେ ତାଙ୍କ ଚିତାକୁ ଡେଇଁ ପଡ଼ିଥିଲେ। ତେବେ ବିଶ୍ୱାସ ଅନୁଯାୟୀ, ମୃତ୍ୟୁପୂର୍ବରୁ ମହିଳା ଜଣକ ସମଗ୍ର ଗାଁକୁ ଅଭିଶାପ ଦେଇ କହିଥିଲେ, ସମ୍ମୁ ଗ୍ରାମର ଗ୍ରାମବାସୀ ଆଗାମୀ ୭ ପିଢ଼ି ପର୍ଯ୍ୟନ୍ତ ଦୀପାବଳି ପର୍ବକୁ ଖୁସିରେ ପାଳନ କରିପାରିବେ ନାହିଁ। ସେବେଠାରୁ ଗାଁର ଲୋକମାନେ ଦୀପାବଳି ପର୍ବକୁ ପାଳନ କରିବାକୁ ଭୟ କରନ୍ତି। ଗାଁର ଯେଉଁମାନେ ଦୀପାବଳି ପାଳନ କରିବାକୁ ଚେଷ୍ଟା କରନ୍ତି, ସେମାନଙ୍କ ଘରେ ନିଆଁ ଲାଗିଯାଇଥାଏ କିମ୍ବା ସେମାନଙ୍କର କୌଣସି ପରିବାର ସଦସ୍ୟ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁମୁଖରେ ପଡ଼ିଥାନ୍ତି। ତେଣୁ ହମିରପୁର ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୨୫ କି.ମି. ଦୂରରେ ଅବସ୍ଥିତ ଏହି ଗାଁରେ ଅନେକ ଶତାବ୍ଦୀ ଧରି ଦୀପାବଳି ପାଳନ ହେଉନାହିଁ। ଏହି ଅଭିଶାପକୁ ନେଇ ଗ୍ରାମବାସୀ ଏତେ ଭୟଭୀତ ଯେ, ଦୀପାବଳି ଦିନ ଅଧିକାଂଶ ଲୋକ ଘରୁ ବାହାରିବାକୁ ମଧ୍ୟ ଉଚିତ ମନେକରନ୍ତି ନାହିଁ। ଉକ୍ତ ଅଭିଶାପରୁ ଗ୍ରାମକୁ ମୁକ୍ତ କରିବା ପାଇଁ ଅନେକ ବାର ଗ୍ରାମରେ ଯଜ୍ଞ ସମେତ ବହୁ ପୂଜାର୍ଚ୍ଚନା କରାଯାଇଛି, କିନ୍ତୁ ସେସବୁ ବିଫଳ ହୋଇଥିବା ବିଧି କହିଛନ୍ତି।

## ଆୟୁଷ୍ମାନ୍ଙ୍କ ବିପକ୍ଷରେ ଶର୍ବରୀ

ମୁମ୍ବାଇ


ଶର୍ବରୀ ୱାଘ୍

ଅଭିନେତା ଆୟୁଷ୍ମାନ୍ ଖୁରାନା ସମ୍ପ୍ରତି 'ଥାମା' ଫିଲ୍ମକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଦୀପାବଳି ଉପଲକ୍ଷେ ମଙ୍ଗଳବାର ଏହି ଫିଲ୍ମ ରିଲିଜ୍ ହେବ। ତେବେ ଆୟୁଷ୍ମାନଙ୍କ ହାତରେ ଆଉ ଏକ ବଡ଼ ପ୍ରୋଜେକ୍ଟ ଲାଗିଥିବା ନେଇ ରବିବାର ଏକ ରିପୋର୍ଟ ପ୍ରକାଶ ପାଇଛି। ଆଗାମୀ ଦିନରେ ଫିଲ୍ମ ନିର୍ମାତା ସୂରଜ ବଡ଼ଜାତ୍ୟାଙ୍କ ଏକ ରୋମାଣ୍ଟିକ ଫ୍ୟାମିଲି ଡ୍ରାମା ଫିଲ୍ମରେ ଆୟୁଷ୍ମାନ୍ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ରାଜଶ୍ରୀ ପ୍ରଡକ୍ସନ୍ସ ଏବଂ ମହାବୀର ଜୈନ ଫିଲ୍ମସ୍ର ବ୍ୟାନରରେ ନିର୍ମାଣ ହେବାକୁ ଥିବା ଉକ୍ତ ଫିଲ୍ମରେ ଆୟୁଷ୍ମାନଙ୍କ ବିପକ୍ଷରେ ଅଭିନେତ୍ରୀ ଶର୍ବରୀ ୱାଘ୍ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ପ୍ରଥମ ଥର ପାଇଁ ଆୟୁଷ୍ମାନ୍ ଓ ଶର୍ବରୀଙ୍କ ଅନ୍ ସ୍କ୍ରିନ୍ ରୋମାନ୍ସକୁ ଦର୍ଶକ ଦେଖିବାକୁ ପାଇବେ। ତେବେ ବର୍ତ୍ତମାନ ସୁଦ୍ଧା ଏହି ଫିଲ୍ମର ଟାଇଟଲ ଘୋଷଣା ହୋଇନାହିଁ ଏବଂ ଏହାର ରିଲିଜ୍ ତାରିଖ ମଧ୍ୟ ସାମ୍ନାକୁ ଆସିନାହିଁ। ଆସନ୍ତା ୧ରୁ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଆୟୁଷ୍ମାନ୍ଙ୍କ ଆଗାମୀ ପ୍ରୋଜେକ୍ଟ ମଧ୍ୟରେ 'ପତି, ପତ୍ନୀ ଔର୍ ୱୋ ଦୋ' ରହିଛି। ଆସନ୍ତା ବର୍ଷ ମାର୍ଚ୍ଚ ୪ରେ ହୋଲି ଉପଲକ୍ଷେ ଉକ୍ତ ଫିଲ୍ମ ରିଲିଜ୍ ହେବ। ମୁଦସର ଅଜିଜ୍ଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ଫିଲ୍ମରେ ଅଭିନେତ୍ରୀ ସାରା ଅଲି ଖାନ୍, ୱାମିକା ଗବ୍ବି ଏବଂ ରକୁଲପ୍ରୀତ ସିଂଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ହର୍ଷିତ, ଓମ୍ ସ୍ୱରୂପ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୯।୧୦ (ତପନ ସ୍ୱାଇଁ)**

କଟକ ଜିଲା ଚେସ୍ ସଂଘ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମସ୍ଥିତ ହର୍ଷ ଗେଟ୍ ପରିସରରେ କଟକ ଜିଲା ସିନିୟର ଓ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ସିନିୟର ବର୍ଗରେ ହର୍ଷିତ ରଞ୍ଜନ ସାହୁ ଏବଂ ଜୁନିୟର ବର୍ଗରେ ଓମ୍ ସ୍ୱରୂପ ପାଢ଼ୀ ଚାମ୍ପିୟନ ହୋଇଛନ୍ତି।

## କଟକ ଜିଲା ଚେସ୍

ସିନିୟରରେ ନିଲସୁ ପଟ୍ଟନାୟକ, ରବୀନ୍ଦ୍ର କୁମାର ଓଝା, ନାରାୟଣ ସ୍ୱାଇଁ, ଅଦ୍‌ଭିକ ଆଦିତ୍ୟ ସ୍ୱାଇଁ, ଏମ. ଈଶ୍ୱର ରାଓ, ସାଇ ଶକ୍ତି ପଣ୍ଡା, ଓମ୍ ଆଦିତ୍ୟ ରାଉତ, ପ୍ରଦୀପ ଚନ୍ଦ୍ର ପଣ୍ଡା, ଆଶୁତୋଷ ପଟ୍ଟନାୟକ ଏବଂ ଜୁନିୟରରେ ଶ୍ରଦ୍ଧା ସ୍ମରଣିକା ନନ୍ଦ, ସାୟାଂଶ ଦାସ, ଶୁଭାଶିଷ ବାରିକ, ଦିବ୍ୟାଂଶୁ କୁମାର ପଶାୟତ, ନିରେକ ପରିଡ଼ା, ଦେବରାଜ ସେନାପତି, ପ୍ରୀତିକା ପ୍ରଧାନ, ନୈନିକା ସାହୁ ଓ ଆଦିତ୍ୟ ଦାସ ଟପ୍-୧୦ ଫିନିଶ୍ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ କିସ୍‌ର ଅର୍ଥୋ ଡେଣ୍ଟିଷ୍ଟ ନିବେଦିତା ସାହୁ ମୁଖ୍ୟ ଅତିଥି ଏବଂ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନର ସମ୍ପାଦକ ଅଭିଜିତ ପାଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କଟକ ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ସତ୍ୟ ରଞ୍ଜନ ପଟ୍ଟନାୟକ, ସଭାପତି ବିବେକ କୁମାର ତିବରୱାଲ, ଉପସଭାପତି ପ୍ରଶାନ୍ତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆସୋସିଏଶନର ସୁଧୀର କୁମାର ମହାନ୍ତିଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଉପସଭାପତି ସନ୍ତୋଷ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନୀହାର ରଞ୍ଜନ ସାସମଲ, ଆର୍ବିଟର ତାପସ ମହାନ୍ତି, ସୂରଜ ମହାରଣା, ଅବିନାଶ ଦାସ ଏବଂ ସପୋର୍ଟ ଷ୍ଟାଫ୍ ଜ୍ୟୋତି ପ୍ରକାଶ ମହାପାତ୍ର, ରିତିକ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ବାନିଗୁନିରୁ କିର୍ଗିଜସ୍ତାନ

## ରିତୁ ବଡ଼ାଇକଙ୍କ ସ୍ୱପ୍ନ ଓ ସଫଳତାର ଯାତ୍ରା

**ଭୁବନେଶ୍ୱର, ୧୯।୧୦ (ତପନ ସ୍ୱାଇଁ)**

ରିତୁ ବଡ଼ାଇକ, ଏବେ କେବଳ ଓଡ଼ିଶା କାହିଁକି ଭାରତୀୟ ମହିଳା ଫୁଟବଲରେ ଏକ ପରିଚିତ ନାମ। ତୁଳସୀ ଦୁଇ ପତ୍ରରୁ ବାସିବାପରି ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡାସ୍ଥିତ ବାନିଗୁନି ଗ୍ରାମରୁ ଆସି ରିତୁ ଏବେ ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବୀ ପ୍ରଦର୍ଶନ କରି ଭାରତକୁ ଗର୍ବିତ କରିଛନ୍ତି। କେବଳ ସେତିକି ନୁହେଁ, ପ୍ରଥମ ଥର ପାଇଁ ଏଏଫ୍‌ସି ୧୭ ବର୍ଷରୁ କମ୍ ମହିଳା ଏସିଆନ କପ୍ ଲାଗି ଯୋଗ୍ୟତା ଅର୍ଜନ କରି ଇତିହାସ ରଚିଥିବା ଭାରତୀୟ ଦଳର ସେ ଗର୍ବିତ ସଦସ୍ୟା ମଧ୍ୟ ହୋଇପାରିଛନ୍ତି। ଅକ୍ଟୋବର ୧୭ ତାରିଖରେ କିର୍ଗିଜସ୍ତାନର ବିଶକେକ୍‌ଠାରେ ଅନୁଷ୍ଠିତ ଉଜ୍‌ବେକିସ୍ତାନ ବିପକ୍ଷ ମ୍ୟାଚରେ ୨-୧ ଗୋଲରେ ବିଜୟୀ ହୋଇ ଐତିହାସିକ ସଫଳତା ଲାଭକରିବା ପରେ ପୂରା ଭାରତୀୟ ଦଳ ଖୁସିରେ ଝୁମି ଉଠିଥିଲା। ରବିବାର କଳିଙ୍ଗ ଷ୍ଟାଡିୟମ ପରିସରରେ ନନ୍ଦ କିଶୋର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଲୋଗୋ ଓ ଟ୍ରଫି ଉନ୍ମୋଚନ ଉତ୍ସବରେ ସମ୍ବର୍ଦ୍ଧିତ ହେବା ଅବସରରେ ରିତୁ କହିଛନ୍ତି ମନର କଥା...


ପୁରସ୍କାର ସହ ରିତୁ ବଡ଼ାଇକ

### ବାନିଗୁନିରୁ ଆରମ୍ଭ

ରିତୁ ନିଜ ଗାଁ ବାନିଗୁନିରୁ ଖେଳ ଆରମ୍ଭ କରିଥିଲେ। ବାପା ବିଜୟ ବଡ଼ାଇକ ଫୁଟବଲ ଖେଳୁଥିବାରୁ ତାଙ୍କ ସହିତ ଖେଳ ଦେଖିବାକୁ ଯାଇ ଏହି କ୍ରୀଡ଼ା ପ୍ରତି ଆକୃଷ୍ଟ ହେଲେ। ବାପାଙ୍କୁ ନିଜ ମନକଥା କହିଲେ। ମା' ଜ୍ୟୋତି ବଡାଇକ ମଧ୍ୟ ଜଣେ ବ୍ଲକ ସ୍ତରର ଆଥଲେଟ୍ ଥିଲେ। ବାପା ବିଜୟ ଜଣେ ଏଲ୍‌ଆଇସି ଏଜେଣ୍ଟ ସହ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରନ୍ତି। ମା' ଏବେ ଗୃହିଣୀ। ତେବେ କ୍ରୀଡ଼ାବିତ୍ ପରିବାର ହୋଇଥିବାରୁ ଝିଅକୁ ଖେଳରେ ଆଗକୁ ନେବାକୁ ଚାହିଁଲେ। ଗାଁରେ ବାପା ବିଜୟଙ୍କଠାରୁ ଫୁଟବଲର ଅ', ଆ' ଶିକ୍ଷା କରିଥିବା ରିତୁ ପରେ କୁଆଁରମୁଣ୍ଡା ଆସି ୟଙ୍ଗ ଆସୋସିଏଶନରେ ସିଥୋ ମୁହାକୁଡ଼, ଆନ୍ଥୋନୀ ଭେଙ୍ଗରା, ରବି ନାରାୟଣ ପାତ୍ର, ଚିତ୍ତ ସାର୍ ଆଦି କୋଚ୍‌ଙ୍କଠାରୁ ପ୍ରଶିକ୍ଷଣ ନେଲେ। ଇଚ୍ଛାଶକ୍ତି ପ୍ରବଳ ଥିବାରୁ ତାଙ୍କ ପ୍ରତିଭା ବିକଶିତ ହେବାରେ ଲାଗିଲା। ସେଠାରେ ଗ୍ରାସରୁଟ୍ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମରେ ଭାରତର ପ୍ରତିଷ୍ଠିତ କୋଚ୍ ମହମ୍ମଦ ଶହୀଦ ଜବାରଙ୍କ ନଜରକୁ ଆସିଥିଲେ ରିତୁ। ସେଠାରୁ ସେ ମନୋନୀତ ହୋଇ କଟକ ଖୁଣ୍ଟୁଣିସ୍ଥିତ ନୀତା ଫୁଟବଲ ଏକାଡେମୀରେ ପ୍ରଶିକ୍ଷଣ ଆରମ୍ଭ କଲେ। ସେଠାରେ ପାରମିତା ସିଟ୍, ଶହୀଦ ଜବାର, ନୀତା ଏକାଡେମୀର ଚେୟାରମ୍ୟାନ ସୁବ୍ରତ ସାର୍, ପ୍ରଦୀପ ରାଉତ ଏବଂ ସସ୍ମିତା ସାହୁ ପ୍ରମୁଖ ତାଙ୍କ ପ୍ରଦର୍ଶନକୁ ମାର୍ଜିତ କଲେ।

### ୨୦୨୪ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ

ରାଜ୍ୟସ୍ତରରେ ଭଲ ପ୍ରଦର୍ଶନ ପରେ ସେ ଜାତୀୟ ଜୁନିୟର କ୍ୟାମ୍ପକୁ ଡାକରା ପାଇଲେ। କ୍ୟାମ୍ପରେ ପ୍ରଭାବିତ କରିବାରୁ ୨୦୨୪ରେ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ ହେଲା। ନେପାଳର ଲଳିତପୁରରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ସାଫ୍ ମହିଳା ଚାମ୍ପିୟନଶିପ୍‌ରେ ରନରଅପ୍ ଭାରତୀୟ ଦଳର ସେ ସଦସ୍ୟା ଥିଲେ। ୨୦୨୫ରେ ଭୋପାଳରେ ଅନୁଷ୍ଠିତ ସାଫ୍ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏବେ କିର୍ଗିଜସ୍ତାନରେ ଅନୁଷ୍ଠିତ ଚାମ୍ପିୟନଶିପ୍‌ରେ ଚମତ୍କାର ପ୍ରଦର୍ଶନ କରି ପ୍ରଥମଥର ପାଇଁ ଏଏଫ୍‌ସି ୧୭ ବର୍ଷରୁ କମ୍ ଏସିଆନ କପ୍ ପାଇଁ ଯୋଗ୍ୟତା ଅର୍ଜନ କରି ଇତିହାସ ରଚିଥିବା ଭାରତୀୟ ଦଳର ସେ ସଦସ୍ୟା ହେବାର ଗୌରବ ପାଇଥିଲେ।

### ଗର୍ବ ଅନୁଭବ କରୁଛି

''କିର୍ଗିଜସ୍ତାନରେ ଅନୁଷ୍ଠିତ ଚାମ୍ପିୟନଶିପ୍‌ରେ ବିପକ୍ଷ ଦଳଗୁଡ଼ିକ ବହୁତ ଶକ୍ତିଶାଳୀ ଥିଲେ। ଆମ ଦଳ ମଧ୍ୟ କଠିନ ପରିଶ୍ରମ କରିଥିଲା। ଫଳରେ ଆମେ ସଫଳ ହୋଇପାରିଲୁ। ମୁଁ ବ୍ୟକ୍ତିଗତ ୨ଟି ମ୍ୟାଚ ଖେଳିଥିଲି। ୧୩ ତାରିଖରେ କିର୍ଗିଜସ୍ତାନ ଓ ୧୭ରେ ଉଜ୍‌ବେକିସ୍ତାନ ବିପକ୍ଷ ଐତିହାସିକ ମ୍ୟାଚରେ ଖେଳିଥିଲି ଏବଂ ୨ଟି ଯାକ ମ୍ୟାଚରେ ଭାରତ ୨-୧ ଗୋଲରେ ବିଜୟୀ ହୋଇଥିଲା। ମୁଁ ଲେଫ୍ଟ ବ୍ୟାକ୍‌ରେ ଖେଳୁଥିଲି ଏବଂ ଗୋଲ ଦେବାରେ ସହଯୋଗୀଙ୍କୁ ସହଯୋଗ କରିଥିଲି। ବିପକ୍ଷ ଦଳ କେମିତି ଖେଳୁଛି କୋଚ୍ ଜୋଆକିମ ଆଲେକଜାଣ୍ଡରସନ ଭିଡିଓ ଦେଖାଇ ସେହି ଅନୁସାରେ ରଣନୀତି ପ୍ରସ୍ତୁତ କରୁଥିଲେ। ବ୍ୟକ୍ତିଗତ ଖେଳାଳିଙ୍କ ପ୍ରଦର୍ଶନକୁ ମଧ୍ୟ ଆମେ ଦେଖି ପ୍ରସ୍ତୁତ ହୋଇଥିଲୁ'' ବୋଲି ରିତୁ ପ୍ରକାଶ କରିଛନ୍ତି। ଡ୍ରେସିଂ ରୁମ୍ ବାତାବରଣ ବହୁତ ଭଲ ଥିଲା। ତେଣୁ ଓଡ଼ିଶାରୁ ମୁଁ ଏକମାତ୍ର ଖେଳାଳିଭାବେ ଭାରତୀୟ ଦଳରେ ଥିଲେ ମଧ୍ୟ ଆଡଜଷ୍ଟ କରିବାରେ କିଛି ଅସୁବିଧା ହୋଇ ନ ଥିଲା। ଜିତିବାପରେ ଆମେ ସବୁପିଲା ପଡ଼ିଆରେ ଏକାଠି ହୋଇ ବିଜୟ ଉତ୍ସବ ମନାଇଥିଲୁ। ରାତିରେ ପାର୍ଟି ହୋଇଥିଲା। ଆହୁରି କଠିନ ପରିଶ୍ରମ କରି ଆମେ ଚାଇନାରେ ହେବାକୁଥିବା ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେବାକୁ କୋଚ୍ ପରାମର୍ଶ ଦେଇଥିଲେ ବୋଲି କହିଛନ୍ତି ଓଡ଼ିଶାର ଏହି ଗର୍ବିତ ଫୁଟବଲ ପ୍ରତିଭା। ଆଗକୁ ସିନିୟର ସ୍ତରରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛି। ପ୍ୟାରୀ ଖାଖା ହେଉଛନ୍ତି ମୋର ଆଦର୍ଶ ଖେଳାଳି ବୋଲି ରିତୁ କହିଛନ୍ତି।

## 'ଗାଁ ମାଟିର ନାଁ ଉଜ୍ଜ୍ୱଳ କରୁ'

''ଏବେ କିର୍ଗିଜସ୍ତାନରେ ଅନୁଷ୍ଠିତ ଚାମ୍ପିୟନଶିପ୍‌ରେ ଚମତ୍କାର ପ୍ରଦର୍ଶନ କରି ପ୍ରଥମଥର ପାଇଁ ଏଏଫ୍‌ସି ୧୭ ବର୍ଷରୁ କମ୍ ଏସିଆନ କପ୍ ପାଇଁ ଯୋଗ୍ୟତା ଅର୍ଜନ କରି ଇତିହାସ ରଚିଥିବା ଭାରତୀୟ ଦଳର ସେ ସଦସ୍ୟା ଥିବାରୁ ଆମେ ବହୁତ ଖୁସି ଅନୁଭବ କରୁଛୁ। ଆମେ ଯଥା ସମ୍ଭବ ତାଙ୍କୁ ସମର୍ଥନ ଦେଇ ଆସିଛୁ। ଆଗକୁ ମଧ୍ୟ ଆମର ସମର୍ଥନ ଜାରି ରହିବ। ରିତୁ ସିନିୟର ସ୍ତରରେ ଖେଳି ଦେଶ ପାଇଁ ନାଁ କରନ୍ତୁ, ଯେଉଁ ମାଟିରୁ ସେ ବାହାରିକି ଆଗକୁ ବଢ଼ିଛି ସେ ଗାଁର ନାଁ ଉଜ୍ଜ୍ୱଳ କରନ୍ତୁ, ଏହା ହିଁ ମୋର ସ୍ୱପ୍ନ'' ବୋଲି ରିତୁଙ୍କ ବାପା ବିଜୟ ବଡାଇକ ପ୍ରକାଶ କରିଛନ୍ତି।


ରିତୁଙ୍କ ବାପା ବିଜୟ ଓ ମା' ଜ୍ୟୋତି ବଡ଼ାଇକ।

# ଆଇସିସିକୁ ପାକିସ୍ତାନର ସମାଲୋଚନା

**ଲାହୋର, ୧୯।୧୦(ପି.ଟି.)**

ଆଫଗାନିସ୍ତାନର ୩ କ୍ରିକେଟରଙ୍କ ମୃତ୍ୟୁ ସମ୍ପର୍କରେ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ପକ୍ଷରୁ ଜାରି କରାଯାଇଥିବା ବିବୃତିକୁ ପାକିସ୍ତାନର କେନ୍ଦ୍ର ସୂଚନା ମନ୍ତ୍ରୀ ଆଟା ତରାର ନିନ୍ଦା କରିଛନ୍ତି। ଆଫଗାନିସ୍ତାନର ପକତିକା ପ୍ରଦେଶରେ ଆକାଶମାର୍ଗରୁ ହୋଇଥିବ ଆକ୍ରମଣରେ ପ୍ରାଣ ହରାଇଥିବା ୩ ଆଫଗାନିସ୍ତାନ କ୍ରିକେଟରଙ୍କ ଲାଗି ଆଇସିସି ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଥିଲା।

ପାକିସ୍ତାନ ଦ୍ୱାରା କରାଯାଇଥିବା ଷ୍ଟ୍ରାଇକ୍‌ରେ ୩ ଆଫଗାନ କ୍ରିକେଟର ପ୍ରାଣ ହରାଇଥିବା ନେଇ ଆଇସିସି ପକ୍ଷରୁ କରାଯାଉଥିବା ଦାବିରେ କୌଣସି ସତ୍ୟତା ନାହିଁ। ଆମେ ଏହାକୁ ନିନ୍ଦା କରୁଛୁ। ଆଫଗାନିସ୍ତାନ ବୋର୍ଡ ପକ୍ଷରୁ କରାଯାଇଥିବା ଦାବିକୁ ଆଇସିସି ସ୍ୱାଧୀନ ଭାବେ ଯାଞ୍ଚ କରି ନାହିଁ। ଆଇସିସି ବିବୃତି ଜାରି କରିବାର କିଛି ଘଣ୍ଟା ମଧ୍ୟରେ ସଭାପତି ଜୟ ଶାହା ନିଜ ସୋସିଆଲ ମିଡିଆ ପୋଷ୍ଟରେ ସମାନ ଶବ୍ଦ ବ୍ୟବହାର କରିଥିଲେ। ଆଫଗାନିସ୍ତାନ ବୋର୍ଡ ବିନା କୌଣସି ଅସଲ ପ୍ରମାଣ ନ ଦେଖାଇ ଏଭଳି ଦାବି କରୁଛି। ଆଇସିସି ଭଳି ଅନ୍ତର୍ଜାତୀୟ ସଂସ୍ଥା ଏଭଳି ବିବାଦୀୟ ଦାବିଠାରୁ ଦୂରେଇ ରହିବା ଉଚିତ ବୋଲି ତରାର କହିଛନ୍ତି।

# ନନ୍ଦକିଶୋର ମେମୋରିଆଲ ଫୁଟ୍‌ବଲ ୨୫ରୁ



ଟ୍ରଫି ଓ ଲୋଗୋ ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ଅନ୍ୟ ଅତିଥିମାନେ। (ଫଟୋ: ବିକାଶ ନାୟକ)।

**ଭୁବନେଶ୍ୱର, ୧୯।୧୦ (ବିଜୟ ରଣା)**

ସ୍ଥାନୀୟ ସିଟି କ୍ଲବ ଆନୁକୂଲ୍ୟରେ ନନ୍ଦକିଶୋର ପଟ୍ଟନାୟକ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଅକ୍ଟୋବର ୨୫ରୁ ୩୧ ପର୍ଯ୍ୟନ୍ତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀରେ ଅନୁଷ୍ଠିତ ହେବ। ଏଥିପାଇଁ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଟେନିସ ହଲ୍‌ରେ ରବିବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଟୁର୍ନାମେଣ୍ଟର ଟ୍ରଫି ଓ ଲୋଗୋ ଉନ୍ମୋଚିତ ହୋଇଯାଇଛି। ଏଥିରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ବାବୁ ସିଂ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଜଗନ୍ନାଥ ପ୍ରଧାନ, ସିଟି କ୍ଲବ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ଉପ ସଭାପତି ଅରୁଣ ବିଶ୍ୱାଳ ଓ ଡକ୍ଟର ଦେବସ୍ମିତା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ, ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲର ଗୀତାଞ୍ଜଳି ଖୁଣ୍ଟିଆ, ଗାୟତ୍ରୀ ମଲିକ, ଆଲୋଚନା ସେନାପତି, ବିଜୟଲକ୍ଷ୍ମୀ ସାହୁ, ଲୋଚନା ମୁଣ୍ଡା, ସୁପ୍ରଭା ସାମଲ, ସବନମୟୀ ସାମନ, ପ୍ରଶାନ୍ତି ପ୍ରଧାନ, ସସ୍ମିତା ପାତ୍ର, ସୁଦୀପ୍ତା ଦାସ ଓ ସେହନାଜ ବେଗମ ଆଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବତନ କୋଚ୍ ରାଜକିଶୋର ମଣ୍ଡଳ, ମହମଦ ଶହୀଦ ଜବାର, ଗଙ୍ଗାଧର ବେହେରା, ବିଜୟ କାନୁନ୍‌ଗୋ, ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜକ ରିଣ୍ଟୁ ମିତ୍ର, ଜାତୀୟ ଖେଳାଳି ରିତୁ ବଡାଇକ, ମନୀଷା ପାନ୍ନା, ରଶ୍ମିତା ପାତ୍ର, ଅନ୍ତର୍ଜାତୀୟ ରେଫରି ସୁଜାତା ପାତ୍ର, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ପ୍ରଶିକ୍ଷକ ଶୁଭେନ୍ଦୁ ପଣ୍ଡା, କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ମୁକ୍ତି ପ୍ରସାଦ ଦାଶ, ସିନିୟର କ୍ରୀଡ଼ା ସଂଗଠକ ଭକ୍ତ ବଲ୍ଲଭ ଦାସ, ସହଦେବ ରାଉତ, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, ବୀରେନ୍ଦ୍ର ମହାନ୍ତି, ସୁବ୍ରତ ଦାସ ଏବଂ ଜୀବନବ୍ୟାପୀ କ୍ରୀଡ଼ା ସାଧନା ପାଇଁ ସୌର୍ଯ୍ୟରଞ୍ଜନ ପରିଜା ଓ ଭକ୍ତ ବଲ୍ଲଭ ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୧,୦୦୦ ଏବଂ ରନର-ଅପ୍ ଦଳକୁ ୨୧,୦୦୦ ଟଙ୍କା ପ୍ରଦାନ କରାଯିବ।


# Classified Everyday

0674-2580101, 9692975378



## REAL ESTATE

**R.SALE**

Own gharabari residential plot 3100sft with compound wall & Electricity at Brahmanjharilo, 7 km from Phulanakhara Cuttack & 12km from BBSR Total Rs 41lakhs (Including Registration charges), 7809525452. D-101




The massage felt totally professional! & comfortable at all times- 7978109255. D-7650

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2310

## AFFIDAVIT

By virtue of an affidavit sworn before the Executive Magistrate, Boudh, No.- 1419, date- 13/10/25, I, Sasmita Nayak, W/o- Purnachandra Nayak, Village- (Jhankarpada), P.O.- Baghiapada, P.S./Dist.- Boudh declare that I have changed the name of my daughter from Jasnarani Nayak to Jyotshnarani Nayak. Henceforth, she shall be known as Jyotshnarani Nayak for all purposes.
Sasmita Nayak
D-2328



## CONSTRUCTION

Construct your Building with quality Materials by SCPL Construction in time. We provide all Approval plans, finance Estimates, Designs, Interiors & Borings. 9938745568, 9937069140. D-2328


## LEGAL NOTICE

SUMMONS UNDER ORDER 5 RULE 20 OF CPC
IN THE COURT OF CIVIL JUDGE ( JUNIOR DIVISION) BASUDEVPUR
C.S. No.- 167/2018

ଶ୍ରୀ ନରହରି ଦାଶ ବାଦୀ (ବନାମ) ଶ୍ରୀ ଶିବ ପ୍ରସାଦ ବାରିକ ଓଗେର ବିବାଦୀମାନେ ଶ୍ରୀ ସୂର୍ଯ୍ୟକାନ୍ତ ପାଢୀ, ପିତା: ସ୍ୱର୍ଗତ ରତିକାନ୍ତ ପାଢୀ, ସା: ମୁଣ୍ଡମାଳ, ପୋଷ୍ଟ/ଥାନା: ଯାଜପୁର ରୋଡ, ଜିଲ୍ଲା: ଯାଜପୁର, ଶ୍ରୀ ନିଶିକାନ୍ତ ପାଢୀ, ପିତା: ସ୍ୱର୍ଗତ ରତିକାନ୍ତ ପାଢୀ, ସା: ଛତ୍ରପୁର, ପୋଷ୍ଟ/ ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ଶ୍ରୀ ଛାୟାକଣ୍ଠ ପାଢୀ, ପିତା ; ସ୍ୱର୍ଗତ ରତିକାନ୍ତ ପାଢୀ, ସା ; ବଟେଶ୍ୱର, ପୋଷ୍ଟ/ଥାନା/ଜିଲ୍ଲା: ବାଲେଶ୍ୱର, ଶ୍ରୀ ଦୀପତିକାନ୍ତ ପାଢୀ, ପିତା: ସ୍ୱର୍ଗତ ରତିକାନ୍ତ ପାଢୀ, ସା: ପାରେଡ ପଡିଆ ପୋଷ୍ଟ/ଥାନା ; ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ଶ୍ରୀମତୀ ଆରତୀ ପାଢୀ, ସ୍ୱାମୀ: ଚନ୍ଦ୍ରକାନ୍ତ ପାଢୀ, ସା: H/1/52 କପିଳ ପ୍ରସାଦ BDA Colony, ଭୁବନେଶ୍ୱର, ପୋଷ୍ଟ/ଥାନା: ଏୟାର ଫିଲ୍ଡ ହାଲ, ସା: ବରଗଡ ସବାର ସାହି, ପୋଷ୍ଟ: ଭୁବନେଶ୍ୱର ମୁନିସିପାଲିଟି, ଥାନା: ବରଗଡ, ଜିଲ୍ଲା: ଖୋର୍ଦ୍ଧା ଶ୍ରୀମତୀ ସୋନୀ ପାଢୀ, ପିତା: ସ୍ୱର୍ଗତ ଚନ୍ଦ୍ରକାନ୍ତ ପାଢୀ ସା ; ପ୍ଲଟ ନଂ 229 ସହିଦ ନଗର ଭୁବନେଶ୍ୱର ଜିଲ୍ଲା: ଖୋର୍ଦ୍ଧା, ଶ୍ରୀ ଅନୁପମ ପାଢୀ ପିତା: ସ୍ୱର୍ଗତ ଚନ୍ଦ୍ରକାନ୍ତ ପାଢୀ, କୁମାରୀ ଅନି ପାଢୀ, ପିତା: ସ୍ୱର୍ଗତ ଚନ୍ଦ୍ରକାନ୍ତ ପାଢୀ ୯ ଓ ୧୦ ଙ୍କର ସା: H/1/52 କପିଳ ପ୍ରସାଦ BDA Colony ଭୁବନେଶ୍ୱର ପୋଷ୍ଟ/ ଥାନା ; ଏୟାର ଫିଲ୍ଡ ଜିଲ୍ଲା: ଖୋର୍ଦ୍ଧା।

ଏତଦ୍ୱାରା ଆପଣ ବିବାଦୀମାନଙ୍କୁ ଜଣାଇ ଦିଆଯାଉଅଛିକି ଉପରୋକ୍ତ ବାଦୀମାନେ ଆପଣ ଓ ଅନ୍ୟ ବିବାଦୀମାନଙ୍କ ବିରୁଦ୍ଧ ପ୍ରଚାର ମୂଳକ ପ୍ରତିକାର ଯଥା ଦଲିଲ ଅସିଦ୍ଧ ଘୋଷଣା ଓ ଚିରସ୍ଥାୟୀ ନିଷେଧାଜ୍ଞା ଦାବିରେ ଅତ୍ର ମୋକଦ୍ଦମା ଆଗତ କରିଅଛନ୍ତି। ଯଦି କାହାରି ଅତ୍ର ମୋକଦ୍ଦମା ସଙ୍କ୍ରାନ୍ତରେ କିଛି ଅଭିଯୋଗ ବା ଦାବି ଥାଏ ସେମାନେ ଆସନ୍ତା ତା ୦୭।୧୧।୨୦୨୫ରିଖ ଦିବା ୧୦.୩୦ ସମୟରେ fornoon ନିମ୍ନ | ସ୍ୱାକ୍ଷରକାରୀଙ୍କ ଅଦାଲତରେ ନିଜେ ବା ନିଜର କୌଣସି ପ୍ରତିନିଧି ବା କୌଣସି ଓକିଲ ମାଧ୍ୟମରେ ହାଜର ହୋଇ ଜବାବ ଦେଇ କେସ୍ ଲଢିବେ ଅନ୍ୟଥା ଅଦାଲତ ଆଇନ ଅନୁଯାୟୀ ଉପରୋକ୍ତ ମୋକଦ୍ଦମାର ବିଚାରକୁ ଅଗ୍ରସର କରାଇବେ | ପ୍ରକାଶ ଥାଉକି ଆପଣ ଅଦଲତରେ କେସ୍ ଲଢିବା ପାଇଁ ଲିଗାଲ ଏଡ ର ସାହାଯ୍ୟ ଆଇନ ଅନୁଯାୟୀ ପ୍ରାପ୍ତ ହୋଇପାରିବେ, ତା ୦୯।୧୦।୨୦୨୫ ରିଖରେ ଅଦାଲତଙ୍କ ସ୍ୱାକ୍ଷର ଓ ମୋହର ପ୍ରଦାନ କରାଗଲା ।

ତଫସିଲ ବିରୋଧୀୟ ସମ୍ପତ୍ତି

ମୌଜା ଚୂଡାମଣି ଖାତା ନଂ ୧୫୬୭ ଖସଡା ନଂ ୫୧୧୮ ଏ୦. ୫୭ ଡି. ସ୍ୱଧ ଏ୦.୦୪ଡି. ଯହାକି ସାବକ ବନ୍ଦୋବସ୍ତରେ ଖାତା ନଂ ୧୧୫୯ ଖସଡା ନଂ ୩୪୯୪ ଏ୦.୬୩ ଡି. ସ୍ୱଧ

ସ୍ୱା./-ସିଭିଲ ଜଜ, ବାସୁଦେବପୁର


ଧ-୨୩୨୬

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ଭବାନନ୍ଦ ମିଶ୍ର
ପ୍ରାକ୍ତନ ପ୍ରଧାନ ଶିକ୍ଷକ
ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ,
ଇୟୁନିଟ୍-୯ଏଲ.ଆଇ.ଜି- ୨୮୭, ନୟାପଲ୍ଲୀ
ବ୍ରୀଟ୍ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୦୨।୧୧।୧୯୪୨
ତିରୋଧାନ: ୧୨।୧୧।୨୦୧୨

ବିଧିର ବିଧାନେ ଚାଲିଗଲ ଦୂରେ ତେଜି ସ୍ନେହ, ଶ୍ରଦ୍ଧା, ଅଳି ତୁମ ସ୍ମୃତି ସତେଜ ହେ ନନା ସଦା ଆମ ମନ ତଳେ ପୂର୍ବପରି ପଡୁଥରି ଜୀବନେ ଆମର ତୁମ ଆଶୀର୍ବାଦ, ସ୍ନେହ ଶୁଭେଚ୍ଛା ଅପାର।

**ଶୋକସନ୍ତପ୍ତ:**
ପତ୍ନୀ ଏବଂ ପିଲାମାନେ

ଧ-୨୩୨୭

❁ ଓଁ ଗଙ୍ଗା ❁

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ଗୌତମ ପଟ୍ଟନାୟକ
ଆବିର୍ଭାବ ୧୬.୦୪.୧୯୭୩ - ତିରୋଧାନ ୧୧.୧୦.୨୦୨୫

ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁଙ୍କର ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକ ସନ୍ତପ୍ତ**
ପରିବାର ଏବଂ ବନ୍ଧୁବର୍ଗ

ଧ-୨୩୨୯

# ତନ୍‌ଭୀଙ୍କୁ ରୌପ୍ୟ

**ଗୁଆହାଟୀ, ୧୯।୧୦ (ପି.ଟି.)**

ବିଡବ୍ଲୁଏଫ୍ ୱାର୍ଲ୍ଡ ଜୁନିୟର ଚାମ୍ପିୟନଶିପ୍‌ରେ ଏକସ୍ୱର୍ଣ୍ଣପଦକହାସଲସହଇତିହାସରଚିବା ଲାଗି ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍‌ଭୀ ଶର୍ମା ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ଅଧୁରା ରହିଛି। ରବିବାର ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ଥାଇଲାଣ୍ଡର ଆନ୍ୟାପାତ୍ ଫିଚିତ୍‌ପ୍ରାଚାସକ୍‌ଙ୍କଠାରୁ ସିଧାସଳଖ ଗେମ୍‌ରେ ହାରିଯାଇଛନ୍ତି। ଏହି ୧୬ ବର୍ଷୀୟା ଖେଳାଳି ବିଶ୍ୱର ପୂର୍ବତନ ନମ୍ବର ୱାନ ସାଇନା ନେହ୍ୱାଲ ଓ ଅପର୍ଣ୍ଣା ପୋପଟଙ୍କ ପରେ ତୃତୀୟ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ କିନ୍ତୁ ସେ ଥାଇଲାଣ୍ଡର ଦ୍ୱିତୀୟ ସିଡ୍ ଖେଳାଳିଙ୍କଠାରୁ ୭-୧୫, ୧୨-୧୫ରେ ପରାଜିତ ହୋଇଯାଇଥିଲେ। ରନର-ଅପ୍ ହିସାବରେ ତନ୍‌ଭୀଙ୍କୁ ରୌପ୍ୟ ପଦକ ମିଳିଛି। ଫଳତଃ ୧୭ ବର୍ଷରେ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ଭାରତର ପ୍ରଥମ ଖେଳାଳି ଭାବେ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ପୂର୍ବରୁ ଏହି ଇଭେଣ୍ଟରେ ପଦକ ଜିତିଥିବା ଅନ୍ୟ ଦୁଇ ମହିଳା ଖେଳାଳି ହେଲେ ସାଇନା ଏବଂ ଅପର୍ଣ୍ଣା।


## ନୋବେଲ ପୁରସ୍କାର-୨୦୨୫ (ପଦାର୍ଥ ବିଜ୍ଞାନ)

# କ୍ୱାଣ୍ଟମ୍ ଟନେଲିଂ



ଇଂ.ମାୟାଧର ସ୍ୱାଇଁ

"ଇଂଲଣ୍ଡର ଜନ୍ କ୍ଲାର୍କ, ଫ୍ରାନ୍ସର ମାଇକେଲ ଡେଭୋରେଟ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଜନ୍ ମାର୍ଟିନିସ୍ ୧୯୮୪ ଓ ୧୯୮୫ ମସିହାରେ ଆମେରିକାର ବେର୍କେଲସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଗବେଷଣା ଓ ପରୀକ୍ଷା କରି ଦର୍ଶାଇଥିଲେ ଯେ, କୋଟିକୋଟି କ୍ଷୁଦ୍ର କଣିକାକୁ ନେଇ ଗଠିତ ଗୋଟିଏ ବଡ଼ ସିଷ୍ଟମ ମଧ ନିୟନ୍ତ୍ରିତ ଅବସ୍ଥାରେ କ୍ୱାଣ୍ଟମ୍ ଟନେଲିଂ ଆଚରଣ ଦେଖାଇଥାଏ। ଏହି ତିନିଜଣ ବୈଜ୍ଞାନିକଙ୍କୁ ଚଳିତ ବର୍ଷ ନିମିତ୍ତ 'ବୈଦ୍ୟୁତିକ ପରିପଥରେ ମାକ୍ରୋସ୍କୋପିକ୍ କ୍ୱାଣ୍ଟମ୍ ଯାନ୍ତ୍ରିକ ଟନେଲିଂ ଏବଂ ଶକ୍ତି କ୍ୱାଣ୍ଟାକରଣ ଆବିଷ୍କାର' ପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯିବା ପାଇଁ ରୟାଲ ସୁଇଡେନ ବିଜ୍ଞାନ ଏକାଡେମୀ ଘୋଷଣା କରିଛି।"






ଜନ୍ କ୍ଲାର୍କ



ମାଇକେଲ ଡେଭୋରେଟ



ଜନ୍ ମାର୍ଟିନିସ୍

ଅଣୁ ପରମାଣୁ ଭଳି କ୍ଷୁଦ୍ର ବସ୍ତୁଗୁଡ଼ିକର ଆଚରଣ ଆମେ ଦୈନନ୍ଦିନ ଜୀବନରେ ଦେଖୁଥିବା ପଦାର୍ଥଗୁଡ଼ିକର ଆଚରଣ ଠାରୁ ଅନେକ ପୃଥକ। ପୁନଶ୍ଚ ପାରମ୍ପରିକ ପଦାର୍ଥ ବିଜ୍ଞାନର ନିୟମ ସେଗୁଡ଼ିକ ଆଚରଣକୁ ବୁଝାଇବାରେ ଅସମର୍ଥ। ଗତ ଶତାବ୍ଦୀର ଆରମ୍ଭରେ ବିକଶିତ ହୋଇଥିବା କ୍ୱାଣ୍ଟମ୍ ପଦାର୍ଥ ବିଜ୍ଞାନର ଏ ସବୁର ଆଚରଣକୁ ବୁଝାଇଥାଏ। କ୍ୱାଣ୍ଟମ୍ ତତ୍ତ୍ୱର ଅନେକ ନିଷ୍କର୍ଷ ମଧ୍ୟରୁ ଗୋଟିଏ ହେଉଛି କ୍ୱାଣ୍ଟମ୍ ଟନେଲିଂ। ଅଣୁ, ପରମାଣୁଗୁଡ଼ିକର ଗତିପଥରେ ପ୍ରାଚୀର ସଦୃଶ କୌଣସି ପ୍ରତିବନ୍ଧକ ଆସିଲେ ସେମାନେ ସେଥିରେ ସୁଡ଼ଙ୍ଗ କରି ଆଗକୁ ଯାଇପାରନ୍ତି। ଏହାକୁ କ୍ୱାଣ୍ଟମ୍ ଟନେଲିଂ କୁହାଯାଏ।

ଇଂଲଣ୍ଡର ଜନ୍ କ୍ଲାର୍କ, ଫ୍ରାନ୍ସର ମାଇକେଲ ଡେଭୋରେଟ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଜନ୍ ମାର୍ଟିନିସ୍ ୧୯୮୪ ଓ ୧୯୮୫ ମସିହାରେ ଆମେରିକାର ବେର୍କେଲସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଗବେଷଣା ଓ ପରୀକ୍ଷା କରି ଦର୍ଶାଇଥିଲେ ଯେ, କୋଟିକୋଟି କ୍ଷୁଦ୍ର କଣିକାକୁ ନେଇ ଗଠିତ ଗୋଟିଏ ବଡ଼ ସିଷ୍ଟମ ମଧ ନିୟନ୍ତ୍ରିତ ଅବସ୍ଥାରେ କ୍ୱାଣ୍ଟମ୍ ଟନେଲିଂ ଆଚରଣ ଦେଖାଇଥାଏ। ଏହି ତିନିଜଣ ବୈଜ୍ଞାନିକଙ୍କୁ ଚଳିତ ବର୍ଷ ନିମିତ୍ତ 'ବୈଦ୍ୟୁତିକ ପରିପଥରେ ମାକ୍ରୋସ୍କୋପିକ୍ କ୍ୱାଣ୍ଟମ୍ ଯାନ୍ତ୍ରିକ ଟନେଲିଂ ଏବଂ ଶକ୍ତି କ୍ୱାଣ୍ଟାକରଣ ଆବିଷ୍କାର' ପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯିବା ପାଇଁ ରୟାଲ ସୁଇଡେନ ବିଜ୍ଞାନ ଏକାଡେମୀ ଘୋଷଣା କରିଛି। ଆବିଷ୍କାର ସମୟରେ ମାର୍ଟିନିସ୍ ପିଏଚ୍‌ଡି ଛାତ୍ର, ଡେଭୋରେଟ୍ ପୋଷ୍ଟ ଡକ୍ଟରାଲ ଛାତ୍ର ଏବଂ କ୍ଲାର୍କ ସେମାନଙ୍କର ପ୍ରଫେସର ତଥା ମାର୍ଗଦର୍ଶକ (ଗାଇଡ୍) ଥିଲେ।

କ୍ୱାଣ୍ଟମ୍ ଟନେଲିଂର ଇତିହାସ ହେଉଛି ଆହୁରି ପୁରୁଣା। ଇଂଲଣ୍ଡର ପଦାର୍ଥ ବିଜ୍ଞାନୀ ବ୍ରିଆନ୍ ଯୋସେଫସନ୍ ଦୁଇଟି ସୁପର କଣ୍ଡକ୍ଟର ମଝିରେ ଗୋଟିଏ ପତଳା ଇନ୍‌ସୁଲେଟର ରଖି ଗୋଟିଏ ବିଦ୍ୟୁତ୍ ପରିପଥ ନିର୍ମାଣ କରି ପରୀକ୍ଷା କରିଥିଲେ। ସୁପରକଣ୍ଡକ୍ଟରର କୌଣସି ବିଦ୍ୟୁତ୍ ପ୍ରତିରୋଧ ନ ଥାଏ। ସାଧାରଣ ପରିସ୍ଥିତିରେ ଯୋସେଫସନଙ୍କ ପରିପଥରେ ଇନ୍‌ସୁଲେଟର ଥିବାରୁ ବିଦ୍ୟୁତ୍ କରେଣ୍ଟ ପ୍ରବାହିତ ହେବ ନାହିଁ। ମାତ୍ର ଏଠାରେ କରେଣ୍ଟ ପ୍ରବାହିତ ହେଲା। ଏଠାରେ ଇନ୍‌ସୁଲେଟର ଭଳି ପ୍ରତିବନ୍ଧକ ଥିବା ସତ୍ତ୍ୱେ ସେଥିରେ ସୁଡ଼ଙ୍ଗ କରି ପରିପଥରେ ଇଲେକଟ୍ରନ୍ ପ୍ରବାହିତ ହେଲା। ଏହା ଥିଲା ଟନେଲିଂ ପ୍ରଭାବର ଆବିଷ୍କାର। ଏଣୁ କ୍ୱାଣ୍ଟମ୍ ଟନେଲିଂ ହେଉଛି ଏପରି ଏକ ଘଟଣା ଯେଉଁଥିରେ ଗୋଟିଏ ଶକ୍ତି ପ୍ରତିବନ୍ଧକକୁ ଅତିକ୍ରମ କରିବା ପାଇଁ କଣିକାର ଯଥେଷ୍ଟ ଶକ୍ତି ନ ଥିଲେ ସୁଦ୍ଧା ଏହା ପ୍ରତିବନ୍ଧକ ମଧ ଦେଇ ଯାଇପାରେ। ପାରମ୍ପରିକ ପଦାର୍ଥ ବିଜ୍ଞାନ ଅନୁସାରେ ଏହାକୁ ବୁଝିହୁଏ ନାହିଁ।

ଯୋସେଫସନ୍ ପ୍ରସ୍ତୁତ କରିଥିବା ପରିପଥ ସେଟ୍-ଅପ୍‌କୁ 'ଯୋସେଫସନ ଜଙ୍କସନ୍' କୁହାଯାଏ। ଏହାକୁ ବ୍ୟବହାର କରି ମୌଳିକ ଭୌତିକ ଧ୍ରୁବାଙ୍କ ଏବଂ ଚୁମ୍ବକୀୟ କ୍ଷେତ୍ରକୁ ସଠିକ୍ ଭାବେ ମାପ କରିହେଲା। ସେ ଏହାକୁ ୧୯୬୨ ମସିହାରେ ଆବିଷ୍କାର କରିଥିଲେ। ସେ ସେତେବେଳକୁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ପିଏଚଡି ଛାତ୍ର ଥିଲେ ଓ ତାଙ୍କୁ ୨୨ ବର୍ଷ ହୋଇଥିଲା। ଏହି ଆବିଷ୍କାର ପାଇଁ ତାଙ୍କୁ ୧୯୭୩ରେ ପଦାର୍ଥ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା।

୨୦୦୩ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିବା ବ୍ରିଟିଶ ଜନ୍ମିତ ଆମେରିକୀୟ ବୈଜ୍ଞାନିକ ଆଣ୍ଟୋନି ଲେଗେଟ୍ ପୂର୍ବାନୁମାନ କରିଥିଲେ ଯେ ଯୋସେଫସନ୍ ଜଙ୍କସନ୍ ପ୍ରକାରର ସେଟ୍-ଅପ୍‌ରେ ମାକ୍ରୋସ୍କୋପିକ୍ (ଅଣୁ, ପରମାଣୁ ଠାରୁ ବହୁତ ବଡ଼) ସ୍ତରରେ କ୍ୱାଣ୍ଟମ୍ ଆଚରଣକୁ ଦେଖିହେବ। ଏହି ପୂର୍ବାନୁମାନକୁ ପରୀକ୍ଷା ଦ୍ୱାରା ଦର୍ଶାଇବା ପାଇଁ ଚଳିତ ବର୍ଷର ତିନି ନୋବେଲ ବିଜ୍ଞାନୀ କାର୍ଯ୍ୟ କଲେ। ସେମାନେ ସେଣ୍ଟିମିଟର ଆକାରର ଗୋଟିଏ ଚିପ୍‌ରେ ଯୋସେଫସନ୍ ଜଙ୍କସନ୍ ଭଳି ଗୋଟିଏ ସେଟ୍-ଅପ୍ ବକ୍ସ ପ୍ରସ୍ତୁତ କଲେ, ମାତ୍ର କୌଣସି ପ୍ରକାର ବ୍ୟତିକରଣକୁ ଏଡାଇବା ପାଇଁ ସେମାନେ ଏହାକୁ ପରିବେଶଠାରୁ ଅଲଗା କରି ରଖିଲେ। ସେମାନେ ଦେଖିପାରିଲେ ଯେ, କେବଳ ପ୍ରବାହିତ ଇଲେକ୍‌ଟ୍ରନ୍ ନୁହେଁ, ବରଂ ସମଗ୍ର ପରିପଥ କ୍ୱାଣ୍ଟମ୍ ଆଚରଣ ପ୍ରଦର୍ଶନ କରୁଛି। ଏଠାରେ ସୁପରକଣ୍ଡକ୍ଟରର ସମସ୍ତ ଚାର୍ଜ କଣିକା ଗୋଟିଏ କଣିକା ଭଳି ଆଚରଣ ଦେଖାଇଲା।

ସେମାନେ ପୁନର୍ବାର ଦର୍ଶାଇଲେ ଯେ ପରିପଥରେ କରେଣ୍ଟ ଅବିରତ ପ୍ରବାହିତ ନ ହୋଇ ନିର୍ଦ୍ଦିଷ୍ଟ ବିବିକ୍ତ ଶକ୍ତି ଅବସ୍ଥାରେ ଗତି କରୁଛି ଏବଂ ପ୍ରତ୍ୟେକ ଅବସ୍ଥାରେ କରେଣ୍ଟର ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ଅଛି। ଅର୍ଥାତ୍ ଏଥିରେ କରେଣ୍ଟ ପ୍ୟାକେଟ୍ ବା କ୍ୱାଣ୍ଟା ଭାବରେ ଗତି କରୁଛି। ଏହା ମଧ ହେଉଛି ଗୋଟିଏ କ୍ୱାଣ୍ଟମ୍ ଆଚରଣ। ଇନସୁଲେଟର ପ୍ରତିବନ୍ଧକ ଦେଇ ଏହି ବିବିକ୍ତ ଶକ୍ତି ଅବସ୍ଥା ମଧ୍ୟରେ କରେଣ୍ଟ ଲମ୍ଫ ପ୍ରଦାନ କରିପାରେ।

ନୋବେଲ ବିଜ୍ଞାନୀମାନଙ୍କର ଏହି ଆବିଷ୍କାର କ୍ୱାଣ୍ଟମ୍ ବିଜ୍ଞାନକୁ ବୁଝିବା ପାଇଁ ସାହାଯ୍ୟ କଲା। ଏଥିରୁ କ୍ୱାଣ୍ଟମ୍ ବିଟ୍ ବା କ୍ୟୁବିଟ୍ ନିର୍ମାଣ ହେଲା ଯାହା ହେଉଛି କ୍ୱାଣ୍ଟମ୍ କମ୍ପ୍ୟୁଟରର ସୂଚନା ଏକକ। କ୍ୱାଣ୍ଟମ୍ କମ୍ପ୍ୟୁଟର ବର୍ତ୍ତମାନ ନିର୍ମାଣାଧୀନ ଅବସ୍ଥାରେ ଅଛି ଏବଂ ଏହାର ଗଣନ କ୍ଷମତା ଗୋଟିଏ ସୁପର କମ୍ପ୍ୟୁଟରର ଗଣନ କ୍ଷମତାର ଅନେକ ଗୁଣ ହେବ।

ଜନ୍ କ୍ଲାର୍କ ଇଂଲଣ୍ଡର କେମ୍ବ୍ରିଜ ଠାରେ ୧୯୪୨ ମସିହାରେ ଜନ୍ମଗ୍ରହଣ କରିଛନ୍ତି ଏବଂ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚଡି ଡିଗ୍ରୀ ଲାଭ କରିଛନ୍ତି। ସେ ବର୍ତ୍ତମାନ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ପ୍ରଫେସର ଅଛନ୍ତି।

ମାଇକେଲ ଡେଭୋରେଟ୍ ୧୯୫୩ ମସିହାରେ ଫ୍ରାନ୍ସର ପ୍ୟାରିସରେ ଜନ୍ମଗ୍ରହଣ କରିଛନ୍ତି। ସେ ପ୍ୟାରିସର ଇକୋଲେ ନ୍ୟାଶନାଲ ସୁପରିୟରରୁ ସ୍ନାତକ ଡିଗ୍ରୀ ଏବଂ ପ୍ୟାରିସ ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ଲାଭ କରିଛନ୍ତି। ସେ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାର ୟାଲେ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନରେ ପ୍ରଫେସର ଏଲିଗେଟସ୍ ଅଛନ୍ତି।


ଜନ୍ ମାର୍ଟିନିସ୍ ଯୁକ୍ତରାଷ୍ଟ୍ର ଆମେରିକାରେ ୧୯୫୮ ମସିହାରେ ଜନ୍ମଗ୍ରହଣ କରିଛନ୍ତି। ସେ ବେର୍କେଲେସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଓ ପିଏଚଡି ଡିଗ୍ରୀ ଲାଭ କରିଛନ୍ତି। ସେ ବର୍ତ୍ତମାନ ଆମେରିକାର ସାନ୍ତା ବାର୍ବରାସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ପ୍ରଫେସର ଅଛନ୍ତି।

ତିନି ନୋବେଲ ବିଜ୍ଞାନୀ ମୋଟ ପୁରସ୍କାର ରାଶି ୧୧ ମିଲିୟନ ସୁଇଡେନ୍ କ୍ରୋନର (ପ୍ରାୟ ୧୦.୪ କୋଟି ଟଙ୍କା)କୁ ସମାନ ଭାବରେ ବାଣ୍ଟି ନେବେ। ସେମାନଙ୍କୁ ଚଳିତ ବର୍ଷର ଡିସେମ୍ବର ୧୦ ତାରିଖରେ ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲଫ୍ରେଡ ନୋବେଲଙ୍କ ମୃତ୍ୟୁବାର୍ଷିକୀରେ ସ୍ୱିଡେନ୍‌ର ଷ୍ଟକହୋମ୍‌ଠାରେ ପ୍ରଦାନ କରାଯିବ।

-୭୦, ଲକ୍ଷ୍ମୀବିହାର,
ଫେଜ୍-୧, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

## ଆଜି ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ

### ଅସ୍ଥି ସୁରକ୍ଷା ପ୍ରତି ସତର୍କତାର ଆବଶ୍ୟକତା ରହିଛି



ପ୍ରତିବର୍ଷ ଜୁନ୍ ୨୦ ତାରିଖକୁ 'ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ' ଭାବରେ ପାଳନ କରାଯାଇଥାଏ। ଏହା ଏକ ଅସ୍ଥିଜନିତ ରୋଗ। ପ୍ରାରମ୍ଭିକ ଅବସ୍ଥାରୁ ଏହାର ଚିକିତ୍ସା କରାଯିବା ଦରକାର। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି- 'ଇଟ୍ ଇଜ୍ ଅନ୍‌ଆସ୍‌ପେକ୍‌ଟେବୁଲ' । ଏହି ରୋଗ ବିଷୟରେ ଡା. ବସନ୍ତ କୁମାର ଷଡଙ୍ଗୀ କହନ୍ତି, " କଙ୍କାଳରେ ହାଡଗୁଡିକରୁ କ୍ୟାଲସିୟମ କମିଗଲେ ଏହି ରୋଗ ଆରମ୍ଭ ହୋଇଥାଏ। ଏହି ରୋଗ ହେଲେ ହାଡ ଶକ୍ତିହୀନ ହୋଇଯାଏ, ଏପରିକି ସାମାନ୍ୟ ଆଘାତରେ ହାଡ ଭାଙ୍ଗିଯାଇଥାଏ। ବିଶେଷଭାବରେ ବୟସ୍କ ବ୍ୟକ୍ତିମାନେ ଏଭଳି ରୋଗରେ ଅଧିକ ଆକ୍ରାନ୍ତ ହୋଇଥାଆନ୍ତି। ଏକ ସର୍ଭେରୁ ଜଣାପଡ଼ିଛି ଯେ, ମହିଳାମାନେ କମ୍ ବୟସରେ ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ଏହାର ପ୍ରମୁଖ କାରଣ ହେଲା ଅଣ୍ଟା ବ୍ୟଥା। ଏକ୍ସ-ରେ ଦ୍ୱାରା ଏହି ରୋଗକୁ ନିରୂପଣ କରିବା କଷ୍ଟକର ହୋଇଥାଏ। ତେଣୁ ସିଟି ସ୍କାନ୍, ଏମ୍‌ଆର୍‌ଆଇ ସ୍କାନ୍ ଏବଂ ବୋନ୍ ମିନେରାଲ ଡେନସିଟ୍ରୋମେଟ୍ରୀ (ବିଏମଡି) ପରୀକ୍ଷା ଦ୍ୱାରା ଏହା ଜଣାପଡିଥାଏ। ଏହିରୋଗ ଦ୍ୱାରା ଆକ୍ରାନ୍ତ ହେଲେ ରୋଗୀକୁ କ୍ୟାଲସିୟମ, ଭିଟାମିନ ଡି-୩ ଔଷଧ ଦେଇ ଚିକିତ୍ସା କରାଯାଏ। ବେଳେବେଳେ କ୍ୟାଲସିଟୋନେଟ୍ ଇଞ୍ଜେକଶନ ଏବଂ ହରମୋନ୍ ଦେବାକୁ ପଡ଼ିଥାଏ। ବିଶେଷଭାବରେ ଯଥେଷ୍ଟ ପରିମାଣର କ୍ୟାଲସିୟମଯୁକ୍ତ ଖାଦ୍ୟ ଖାଆନ୍ତୁ। କ୍ଷୀର, ଦହି, ଛେନା, ସବୁପ୍ରକାର ଶାଗ, ମାଣ୍ଡିଆ, ଡାଲି, ସୋୟାବିନ, ମାଛକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ହାଡକୁ ଦୃଢ଼ ରଖିବା ପାଇଁ ବ୍ୟାୟାମ କରନ୍ତୁ। ହେଲେ ବୟସ୍କ ବ୍ୟକ୍ତିମାନେ ଏହି ସମୟରେ ସତର୍କ ରହିବା ନିହାତି ଦରକାର।

## ରୋଗ ନିରୂପଣର ସହଜ ଉପାୟ



ଚିକିତ୍ସା ବିଜ୍ଞାନ ଦିନକୁ ଦିନ ଯେତେ ଉନ୍ନତି କରୁଛି ସେହି ଅନୁସାରେ କେତେକ ନୂଆ ରୋଗ ମଧ ସୃଷ୍ଟି ହେଉଛି। ଏଗୁଡ଼ିକ ଠିକ୍ ଭାବରେ ନିରୂପଣ କରିପାରିଲେ ତାହାର ଚିକିତ୍ସା ପ୍ରଣାଳୀ ସେହି ଅନୁସାରେ ସ୍ଥିର କରାଯାଇଥାଏ। ତେବେ କେତେକ ରୋଗର ଏକ ସହଜ ନିର୍ଣ୍ଣୟ ପ୍ରଣାଳୀ ନିକଟରେ ଆବିଷ୍କୃତ ହୋଇଛି। ବିଶେଷଭାବରେ ଜଣଙ୍କ ଆଖି ପରୀକ୍ଷା ସମୟରେ କିଛି ରୋଗ ବିଷୟରେ ସୂଚନା ମିଳିପାରିବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଦୀର୍ଘ ଚାରି ବର୍ଷ ସେମାନେ ଏ ନେଇ ଗବେଷଣା କରିଥିଲେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଜଣେ ବ୍ୟକ୍ତିଙ୍କର ଆଖି ପରୀକ୍ଷା ସମୟରେ ଏ ସମ୍ପର୍କିତ ତଥ୍ୟ ବ୍ୟତୀତ ଆଲଜିମର୍ସ ବିଷୟରେ ମଧ କେତେକ କଥା ଜାଣିହେବ। ତା' ସହ ରକ୍ତ ସଞ୍ଚାଳନ ସମ୍ପର୍କରେ ମଧ ଏଥିରୁ ସୂଚନା ମିଳିବ। ଏଭଳି ପରୀକ୍ଷା ସମୟରେ ସେମାନେ କିଛି ମୂଷାଙ୍କ ଉପରେ ଗବେଷଣା କରିଥିଲେ। ସେମାନଙ୍କର ଦୃଷ୍ଟି ଶକ୍ତିକୁ ତନ୍ନ ତନ୍ନ କରି ପରୀକ୍ଷା କରିବା ଦ୍ୱାରା କେତେକ ମୂଷାଙ୍କ ମସ୍ତିଷ୍କ ବିଷୟରେ କିଛି ସୂଚନା ମିଳିଥିଲା। ଏଭଳି ପଦ୍ଧତି ଯଦି ମଣିଷଙ୍କ ଠାରେ ଉପଯୋଗ କରାଯିବ ତେବେ ସେଥିରୁ ମଧ ସଫଳତା ମିଳିବ। କେବଳ ସେତିକି ନୁହେଁ ପରୀକ୍ଷାମୂଳ ଭାବରେ କେତେକ ବ୍ୟକ୍ତିଙ୍କର ଚକ୍ଷୁ ପରୀକ୍ଷା କରି ସେମାନେ ଆଲଜିମର୍ସର କାରଣ ବିଷୟରେ ଜାଣିପାରିଥିଲେ। ତେବେ ଏ ନେଇ ଆହୁରି ଅଧିକ ତଥ୍ୟ ଲୋକଲୋଚନକୁ ଆଣିବାକୁ ଆଉ କିଛି ବର୍ଷ ସମୟ ଲାଗିବ ବୋଲି ଉକ୍ତ ଗବେଷଣାର ମୁଖ୍ୟ ଡା. ମାୟା କରୋନୋୟ କହିଛନ୍ତି।

## ଯୋଗ ଦ୍ୱାରା କମିବ ରକ୍ତଚାପ




ରକ୍ତଚାପ ବା ବ୍ଲଡ ପ୍ରେସର ଏବେ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ହେଲେ ଏହାକୁ ହାଲୁକା ଭାବରେ ନେବା ଆଦୌ ଠିକ୍ ନୁହେଁ। କାରଣ ଯଦି ରକ୍ତଚାପ ଦୀର୍ଘଦିନ ଧରି ଅସନ୍ତୁଳିତ ରହିଲା ତେବେ ତାହା ପରୋକ୍ଷରେ ଆଉ କେତେକ ରୋଗ ସୃଷ୍ଟି କରିଥାଏ। ଏଭଳି ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିୟମିତ ଔଷଧ ଖାଇବାକୁ ପଡିଥାଏ। କେବଳ ସେତିକି ନୁହେଁ, ରକ୍ତଚାପ କେତେ ରହୁଛି ତାହାକୁ ନିର୍ଦ୍ଦିଷ୍ଟ ବ୍ୟବଧାନରେ ମାପିନେବା ଦରକାର। ତେବେ ଏହା କିପରି ସନ୍ତୁଳିତ ରହିବ ସେ ନେଇ ଏକ ସହଜ ତଥା ସରଳ ଉପାୟ ରହିଛି। ତାହା କ'ଣ ଜାଣନ୍ତି ? ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି ତେବେ ତାଙ୍କର ରକ୍ତଚାପ ଅନେକାଂଶରେ ସନ୍ତୁଳିତ ରହିଥାଏ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏଭଳି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ନିୟମିତ ଯୋଗ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରକ୍ତଚାପ ମାପିବାରୁ ଏହା କେତେକାଂଶରେ ସନ୍ତୁଳିତ ରହୁଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

### ଜାଣିରଖନ୍ତୁ

- ➔ନିଶାଦ୍ରବ୍ୟ ସେବନ ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲେ ତାହା ହୃଦ୍‌ଜନିତ ସମସ୍ୟାର ଅନ୍ୟତମ କାରଣ ସାଜିଥାଏ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ।
- ➔ଲୁଣ କିମ୍ବା ଚର୍ବିଜାତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଶରୀରରେ କୋଲେଷ୍ଟରଲ୍‌ର ସ୍ତରକୁ ବଢ଼ାଇଥାଏ।
- ➔ପ୍ରତିଦିନ ରାତିରେ କ୍ଷୀର ପିଇବା ଦ୍ୱାରା ଶରୀରରେ ପଟାସିୟମ୍‌ର ପରିମାଣ ବଢ଼ିଥାଏ।
- ➔ମନୋଭାବକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ନିଜକୁ କେତେକାଂଶରେ ଟେନସନ ଠାରୁ ଦୂରେଇ ରଖିପାରିବେ।
- ➔ଫଳମୂଳ ଖାଇବା ପରେ ପରେ ପାଣି ପିଅନ୍ତୁ ନାହିଁ। କାରଣ ସେଗୁଡ଼ିକରେ ଜଳୀୟ ଅଂଶ ଭରି ରହିଛି।

## ସ୍ୱାସ୍ଥ୍ୟ ସୂଚନା

- ➢ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ➢ଅଣ୍ଟାଜନିତ ସମସ୍ୟା ଥିଲେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ତା'ସହ ବସିବା, ଉଠିବା ବେଳେ ସତର୍କତା ଅବଲମ୍ବନ କରନ୍ତୁ।
- ➢ଥଣ୍ଡାରୁ ଉପଶମ ପାଇବା ଲାଗି ଏକ ସହଜ ଉପାୟ ରହିଛି। ପ୍ରତିଦିନ ସକାଳେ ଉଷୁମ ପାଣିରେ ମହୁ ମିଶାଇ ପିଅନ୍ତୁ। ଏହାଦ୍ୱାରା ଥଣ୍ଡାରୁ କେତେକାଂଶରେ ଆରାମ ମିଳିଥାଏ।
- ➢ଟୁଥବ୍ରଶ ଅତିକମ୍‌ରେ ଛଅ ମାସ ବ୍ୟବଧାନରେ ବଦଳାନ୍ତୁ। ଦାନ୍ତ ଘଷିବା ପାଇଁ ସବୁବେଳେ ଫ୍ଲୋରାଇଡ୍‌ଯୁକ୍ତ ଟୁଥପେଷ୍ଟ ବ୍ୟବହାର କରନ୍ତୁ।
- ➢କୌଣସି ରୋଗର କାରଣ ଜାଣିବା ପରେ ତାହାର ତୁରନ୍ତ ଚିକିତ୍ସା କରାଇ ନିଅନ୍ତୁ। ଏଥିରେ ଅବହେଳା କଲେ ତାହା ପରବର୍ତ୍ତୀ ସମୟରେ ଚିନ୍ତାର କାରଣ ସାଜିଥାଏ ଏବଂ ସେଥିରୁ ଆରୋଗ୍ୟ ଲାଭ କରିବାକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ।
- ➢ଖାଦ୍ୟ ଖାଇବା ସମୟରେ ଶାନ୍ତ ମନରେ ଖାଆନ୍ତୁ। ତରତର ନ ହୋଇ ଭଲ ଭାବରେ ଖାଦ୍ୟକୁ ଚୋବାଇ ଖାଇଲେ ତାହା ସହଜରେ ହଜମ ହୋଇଥାଏ।
- ➢ରାତ୍ରଭୋଜନ ପରେ ଅତିକମ୍‌ରେ ୧୦-୧୫ ମିନିଟ୍ ଚାଲବୁଲ କରନ୍ତୁ। ରାତିରେ ସବୁବେଳେ ହାଲୁକା ତଥା ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।




## ନୋବେଲ ପୁରସ୍କାର-୨୦୨୫ (ଭେଷଜ ବିଜ୍ଞାନ)

# ଖୋଲିଗଲା ପ୍ରତିରକ୍ଷାତନ୍ତ୍ରର ଗୁମର

(ଶେଷ ଭାଗ)

ଫକ୍ସପି ଜିନ୍‌ର ମ୍ୟୁଟେସନ୍ ଯୋଗୁ ହିଁ ରୋଗାକ୍ରାନ୍ତ ହୋଇପଡ଼ିଲେ ସ୍କର୍ଫି ମୂଷା। ଶିଶୁମାନଙ୍କୁ ହୋଇଥାଏ 'ଆଇପେକ୍ସ' ନାମକ ଏକ ଅଟୋଇମ୍ୟୁନ ରୋଗ। ଏହି ରୋଗ ହୋଇଥାଏ ଏକ୍ସ କ୍ରମୋଜୋମରେ ମ୍ୟୁଟେସନ ଯୋଗୁ। ବ୍ରଙ୍କୋ ଓ ରାମସଡେଲ ଶିଶୁ ରୋଗ ବିଶେଷଜ୍ଞଙ୍କ ସହାୟତାରେ 'ଆଇପେକ୍ସ' ରୋଗୀଙ୍କଠାରୁ ନମୁନା ସଂଗ୍ରହ କରି ରୋଗୀଙ୍କ ଏକ୍ସ କ୍ରମୋଜୋମ୍‌ରେ ଫକ୍ସପି ବା ଅନୁରୂପ ଜିନ୍‌ରେ ମ୍ୟୁଟେସନ୍ ହୋଇଥିବାର ପ୍ରମାଣ ପାଇଲେ। ତେଣୁ ଉଭୟେ ସିଦ୍ଧାନ୍ତ ନେଲେ ଯେ ଫକ୍ସପି ଜିନ୍‌ରେ ମ୍ୟୁଟେସନ ମୂଷାଙ୍କଠାରେ କରାଇଥାଏ ସ୍କର୍ଫି ମୂଷାଙ୍କ ଅସୁସ୍ଥତା ଏବଂ ମଣିଷମାନଙ୍କଠାରେ ଆଇପେକ୍ସ ରୋଗ।

ବାସ୍, ଏତିକି ସୂତ୍ର ମିଳିଗଲା ସାକାଗୁଚିଙ୍କୁ। ବ୍ରଙ୍କୋ ଓ ରାମସଡେଲ ଯେଉଁ ଆବିଷ୍କାର କରିଥିଲେ ସେହି ଆବିଷ୍କାରକୁ ଭିତ୍ତିକରି ଦୁଇ ବର୍ଷର ଗବେଷଣା ପରେ ସାକାଗୁଚି ପ୍ରକାଶ କଲେ ଯେ, ଫକ୍ସପି ଜିନ୍ ହିଁ ନିୟନ୍ତ୍ରଣ କରିଥାଏ ରେଗୁଲେଟୋରୀ ଟି ସେଲର ଉତ୍ପାଦନକୁ ବା ବିକାଶକୁ ଯାହା ନିରାପତ୍ତାରକ୍ଷୀ ବା ଗାର୍ଡ ରୂପେ କାର୍ଯ୍ୟ କରି




ଆମ ଶରୀରକୋଷଗୁଡ଼ିକୁ ପ୍ରତିରକ୍ଷାତନ୍ତ୍ରର ଆକ୍ରମଣରୁ ସୁରକ୍ଷିତ ରଖିଥାଏ। ସେଥିପାଇଁ ଆମ ପ୍ରତିରକ୍ଷାତନ୍ତ୍ରର କୋଷଗୁଡ଼ିକୁ ଭାଇରସ, ବ୍ୟାକ୍ଟେରିଆ ଓ ଅନ୍ୟାନ୍ୟ ଅଣୁଜୀବଗୁଡ଼ିକୁ ଆକ୍ରମଣ କରି ଅକାମୀ କରି ଦେଉଥିବା ବେଳେ ଫକ୍ସପି ଜିନ୍‌ଟି ରେଗୁଲେଟୋରୀ ଟି ସେଲର ସଂଶ୍ଳେଷଣକୁ ସୁଗର କରିଦେଇ ଶରୀର କୋଷଗୁଡ଼ିକୁ 'ନିଜର' ବା ଆପଣାର' ବୋଲି ଚିହ୍ନଟ କରି ପ୍ରଦାନ କରିଥାଏ ନିରାପତ୍ତା।

ଫକ୍ସପି-ରେଗୁଲେଟୋରୀ ଟି ସେଲ ସୁରକ୍ଷା ବ୍ୟବସ୍ଥାରୁ ବଞ୍ଚିତ ହେଲେ ପ୍ରତିରକ୍ଷାତନ୍ତ୍ର ଶରୀର କୋଷଗୁଡ଼ିକୁ ଆକ୍ରମଣ କରି ଜାତ କରେ ଏକାଧିକ ପ୍ରକାର ରୋଗ। ସେହିସବୁ ରୋଗକୁ ଡାକ୍ତରୀ ଭାଷାରେ କୁହାଯାଏ 'ଅଟୋଇମ୍ୟୁନ ଡିଜିଜ' ବା 'ନିଜର ପ୍ରତିରକ୍ଷାତନ୍ତ୍ର ଦ୍ୱାରା ସୃଷ୍ଟ ରୋଗ'।

### ପ୍ରାୟୋଗିକ କ୍ଷେତ୍ର

ବ୍ରଙ୍କୋ, ରାମସଡେଲ ଓ ସାକାଗୁଚିଙ୍କ ଦ୍ୱାରା ଏହି ଯୁଗାନ୍ତକାରୀ ଆବିଷ୍କାରର ରହିଛି ସୁଦୂରପ୍ରସାରୀ ଅନୁକୂଳ ପ୍ରଭାବ। **ଆମର ଅତି ପରିଚିତ ରିଭମାଟଏଡ ଆର୍ଥ୍ରାଇଟିସ ନାମକ ଗଣ୍ଠିରୋଗ, ଟାଇପ-୧ଡାଇବେଟିସ୍, ମଲଟିଲ ସ୍କ୍ଳେଲୋରିସ୍, ସିଷ୍ଟେମିକ୍ ଲପସ, ଏରିଥୋମୋଟସ, ଥାଇରଏଡାଇଟିସ୍ ଇତ୍ୟାଦି ଅଟୋଇମ୍ୟୁନ ରୋଗ।** ଅଙ୍ଗ ପ୍ରତିରୋପଣ ଏବଂ କେତେକ କ୍ୟାନ୍‌ସରର ମଧ ଏହାର ସମ୍ପର୍କ ରହିଛି। ତେବେ ରେଗୁଲେଟରୀ ଟି ସେଲ୍‌ଭିତ୍ତିକ ଚିକିତ୍ସା ସଂପ୍ରତି ରହିଛି ପରୀକ୍ଷାସ୍ତରରେ। ମାତ୍ର ଏହାର ଚିକିତ୍ସା ପଦ୍ଧତିର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ।

-ଡା. ନିତ୍ୟାନନ୍ଦ ସ୍ୱାଇଁ, ଅଭିପ୍ସା,
ସେକ୍ଟର-୬, ପ୍ଲଟ ନଂ-୧୧୩୧,
ଅଭିନବ ବିଡାନାସୀ, କଟକ-୧୪
ମୋ : ୯୪୩୭୭୬୬୧୧୭

# ପ୍ରଥମ ଦିନିକିଆ: ଅଷ୍ଟ୍ରେଲିଆର ସହଜ ବିଜୟ

**ପର୍ଥ, ୧୯।୧୦**

ବାରମ୍ବାର ବର୍ଷା ସହିତ ପେସରଙ୍କ ଘାତକ ବୋଲିଂ ବଳରେ ଭାରତ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଡିଏଲ୍‌ଏସ୍ ମେଥଡ୍‌ରେ ୭ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ର ଅଗ୍ରଣୀ ହାସଲ କରିଛି। ଅନ୍ୟପକ୍ଷରେ ଏହି ପରାଜୟ ସହ ଦିନିକିଆ ଅଧିନାୟକ ଭାବେ ଶୁବମନ ଗିଲ ତାଙ୍କ କ୍ୟାରିୟର ଆରମ୍ଭ କରିଛନ୍ତି। ଦୀର୍ଘ ମାସ ପରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ରୋହିତ ଶର୍ମା ଓ ବିରାଟ କୋହଲି ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହା ଭାରତୀୟ ଦଳ ପାଇଁ ଦିନିକିଆ ଫର୍ମାଟରେ ଚଳିତବର୍ଷର ପ୍ରଥମ ପରାଜୟ। ଏଥିପୂର୍ବରୁ ଭାରତ ଏହି ଫର୍ମାଟରେ ଲଗାତର ୮ ମ୍ୟାଚ୍ ଜିତିଥିଲା, ଯେଉଁଥିରେ ଚାମ୍ପିୟନ୍ସ ଟ୍ରଫିର ଅପରାଜେୟ ଧାରା ସାମିଲ ଥିଲା। ଏହି ମ୍ୟାଚ୍ ଜରିଆରେ ଭାରତ ପାଇଁ ପେସ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଏବଂ ଅଷ୍ଟ୍ରେଲିଆ ପାଇଁ ମିଚେଲ ଓ୍ୱେନ ଓ ମ୍ୟାଟ ରେନଶ ଦିନିକିଆ ଫର୍ମାଟରେ ପଦାର୍ପଣ କରିଛନ୍ତି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୨୩ ତାରିଖରେ ଆଡିଲେଡ୍‌ରେ ଖେଳାଯିବ।


ପଦାର୍ପଣକାରୀ ନୀତୀଶ ରେଡ୍ଡୀଙ୍କୁ ରୋହିତ ଶର୍ମା କ୍ୟାପ୍ ପ୍ରଦାନ କରୁଛନ୍ତି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ରୋହିତ ୮, ଗିଲ (୧୦) ଓ ଉପ ଅଧିନାୟକ ଶ୍ରେୟସ ଆୟର (୧୧) ପାଭିଲିଅନ ଫେରିଥିବାବେଳେ କୋହଲି ଖାତା ଖୋଲିପାରି ନ ଥିଲେ। ଭାରତ ୪୫ ରନ ମଧ୍ୟରେ ପ୍ରମୁଖ ୪ ବ୍ୟାଟରଙ୍କ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ବାରମ୍ବାର ବର୍ଷା କାରଣରୁ ମ୍ୟାଚ୍ ବାଧାପ୍ରାପ୍ତ ହେବା ସହ ଓଭର ମଧ୍ୟ ହ୍ରାସ ପାଇଥିଲା। ମ୍ୟାଚ୍‌କୁ ୨୬ ଓଭର ମଧ୍ୟରେ ସୀମିତ ରଖାଯିବା ପରେ ଅକ୍ଷର ପଟେଲ ୩୧ (୩ ଚୌକା) ଏବଂ ଲୋକେଶ ରାହୁଲ ୩୮(୨ ଲେଖାଏ ଚୌକା ଓ ଛକା) ରନର ଇନିଂସ ଖେଳିଥିଲେ। ଶେଷ ଆଡ଼କୁ ପଦାର୍ପଣକାରୀ ନୀତୀଶ ୨ ଛକା ସହିତ ଅପରାଜିତ ୧୯ ରନ କରିଥିଲେ। ଭାରତ ୨୬ ଓଭରରେ ୯ ଉଇକେଟ ହରାଇ ୧୩୬ ରନ କରିଥିଲା। ହେଲେ ଡିଏଲ୍‌ଏସ୍ ମେଥଡ୍‌ରେ ଅଷ୍ଟ୍ରେଲିଆ ସମ୍ମୁଖରେ ୨୬ ଓଭରରେ ୧୩୧ ରନର ଟାର୍ଗେଟ ରଖାଯାଇଥିଲା। ଘରୋଇ ଦଳ ପାଇଁ ହାଜେଲଉଡ୍, ମିଚେଲ ଓ୍ୱେନ ଓ ମାଥ୍ୟୁ କୁହ୍ନେମାନ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଆରମ୍ଭରୁ ଟ୍ରାଭିସ ହେଡ୍ (୮) ଓ ମାଥ୍ୟୁ ଶର୍ଟ (୮)ଙ୍କ ଉଇକେଟ ହରାଇଥିଲା। ହେଲେ ଜୋଶ ଫିଲିପ ୩୭ (୩ ଚୌକା ଓ ୨ ଛକା) ଓ ଅଧିନାୟକ ମିଚେଲ ମାର୍ଶ ତୃତୀୟ ଉଇକେଟ ପାଇଁ ୫୫ ରନ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ପଦାର୍ପଣକାରୀ ମ୍ୟାଟ ରେନଶ ୨୧ (୧ ଲେଖାଏ ଚୌକା ଓ ଛକା) ଓ ମାର୍ଶ ୪୬ (୨ ଚୌକା ଓ ୩ ଛକା) ରନର ପାଳି ଖେଳି ମ୍ୟାଚ୍ ଫିନିଶ କରିଥିଲେ। ଅଷ୍ଟ୍ରେଲିଆ ୨୧.୧ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଭାରତ ପକ୍ଷରୁ ଅର୍ଶଦୀପ ସିଂ, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୬ ଓଭରରେ ୧୩୬/୯(ରାହୁଲ-୩୮, ଅକ୍ଷର-୩୧, ନୀତୀଶ କୁମାର ରେଡ୍ଡୀ-୧୯*, ଜୋଶ ହାଜେଲଉଡ୍-୨/୨୦, ମିଚେଲ ଓ୍ୱେନ-୨/୨୦, ମାଥ୍ୟୁ କୁହ୍ନେମାନ-୨/୨୬)। ଅଷ୍ଟ୍ରେଲିଆ: ୨୧.୧ ଓଭରରେ ୧୩୧/୩(ମାର୍ଶ-୪୬*, ଜୋଶ ଫିଲିପ-୩୭, ମ୍ୟାଟ ରେନଶ-୨୧*, ଅକ୍ଷର-୧/୧୯, ୱାଶିଂଟନ ସୁନ୍ଦର-୧/୧୪)।




## ଲେଲା ଫର୍ନାଣ୍ଡିଜ ଜିତିଲେ ଜାପାନ ଓପନ

**ଓସାକା, ୧୯।୧୦ (ଏପି):** କାନାଡାର ଲେଲା ଫର୍ନାଣ୍ଡିଜ ଡବ୍ଲ୍ୟୁଟିଏ ଜାପାନ ଓପନ ଟେନିସ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ୧୮ ବର୍ଷୀୟା କ୍ୱାଲିଫାୟର ଚେକ୍ ରିପବ୍ଲିକର ଟେରେଜା ଭାଲେନ୍‌ଟୋଭାଙ୍କୁ ୬-୦, ୫-୭, ୬-୩ରେ ହରାଇ ଦେଇଛନ୍ତି। ଏହା ହେଉଛି ତାଙ୍କ କ୍ୟାରିୟରର ୫ମ ଟାଇଟଲ। କ୍ୟାରିୟରର ୮ମ ଫାଇନାଲ ଖେଳିଥିବା ଲେଲା ଥରେ ୟୁଏସ୍ ଓପନ ରନରଅପ୍ ହୋଇଛନ୍ତି। ସେ ୨୯ ମିନିଟ୍‌ରେ ପ୍ରଥମ ସେଟ୍‌କୁ ଜିତି ନେଇଥିଲେ। ତେବେ ଭାଲେନ୍‌ଟୋଭା ଦ୍ୱିତୀୟ ସେଟ୍‌ରେ ବିଜୟ ହାସଲ କରିବାରୁ ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌ର ଆବଶ୍ୟକ ପଡ଼ିଥିଲା।

# ମହିଳା ବିଶ୍ୱକପ୍: ନାଇଟ୍‌ଙ୍କ ଶତକ

**ଇନ୍ଦୋର, ୧୯।୧୦**

ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ରବିବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ଲିଗ୍ ମ୍ୟାଚ୍‌ରେ ଭାରତ ଓ ଇଂଲଣ୍ଡ ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ହିଥର ନାଇଟ୍‌ଙ୍କ ଶତକ ବଳରେ ପ୍ରତିପକ୍ଷ ଭାରତ ଆଗରେ ୨୮୯ ରନର ଚ୍ୟାଲେଞ୍ଜିଂ ଟାର୍ଗେଟ ଛିଡ଼ା କରିଛି। ଜବାବରେ ଭାରତ ୩୭ ଓଭର ଶେଷ ସୁଦ୍ଧା ୩ ଉଇକେଟ ହରାଇ ୨୦୬ ରନ କରିଛି। ଅଧିନାୟିକା ହରମନପ୍ରୀତ କୌର ୭୦ ରନ କରି ଆଉଟ୍ ହୋଇଥିବା ବେଳେ ରିପୋର୍ଟ ଲେଖା ହେଲା ବେଳକୁ ସ୍ମୃତି ମନ୍ଧାନା ୮୦ ଓ ଦୀପ୍ତି ଶର୍ମା ୨୨ ରନରେ ବ୍ୟାଟିଂ କରୁଛନ୍ତି।

ବ୍ୟାଟିଂକୁ ସୁହାଉଥିବା ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡକୁ ଟମି ବ୍ୟୁମଣ୍ଟ ଓ ଆମି ଜୋନ୍ସ ଭଲ ଆରମ୍ଭ ଦେଇଥିଲେ। ଦୁହେଁ ପ୍ରଥମ ଉଇକେଟରେ ୧୬ ଓଭରରେ ୭୩ ରନ ଯୋଡ଼ିଥିଲେ। ବ୍ୟୁମଣ୍ଟ ୨୨ ଓ ଜୋନ୍ସ ୫୬ (୮ ଚୌକା) ରନ କରି ଆଉଟ୍ ହୋଇଥିଲେ। ଏହାପରେ ଅଧିନାୟକ ନାଟ ସ୍କିଭର-ବ୍ରଣ୍ଟ ଓ ହିଥର ନାଇଟ୍ ତୃତୀୟ ଉଇକେଟରେ ୧୧୩ ରନ ଯୋଡ଼ିଥିଲେ। ଭାରତୀୟ ସ୍ପିନର ଶ୍ରୀ ଚରନୀ ଏହି ଯୋଡ଼ିକୁ ଭାଙ୍ଗି ଭାରତକୁ ବ୍ରେକ୍‌ଥ୍ରୁ ଆଣି ଦେଇଥିଲେ। ସ୍କିଭର-ବ୍ରଣ୍ଟ ୩୮ (୪ ଚୌକା) ରନ କରି ଆଉଟ୍ ହୋଇଥିବା ବେଳେ ନାଇଟ୍ ୯୧ ବଲରେ ୧୦୯ ରନର ପାଳି ଖେଳି ପାଭିଲିଅନ ଫେରିଥିଲେ। ତାଙ୍କ ଇନିଂସରେ ୧୫ ଚୌକା ଓ ୧ ଛକା ସାମିଲ ଥିଲା। ଏହା ତାଙ୍କ କ୍ୟାରିୟର ତୃତୀୟ ଦିନିକିଆ ଶତକ ଥିଲା। ଏହାପରେ କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ିବାରୁ ଇଂଲଣ୍ଡ ୫୦ ଓଭରରେ ୮ ଉଇକେଟ ହରାଇ ୨୮୮ ରନ କରିବାକୁ ସକ୍ଷମ ହୋଇଥିଲା। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୪ ଓ ଚରନୀ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ: ୫୦ ଓଭରରେ ୨୮୮/୮(ହିଥର ନାଇଟ୍-୧୦୯, ଆମି ଜୋନ୍ସ-୫୩, ନାଟ ସ୍କିଭର-ବ୍ରଣ୍ଟ-୩୮, ଦୀପ୍ତି ଶର୍ମା-୪/୫୧, ଶ୍ରୀ ଚରନୀ-୨/୬୮)।







GST ଲାଭ | ସୀମିତ ସମୟର ଅଫର

| ଉତ୍ପାଦଗୁଡ଼ିକ | ଏକ୍ସ-ଶୋ'ରୁମ୍ ମୂଲ୍ୟ | GST ଲାଭ |
|---|---|---|
| Xtreme 125R | ~~₹1 01 845~~ ₹93 884# | ₹7 961 |
| Pleasure + | ~~₹76 773~~ ₹70 772# | ₹6 001 |

+ ନଗଦ ବୋନସ୍ ₹3 500~ ପର୍ଯ୍ୟନ୍ତ + ତୁରନ୍ତ ରିହାତି ₹10 000^ ପର୍ଯ୍ୟନ୍ତ HDFC BANK କ୍ରେଡିଟ୍ କାର୍ଡ Powered by pine labs FESTIVE TREATS + ଦୈନିକ EMI ₹59$ ରୁ ଆରମ୍ଭ | ଡାଉନ୍ ପେମେଣ୍ଟ ₹1 999$ ରୁ ଆରମ୍ଭ | ସ୍ୱତନ୍ତ୍ର କର୍ପୋରେଟ୍ ଅଫର୍ ₹3 200~ ପର୍ଯ୍ୟନ୍ତ

INDIA'S FIRST 5 YEAR WARRANTY *Conditions apply | Hero GoodLife ଜିତିବାର ସୁଯୋଗ 100% କ୍ୟାସବ୍ୟାକ | 24 କ୍ୟାରେଟ ସ୍ୱର୍ଣ୍ଣ ମୁଦ୍ରା ଏବଂ ଆହୁରି ଅନେକ ସୁନିଶ୍ଚିତ ଲାଭ* | Additional offers on: Flipkart amazon.in

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ~Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts. $Finance offer is at the sole discretion of the Financier, subject to its respective T&Cs, Available at select dealerships. ^T&C apply, Offer available only on limited stores. *Limited period offer, T&C apply. As per cumulative dispatch numbers till August 2025. #Ex-showroom price of Xtreme 125R x Pleasure+ in Bhubaneswar.

TOLL FREE 1800 266 0018

Authorized Dealers: Balasore: Neelam Hero, Ph: 9289922519, Baripada: Aditya Hero, Ph: 9289922585,, Bhadrak: Sanjib Hero, Ph: 9289922608, Jaleswar: Sai Hero, Ph: 9289922844, Keonjhar: Supreme Hero, Ph: 9289922182 Associate Dealers: Baliapal: Baba Motor- 9438757377 Soro:Twinkle Motors-9861594852, Basta:Shivam Motors-7735958754 Rairangpur:Maa Sakambari Motors-7008581719, Karanjia:Jk Motors-9040909925, Mayurbhanj:Mahaveer Motors-7326872255/9853290346, Basudev Pur:Bidyalalita Automobile-9827487072, Telkoi:Panchamukhi Motors-9717004926, Barbil:Wheels Motors-9776931870, Bahalda: Suraj Motors- 7978159399, Udula: Mahaveer Motors- 9853290346, Amarda: Laxmi Motors- 8249028380 , Bhogarai: Aditya Automobiles- 7205048019.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ